# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୪/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, April 24/2019 | ★★★★

୪୫ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





## କେନ୍ଦ୍ରୀୟ ବିଜେପି ନେତାଙ୍କ
## ଇଲେକ୍ସନ୍ ଟୁରିଜିମ୍

୨୦୧୪ ମସିହାରେ 'ହୁଡ୍‌ହୁଡ୍' ସହିତ ପ୍ରଳୟଙ୍କରୀ ବନ୍ୟା ।

୨୦୧୫ ମସିହାରେ ଭୟଙ୍କର ମରୁଡି ପରିସ୍ଥିତି ।

୨୦୧୬ ମସିହାରେ ବନ୍ୟା ।

୨୦୧୭ ମସିହାରେ ପ୍ରଳୟଙ୍କରୀ ବନ୍ୟା ଓ ଭୟଙ୍କର ମରୁଡି ।

୨୦୧୮ ମସିହାରେ 'ତିତ୍‌ଲି' ସହିତ ପ୍ରଳୟଙ୍କରୀ ବନ୍ୟା ।

ଓଡ଼ିଶାବାସୀ ଦୁଃଖକଷ୍ଟରେ ପାଣିଘେରରେ ଥିଲେ...କିନ୍ତୁ ୫ ବର୍ଷରେ ଥରେ ହେଲେ ବି ବିଜେପିର ବଡ ବଡ କେନ୍ଦ୍ର ନେତା କେହି ଆସିଲେ ନାହିଁ ।

ଏବେ ଭୋଟ୍ ପାଇଁ ୧୫ ଦିନରେ ୧୫ ଥର ଓଡ଼ିଶାକୁ ଦୌଡୁଛନ୍ତି ।



ଓଡ଼ିଶାବାସୀଙ୍କ ଦୁଃଖକଷ୍ଟରେ
ନବୀନ ପଟ୍ଟନାୟକ ସବୁଦିନେ ଠିଆ ।

**ନବୀନଙ୍କ ସହିତ ରହିବା**
**ଆମ ହକ୍ ପାଇଁ ଲଢିବା**

ବିଜୁ ଜନତା ଦଳ
ସବୁଦିନେ ଲୋକଙ୍କ ସୁଖଦୁଃଖର ସାଥୀ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

ଧରିତ୍ରୀ
DHARITRI
ବୁଧବାର, ୨୪ ଏପ୍ରିଲ,୨୦୧୯



"ଆତଙ୍କବାଦୀଙ୍କ ଦ୍ୱାରା ବ୍ୟବହୃତ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି)ଠାରୁ ଭୋଟର ଆଇଡି ବେଶି ଶକ୍ତିଶାଳୀ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### କଂଗ୍ରେସ କର୍ମୀଙ୍କୁ ହତ୍ୟା

**ମୁର୍ଶିଦାବାଦ,୨୩।୪(ପି.ଟି.):** ପଶ୍ଚିମବଙ୍ଗର ମୁର୍ଶିଦାବାଦ ଲୋକ ସଭା ଆସନ ପାଇଁ ମତଦାନ ଚାଲିଥିବାବେଳେ ବାଲିଗ୍ରାମ୍ ପ୍ରାଥମିକ ସ୍କୁଲସ୍ଥିତ ଏକ ବୁଥ୍ ବାହାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ତିୟାରୁଲ୍ ଶେଖ୍ ନାମକ ମତଦାତା ଉକ୍ତ ସ୍କୁଲକୁ ଭୋଟ ଦେଇଯାଉଥିବାବେଳେ କେତେଜଣଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ସେମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତିୟାରୁଲଙ୍କୁ ମୃତ ଘୋଷଣା କରିଥିଲେ। ଏହାସହ ଆକ୍ରମଣରେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ତିୟାରୁଲ ଜଣେ କଂଗ୍ରେସ କର୍ମୀ। ତାଙ୍କୁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍ସି) ଗୁଣ୍ଡାମାନେ ଆକ୍ରମଣ କରିଥିଲେ ବୋଲି ଏହି ଆସନର କଂଗ୍ରେସ ପ୍ରାର୍ଥୀ ଅବୁ ହେନା ଅଭିଯୋଗ କରିଛନ୍ତି। ନିର୍ବାଚନ କମିଶନ ଏନେଇ ଜିଲା ପ୍ରଶାସନକୁ ରିପୋର୍ଟ ମାଗିଛନ୍ତି।

### 'ଭାଜପା ପାଇଁ କାମ କରୁଛି କେନ୍ଦ୍ରୀୟ ବଳ'



**ଖାନାକୁଲ,୨୩।୪(ପି.ଟି.):** କେନ୍ଦ୍ରୀୟ ବଳ ଭାଜପା ସପକ୍ଷରେ ମତଦାନ କରାଇବା ପାଇଁ କାମ କରୁଛି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି। ଟିଏମ୍ସି ସୁପ୍ରିମୋ ମମତା ମଙ୍ଗଳବାର ଆରାମବାଗ୍‌ରେ କହିଛନ୍ତି, ମାଲଦା ଦକ୍ଷିଣ ଓ ବାଲୁରଗଡ଼ ଆସନରେ କେନ୍ଦ୍ରୀୟ ବଳଗୁଡ଼ିକ ଭାଜପା ପାଇଁ ଭୋଟରଙ୍କୁ ଭୋଟ ମାଗୁଛନ୍ତି। ଏନେଇ ନିର୍ବାଚନ କମିଶନ (ଇସି) ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ଏତେ ଦୀର୍ଘ ଅବଧି ଧରି ଦେଶରେ କେବେ ନିର୍ବାଚନ ହୋଇ ନ ଥିଲା। ଭାଜପା ନେତାମାନଙ୍କୁ ସୁହାଇବା ଭଳି ବ୍ୟବସ୍ଥା ଇସି କରିଛନ୍ତି ବୋଲି ମମତା ସମାଲୋଚନା କରିଛନ୍ତି।

### ଭିଭିପିଏଟି ମେଶିନରେ ସାପ

**କନ୍ନଉର(କେରଳ)୨୩।୪(ପି.ଟି):** କନ୍ନଉର ଲୋକ ସଭା ନିର୍ବାଚନ ମଣ୍ଡଳୀର ମାଇଲ କାଣ୍ଡାକାଇସ୍ଥିତ ଏକ ପୋଲିଂ ବୁଥ୍‌ରେ ଗୋଟିଏ ଛୋଟ ସାପ ଭିଭିପିଏଟି ମେଶିନ ଭିତରକୁ ପଶିଯାଇଥିଲା। ଏଥିପାଇଁ ସମ୍ପୃକ୍ତ ଅଧିକାରୀ ଏବଂ ଭୋଟର ଆତଙ୍କିତ ହୋଇପଡିଥିଲେ। ସାପକୁ ମେଶିନ ଭିତରୁ ବାହାର କରାଯିବା ପରେ ମତଦାନ କାର୍ଯ୍ୟ ଜାରି ରହିଥିଲା। କନ୍ନଉର ଲୋକ ସଭା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନର ଏମ୍‌ପି ପି.କେ. ଶ୍ରୀମତୀ(ସିପିଆଇ-ଏମ୍-ଏଲ୍‌ଡିଏଫ୍), କେ. ସୁରେନ୍ଦ୍ରନ୍ (କଂଗ୍ରେସ-ୟୁଡିଏଫ୍) ଏବଂ ସି.କେ. ପଦ୍ମନାଭନ(ଭାଜପା-ଏନ୍‌ଡିଏ) ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

### ଇତିହାସର ଆଇନାରେ

### ଏପ୍ରିଲ ୨୪ର ପ୍ରମୁଖ ଘଟଣା

୧୯୫୩ ଏପ୍ରିଲ ୨୪ରେ କୁଇନ୍ ଏଲିଜାବେଥ୍ ଦ୍ୱିତୀୟ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲଙ୍କୁ ନାଇଟ୍ ଉପାଧି ପ୍ରଦାନ କରିଥିଲେ। ଏଲିଜାବେଥ୍ ଦ୍ୱିତୀୟ ୧୯୨୬ ଏପ୍ରିଲ ୨୧ରେ ଜନ୍ମ ହୋଇଥିଲେ।

୨୦୧୩ ଏପ୍ରିଲ ୨୪ରେ ଢାକାରେ ଏକ କୋଠା ଭୁଶୁଡି ୧,୧୨୯ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨,୫୦୦ ଜଣ ଆହତ ହୋଇଥିଲେ। ଢାକା ହେଉଛି ବାଂଲାଦେଶର ରାଜଧାନୀ ତଥା ବୃହତ୍ ନଗରୀ।

## ୧୩ ରାଜ୍ୟ, ୨ କେନ୍ଦ୍ର ଶାସିତ ଅଞ୍ଚଳର ୧୧୭ ଆସନ

# ତୃତୀୟ ପର୍ଯ୍ୟାୟରେ ୬୪.୬୬% ମତଦାନ

**ନୂଆଦିଲ୍ଲୀ,୨୩।୪(ପି.ଟି.)**

କାଁ ଭାଁ କେତେକ ସ୍ଥାନରେ ହିଂସାକୁ ଛାଡ଼ିଦେଲେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୩ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ୧୧୭ ଲୋକ ସଭା ଆସନରେ ୬୪.୬୬% ମତଦାତା ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଭୋଟଗ୍ରହଣ କରାଯାଇଥିବା ଆସନଗୁଡ଼ିକ ମଧ୍ୟରେ ରହିଛି ଆସାମର ୪, ବିହାର (୫), ଛତିଶଗଡ଼ (୭), ଗୁଜରାଟ (୨୬), ଗୋଆ (୨), ଜମ୍ମୁ ଓ କଶ୍ମୀର (୧), କର୍ନାଟକ (୧୪), କେରଳ (୨୦), ମହାରାଷ୍ଟ୍ର (୧୪), ଓଡ଼ିଶା (୬), ୟୁପି (୧୦), ପଶ୍ଚିମବଙ୍ଗ (୫), ଦାଦର ଓ ନଗର ହାଭେଲି (୧), ତ୍ରିପୁରା (୧) ଏବଂ ଡାମନ ଓ ଡିଉର ଗୋଟିଏ। ଏହି ଆସନଗୁଡ଼ିକରେ ମୋଟ ୧,୬୧୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ମତଦାନ ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ (ଗୁଜରାଟର ଗାନ୍ଧୀନଗର) ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ(କେରଳର ୱାୟନାଡ୍)ଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ହେଭିୱେଟ୍‌ଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ମୁଖ୍ୟ ଅମିତ ଶାହ, ବରିଷ୍ଠ ନେତା ଏଲ୍.କେ. ଆଡ୍‌ଭାନୀ, କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ, କଂଗ୍ରେସ ନେତା ଅହମଦ ପଟେଲ ପ୍ରମୁଖ ଗୁଜରାଟର ବିଭିନ୍ନ ପୋଲିଂ ଷ୍ଟେଶନରେ ଭୋଟ ଦେଇଛନ୍ତି। ଗୁଜରାଟର ୨୬ ଆସନରେ ସନ୍ଧ୍ୟା ୫ଟା ସୁଦ୍ଧା ୫୮.୯୬% ମତଦାନ ହୋଇଛି। ସେହିପରି କେରଳରେ ୭୦.୨୮% ମତଦାନ ହୋଇଛି। ଏଠାରେ ରାହୁଲଙ୍କ ବ୍ୟତୀତ ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ଏବଂ କେନ୍ଦ୍ରମନ୍ତ୍ରୀ କେ. ଆଲଫନ୍ସ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି। କର୍ନାଟକରେ ୬୦.୪୨% ମତଦାତା ଭୋଟ ଦେଇଛନ୍ତି। ଉତ୍ତରପ୍ରଦେଶର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ (ମୈନ୍‌ପୁରୀ), ନେତା ଆଜମ୍ ଖାନ୍ (ରାମପୁର), ମୁଲାୟମ୍‌ଙ୍କ ଭାଇ ଶିବପାଲ ଯାଦବ ଓ ପୁତୁରା ଧର୍ମେନ୍ଦ୍ର ଯାଦବଙ୍କ ସହ ଅକ୍ଷୟ ଯାଦବ। ସେହିପରି ରାମପୁର ଆସନରୁ ଭାଜପା ପ୍ରାର୍ଥୀ ଜୟପ୍ରଦାଙ୍କ ଭାଗ୍ୟ ମଧ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମହାରାଷ୍ଟ୍ରରେ ୫୭.୦୧%, ଗୋଆରେ ୭୦.୯୦%, ଛତିଶଗଡ଼ରେ ୬୪.୬୮% ମତଦାନ ହୋଇଛି। ସେହିପରି ଓଡ଼ିଶାରେ ୬୧%, ପଶ୍ଚିମବଙ୍ଗରେ ୭୮.୯୭%, ଆସାମରେ ୭୧.୪୭%, ବିହାରରେ ୫୪.୯୧% ଓ ତ୍ରିପୁରାରେ ସର୍ବାଧିକ ୭୭.୨୮% ଭୋଟଗ୍ରହଣ କରାଯାଇଛି। ଲୋକ ସଭାର ୫୪୩ ଆସନ ମଧ୍ୟରୁ ଏପ୍ରିଲ ୧୧ରେ ୯୧ ଓ ୧୮ରେ ୯୫ ଆସନରେ ଭୋଟଗ୍ରହଣ କରାଯାଇଥିଲା। ଅଦ୍ୟାବଧି ମୋଟ ୩୦୨ ଆସନରେ ଭୋଟଗ୍ରହଣ ଶେଷ ହୋଇଛି। ସମସ୍ତ ୭ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ମେ ୨୩ରେ ଭୋଟଗଣତି ହେବ।



ତ୍ରିପୁରାର ଅଗରତାଲାରେ ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ଭୋଟ ଦେବା ପରେ ଅଙ୍ଗୁଳି ଦେଖାଉଛନ୍ତି।

## ପୁଣି ଇଭିଏମ୍ ଦୋଷ

# ପ୍ରଶ୍ନ ଉଠାଇଲେ ବିରୋଧୀ

**ମୁମ୍ବାଇ/ଲକ୍ଷ୍ନୌ,୨୩।୪(ପି.ଟି.)**

ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଚାଲିଥିବାବେଳେ ଦେଶର ବିଭିନ୍ନ ସ୍ଥାନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ୍ (ଇଭିଏମ୍)ରେ ତ୍ରୁଟି ଦେଖାଦେଇଛି। ଏହାକୁ ନେଇ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଇଭିଏମ୍‌କୁ ଦୋଷ ଦେଇ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

ମୁମ୍ବାଇରେ ଏନ୍‌ସିପି, ଟିଡିପି, ଟିଏମ୍ସି, ଏଏପି, ସିପିଆଇ, ସିପିଆଇଏମ୍ ଏବଂ ଡିଏମ୍‌କେ ପକ୍ଷରୁ ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ପାୱାର କହିଛନ୍ତି, ଦେଶବାସୀ ମୋଦିଙ୍କ ନେତୃତ୍ୱାଧୀନ ସରକାରକୁ ହଟାଇ ନୂଆ ସରକାର ଗଠନ ପାଇଁ ଚାହୁଁଛନ୍ତି। କିନ୍ତୁ ଇଭିଏମ୍‌ରେ ହେରଫେର ହେଉଛି ଚିନ୍ତାର ବିଷୟ। ସେହିପରି ଭାଜପା କେବଳ ଚାଲବାଜି କରି ଭୋଟ ହାତଉଛି ବୋଲି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ସମାଲୋଚନା କରିଛନ୍ତି। ଏଏପି ନେତା ସଞ୍ଜୟ ସିଂ କହିଛନ୍ତି, ଯେଉଁ ବଟନ ଦବାଇଲେ ଭାଜପାକୁ ଭୋଟ ଯାଉଛି। ନିର୍ବାଚନ କମିଶନ ଏସବୁ ଜାଣି ଧୃତରାଷ୍ଟ୍ରଙ୍କ ଭଳି ଅଭିନୟ କରୁଛନ୍ତି। ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନରୁ ୧୦ଟିରେ ଭୋଟଗ୍ରହଣ କରାଯାଇଛି। ଅନେକ ବୁଥ୍‌ରେ ଇଭିଏମ୍ ଅଚଳ ହୋଇଯାଇଥିବାରୁ ମତଦାନ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କହିଛନ୍ତି, ଡିଜିଟାଲ ଇଣ୍ଡିଆରେ ଏତେସଂଖ୍ୟକ ଇଭିଏମ୍ କାହିଁକି ଖରାପ ହେଉଛି। ଏଥିଯୋଗୁ ସନ୍ଦେହ ଜାତ ହେଉଛି। ନିର୍ବାଚନ କମିଶନ ଏହାକୁ ନେଇ ଯାଞ୍ଚ କରାଇବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଅଖିଳେଶ ଦାବି କରିଛନ୍ତି।



ଶରଦ ପାୱାର | ଏନ୍. ଚନ୍ଦ୍ରାବାବୁ ନାଇଡୁ

## ଭୂସ୍ଖଳନରେ ୫୦ରୁ ଊର୍ଦ୍ଧ୍ୱ ମୃତ

**ୟାଙ୍ଗନ,୨୩।୪**

ମିଆଁମାରର କାଚିନ ରାଜ୍ୟରେ ଭୂସ୍ଖଳନ ଯୋଗୁଁ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏକ ଫଳରେ ଖଣିରେ ଶୋଇଥିବା ଶ୍ରମିକମାନେ ଏହାର ଶିକାର ହୋଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଶ୍ରମିକମାନେ ଖଣିରେ ଶୋଇଥିବାବେଳେ ଭୂସ୍ଖଳନ ହେବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ମାଟି କାଦୁଅ ଭିତରେ ଏବେବି ୫୪ ଜଣ ଲୋକ ନିଖୋଜ ହୋଇଯାଇଥିବା ପୋଲିସ କହିଛି। ଉଦ୍ଧାର ଲାଗି ପ୍ରୟାସ ଜାରି ରହିଥିବା ଜଣାପଡିଛି।



## ମତଦାନ ବେଳେ ୧୦ ମୃତ

**ଥିରୁଭାନନ୍ତପୁରମ୍,୨୩।୪(ପି.ଟି.)**

କେରଳର କସରଗୋଡ, କୋଲ୍ଲାମ୍, କନ୍ନୁର, ଏର୍ନାକୁଲମ୍, ୱାୟନାଡ୍ ସମେତ ବିଭିନ୍ନ ବୁଥ୍‌ରେ ମଙ୍ଗଳବାର ମତଦାନ ବେଳେ ଅନ୍ୟୂନ ୧୦ ଭୋଟରଙ୍କ ମୃତ୍ୟୁ ଘଟିଛି। ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ବେଳେ କେଉଁ ସ୍ଥାନରେ କେତେଜଣଙ୍କ ମୃତ୍ୟୁ ହୋଇଛି ସେନେଇ ଜିଲା ପ୍ରଶାସନକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ରିପୋର୍ଟ ମାଗିଛନ୍ତି। କୋଟ୍ଟାୟମର ୮୪ ବର୍ଷୀୟ ରୋସାମ୍ମା ଭୋଟ ଦେଇଯାଇଥିବାବେଳେ ମୂର୍ଚ୍ଛା ହୋଇଯାଇଥିଲେ। କନ୍ନୁରର ବେଣୁଗୋପାଳ ଭୋଟ ଦେଇ ଫେରୁଥିବାବେଳେ ଚେତାଶୂନ୍ୟ ହୋଇଯାଇଥିଲେ। ସେମାନଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ମୃତ୍ୟୁ ଘଟିଥିଲା। ସେହିପରି ଚେଲ୍ଲିଚେରୀର ମୁସ୍ତାଫା (୫୨), ଚୋକ୍‌ଲିର ବିଜୟ (୬୫), ଏର୍ନାକୁଲମ୍‌ର ଥେରେସିୟାମ୍ମା(୮୭), ୱାୟନାଡ୍‌ର ବଲାନ୍ (୬୪), ଅଲାପ୍ପୁଝାର ପ୍ରଭାକରନ୍ (୭୪)ଙ୍କ ମତଦାନ ସମୟରେ ଜୀବନ ଯାଇଛି। ରାନ୍ନିର ପାପାଚେନ୍ (୬୬) ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ପ୍ରାଣ ହରାଇଛନ୍ତି। କସରଗୋଡ଼ର ମଧ୍ୟମ ବୟସ୍କ ଭୋଟର ବାବୁରାଜ ଏବଂ କୋଲ୍ଲାମ୍‌ର ଏକ ବୁଥ୍‌ରେ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ତିନିପୁଅଙ୍କୁ ହରାଇଲେ ଡେନ୍‌ମାର୍କର ସବୁଠୁ ଧନୀ ବ୍ୟକ୍ତି

**କଲମ୍ବୋ,୨୩।୪**

### ଶ୍ରୀଲଙ୍କା ଆକ୍ରମଣ



ଶ୍ରୀଲଙ୍କାରେ ଆତଙ୍କବାଦୀ ଆକ୍ରମଣରେ ଡେନମାର୍କର ସବୁଠାରୁ ଧନୀ ବ୍ୟକ୍ତି ଆଣ୍ଡର୍ସ ହଲ୍ଚ ପଭସେନ(୪୬) ନିଜର ୪ ପୁଅଙ୍କ ମଧ୍ୟରୁ ୩ ପୁଅଙ୍କୁ ହରାଇଥିବା ତାଙ୍କ ମୁଖପାତ୍ର ସୂଚନା ଦେଇଛନ୍ତି। ଗ୍ଲୋବାଲ ରିଟେଲ ଜିଆଣ୍ଟ ଏଏସ୍‌ଓଏସ୍ ଏବଂ ବେଷ୍ଟସେଲରର ଜଣେ ପ୍ରଖ୍ୟାତ ଫ୍ୟାଶନ ମୋଗଲ ଭାବେ ପରିଚିତ ପଭସନଙ୍କ ବେଷ୍ଟସେଲରର କମ୍ୟୁନିକେସନ ମ୍ୟାନେଜର ଜେସପର ଷ୍ଟବକିଏର ମଧ୍ୟ ଏନେଇ ବ୍ରିଟିଶ ନ୍ୟୁଜ ଏଜେନ୍ସିକୁ ସୂଚନା ଦେଇଛନ୍ତି। ଷ୍ଟବକିଏର ଏନେଇ ବିସ୍ତୃତ ଖବର ଦେଇ ନ ଥିଲେ ବି ଶ୍ରୀଲଙ୍କାକୁ ପଭସନ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ସହ ଛୁଟି କାଟିବାକୁ ଯାଇଥିଲେ ବୋଲି କୁହାଯାଇଛି। ତେବେ କିଭଳି ପରିସ୍ଥିତିରେ ଓ କେଉଁଠାରେ ଏମାନେ ବିସ୍ଫୋରଣର ଶିକାର ହେଲେ, ତାହା ଠିକ୍‌ଭାବେ ଜଣାପଡିନାହିଁ। ଶ୍ରୀଲଙ୍କାର ୩ ଚର୍ଚ୍ଚ ଓ ୩ ହୋଟେଲ ସମେତ ୮ଟି ସ୍ଥାନରେ ରବିବାର ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏହି ଆକ୍ରମଣରେ ମୃତ୍ୟୁସଂଖ୍ୟା ୩୨୧ରେ ପହଞ୍ଚିଛି। ଏଏସ୍‌ଓଏସ୍ ହେଉଛି ବ୍ରିଟେନର ସବୁଠାରୁ ଜଣାଶୁଣା ଅନଲାଇନ ରିଟେଲ ୱେବସାଇଟ୍ସ। ଏହାର ରିଟେଲ ବିକ୍ରି ମୋଟ ୩.୦୬ ବିଲିୟନ ଡଲାର। ପଭସେନ ବ୍ରିଟେନରେ ସବୁଠାରୁ ଅଧିକ ଘରୋଇ ଜମିର ମାଲିକ ବୋଲି 'ଟାଇମ୍ସ' ଖବରକାଗଜ ଦର୍ଶାଇଛି। ପଭସେନ ଓ ତାଙ୍କ ସ୍ତ୍ରୀ ଆନ୍ନୀ ସ୍କଟିସ ହାଇଲାଣ୍ଡରେ ୨ ଲକ୍ଷ ଏକର ଜମିର ମାଲିକ ଥିବା ଜଣାପଡିଛି। ସ୍କଟଲାଣ୍ଡରେ ବ୍ରିଟିଶ ରାଜ ପରିବାର ପରେ ପଭସେନଙ୍କ ପରିବାର ନିକଟରେ ସବୁଠାରୁ ଅଧିକ ଜମି ରହିଛି। ଫବ୍ସ ରିପୋର୍ଟ ମୁତାବକ ପଭସେନଙ୍କ ପାଖରେ ୭.୯ ବିଲିୟନ ଡଲାରର ସମ୍ପତ୍ତି ରହିଛି। ଶ୍ରୀଲଙ୍କା ଆତଙ୍କବାଦୀ ଆକ୍ରମଣରେ ପଭସେନଙ୍କ ୩ ପୁଅ ପ୍ରାଣ ହରାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

## ଅଦାଲତ ଅବମାନନା ମାମଲା

# ବ୍ୟକ୍ତିଗତ ହାଜର ହେବେନି ରାହୁଲ

**ନୂଆଦିଲ୍ଲୀ,୨୩।୪**

ରାଫାଲ ରାୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆକ୍ଷେପ କରି 'ଚୌକିଦାର ଚୋର ହେ' ବୋଲି ମନ୍ତବ୍ୟ ଦେଇଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ମଙ୍ଗଳବାର ଆଶ୍ୱସ୍ତି ମିଳିଛି। ସେ ଆପରାଧିକ ଅଦାଲତ ଅବମାନନା ମାମଲାରେ ବ୍ୟକ୍ତିଗତ ଭାବେ ହାଜର ହେବେନାହିଁ। ଏନେଇ ତାଙ୍କୁ ନୋଟିସ ଜାରି କରାଯାଇଥିଲାବେଳେ ସୁପ୍ରିମକୋର୍ଟ ତାଙ୍କ ବ୍ୟକ୍ତିଗତ ହାଜିରାକୁ ଉଠାଇ ଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବର୍ତ୍ତମାନ ଲାଗି ଏହାକୁ କୋହଳ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୩୦ରେ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକାଶଥାଉ କି, ଭାଜପା ଏମ୍‌ପି ମୀନାକ୍ଷି ଲେଖି ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପାଇଁ ଆପରାଧିକ ମାମଲା ସକାଶେ ପିଟିଶନ ଦାୟର କରିଥିଲେ। ମାମଲା ବନ୍ଦ କରିବା ଲାଗି ରାହୁଲ ଆବେଦନ କରିଥିଲାବେଳେ ଏହାକୁ ଅଗ୍ରାହ୍ୟ କରାଯାଇଛି।

## ଫିଲିପାଇନ୍ସରେ ଭୂକମ୍ପ :୧୬ ମୃତ

**ମାନିଲା,୨୩।୪**

ଫିଲିପାଇନ୍ସର ଲୁଜନ ଆଇସଲାଣ୍ଡରେ ସୋମବାର ହୋଇଥିବା ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୧୬କୁ ବୃଦ୍ଧିପାଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୧ ରହିଥିଲା। ବାଣିଜ୍ୟିକ କେନ୍ଦ୍ରର ଭଗ୍ନସ୍ତୁପ ତଳେ ଚାପିହୋଇ ରହିଥିବା ନିଖୋଜ ୩୦ ଜଣଙ୍କୁ ଉଦ୍ଧାର କରାଯିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରହିଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଉତ୍ତର ମାନିଲାରୁ ୧୦୦ କିମି ଦୂର ପାପାଙ୍ଗା ପ୍ରୋଭିନ୍ସର ୧୫ ଜଣ ପ୍ରାଣ ହରାଇଛନ୍ତି। ପୋରାକସ୍ଥିତ ୪ ମହଲାବିଶିଷ୍ଟ ମଲର ଭଗ୍ନସ୍ତୁପ ତଳୁ ୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଏହି ଭୟଙ୍କର ଭୂକମ୍ପରେ ୮୧ ଜଣ ଆହତ ହୋଇଥିବା ଓ ୧୪ ଜଣ ନିଖୋଜ ଥିବା ଜଣାପଡିଛି। ଭୂକମ୍ପରେ ରାସ୍ତାଘାଟ, ପୋଲ, ରେଳପଥ ଓ ବିମାନବନ୍ଦର ବହୁଳଭାବରେ କ୍ଷତି ହୋଇଛି। ବୁଧବାର ସକାଳ ପର୍ଯ୍ୟନ୍ତ ବିମାନ ଚଳାଚଳ ବନ୍ଦ ରହିବ ବୋଲି ବିମାନବନ୍ଦର ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ପାରୋକରେ ଥିବା ସପ୍ତଦଶ ଶତାବ୍ଦୀର ଚର୍ଚ୍ଚ ମଧ୍ୟ ଭୂକମ୍ପ କ୍ଷତିରୁ ବାଦ ପଡିନି।

# ଭାଜପାରେ ଯୋଗଦେଲେ ସନ୍ନି ଦେଓଲ

**ନୂଆଦିଲ୍ଲୀ,୨୩।୪:** ଅଭିନେତା ସନ୍ନି ଦେଓଲ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀତାରାମନ ଓ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ହୋଇଥିଲା। ଏହାର ଦିନକ ପୂର୍ବରୁ ଦେଓଲ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ଭେଟିଥିଲେ।

ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଗଣମାଧ୍ୟମକୁ ଦେଓଲ କହିଛନ୍ତି, ଯେଉଁ ନୀତି ଆଧାରରେ ତାଙ୍କ ପିତା ଧର୍ମେନ୍ଦ୍ର ଅଟଳଜୀଙ୍କ ସହିତ ସାମିଲ ହୋଇଥିଲେ ସେଇ ଆଦର୍ଶକୁ ଭିତ୍ତିକରି ସେ ମୋଦିଜୀଙ୍କ ସହିତ ଯୋଗଦେଇଛନ୍ତି। ଭାଜପା ତାଙ୍କ ପରିବାର। ଏଥିପାଇଁ ସେ ସବୁକିଛି କରିପାରିବେ। ଖାଲି କଥାରେ ନୁହେଁ, କାମରେ କରି ଦେଖାଇବେ। ମୋଦିଙ୍କୁ ଆସନ୍ତା ୫ବର୍ଷ ପାଇଁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବରେ ସେ ଦେଖିବାକୁ ଚାହାନ୍ତି।

'ଘାୟଲ' ଏବଂ 'ଦାମିନି' ଫିଲ୍ମରେ ଅଭିନୟ କରିଥିବା ଦେଓଲ ପଞ୍ଜାବର ଗୁରୁଦାସପୁର ଅଥବା ଚଣ୍ଡିଗଡ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇପାରନ୍ତି। ଗୁରୁଦାସପୁର ଲୋକ ସଭା ଆସନରୁ ଭାଜପାରୁ ବିନୋଦ ଖାନ୍ନା ପ୍ରତିନିଧିତ୍ୱ କରିଆସୁଥିଲେ। ଏ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ସୀତାରାମନ କହିଲେ, ସନ୍ନି ଦେଓଲ ସିନେମାର ସରହଦ ଅତିକ୍ରମ କରି ଭାଜପାକୁ ଆସିବା ସ୍ୱାଗତଯୋଗ୍ୟ। ଜାତୀୟତାବାଦ ଏବଂ ଦେଶପ୍ରେମର ଅନୁଭୂତି ଫିଲ୍ମ ଜରିଆରେ ସୁନ୍ଦର ଭାବରେ ପ୍ରତିଫଳିତ ହେଲେ ଏହା ଭାରତୀୟଙ୍କ ହୃଦୟକୁ ଛୁଇଁପାରେ। ଦେଓଲ ଭଲଭାବେ ଲୋକଙ୍କ ସ୍ପନ୍ଦନ ବୁଝିପାରିଛନ୍ତି ଏବଂ ଭାରତୀୟ ଜନତାଙ୍କ ସେବା କରୁଥିବା ଓ ଦେଶର ଗୌରବକୁ ଉଚ୍ଚରେ ରଖିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଦର୍ଶରେ ଦେଓଲ ଅନୁପ୍ରାଣିତ ହୋଇଛନ୍ତି। ବ୍ୟବସାୟିକ ବିଚାରଧାରାଠୁ ଦୂରେଇଯାଇ ଦେଓଲ ଦେଶବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁଭିତ୍ତିକ ଫିଲ୍ମ କରନ୍ତି ବୋଲି ସୀତାରାମନ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ମଥୁରା ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ହେମାମାଳିନୀ ହେଉଛନ୍ତି ସନ୍ନି ଦେଓଲଙ୍କ ସାବତ ମା'।





କେରଳର କୋଚିରେ ମତଦାନ ପାଇଁ ଭୋଟରଙ୍କ ଭିଡ଼।



ଅହମ୍ମଦାବାଦର ଏକ ବୁଥ୍‌ରେ ଜଣେ ଦିବ୍ୟାଙ୍ଗ ଭୋଟରଙ୍କ ପାଦ ଅଙ୍ଗୁଳିରେ କାଳିଚିହ୍ନ ଲଗାଉଛନ୍ତି ନିର୍ବାଚନ ଅଧିକାରୀ।



ଉତ୍ତରପ୍ରଦେଶର ବଦାୟୁଁସ୍ଥିତ ଏକ ପୋଲିଂ ଷ୍ଟେଶନ ବାହାରେ ମତଦାତାଙ୍କ ଲମ୍ୱାଧାଡ଼ି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୪/୨୦୧୯ | Bhubaneswar, Wednesday, April 24/2019




**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ତେଜଲ୍ ପରିବାରବର୍ଗ


ଅନମୋଲ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭୋଟ ଦେବାରୁ ବଞ୍ଚିତ ହେଲେ ମହାରଥୀ

ଭୁବନେଶ୍ୱର,୨୩।୪ (ବ୍ୟୁରୋ)

ନିର୍ବାଚନ କମିଶନଙ୍କ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ଓ ତାଙ୍କ ଟିମ୍‌କୁ ଆକ୍ରମଣ କରି ଜେଲ୍ ଯାଇଥିବା ବିଜେଡିର ବରିଷ୍ଠ ନେତା ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି। ମହାରଥୀ ପିପିଲି ନିର୍ବାଚନ ମଣ୍ଡଳୀରୁ ୩ଥର ବିଧାୟକ ହୋଇଥିବାବେଳେ ଚଳିତ ନିର୍ବାଚନରେ ବିଜେଡିରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମଙ୍ଗଳବାର ଥିଲା ଭୋଟ। ହେଲେ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ସୋମବାର ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ବିଳମ୍ବିତ ରାତିରେ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଝାରପଡ଼ା ଜେଲ୍‌ରୁ କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଇଥିଲା। ସେ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲରେ ନର୍ସିଂ ହଲ୍ ୫ ନମ୍ବର ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି। ତେବେ ଆବଶ୍ୟକ କାଗଜପତ୍ର ଯୋଗାଡ଼ ହୋଇ ନ ଥିବାରୁ ମହାରଥୀ ମତଦାନ କରିପାରି ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ବୁଧବାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ମହାରଥୀଙ୍କ ଜାମିନ ଆବେଦନର ଶୁଣାଣି ହେବ।

ସୂଚନା ମୁତାବକ, ରବିବାର ମହାରଥୀଙ୍କ ପିପିଲିସ୍ଥିତ

## ଜାମିନ ଆବେଦନର ଶୁଣାଣି ଆଜି

ଫାର୍ମ ହାଉସ୍‌ରେ ଭୋଜି ସହ ଟଙ୍କା ବଣ୍ଟାଯାଉଥିବା ଖବର ମିଳିବା ପରେ ରାତି ପ୍ରାୟ ୧୧ଟା ୪୫ରେ ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (ଏସ୍‌ଏସ୍‌ଟି) ଚଢାଉ କରିଥିଲା। ଏହି ସମୟରେ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ରବିନାରାୟଣ ପାତ୍ର, ପିପିଲି ଥାନା ଏଏସ୍‌ଆଇ ବିନୟ କୁମାର ଦାସ ଓ ଡ୍ରାଇଭର ଦୀପକଙ୍କ ସମେତ ୫ଜଣଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାକୁ ନେଇ ମହାରଥୀ ଓ ତାଙ୍କ ସମର୍ଥକଙ୍କ ବିରୋଧରେ ପିପିଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପିପିଲି ପୋଲିସ ସୋମବାର ପୂର୍ବାହ୍ନ ୧୧ଟାରେ ମହାରଥୀଙ୍କୁ ଗିରଫ କରିଥିଲା। ଏହାପରେ ସ୍ଥାନୀୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ପିପିଲି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ବିଚାର ଚାଲିଥିବାବେଳେ ମହାରଥୀ ଅସୁସ୍ଥ ହୋଇପଡିବାରୁ କୋର୍ଟଙ୍କ ଅନୁମତିକ୍ରମେ ମହାରଥୀଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟକୁ ଅଣାଯାଇଥିଲା। ଆଡିଶନାଲ ସେସନ୍ସ ଜଜ୍-୩ ଅରୁଣ କୁମାର ମଲ୍ଲିକ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।




# ବିଭିନ୍ନ ସ୍ଥାନରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଏବଂ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରିରହିଛି। ବର୍ତ୍ତମାନ ସୁଦ୍ଧା ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ପୋଲିସ ଦ୍ୱାରା ୩ କୋଟି ୬୨ ଲକ୍ଷ ୭୮ ହଜାର ଟଙ୍କା ଜବତ କରାଯାଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ୧୪ହଜାର ୧୫୧ ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆରପିସିର ଧାରା ୧୦୭/୧୧୦ ଅନୁଯାୟୀ ୬୩ ହଜାର ୮୨୯ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସପ୍ରାପ୍ତ ୫ ହଜାର ୪୫୧ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୨୪୮ ଅସ୍ତ୍ରଶସ୍ତ୍ର ଏବଂ ୧୪୫୭.୫୮୨ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବାକରୀ ବିଭାଗ ଓ ପୋଲିସର ମିଳିତ ଚଢାଉ ଫଳରେ ୧୫୪୪୩୨.୫୦୩ ଲିଟର ମଦ

## ୩.୬୨ କୋଟି ଟଙ୍କା ଜବତ

ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୪ କୋଟି ୦୫ ଲକ୍ଷ ୪୯ ହଜାର ୦୭୫ ଟଙ୍କା ହେବ।

ଉଲ୍ଲେଖଯୋଗ୍ୟ ଯେ, ୩ଟି ପର୍ଯ୍ୟାୟରେ ମତଦାନ ହୋଇଥିବା ଜିଲା ଗୁଡିକରେ ମଙ୍ଗଳବାର ସୁଦ୍ଧା ଅବକାରୀ ବିଭାଗ ଦ୍ୱାରା ୩୯୩୧୪.୮୭୩ ଲିଟର ଏବଂ ପୋଲିସ ଦ୍ୱାରା ୨୧୯୩୨.୩୫୦ ଲିଟର ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଯଥାକ୍ରମେ ୬୩ ଲକ୍ଷ ୪୦ ହଜାର ୮୩୬ ଏବଂ ୫୧ ଲକ୍ଷ ୩୮ ହଜାର ୬୫୦ ଟଙ୍କା ହେବ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୪୬ ଲକ୍ଷ ୪୬ହଜାର ୫୯୭ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନଗୁଡିକରେ ବେଆଇନ ଭାବେ ଲାଗିଥିବା ୩ ଲକ୍ଷ ୬୩ହଜାର ୨୦୦ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ୍ୟ କାଢି ଦିଆଯାଇଛି।

# ମେ ୧ରୁ ଭିତରକନିକା ବନ୍ଦ

## ବଉଳା କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ

ରାଜନଗର, ୨୩।୪ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟସ୍ଥ ନଦୀ ନାଳଗୁଡ଼ିକରେ ରହୁଥିବା ବଉଳା କୁମ୍ଭୀରଙ୍କର ପ୍ରଜନନ ଋତୁ ଆରମ୍ଭ ହୋଇଛି। ଏହି ସମୟରେ କୁମ୍ଭୀରମାନେ ସୁରକ୍ଷିତ ସ୍ଥାନ ଖୋଜି ଅଣ୍ଡାଦାନ କରିଥାନ୍ତି। ଏଥିରେ କୌଣସି ବାଧା ନ ଉପୁଜିବା ପାଇଁ ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ପ୍ରତିବର୍ଷ ଭଳି ଚଳିତବର୍ଷ ମେ ୧ ତାରିଖଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରହିବ। ଏହି ସମୟ ମଧ୍ୟରେ ଜାତୀୟ ଉଦ୍ୟାନ ମଧ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ନିଷିଦ୍ଧ କରାଯାଇଛି। ଏ ନେଇ ରାଜନଗର ବନବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ନଦୀନାଳ ଓ ଏହା ସଂଲଗ୍ନ ନଦୀନାଳଗୁଡିକରେ ୧୭୪୨ କୁମ୍ଭୀର ରହୁଛନ୍ତି। ପ୍ରତିବର୍ଷ ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ସମୟ ମେ ୧ରୁ ତିନିମାସ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରଖାଯାଇଥାଏ। ଏହି ସମୟରେ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇଉଠୁଥିବା ଯୋଗୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଜାତୀୟ ଉଦ୍ୟାନ ବନ୍ଦ ରଖାଯାଇଥାଏ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଅଶ୍ୱିନୀ ନକ୍ଷତ୍ରସ୍ଥ ରବି ଓ ଆପଣଙ୍କ ସୁସ୍ଥ ଚିନ୍ତାଧାରା ଓ କାର୍ଯ୍ୟକଳାପକୁ ପ୍ରଭାବିତ କରି ସମସ୍ୟାମୂଳକ ଚିନ୍ତାରେ ବ୍ୟଥିତ କରାଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡିପାରେ। ସାହିତ୍ୟ, ସଂସ୍କୃତି, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପରିବାରରେ ନିଜ ଲୋକମାନଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବେ।

**ବୃଷ**
ଶନି ଯୁକ୍ତ ଚନ୍ଦ୍ର ମାନସିକ ସ୍ତରକୁ ଚିନ୍ତିତ କରାଇବା ସହ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ କରାଇପାରନ୍ତି। ଅବଶ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସଙ୍ଗକୁ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ସହକର୍ମୀମାନଙ୍କ ପରାମର୍ଶ କ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ, ନିର୍ମାଣ, ଜମିଜମା କ୍ଷେତ୍ରରେ କାର୍ଯ୍ୟ ସାଧିତ ହେବ।

**ମିଥୁନ**
ଷଷ୍ଠ ଏକାଦଶାଧିପତି ମଙ୍ଗଳ ଦ୍ୱାଦଶସ୍ଥ ରହି ଆପଣଙ୍କୁ ଋଣମୁକ୍ତଗତ କରାଇବା ସଙ୍ଗେ ଶତ୍ରୁମାନଙ୍କୁ ପରାସ୍ତ କରିବେ। ପ୍ରତ୍ୟେକ ପରିସ୍ଥିତିରେ ନିଜଲୋକ ଦ୍ୱାରା ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ସନ୍ତାନ ହେତୁକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଅଶାନ୍ତିରେ ଅସ୍ଥିରତା ଅନୁଭବ କରିପାରନ୍ତି।

**କର୍କଟ**
ଭାଗ୍ୟସ୍ଥାନରେ ବ୍ୟୟାଧିପ ଅବସ୍ଥାନ କରି ଆପଣଙ୍କ ଉଦ୍ୟମରେ ବାଧାବିଘ୍ନ ସୃଷ୍ଟି କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିର ଅଙ୍କାବଙ୍କା ରାସ୍ତାରେ ଇଚ୍ଛା ନ ଥାଇ ମଧ୍ୟ ଚାଲିବାକୁ ବାଧ ହେବେ। ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନ ଅବସରରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ**
ଚତୁର୍ଥକେନ୍ଦ୍ରରେ ବୃହସ୍ପତି ପାରିବାରିକ ଜୀବନକୁ ସରସ ସୁନ୍ଦର କରାଇବାରେ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅଧିକାଂଶ ସମୟ ବିତିଯାଇପାରେ।

**କନ୍ୟା**
ଚତୁର୍ଥସ୍ଥ ଶନି ଯୁକ୍ତ ଚନ୍ଦ୍ର ପାରିବାରିକ ଓ କର୍ମକ୍ଷେତ୍ରରେ ନକାରାତ୍ମକ ମାନସିକ ଚିନ୍ତା ସୃଷ୍ଟି କରିବେ। ବିକ୍ଷିପ୍ତ ଭାବଧାରାର ଅବ୍ୟବସ୍ଥିତ ମନ ସାମାଜିକ ସ୍ଥିତିକୁ ମଧ୍ୟ ବିଶୃଙ୍ଖଳିତ କରିପାରେ। ଜଣେ ଅତି ପରିଚିତ ହିତୈଷୀଙ୍କ ଠାରୁ ସାହାଯ୍ୟ ପାଇବେ। ଏହା ବ୍ୟତୀତ ସବୁ ପ୍ରକାରର ସୁବିଧା ଥିଲେ ମଧ୍ୟ ଅନ୍ୟାନ୍ୟ କ୍ଷେତ୍ରରେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ତୁଳା**
ଭାଗ୍ୟସ୍ଥାନରେ ରାହୁ ଆପଣଙ୍କ ଧନହାନୀ, ବନ୍ଧୁଙ୍କ ସହ ତିକ୍ତଆଲୋଚନା ସୃଷ୍ଟି କରିପାରେ। ମାମଲାମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ତଥାପି ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବ୍ୟବସାୟ, ପ୍ରଶାସନ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା**
ମୁଖଭାବରେ କେତୁ ଆପଣଙ୍କ କଥାବାର୍ତ୍ତାକୁ ନେଇ ବିତର୍କ ସୃଷ୍ଟିହେବାର ଆଶଙ୍କା ଉପୁଜିପାରେ। ବୃହସ୍ପତିଙ୍କ ଦୃଷ୍ଟି ଜନିତ ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି ଓ ଉନ୍ନତ ଚିନ୍ତା ମଧ୍ୟ ଅନୁରାଧା ନକ୍ଷତ୍ର କରିପାରନ୍ତି। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ତଥା ବିବାଦୀୟ ପରିସ୍ଥିତି, କ୍ରୀଡା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ସାମୟିକ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟତଃ ଦିନଟିରେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, କଳା, ସାହିତ୍ୟ, ସଙ୍ଗୀତ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି।

**ମକର**
ଆପଣ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ, ବ୍ୟବସାୟ ତଥା ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନି ଯୋଗ କରିବା ପାଇଁ ଚେଷ୍ଟା କରିବେ। ଜମିଜମା ବିବାଦର ସମାଧାନ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟପ୍ରତି ଅବହେଳା କରି ଅନୁତାପ କରି ପାରନ୍ତି।

**କୁମ୍ଭ**
ବଳବାନ୍ ଶନିଙ୍କ କୃପାଦୃଷ୍ଟି ଫଳରେ ସ୍ୱାସ୍ଥ୍ୟ ଭଲ ରହିବା ସହ ଅନ୍ୟମାନଙ୍କର ପରୋକ୍ଷ ଶତ୍ରୁତା ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ସଂସ୍ପର୍ଶରେ ଆସିବେ, ଯଦ୍ୱାରା ଆପଣ କେତେକ ବ୍ୟକ୍ତିଗତ ପରାମର୍ଶ ଲାଭକରିବାର ସୁଯୋଗ ପାଇ ପାରିବେ।

**ମୀନ**
ଗ୍ରହସ୍ଥିତିର ଅନୁକୂଳତା ପ୍ରାପ୍ତ ହୋଇ ପ୍ରତ୍ୟେକ କାମକୁ ବିନା ଟେନ୍ସନରେ ସମ୍ପନ୍ନ କରିପାରିବେ। ସଭାସମିତି, ଆଲୋଚନା, ସମ୍ପର୍କସ୍ଥାପନ ତଥା ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

ଆଜି ବୈଶାଖ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ବୁଧବାର, ଏପ୍ରିଲ୍ ୨୪ ତାରିଖ, ବୁଧବାର, ମାନବ ଏକତା ଦିବସ, ଶ୍ରୀମାଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ, ସତ୍ୟସାଇବାବାଙ୍କ ତିରୋଧାନ ଦିବସ,ରାଶି ନକ୍ଷତ୍ର-ମୂଳା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ୮ ।୩୦ମି. ଗତେ ଘ୧୦ ।୦୫ମି. ମଧ୍ୟେ, ଘ୧୧ ।୪୦ମି. ଗତେ ଘ୧ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୫ମି. ଗତେ ଘ୧୧ ।୪୦ମି. ମଧ୍ୟେ, ଘ୨ ।୫୦ମି. ଗତେ ଘ୪ ।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧ ।୪୫ମି. ଗତେ ଘ୧ ।୨୦ମି. ମଧ୍ୟେ ରାହୁକାଳ।

**classifieds Everyday**
0674-2580101, 2549302




**BRIDE WANTED**

Urgent bride requirement for Gudia groom. Qualification-IT, Age-34, Rasi- 5/2, Height- 5'.7". Contact: 9778124128. D-12184

Engineer boy, Age 41, second marriage, looking for Muslim girl from religious, poor or needy family. WhatsApp photo details: 9985784765. D-12228

Now Matrimonial ads. only on Wednesday & Sunday Book 1 Get 1 FREE

ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। 34 ବୟସରୁ ଉର୍ଦ୍ଧ୍ୱ ହୋଇଥିବ। Mob No: 8598834841. D-12281

Khandayat (Divorcee) boy 1978/ MBBS, PG (pediatrics) Doctor USA. 6372663936. D-66128

Bank ଚାକିରିଆ, 40 ବୟସ୍କ, ଛାଡପତ୍ର ବଣିଆ ପୁଅଙ୍କ ପାଇଁ ଯେକୌଣସି ଜାତିର ବିବାହିତା/ଅବିବାହିତା ଝିଅ ଦରକାର: 7008080967. D-60830

ଧୋବା ଜାତିର କମ୍ପାନି ଚାକିରି କରିଥିବା ପୁଅ ପାଇଁ ପାତ୍ରି ଦରକାର। 9337065883, 7609836849. D-64960

**GROOM WANTED**

Wanted groom for 35yrs, State Govt. Employee Kaibarta girl. 8249993227. D-66439

Divorcee bride Lecturer 40, Clerk 43 (caste-no-bar). Contact. 7873374269. D-66440

Groom (Karan, Khandayat) required for divorcee issue less Karan girl, 36, B.A, MSW. 9853356780. D-12297




**SALE**

Looking to purchase Land/ Building at Medical area, Behrampur: 7978426155. D-66441

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66095

Bhubaneswar ପିତାପଲ୍ଲି ଛକକୁ ଲାଗି BDA Commercial plot ସୁଲଭ ମୂଲ୍ୟରେ ମିଳୁଅଛି। 8339920771. D-66357

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-66099

ଭୁବନେଶ୍ୱର AIIMS Medical, DOON School, NMIET College ନିକଟରେ Yellowzone Gharabari 30' road, electricity ଥାଇ boundary plot 1,500/- 9777553622. D-66125

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

**BDAର Southcity IIT Argul ଠାରେ Railway stationରୁ ଅଳ୍ପ ଦୂରତାରେ ପିଚୁରାସ୍ତାର ସୁବିଧାଥାଇ ଘରବାରି plot କିଣନ୍ତୁ Akshya- 8327748629.** D-66352

ଭୁବନେଶ୍ୱର କଣ୍ଟାବାଡ଼/ ଅନ୍ଧାରୁଆରେ (ପିତାପଲ୍ଲୀ-କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

କଟକ-ଭୁବନେଶ୍ୱର Twincity ମଧ୍ୟରେ ନିର୍ମିତ ବୃହତ୍ତମ commercial Hub (Grand bazar) ସମ୍ମୁଖରେ ଘରବାରି ବାସୋପଯୋଗୀ plot ଶସ୍ତାରେ ମିଳୁଅଛି। Sanjaya- 8339826767. D-66354

Gharabari demarcated plot for sale at Bhubaneswar SUM Hospital Nuagaon roadside yellowzone @ 1600/ sqft. 9777063609. D-66129

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇପାଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66359




3BR duplex flat at Tankapani Road with parking 9439833387, 9861393570. D-65641

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Herbal full body massage with refreshment by well trained therapist. 7381239385, 0674-2540855. D-66090

Experience full body massage with us by experts. Enquiry- 0674-2597822, 7377048581. D-66091

Herbal full body massage by smart/expert therapist. Contact: 8338067247. D-66092

Newly opening ayurvedic body massage smart therapist Shree herbal. 7750020754. D-66093

Summer special mesmerizing offer expert therapeutic refreshing massage appointment. 9668374480. D-66094

**AFFIDAVIT**

I, Ayush Agarwal, 18 years, S/o. Raj Kumar Agarwal, Laxmi sagar, Bhubaneswar, I hereby declare vide affidavit Dt. 22.04.2019 that my surname is wrongly mentioned as 'Agrawal' in my Matric Certificate. Hence, both 'Ayush Agarwal' & 'Ayush Agrawal' is one and same person i.e. myself. D-12285

**21st Happy Birthday**



**Sonali Jena (Sonu)**
Phulnakhara, Trinath Bazar
Cos today is your day. It is an oppertunity for you to know that you are special and special things are for you. Today I wish you all the best. *Happy birth day*.
Best Wishes: Sinu, Mama, Rinu, Sima, Dinesh, Rashmi, Motu, Mithun & Friends.
D-12301

**3rd Marriage Anniversary**



**Aditya Barman Jena (Arun)**
**Sonali Mohanty (Mili)**
ଶୁଭେଚ୍ଛା ସହ
ପରିବାରବର୍ଗ
D-12302

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ‘ତେରେ ନାମ୍’ର ସିକ୍ୱେଲ ସ୍କ୍ରିପ୍ଟ ସମ୍ପୂର୍ଣ୍ଣ

୨୦୦୩ର ବ୍ଲକ୍‌ବଷ୍ଟର ଫିଲ୍ମ ‘ତେରେ ନାମ୍’ର ସିକ୍ୱେଲ ସ୍କ୍ରିପ୍ଟ ସମ୍ପୂର୍ଣ୍ଣ ହୋଇଥିବା ଅଭିନେତା ତଥା ଫିଲ୍ମ ନିର୍ମାତା ସତୀଶ କୌଶିକ ପ୍ରକାଶ କରିଛନ୍ତି।

୦୩

୧୫

## ବଜରଙ୍ଗ ଜିତିଲେ ସ୍ୱର୍ଣ୍ଣ

ଭାରତର ବଜରଙ୍ଗ ପୁନିଆ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।






## ୨୫ରେ ୯ ବୁଥରେ ହେବ ସାନି ମତଦାନ

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ୯ଟି ବୁଥ୍‌ର ମତଦାନ ବାତିଲ ହୋଇଥିଲା। ସେହି ବୁଥ୍‌ଗୁଡ଼ିକରେ ଆସନ୍ତା ୨୫ ତାରିଖରେ ସାନି ମତଦାନ ଅନୁଷ୍ଠିତ ହେବ । ଏ ନେଇ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ପୂର୍ବରୁ ଉକ୍ତ ବୁଥଗୁଡିକରେ ପୁଣି ଥରେ ମତଦାନ କରିବାକୁ ସିଇଓ ନିର୍ବାଚନ କମିଶନଙ୍କୁ ସୁପାରିସ କରିଥିଲେ। କମିଶନ ସେହି ସବୁ ମତଦାନ କେନ୍ଦ୍ରଗୁଡ଼ିକରେ ପୁଣି ଥରେ ମତଦାନ କରିବାକୁ ଅନୁମତି ଦେଇଛନ୍ତି। ସେହି ମତଦାନ କେନ୍ଦ୍ରଗୁଡ଼ିକ ହେଲା ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉପରପଡ଼ା କେନ୍ଦ୍ରିକେଳା ୟୁଜି ୟୁପି ସ୍କୁଲର ୧୨୯ ନମ୍ବର ବୁଥ, ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗଢିପ ୟୁପି ସ୍କୁଲର ୨୧୩ ନମ୍ବର ବୁଥ, ଦଶପଲ୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

ନ୍ୟାୟାଳୟ ଉପରେ ଛିଟା

## ■ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ

# ସନ୍ଧ୍ୟା ୬ଟା ସୁଦ୍ଧା ୬୪ % ମତଦାନ

- ଭୁବନେଶ୍ୱରରେ ମତଦାନ ହାର ବୃଦ୍ଧି
- ଇଭିଏମ୍‌ରେ ସିଲ୍ ୪୧୭ ପ୍ରାର୍ଥୀଙ୍କ ଭାଗ୍ୟ
- ପୋଲିଂ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ନିଜ ଅଞ୍ଚଳରେ ଭୋଟ ଦେଲେ ହେଭିୱେଟ ନେତା

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ମଙ୍ଗଳବାର ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଏହିପର୍ଯ୍ୟାୟରେ ୬ ଲୋକସଭା ଓ ୪୨ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୧୭ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମତଦାନ କେନ୍ଦ୍ରଗୁଡ଼ିକରେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଏହାର ଦେଢ଼ଘଣ୍ଟା ପୂର୍ବରୁ ମକ୍‌ପୋଲ କରାଯାଇଥିଲା। ସକାଳେ ମତଦାନ ସାମାନ୍ୟ ଧୀମା ରହିଥିଲା। ମଧ୍ୟାହ୍ନରେ ପ୍ରବଳ ଖରା ଯୋଗୁ ଟିକେ ମାନ୍ଦା ପଡ଼ିଥିବାବେଳେ ଅପରାହ୍ନରେ ମତଦାନ ହାର ବୃଦ୍ଧି ପାଇଥିଲା।

ପୂର୍ବାହ୍ନ ୧୦ଟା ବେଳକୁ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭୋଟ ହାରରେ ମଧ୍ୟ ବୃଦ୍ଧି ଘଟିଥିଲା। ସକାଳ ୯ଟା ସୁଦ୍ଧା ମତଦାନ ହାର ୬ ପ୍ରତିଶତ ହୋଇଥିବାବେଳେ ପୂର୍ବାହ୍ନ ୧୧ଟା ବେଳକୁ ୧୮ ଏବଂ ଅପରାହ୍ନ ୩ଟା ବେଳକୁ ମତଦାନ ହାର ୪୭ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ମତଦାନ ୬୪ ପ୍ରତିଶତ ହୋଇଥିଲା। ମତଦାତାମାନେ ବୁଥ ସମ୍ମୁଖରେ ଲମ୍ବା ଲାଇନରେ ଛିଡାହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖାଯାଇଥିଲା। କେବଳ ଜନତା ନୁହଁନ୍ତି ନେତାମାନେ ମଧ୍ୟ ଉତ୍ସାହର ସହ ଭୋଟ ଦେଉଥିବା ଦେଖାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବହୁ ପ୍ରମୁଖ ନେତା ତଥା ପିନାକୀ ମିଶ୍ର, ଭର୍ତ୍ତୃହରି ମହତାବ, ପୃଷ୍ଠା-୧୨



ଭୁବନେଶ୍ୱର ଲକ୍ଷ୍ମୀସାଗର ହାଇସ୍କୁଲର ଏକ ବୁଥ୍‌ରେ ମତଦାନ ପାଇଁ ଭିଡ଼ ଜମାଇଥିବା ଭୋଟର ।

## ବହୁ ସ୍ଥାନରେ ଇଭିଏମ୍ ଅଚଳ

- ଭୋଟଦାନ ବାଧାପ୍ରାପ୍ତ
- କେତେକ ସ୍ଥାନରେ ହିଂସା
- ଆଠଗଡ଼ରେ ଇଭିଏମ୍‌ରେ ନିଆଁ
- ୨ ସ୍ଥାନରେ ମତଦାନ ବାତିଲ, ସାନି ନିର୍ବାଚନ ପାଇଁ ସୁପାରିସ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ରାଜ୍ୟର ୬ ଲୋକ ସଭା ଆସନ ଏବଂ ଏହା ଅଧୀନ ୪୨ ବିଧାନସଭା କ୍ଷେତ୍ରରେ ମଙ୍ଗଳବାର ଭୋଟ ଗ୍ରହଣ ହୋଇଛି। ପୂର୍ବ ପ୍ରସ୍ତୁତି ସତ୍ତ୍ୱେ ରାଜଧାନୀ ଭୁବନେଶ୍ୱର ସମେତ ଅନ୍ୟ କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଦେଖାଦେଇଛି। ଏହି କାରଣରୁ ଅନେକ ସ୍ଥାନରେ ମତଦାନ ବିଳମ୍ବ ଓ ବାଧାପ୍ରାପ୍ତ ହୋଇଛି। ସେହିପରି ମତଦାନବେଳେ କେତେକ ସ୍ଥାନରେ ହିଂସା ସହ ଇଭିଏମ୍ ଭଙ୍ଗାରୁଜା ମଧ୍ୟ ହୋଇଛି। ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ଯୋଗୁ ବିଜେଡି ନେତା ଦେବାଶିଷ ସାମନ୍ତରାୟ, ଚନ୍ଦ୍ରସାରଥି ବେହେରା ଏବଂ ଭାଜପା ନେତା ପ୍ରକାଶ ମିଶ୍ରଙ୍କୁ କଟକ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନୋଟିସ କରାଯାଇଛି। ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ୧୮୩ ନମ୍ବର ବୁଥ ଏବଂ କଟକ ଜିଲା ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍ ନମ୍ବର ୧୯୬ରେ ଭୋଟ ଗ୍ରହଣ ବାତିଲ କରାଯାଇଛି। ଇଭିଏମ୍ ଏବଂ ଭିଭିପିଏଟି ପ୍ୟାୟାରିଂରେ ତ୍ରୁଟିଯୋଗୁ ଉକ୍ତ ଦୁଇଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ହୋଇ ପାରି ନାହିଁ। ମନୁଷ୍ୟକୃତ ତ୍ରୁଟି ଯୋଗୁ ଏଭଳି ସମସ୍ୟା ହୋଇଛି। ଉକ୍ତ ଦୁଇଟି ବୁଥରେ ସାନି ମତଦାନ ପାଇଁ ନିର୍ବାଚନ କମିଶନଙ୍କୁ ସୁପାରିସ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି। ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ବାଣପୁର ଥାନା ଓ ବେଗୁନିଆ ନିର୍ବାଚନମଣ୍ଡଳୀର ବୋଲଗଡ ଥାନା ଅଞ୍ଚଳରେ ରାଜନୈତିକ ହିଂସା ହୋଇ ୩ ଆହତ ହୋଇଛନ୍ତି। ପୃଷ୍ଠା-୧୨

# ‘ନବୀନଙ୍କ ଗାଦି ଛାଡ଼ିବାର ସମୟ ଆସିଲାଣି’

## କେନ୍ଦ୍ରାପଡ଼ା, ବାଲେଶ୍ୱର ବିଜୟ ସଂକଳ୍ପ ସଭାରେ ମୋଦି

- ଓଡ଼ିଶାରେ ଶେଷ ପ୍ରଚାର, ସରକାର ଆସିଲେ ପୁଣି ଆସିବି
- ନୂଆ ଭାରତ ଗଠନରେ ଡବଲ୍ ଇଞ୍ଜିନର ରହିଛି ଆବଶ୍ୟକତା
- ବକ୍ତବ୍ୟରେ ‘ଜୟ ଅନୁସନ୍ଧାନ’ ସ୍ଲୋଗାନ ଯୋଡ଼ିଲେ




କେନ୍ଦ୍ରାପଡ଼ାର ସିଦ୍ଧମଠ ପଞ୍ଚାୟତ ପଡ଼ିଆରେ ମଙ୍ଗଳବାର ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ନେତୃବୃନ୍ଦ ।

**କେନ୍ଦ୍ରାପଡ଼ା ଅଫିସ/ ବାଲେଶ୍ୱର ଅଫିସ/ ବସ୍ତା/ରୂପସା,୨୩।୪ (ଡି.ଏନ୍.ଏ.)**

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗାଦି ଛାଡ଼ିବାର ସମୟ ଆସିଗଲାଣି। ଏଥର ବିଜେଡି ଯିବ ଓ ଭାଜପା ଆସିବା ସୁନିଶ୍ଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରାପଡ଼ା ଗସ୍ତ ଅବସରରେ ଏହା କହିଛନ୍ତି। ଏଥିସହ ସେ ପ୍ରକାଶ କରିଛନ୍ତି ଯେ, ଓଡ଼ିଶାରେ ଏହା ତାଙ୍କର ଶେଷ ନିର୍ବାଚନ ପ୍ରଚାର । ଏହାପରେ ନୂଆ ସରକାର ଆସିଲେ ପୁଣି ଆସିବେ। ଏଥର ଯେଉଁ ଭଲପାଇବା ରାଜ୍ୟରେ ତାଙ୍କୁ ମିଳିଛି, ତାହା ଗତଥର ମିଳି ନ ଥିଲା ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି ବାଲେଶ୍ୱରର ବସ୍ତାଠାରେ ପୃଷ୍ଠା-୧୨

# ‘ମୋଦି ସରକାର ଲୋକଙ୍କ ବିଶ୍ୱାସ ହରାଇଛି’

**ଖଇରା, ୨୩।୪(ଡି.ଏନ.ଏ.)**

ଗତ ନିର୍ବାଚନରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ନରେନ୍ଦ୍ର ମୋଦିଙ୍କ ସରକାର ବହୁ ମତରେ କ୍ଷମତାକୁ ଆସିଲେ। କିନ୍ତୁ ବିମୁଦ୍ରୀକରଣ, ଜିଏସ୍‌ଟି ପ୍ରଚଳନ ଭଳି ପଦକ୍ଷେପ ଯୋଗୁ ବହୁ ଲୋକ ନିଯୁକ୍ତି ହରାଇଲେ ଓ ବହୁ ବ୍ୟବସାୟୀ କ୍ଷତିଗ୍ରସ୍ତ ହେଲେ। ଗରିବ ଲୋକ ଗରିବ ହୋଇ ରହିଲେ। ମୋଦି ସରକାର ଲୋକଙ୍କର ବିଶ୍ୱାସ ହରାଇ ସାରିଛନ୍ତି। ଗୁଜରାଟ ମଡେଲ କଥା କହି ମୋଦି ବିଭିନ୍ନ ରାଜ୍ୟରେ ନିର୍ବାଚନ ପ୍ରଚାର କରିଥିଲେ ମଧ୍ୟ ସେଠାରେ ଭୋଟରମାନେ ତାଙ୍କୁ ନିର୍ବାଚନରେ ହରାଇଛନ୍ତି। ଏଥର ପୁଣି ସେ ନିଶ୍ଚିତ ହାରିବେ। ନରେନ୍ଦ୍ର ମୋଦିଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ସିଧା ସମାଲୋଚନା କରିଛନ୍ତି। ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଖଇରା ବ୍ଲକ ପତିରାଜପୁର ମେଳନ ପଡିଆରେ ମଙ୍ଗଳବାର ଆୟୋଜିତ ସ୍ୱାଭିମାନ ଶଙ୍ଖନାଦ ସମାରୋହରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ବକ୍ତବ୍ୟ ଦେଇ ଭାଜପା ଓ କେନ୍ଦ୍ର ସରକାରଙ୍କ ପୃଷ୍ଠା-୧୨

## ସ୍ୱାଭିମାନ ଶଙ୍ଖନାଦ ସମାରୋହରେ ନବୀନ ବର୍ଷିଲେ




ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଥିବା ବେଳେ ନିକଟରେ ଉପସ୍ଥିତ ଅଛନ୍ତି ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

- ବିମୁଦ୍ରୀକରଣ, ଜିଏସ୍‌ଟି ଯୋଗୁ ଲୋକେ କ୍ଷତିଗ୍ରସ୍ତ
- ଗରିବ ଲୋକ ଗରିବ ହୋଇ ରହିଲେ
- ଗୁଜରାଟ ମଡେଲ କଥା ଫେଲ୍ ହୋଇଛି

**ଆଜିର ମନ୍ତବ୍ୟ**

“ଭାଜପାର ବିଜୟ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ରୀୟ ବଳ କାମ କରୁଛି।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ରେ ଦେଶରୁ ଫାର୍ମା ପ୍ରଡକ୍ଟ ରପ୍ତାନି ୧୧% ବୃଦ୍ଧି ଘଟି ୧୯.୨ ବିଲିୟନ ଡଲାର ଛୁଇଁଛି।

**- ବାଣିଜ୍ୟ ମନ୍ତ୍ରଣାଳୟ**

NECC NATIONAL EGG CO-ORDINATION COMMITTEE | 23.04.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 98 | 155 | 165 |
| CTC | 99 | 157 | 167 |
| DKL | 99 | 157 | 167 |
| BDK | 102 | 161 | 171 |
| BLS | 102 | 161 | 171 |
| ANG | 99 | 157 | 167 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers

# ଖ୍ରୀଷ୍ଟଚର୍ଚ୍ଚର ପ୍ରତିଶୋଧ ଶ୍ରୀଲଙ୍କାରେ

## ମୃତ୍ୟୁସଂଖ୍ୟା ୩୨୧ରେ ପହଞ୍ଚିଲା

- ନିଜକୁ ଦାୟୀକଲା ଆଇଏସ୍
- ୪୦ ସନ୍ଦିଗ୍ଧ ଗିରଫ ହେଲେଣି

**କଲମ୍ବୋ,୨୩।୪**

ଗତ ମାର୍ଚ୍ଚ ମାସରେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚସ୍ଥିତ ଦୁଇ ମସ୍‌ଜିଦରେ ହୋଇଥିବା ଆଖିବୁଜା ଗୁଳିମାଡର ପ୍ରତିଶୋଧ ହେଉଛି ଭୟଙ୍କର ଇଷ୍ଟର ସଣ୍ଡେ ବିସ୍ଫୋରଣ। ଶ୍ରୀଲଙ୍କାର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ରୁୱାନ ୱିଜେବର୍ଦ୍ଧନେ ମଙ୍ଗଳବାର ଏଭଳି ସଂସଦରେ କହିଛନ୍ତି। ତଦନ୍ତରୁ ତାହା ଜଣାପଡିଥିବା ସେ ପ୍ରକାଶ କରିଛନ୍ତି। ଶ୍ରୀଲଙ୍କା ଆତଙ୍କବାଦୀ ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ଏବେ ୩୨୧ରେ ପହଞ୍ଚିଥିବା ବେଳେ ଏଥିରେ ୩୮ ବିଦେଶୀଙ୍କ ସହ ୧୦ ଜଣ ଭାରତୀୟ ମଧ୍ୟ ପ୍ରାଣ ହରାଇଛନ୍ତି। ଏବେବି ପ୍ରାୟ ୩୦ ଜଣ ବିଦେଶୀ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ମଙ୍ଗଳବାର ମୃତକଙ୍କ ସମୂହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ପ୍ରକାଶ।

ଘଟଣାକୁ ନେଇ କଲମ୍ବୋରେ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଥିବାବେଳେ କୋଲୁପେଟିୟା ରେଲୱେଷ୍ଟେଶନରୁ ପୋଲିସକୁ ଏକ ସନ୍ଦିଗ୍ଧ ପାର୍ସଲ ମିଳିଛି। ଆତଙ୍କୀ ବିସ୍ଫୋରଣ ମାମଲାରେ ଏପର୍ଯ୍ୟନ୍ତ ୪୦ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ସାଙ୍ଗ୍ରି-ଲା ଓ ଚିନ୍ନାମମ ଗ୍ରାଣ୍ଡ ହୋଟେଲରେ ଆତ୍ମଘାତୀ ବିସ୍ଫୋରଣ ପଛରେ ଦୁଇ ମୁସଲମାନ ଭ୍ରାତାଙ୍କ ହାତ ଥିବା ମଧ୍ୟ ପୋଲିସ କହିଛି। ସ୍ଥାନୀୟ ଇସଲାମିକ ଗୋଷ୍ଠୀ ଏଭଳି କାଣ୍ଡରେ ସାମିଲ ଥିବା ପୋଲିସ କହିଥିଲାବେଳେ ଏହା ପଛରେ ବିଦେଶୀ ଶକ୍ତିର ହାତ ପୃଷ୍ଠା-୧୨



ଏକ ମୃତଦେହକୁ ଶେଷକୃତ୍ୟ ନିମନ୍ତେ ନିଆଯାଉଛି।



# ନ୍ୟାୟାଳୟ ଉପରେ ଛିଟା

ଭାରତୀୟ ନ୍ୟାୟପାଳିକାର ସର୍ବୋଚ୍ଚ ଆସନ ଉପରେ ପୁନର୍ବାର କଳାବାଦଲ ଘୋଟିଯାଇଛି। ବର୍ତ୍ତମାନର ପ୍ରଧାନ ବିଚାରପତି(ସିଜେଆଇ) ରଞ୍ଜନ ଗୋଗୋଇଙ୍କ ସମେତ ବରିଷ୍ଠ ବିଚାରପତି ଜଷ୍ଟିସ୍ ଚେଲାମେଶ୍ୱର, ମଦନ ବି ଲକୁର ଏବଂ କୁରିୟନ ଯୋଶେଫ୍ ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ମାମଲା ବଣ୍ଟନରେ ଅନିୟମିତତା ଅଭିଯୋଗ ଆଣି ୧୨ ଜାନୁୟାରୀ ୨୦୧୮ରେ ଏକ ଖବରଦାତା ସମ୍ମିଳନୀ ଡାକିଥିଲେ। ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ତାହା ଥିଲା ଐତିହାସିକ ବିଦ୍ରୋହ। ଏବେ ଖୋଦ୍ ଗୋଗୋଇଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିଛି। ଏହାକୁ ଗୋଗୋଇ ଅସ୍ୱୀକାର କରିବା ସହ ନ୍ୟାୟ ବ୍ୟବସ୍ଥା ବିପଦରେ ପଡ଼ିଛି ବୋଲି କହିଛନ୍ତି। ଏଠାରେ ମନେପଡ଼େ, ଦି ଏନର୍ଜି ଆଣ୍ଡ୍ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍(ଟିଇଆର୍ଆଇ)ର ପୂର୍ବତନ ଅଧ୍ୟକ୍ଷ ତଥା ମହାନିର୍ଦ୍ଦେଶକ ଆର୍.କେ. ପାଚୋରୀଙ୍କ ବିରୋଧରେ ଜଣେ ୨୯ ବର୍ଷୀୟା ଗବେଷିକା ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ତାହାକୁ ସେ ଅନୁରୂପ ଢଙ୍ଗରେ ଖଣ୍ଡନ କରିଥିଲେ। ସେତେବେଳେ ଅଦାଲତ ପାଚୋରୀ ମାମଲାରେ ପ୍ରତିକ୍ରିୟା ପ୍ରକାଶ କରି ତାଙ୍କୁ ଦଣ୍ଡିତ କରିଥିବା ବେଳେ ଏବେ ଅଦାଲତ ଏଭଳି ସମାନ ମାମଲାକୁ ଏପର୍ଯ୍ୟନ୍ତ ଅନ୍ୟ ଢଙ୍ଗରେ ଦେଖିଲା ଭଳି ମନେହେଉଛି। ଏପରିକି ବାର୍ କାଉନସିଲ ଅଫ୍ ଇଣ୍ଡିଆ ଗୋଗୋଇଙ୍କ ନାମରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗକୁ ନିନ୍ଦା କରିବା ସହ ଏହାକୁ ମିଥ୍ୟା ଆଖ୍ୟା ଦେଇଥିଲା। ବିନା ତଦନ୍ତରେ କେଉଁଭଳି ଭାବେ ବାର୍ କାଉନସିଲର ଆଇନଜୀବୀମାନେ ଏଭଳି ନିର୍ଣ୍ଣାୟକ ସିଦ୍ଧାନ୍ତରେ ଉପନୀତ ହେଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ଅନ୍ୟପକ୍ଷରେ ସିଜେଆଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗକୁ ସେ ଯେପରି ପରିଚାଳନା କଲେ, ତାହାକୁ ଏପ୍ରିଲ ୨୨ରେ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ(ଏସ୍‌ସିବିଏ) ଏବଂ ସୁପ୍ରିମକୋର୍ଟ ଆଡଭୋକେଟ୍ସ ଅନ୍ ରେକର୍ଡ ଆସୋସିଏଶନ(ଏସ୍‌ସିଏଓଆର୍‌ଏ) ବିରୋଧ କରିଛନ୍ତି। ଅର୍ଥାତ୍ ସୁପ୍ରିମକୋର୍ଟର ଏହି ଦୁଇ ଓକିଲ ସଂଘ ସିଧାସଳଖ ଭାରତର ପ୍ରଧାନ ବିଚାରପତିଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି।

ଏଠାରେ କୁହାଯାଇପାରେ ଯେ, ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟରେ ଚାକିରି କରୁଥିବା ମହିଳା (ଯାହାଙ୍କୁ ଏବେ ବହିଷ୍କୃତ କରାଯାଇଛି) ଆଣିଥିବା ଅଭିଯୋଗକୁ ଅଣଦେଖା କରି ଲୋକଲୋଚନରୁ ହଟେଇ ଦେବା ଭାରତୀୟ ବ୍ୟବସ୍ଥା ପାଇଁ ଏକ ସ୍ୱାଭାବିକ ପଦକ୍ଷେପ। ଜଣେ ଶକ୍ତିଶାଳୀ ପୁରୁଷଙ୍କ ବିରୋଧରେ ଯଦି କୌଣସି ଅଭିଯୋଗ ଅଣାଯାଏ ଏବଂ ଅଭିଯୋଗକାରୀ ଯଦି ମହିଳା ହୋଇଥାଆନ୍ତି, ତେବେ ସେହି ଅଭିଯୋଗ ଉପରେ ଦୃଷ୍ଟି ପଡ଼ିବା ଅସମ୍ଭବ। ପୁରୁଷପ୍ରଧାନ ଦେଶ ଭାରତରେ ଯେକୌଣସି ମହିଳାଙ୍କ ଚରିତ୍ର ସଂହାର କରି ସତ୍ୟ ଅଭିଯୋଗକୁ ମଧ୍ୟ ଅସତ୍ୟ କରିଦେଲେ ସମସ୍ତେ ବିଶ୍ୱାସ କରିଯିବେ। କିନ୍ତୁ ଜଣେ ବିଚାରପତି ଯଦି ନିଜର ବ୍ୟାଙ୍କ ଆକାଉଣ୍ଟରେ ମାତ୍ର ୬ ଲକ୍ଷ ଟଙ୍କା ଅଛି ବୋଲି କହି ସଚ୍ଚୋଟପଣିଆ ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଥାଆନ୍ତି, ତେବେ ସେହି ଖଣ୍ଡାର ଦୁଇ ପାଖରେ ଧାର ରହିଛି ବୋଲି ସମସ୍ତେ ବୁଝୁଛନ୍ତି। ବିଫଳତାର ପ୍ରଥମ ସୂଚନା ମିଳିଥାଏ ଆର୍ଥିକ ସ୍ଥିତିରୁ। ଅନ୍ୟପଟେ ଆୟବହିର୍ଭୂତ ରୋଜଗାରକୁ କେହି ବ୍ୟାଙ୍କରେ ରଖନ୍ତି ନାହିଁ।

ନିକଟରେ 'ମିଟୂ' ଅଭିଯାନ ଦେଶରେ ହଇଚଇ ସୃଷ୍ଟି କରିଥିଲା। ଏହାଦ୍ୱାରା ସମାଜର ବିଭିନ୍ନ ବର୍ଗରେ ଘଟୁଥିବା ଯୌନ କେଳେଙ୍କାରୀ ପଦାକୁ ଆସିଥିଲା। ସେହି ଦୃଷ୍ଟିରୁ ଦେଖିଲେ ସିଜେଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ହାଲୁକା ଭାବେ ନିଆଯାଇ ନ ପାରେ। ଏହି ଘଟଣାରେ ସମ୍ପୃକ୍ତା ମହିଳାଙ୍କ ଦ୍ୱାରା ସମସ୍ତ ବିଚାରପତିଙ୍କୁ ଦିଆଯାଇଥିବା ସତ୍ୟପାଠରେ ନିଜ ପ୍ରତି ହୋଇଥିବା ଅନ୍ୟାୟ ବର୍ଣ୍ଣନା କରାଯିବା ପରେ ଏହା ସାମ୍ନାକୁ ଆସିଛି। ଏଥିରୁ ଏତିକି ମନେ କରାଯାଇପାରେ ଯେ, ଜଣେ ସାଧାରଣ ମହିଳା ସିଜେଆଇଙ୍କ ଭଳି ଜଣେ ଉଚ୍ଚ ପଦବୀଧାରୀଙ୍କ ବିରୋଧରେ ଅଭିଯୋଗ ଆଣିବାକୁ ସତ୍ ସାହସ ଦେଖାଇ ପାରିଛନ୍ତି। ଯଦିବା ଦୁର୍ବ୍ୟବହାର ହୋଇଥିବ, ତାହାକୁ ଏବେ ପ୍ରମାଣ କରିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର। 'ମିଟୂ' ଆନ୍ଦୋଳନକୁ ଦେଖିଲେ ବହୁ କ୍ଷେତ୍ରରେ ପୁରୁଷଙ୍କ ବିରୋଧରେ ମହିଳାମାନେ ଦୀର୍ଘବର୍ଷ ପରେ ଯୌନ ଶୋଷଣ ଅଭିଯୋଗ ଆଣୁଛନ୍ତି। ଏହାର କାରଣ ହେଉଛି ଆମେ ଏପରି ଏକ ସମାଜରେ ବସବାସ କରୁଛେ, ଯେଉଁଠାରେ ସାଧାରଣ ମହିଳାଙ୍କ ପ୍ରତି ଅସହିଷ୍ଣୁଭାବ ରହୁଛି। ସାଧାରଣତଃ ଲୋକଲଜ୍ଜା ତଥା ସାମାଜିକ ବାସନ୍ଦ ଭୟରେ ମହିଳାମାନେ ଏଭଳି ଅଭିଯୋଗ ଆଣିବାରୁ ଦୂରେଇ ରହିଥାନ୍ତି।

ଆଜି ଏଭଳି ଏକ ସମୟ ଉପନୀତ ହୋଇଛି ଯେ, ବିଭିନ୍ନ ସାମ୍ବିଧାନିକ ଅନୁଷ୍ଠାନ ଭିତରୁ ଓ ବାହ୍ୟ ପ୍ରଭାବରୁ ନଷ୍ଟ ହେଉଛନ୍ତି। ନ୍ୟାୟ ବ୍ୟବସ୍ଥା କଥା ଦେଖିଲେ ଏବେ ପୁନଶ୍ଚ ଶୀର୍ଷ ଅଦାଲତର ମର୍ଯ୍ୟାଦାରୂପକ ମୂଳରେ କୁରାଢ଼ି ଚୋଟ ବାଜିଛି। ଆହୁରି କ୍ଷତି ହେବା ପୂର୍ବରୁ ଏହାକୁ ସୁରକ୍ଷା ପ୍ରଦାନ କରାଯିବା ଆବଶ୍ୟକ। ଏଭଳି ପରିସ୍ଥିତିରେ ସିଜେଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ କେବେହେଲେ ହୋଇପାରିବ ନାହିଁ। ଏଥିରେ ଓକିଲ, ସରକାର ଏବଂ ଅନ୍ୟ କାହାରି ସହଯୋଗ ମିଳିବ ବୋଲି ଭାବିବା ଏକ ଭ୍ରାନ୍ତ ଧାରଣା। କିଛିଦିନ ଗଡ଼ିଗଲେ, ବିଶେଷକରି ନିର୍ବାଚନ ତାତିରେ, ଏଭଳି କଥାକୁ ଜନସାଧାରଣ ଓ ଗଣମାଧ୍ୟମ ଭୁଲିଯିବେ। ଏହାପରେ ପୁନର୍ବାର ରଞ୍ଜନ ଗୋଗୋଇଙ୍କ ଭଳି ସିଜେଆଇ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବା ଲାଗି ମଙ୍ଗଧରି ବସିବେ। ଅବସର ହେବ ତାଙ୍କ ବିଦାୟର ଏକମାତ୍ର ସ୍ୱାଭାବିକ ପନ୍ଥା। ଏହା ହେଉଛି ଭାରତୀୟ ନ୍ୟାୟ ବ୍ୟବସ୍ଥାର ଜ୍ୱଳନ୍ତ ଉଦାହରଣ।

# ତଥ୍ୟ ପ୍ରଦାନରେ ସରକାରଙ୍କ ପଛଘୁଞ୍ଚା



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ଲୋକଙ୍କଠାରୁ ତଥ୍ୟ ଲୁଚାଇବାରେ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ କେନ୍ଦ୍ର ସରକାରଙ୍କ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ବୋଧହୁଏ ସବୁଠୁ ଆଗରେ। ପୂର୍ବ ସରକାର ସମୟରେ ଏହି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦୁଇଟି ପ୍ରମୁଖ କାର୍ଯ୍ୟକ୍ରମ ଯଥା ରାଷ୍ଟ୍ରୀୟ ଗ୍ରାମ୍ୟ ପାନୀୟ ଜଳ କାର୍ଯ୍ୟକ୍ରମ ଓ ସମ୍ପୂର୍ଣ୍ଣ ପରିମଳ ଅଭିଯାନ ପାଇଁ ଏକ ବଳିଷ୍ଠ ତଥ୍ୟ ପରିଚାଳନା ଓ ସୂଚନା ବ୍ୟବସ୍ଥା ଆରମ୍ଭ ହୋଇଥିଲା। ତାହା ମଧ୍ୟ ଯଥାଯଥ ଭାବେ କାର୍ଯ୍ୟକାରୀ ହେଉଥିଲା। ଜଣେ ସାଧାରଣ ଲୋକ ବିଭାଗର ୱେବ୍‌ସାଇଟକୁ ଯାଇ ପରିମଳ ଓ ପାନୀୟ ଜଳ ସମ୍ବନ୍ଧିତ ତଥ୍ୟ ପାଇପାରୁଥିଲା। କେବଳ ଦେଶ ବା ରାଜ୍ୟର ସ୍ଥିତି ନୁହେଁ, ପ୍ରତ୍ୟେକ ପରିବାରର ତଥ୍ୟ ମିଳିପାରୁଥିଲା। ଜଣେ ଚାହିଁଲେ କାହାର ପାଇଖାନା ତିଆରି ହେଲାଣି, କାହାର ନାହିଁ ତାହା ଜାଣି ପାରୁଥିଲା। କାହାକୁ ପାଇଖାନା ପାଇଁ ରିହାତି ପଇସା ମିଳିଲା, କେବେ ମିଳିଲା ତାହା ସହଜରେ ଜାଣି ପାରୁଥିଲା। କେଉଁ ଗାଁର ପାଇଖାନା ସଂଖ୍ୟା କେତେ ଅଛି, କେଉଁ ମାସରେ କେତେ ପାଇଖାନା ତିଆରି ହେଲା ତାହା ଜଣେ ସହଜରେ ଜାଣି ପାରୁଥିଲା। ସେହିପରି ପାନୀୟ ଜଳ ସମ୍ବନ୍ଧିତ ପ୍ରାୟ ସମସ୍ତ ତଥ୍ୟ ୱେବ୍‌ସାଇଟ ମାଧ୍ୟମରେ ହାସଲ କରିବାର ବ୍ୟବସ୍ଥା ଥିଲା। ଖାଲି ଗାଁ ନୁହେଁ, ବସ୍ତିର ପାନୀୟ ଜଳ ସ୍ଥିତିର ସୂଚନା ମଧ୍ୟ ମିଳୁଥିଲା। କେତୋଟି ଓ କି କି ଜଳଉତ୍ସ ଅଛି ତାହା ଜଣେ ଜାଣିପାରୁଥିଲା। କେଉଁ ଜଳଉତ୍ସର ଜଳ ପରୀକ୍ଷା କେବେ ହୋଇଥିଲା ଓ ପରୀକ୍ଷଣରେ ବିଭିନ୍ନ ବ୍ୟାକ୍ଟେରିଆ ଓ ରସାୟନର ମାତ୍ରା କେତେ ଥିଲା ତାହା ୱେବ୍‌ସାଇଟରୁ ଉପଲବ୍ଧ ହେଉଥିଲା। ସେହି ତଥ୍ୟକୁ ଠୁଳକରି ଜଣେ ଚାହିଁଲେ ବିଭିନ୍ନ ବିଷୟରେ ତର୍ଜମା କରିପାରୁଥିଲା।

ଏବେ ଆଉ ସେହି ସ୍ଥିତି ନାହିଁ। ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ ତତ୍କାଳୀନ ସମ୍ପୂର୍ଣ୍ଣ ପରିମଳ ଅଭିଯାନ ସ୍ୱଚ୍ଛ ଭାରତ ଅଭିଯାନରେ ପରିବର୍ତ୍ତିତ ହେଲା। ପ୍ରଥମ କିଛି ବର୍ଷ ପାଇଁ ଉଭୟ ପରିମଳ ଓ ପାନୀୟ ଜଳ ସମ୍ବନ୍ଧିତ ତଥ୍ୟ ୱେବ୍‌ସାଇଟରେ ପୂର୍ବ ଭଳି ରହିଲା। କିନ୍ତୁ ତା' ପରେ ସେହି ବିଭାଗର ଉଭୟ ପରିମଳ ଓ ପାନୀୟଜଳ ୱେବ୍‌ସାଇଟ ମଇଳା ହେବା ଆରମ୍ଭ ହେଲା। ଲୋକଙ୍କଠୁ ତଥ୍ୟ ଲୁଚାଇବାର ପ୍ରକ୍ରିୟା ଆରମ୍ଭ ହୋଇଗଲା। ପ୍ରଥମେ ପାଳିପଡିଲା ସ୍ୱଚ୍ଛ ଭାରତ (ଗ୍ରାମୀଣ) ସମ୍ବନ୍ଧିତ ୱେବ୍‌ସାଇଟର। ଏବେ ଜଣେ ସ୍ୱଚ୍ଛ ଭାରତ ୱେବ୍‌ସାଇଟକୁ ଗଲେ ଅତି ବେଶିରେ ଭାରତରେ ଓ ଭାରତର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ପ୍ରଦେଶରେ କେତେ ପ୍ରତିଶତ ପାଇଖାନା ଲକ୍ଷ୍ୟ ହାସଲ ହୋଇଛି ସେତିକି ତଥ୍ୟ ପାଇବ। ଜିଲାଓ୍ୱାରି ତଥ୍ୟ ପାଇବ ନାହିଁ। ଘର, ଗାଁ, ପଞ୍ଚାୟତର ତଥ୍ୟ ତ ଦୂରର କଥା। ଏବେ କେବଳ କେତେ ଗାଁ ବାହ୍ୟ ମଳମୁକ୍ତ ହେଲା ତାହାର ସଂଖ୍ୟା ହିଁ ମିଳିବ, ତାହାଠୁ ଅଧିକ କିଛି ନୁହେଁ। କେଉଁ ଗାଁ ବାହ୍ୟମଳମୁକ୍ତ ହେଲାଣି ତାହା ଜଣେ ଜାଣିବାର ସୁଯୋଗ ନାହିଁ।

ଏଯାଏଁ ପାନୀୟ ଜଳର ବିସ୍ତୃତ ତଥ୍ୟ ପ୍ରଦାନ କରୁଥିବା ୱେବ୍‌ସାଇଟ ଏବେ ସେହି ସମାନ ରାସ୍ତା ଧରିଛି। ଯେଉଁ ୱେବ୍‌ସାଇଟରୁ ପ୍ରତି ଉତ୍ସ, ପ୍ରତି ବସ୍ତିର ତଥ୍ୟ ମିଳୁଥିଲା ସେଠି ଏବେ କେବଳ କିଛି ମୋଟା ତଥ୍ୟ ହିଁ ମିଳୁଛି। ଉଦାହରଣସ୍ୱରୂପ, ଏବେ କେବଳ ରାଜ୍ୟ ଓ ଜିଲାର କେତେ ପ୍ରତିଶତ ଲୋକଙ୍କୁ ପାଇପ ଜଳ ମିଳୁଛି ତାହାର ମୋଟ ସଂଖ୍ୟା ଓ ପ୍ରତିଶତ ହିଁ ଦିଆଯାଉଛି। ଆଗରୁ ଜଣେ ଚାହିଁଲେ ଗୋଟିଏ ଗାଁ ଓ ବସ୍ତିରେ କେତେ ଲୋକ ପାଇପ ଜଳ ପାଉଛନ୍ତି ତାହାର ତଥ୍ୟ ପାଇପାରୁଥିଲା। ସେହିପରି ଏବେ କେବଳ କେତୋଟି ଜଳଉତ୍ସର ପାଣି ପରୀକ୍ଷା ହୋଇଛି ଓ ତହିଁରୁ ମୋଟ କେତୋଟି ପ୍ରଦୂଷିତ ତାହାର ମୋଟ ସଂଖ୍ୟା ହିଁ ମିଳୁଛି। ପୂର୍ବରୁ ପ୍ରତି ଉତ୍ସର ତଥ୍ୟ ମିଳୁଥିଲା। ପାଣି କେବେ ପରୀକ୍ଷା ହୋଇଥିଲା ଓ ତାହାର ଫଳ କ'ଣ ମିଳିଥିଲା ତାହା ଜଣେ ଜାଣିପାରୁଥିଲା। ଏବେ କେଉଁ ଉତ୍ସର ଜଳ ପରୀକ୍ଷା ହୋଇଛି ଓ କେଉଁ ଉତ୍ସର ଜଳ ପ୍ରଦୂଷିତ ତାହା ଜଣେ ଜାଣିବା ଆଉ ସମ୍ଭବ ନୁହେଁ। ଏମିତି ଅନେକ ତଥ୍ୟ ଉଭୟ ୱେବ୍‌ସାଇଟରୁ ହଟାଇ ନିଆଯାଇଛି। ଅନ୍ୟ ଭାବରେ କହିଲେ ସାଧାରଣ ଲୋକଙ୍କୁ କିଛି ଅତି ଜରୁରୀ ତଥ୍ୟ ନ ଦେବାର ସମସ୍ତ ବନ୍ଦୋବସ୍ତ କରାହୋଇଛି।

ସାଧାରଣ ଲୋକଙ୍କଠାରୁ ଏହି ତଥ୍ୟ ଲୁଚାଇବାର କ୍ରମବର୍ଦ୍ଧମାନ ପ୍ରକ୍ରିୟା ଶାସନ ପ୍ରଣାଳୀ ପ୍ରତି ଅବିଶ୍ୱାସର ଅଙ୍ଗୁଳି ଦେଖାଇବା ପାଇଁ ବାଧ୍ୟ କରିଦିଏ। କାହିଁକି ସରକାର ଆଗରୁ ପ୍ରଦାନ କରୁଥିବା ତଥ୍ୟ ଏବେ ପ୍ରଦାନ କରୁନାହାନ୍ତି ସେହି ପ୍ରଶ୍ନ ସମସ୍ତେ କରିବା ସ୍ୱାଭାବିକ। କ'ଣ ଏମିତି ରହସ୍ୟ ଅଛି ଯେ ସରକାର ପାନୀୟ ଜଳ ଭଳି ଏକ ଗୁରୁତର ପ୍ରସଙ୍ଗରେ ଲୋକଙ୍କୁ ତଥ୍ୟ ଲୁଚାଇବା ଆରମ୍ଭ କରିଛନ୍ତି? ସୁପ୍ରିମ୍‌କୋର୍ଟ ଭାରତୀୟ ସମ୍ବିଧାନର ଧାରା ୨୧କୁ ବ୍ୟାଖ୍ୟା କରି କହିଛନ୍ତି ଯେ, ଯେହେତୁ ବଞ୍ଚିବା ପାଇଁ ଜଳ ନିହାତି ଆବଶ୍ୟକ ତେଣୁ ସ୍ୱଚ୍ଛ, ସୁରକ୍ଷିତ ଓ ପର୍ଯ୍ୟାପ୍ତ ଜଳ ଉପରେ ଲୋକଙ୍କ ମୌଳିକ ଅଧିକାର ରହିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ସେ ପିଉଥିବା ବା ପାଉଥିବା ପାଣିର ମାନ କ'ଣ ରହିଛି ତାହା ଜାଣିବାର ଅଧିକାର ରହିଛି। ସରକାର ସେହି ତଥ୍ୟ ପ୍ରଦାନ ନ କରି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ହନନ କରୁଛନ୍ତି।

ତେବେ ସରକାର କାହିଁକି ତଥ୍ୟ ଲୁଚାଉଛନ୍ତି ତାହାକୁ ନେଇ ଆହୁରି ଅନେକ ପ୍ରଶ୍ନ ମନକୁ ଆସୁଛି। କ'ଣ ସରକାର ଲୋକଙ୍କୁ ଉନ୍ନତ ପାନୀୟ ଜଳ ଓ ପରିମଳ ସ୍ଥିତି ଯୋଗାଇବାର ଯେଉଁ ଢୋଲ ପିଟୁଛନ୍ତି ସେହି ଢୋଲରେ ବଡ଼ ବଡ଼ ଛିଦ୍ର ଅଛି? କ'ଣ ଗାଁ ବାହ୍ୟ ମଳମୁକ୍ତ ହୋଇଯାଇଛି ବୋଲି କରାହେଉଥିବା ଦାବିର ବାସ୍ତବତାକୁ ଢାଙ୍କିବାର ଏହା ଏକ ପ୍ରଯତ୍ନ? କ'ଣ ଯେଉଁ ମାତ୍ରା ଓ ମାନକର ପାନୀୟ ଜଳ ଯୋଗାଇଦିଆହେଉଛି ବୋଲି ଡିଣ୍ଡିମ ପିଟାହେଉଛି ବାସ୍ତବ ସ୍ଥିତି ତାହାଠୁ ଢେର ଭିନ୍ନ ଓ ସେଥିପାଇଁ ତଥ୍ୟ ଲୁଚାଇବାର ଏହି ବ୍ୟଗ୍ରତା? 'ଉଜ୍ଜ୍ୱଳା', 'ଆୟୁଷ୍ମାନ ଭାରତ', 'ମୁଦ୍ରା' ଭଳି ବଡ଼ ଯୋଜନାରେ ଆରମ୍ଭରୁ ହିଁ ପାରଦର୍ଶିତା ନାହିଁ। କିଏ ହିତାଧିକାରୀ ତାହା ଜାଣିବାର କିଛି ସୁଯୋଗ ନାହିଁ। କେବଳ କିଛି ମୋଟା ହିସାବ ଜଣେ ପାଇବ, ଯହିଁରୁ କିଛି ଅନୁଶୀଳନ କରିବା ସମ୍ପୂର୍ଣ୍ଣ ଅସମ୍ଭବ।

ଓଡ଼ିଶା ସରକାର ମଧ୍ୟ କେନ୍ଦ୍ରର ଏହି ପଦ୍ଧତି ଦ୍ୱାରା ସମ୍ଭବତଃ ଅନୁପ୍ରାଣିତ ହୋଇଛନ୍ତି। ଏକଦା ଓଡ଼ିଶାର 'ଇ-ଡେସ୍ପାଚ' ବ୍ୟବସ୍ଥା ଭାରତର ସମସ୍ତ ରାଜ୍ୟ ମଧ୍ୟରେ ସବୁଠାରୁ ଉତ୍କୃଷ୍ଟ ଥିଲା। ସରକାର କ'ଣ ଚିଠି କାହାକୁ ପଠାଉଛନ୍ତି ଲୋକେ ତାହା ଜାଣିପାରୁଥିଲେ। ଏବେ କିନ୍ତୁ ଦେଖାଯାଉଛି ଯେ ଅଧିକାଂଶ ବିଭାଗ ଚିଠିକୁ 'ଇ-ଡେସ୍ପାଚ'ରେ ଆଦୌ ଅପ୍‌ଲୋଡ଼ କରୁନାହାନ୍ତି ବା ଗୁପ୍ତ ଶ୍ରେଣୀର ହୋଇ ନ ଥିବା ଅନେକ ଚିଠିକୁ ମଧ୍ୟ ଲୁଚାଇ ରଖିଦେଉଛନ୍ତି। ଓଡ଼ିଶା ସରକାରଙ୍କ 'ସଂଯୋଗ' ଅଭିଯୋଗ ପ୍ରତିବିଧାନ ବ୍ୟବସ୍ଥା ମଧ୍ୟ ଏକ ଆଦର୍ଶ ବ୍ୟବସ୍ଥା ଥିଲା। ଜଣେ ସାଧାରଣ ଲୋକ ୱେବ୍‌ସାଇଟକୁ ଯାଇ କେଉଁ ବିଭାଗରେ କେତେ ଓ କ'ଣ ଅଭିଯୋଗ ଆସିଛି ଓ ତାହାର କେମିତି ସମାଧାନ ହୋଇଛି ତାହା ଜାଣିପାରୁଥିଲା। ଏବେ ଆଉ ସେହି ସୁଯୋଗ ନାହିଁ। କେବଳ ଜଣେ ଅଭିଯୋଗକାରୀ ତା' ନିଜର ଅଭିଯୋଗର ସ୍ଥିତି ଜାଣିପାରିବ।

ଏକ ପାରଦର୍ଶୀ ବ୍ୟବସ୍ଥା ଭଲ ଶାସନ ବ୍ୟବସ୍ଥାର ସବୁଠୁ ବଡ଼ ପରିଚାୟକ। ବୈଷୟିକ ପ୍ରଗତି ସହ ପାରଦର୍ଶିତା ବଢ଼ିବା କଥା। କିନ୍ତୁ ସରକାର ଆଗରୁ ଥିବା ପାରଦର୍ଶୀ ବ୍ୟବସ୍ଥାକୁ ଧ୍ୱଂସ କରିଚାଲିଛନ୍ତି। ଲୋକେ ଯାହା ତଥ୍ୟ ପାଉଥିଲେ ସେତିକି ବି ଆଉ ପାଉନାହାନ୍ତି। ଏହା ପ୍ରଗତି ନା ଅଧୋଗତି?

# କିଏ ଏଇ ମା'



ସୁଧିରାଜ ରାଉତ

ବର୍ଷା ମାସ। ଇନ୍ଦ୍ରାବତୀ ଜଳଭଣ୍ଡାର ସାମର୍ଥ୍ୟଠାରୁ ଅଧିକ ଜଳରେ ପୂର୍ଣ୍ଣହୋଇ ମନେହେଉଥିଲା ସତେ ଅବା ଏକ ମାଟିଆ ସମୁଦ୍ର। କୂଳରେ ବନ୍ଧା ହୋଇଥିବା ଡଙ୍ଗାକୁ ଫିଟାଇଦେଇ ବନ୍ଧୁଙ୍କୁ କହିଲି ଭଲ ଫଟୋ ନେବାକୁ। ବନ୍ଧୁ ଫଟୋ ଉଠାଉଥାଏ କିନ୍ତୁ ମୋତେ ନେଇ ଡଙ୍ଗାଟି ଧୀରେ ଧୀରେ ଦୂରେଇ ଯାଉଥାଏ କୂଳରୁ। ରୋକିବାର ମୋ ସକଳ ପ୍ରୟାସକୁ ଉପହାସକରି ଡ୍ୟାମ୍‌ର ରିଟର୍ନ କରେଣ୍ଟରେ ଡଙ୍ଗାଟି କୂଳରୁ ପାଞ୍ଚଶହ ମିଟରରୁ ଅଧିକ ଦୂରକୁ ଚାଲିଗଲା। ମେଘ ହେବାର ସମ୍ଭାବନା, ଆଉ ପବନ ଲହଡ଼ି ମିଶି ଆତଙ୍କ ସୃଷ୍ଟି କରୁଥାନ୍ତି। ଦୁଇ ସାଙ୍ଗ ଅସହାୟ। ତାଙ୍କ ଅସହାୟତାରୁ ମୋ ଅସହାୟତା ଥିଲା ଶତଗୁଣ। ହଠାତ୍ ମୋ ଆଖି ସାମ୍ନାରେ ନାଚିଉଠିଲା ମା'ଙ୍କ ମୁହଁଟି, ପାଟିରୁ ବାହାରିଆସିଲା ଦୀର୍ଘ ମା' ଡାକଟିଏ। ପବନ ଲହଡ଼ିର ଶବ୍ଦ ଭଳି ଅତି ସ୍ପଷ୍ଟ, ବଳିଷ୍ଠ ଶବ୍ଦ ଶୁଭିଲା- ପୁଅରେ! ମୁଁ ଅଛି ତୋ ପାଖେ। ଦେଖିହେଉ ନ ଥିବା ଫୁଲକୁ ତା' ମହକରୁ ଯେଭଳି ଅନୁଭବ କରିହୁଏ, ମୁଁ ସେଇଭଳି ଏକ ପବିତ୍ର ଉପସ୍ଥିତି ଅନୁଭବ କଲି ମୋ ନିକଟରେ। ପର ମୁହୂର୍ତ୍ତରେ ଦୁଇଜଣ ନାଉରିଆ ଆଉ ଏକ ଡଙ୍ଗା ନେଇଆସି ମୋତେ ଉଦ୍ଧାର କଲେ।

କିଏ ଏଇ ମା' ଲେଖିଲାବେଳେ ମନେ ପଡ଼ିଗଲା ସେଦିନର ସେ ଅସହାୟତା ଆଉ ଦିବ୍ୟ ସାହାଯ୍ୟ। ଭାବୁଛି କିଏ ଏଇ ମା'? ତା' ପ୍ରକାଶର ଉଦ୍ଦେଶ୍ୟ କ'ଣ? ମନେପଡୁଛି ଏକ ଘଟଣା- ଆଶ୍ରମନିବାସିନୀ ପ୍ରୀତିଅପା ଏକା ଦୀର୍ଘ ରାତ୍ରିଯାଏ ସମୁଦ୍ରକୂଳରେ ବସି ରହୁଥିଲେ। ସେ ସମୟରେ ସେ ଯୁବା ଏବଂ ପଣ୍ଡିଚେରୀ ମଦ୍ୟପ, ବଦମାସଙ୍କ ଆଡ୍ଡା। ଦିନେ ମା' ପ୍ରୀତିଅପାଙ୍କୁ ଡାକି କହିଲେ, ତୁମେ ଏତେରାତି ଯାଏ ସମୁଦ୍ରକୂଳରେ ବସିବା ସୁରକ୍ଷିତ ନୁହେଁ। ଅପା କହିଲେ- ମା' ଆପଣ ଅଛନ୍ତି, ମୋର କ'ଣ ହେବ? ହସି ମା' କହିଲେ, ଏତେଦିନ ହେଲା ତୁମର କିଛି ହୋଇନାହିଁ, କାରଣ ମୁଁ ତୁମ ସହ ଅଛି। ଏହାର ଅର୍ଥନୁହେଁ ତୁମେ ବାରମ୍ବାର ବିପଦ ମଧ୍ୟକୁ ଯାଉଥିବ ଆଉ ମୁଁ ଉଦ୍ଧାର କରୁଥିବି। ଯଦି ଆମେ ଏହା ହିଁ କରୁଥିବା ଯେଉଁ ମହାନ୍ କାର୍ଯ୍ୟ ପାଇଁ ଆସିଛେ ତାହା କେବେ କରିବା?

ପୃଥିବୀରେ ଏହି ମହାନ୍ କାର୍ଯ୍ୟକୁ ସାକାର ରୂପଦେବାକୁ ଈଶ୍ୱର ପ୍ରସ୍ତୁତ କରିଥିଲେ ଏକ ଅଭିନବ ଯୋଜନା। ଏହି ଯୋଜନାର ଅଂଶହୋଇ ମା' ଜନ୍ମନେଲେ ଫ୍ରାନ୍ସର ପ୍ୟାରିସରେ। ୟୁରୋପ ସଭ୍ୟତା ଆଉ ସଂସ୍କୃତିର ଆତ୍ମା ହେଉଛି ଫ୍ରାନ୍ସ, ଆଉ ପ୍ୟାରିସ ଫ୍ରାନ୍ସର ହୃତ୍‌ସ୍ପନ୍ଦନ। ମା' ସେଠି ଜନ୍ମହେବା ଏବଂ ସେହି ଭବ୍ୟ ସଂସ୍କୃତିକୁ ଆତ୍ମସାତ୍ କରି ଭାରତ ଆସିବା, ଏହାର ଅର୍ଥ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋଚ୍ଚ ଉପଲବ୍ଧିର ସମନ୍ୱୟ ଉପରେ ମାନବ ଚେତନାର ନୂତନ ସୂର୍ଯ୍ୟୋଦୟ ଘଟାଇବା।

ଆଶ୍ଚର୍ଯ୍ୟ ଲାଗେ ମା'ଙ୍କ ବାପା,ମା' ତାଙ୍କ ପାଇଁ ନାମଟିଏ ବାଛିଥିଲେ ମୀରା। ଆଉ ମୀରାଙ୍କ ଜନ୍ମ ଶ୍ରୀପଞ୍ଚମୀ ଦିନ ହୋଇଥିଲା। ସେ କିଶୋରୀ ବୟସରେ କୃଷ୍ଣ ଶବ୍ଦ ଶୁଣି ଆନନ୍ଦ ଅନୁଭବ କରୁଥିଲେ। ଏହି ମୀରା ଶିଶୁ ବୟସରେ ବି ଅସାଧାରଣ ଥିଲେ। ଥରେ ତାଙ୍କ ବଗିଚାରେ ଶୁଖି ଯାଇଥିବା ଗଛଟିକୁ କାଟିଦେବାକୁ ବାପା ଗଛ କଟାଳିଙ୍କୁ ଡାକିଆଣିଥାନ୍ତି, ମୀରା ହଠାତ୍ ବାପାଙ୍କୁ କହିଲେ, ଗଛ ଅଭ୍ୟନ୍ତରରେ

## ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଦିବସ ଉପଲକ୍ଷେ

ମୁଁ ଦେଖୁଛି ସବୁଜ ଶିଖା ଊର୍ଦ୍ଧ୍ୱକୁ ଉଠୁଛି, ଦୟାକରି ଗଛକୁ କାଟନ୍ତୁ ନାହିଁ। ବାପା ଏବଂ ଗଛକଟାଳି ଏହା ଶୁଣି ହସିଲେ, କିନ୍ତୁ ଅଳିଅଳି ଝିଅର କଥା ରକ୍ଷାକରି ଗଛଟିକୁ କାଟିଲେ ନାହିଁ। କିଛିଦିନ ପରେ ସଭିଙ୍କୁ ଚକିତକରି ଗଛଟି ସବୁଜପତ୍ରରେ ହସିଉଠିଲା। ଏହି ଅସାଧାରଣ ସାମର୍ଥ୍ୟରେ ୟୁରୋପ ସଂସ୍କୃତିର ମହନୀୟତା, ଆଲଜେରିଆରୁ ଗୁହ୍ୟ (ତନ୍ତ୍ର) ଜ୍ଞାନ ଏବଂ ଜାପାନରେ ରହି ତାହାର ସୌନ୍ଦର୍ଯ୍ୟବୋଧ, ଦକ୍ଷ ବୌଦ୍ଧିକତା ଏସବୁକୁ ସାଥିରେ ନେଇ ମା' ଭାରତ ଆସିଲେ ଏବଂ ଭାରତ ମାଟିରେ ତାଙ୍କ ବଳକା ଜୀବନ ପରମଙ୍କ ପାଇଁ ସମର୍ପିଦେଲେ। ରାଜସିଂହାସନ, ସ୍ତ୍ରୀ, ପୁତ୍ର ଛାଡ଼ି ଆସିବା ବୁଦ୍ଧଙ୍କୁ ଆମେ ଦେଖିଛୁ। ଟିକେ ଆଖି ଖୋଲି ମା'ଙ୍କୁ ଦେଖିବା। ରାଜକୀୟ ବିଳାସପୂର୍ଣ୍ଣ ଜୀବନ, ପୃଥିବୀ ପାଇଁ ଭୋଗର ସ୍ୱର୍ଗ ପ୍ୟାରିସ, ସନ୍ତାନ, ପରିବାର, ଆତ୍ମୀୟ ସବୁକୁ ଛାଡ଼ି ଭାରତରେ ଯେଉଁମାନଙ୍କ ସହ ଜୀବନ ବଞ୍ଚିବାକୁ ଆସିଲେ ସେମାନେ ରହୁଥିଲେ ପାଞ୍ଚ ଜଣ। ଗାଧୋଇବାକୁ ଗୋଟିଏ ତଉଲିଆ ଥିଲା, ଗୋଟିଏ ଭଙ୍ଗା ଚେୟାର ଥିଲା, ଭାତ ଏବଂ ପୋଡା ଶୁଖିଲା ଲଙ୍କା ସେମାନଙ୍କ ସାମର୍ଥ୍ୟର ପ୍ରିୟ ଖାଦ୍ୟ ଥିଲା ଏବଂ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ସେମାନେ ଘୋଷିତ ଅପରାଧୀ ଥିଲେ। ମା' ଆସିଲେ- ଗଢ଼ିଉଠିଲା ଆଶ୍ରମ। ପ୍ରାଚ୍ୟ-ପାଶ୍ଚାତ୍ୟର ସମସ୍ତ ସ୍ୱର୍ଗୀୟ ଉପଲବ୍ଧି ଉପରେ ଗଢ଼ିଉଠିଲା ମାନବ ପ୍ରଗତିର ନୂଆ ବିଜ୍ଞାନାଗାର, ଅତିମାନସର ନୂତନ ଜୀବନ ରସାୟନ। ପଣ୍ଡିଚେରୀ ଆକାଶରେ ପୃଥିବୀ ପାଇଁ ଉଦିତ ହେଲା ନୂଆ ସୂର୍ଯ୍ୟ।

ମା' ଶ୍ରୀଅରବିନ୍ଦଙ୍କ ସହ ମିଶି ପୃଥିବୀ ଏବଂ ମଣିଷ ପାଇଁ କ'ଣ କରିଛନ୍ତି ଏହା ବୁଝିବା ଆମ ପକ୍ଷେ ସମ୍ଭବ ନୁହେଁ। ଯେଉଁ ମା' ଶିଶୁ ଆଖିରେ ଶୁଖିଲା ଗଛ ମଧ୍ୟରେ ଜୀବନୀ ଶକ୍ତି ଧାଉଁଥିବାର ଦେଖିପାରନ୍ତି, ଯେଉଁ ଶ୍ରୀଅରବିନ୍ଦ ବିଜ୍ଞାନ ଆବିଷ୍କାର କରିବାର ଦଶନ୍ଧି ପୂର୍ବରୁ ସୂର୍ଯ୍ୟରେ ସଂଯୋଜନ ପ୍ରକ୍ରିୟାରେ ଶକ୍ତି ସୃଷ୍ଟି ହେଉଛି ବୋଲି କହିପାରନ୍ତି, ସେ ଦୁହେଁ ମାନବର ଚେତନା, ନିଶ୍ଚେତନା, ଅତିଚେତନାରେ କି କାମ କରିଛନ୍ତି କିଭଳି ବୁଝିବା? ଗଣପତି ମୁନି, କପାଳି ଶାସ୍ତ୍ରୀଙ୍କ ଭଳି ମହାନ ତନ୍ତ୍ରବିତ୍, ଯାହାଙ୍କ ଦର୍ଶନମାତ୍ରେ ସ୍ୱୟଂ ଜଗଦମ୍ବାଙ୍କୁ ଦେଖିଥିଲେ, ସେହି ମା'ଙ୍କ କଥା ବିଚାରରେ ନୁହେଁ କେବଳ ବିଶ୍ୱାସରେ ବୁଝିହୁଏ। ବିଶ୍ୱାସର ଅନେକ ଘଟଣାରୁ ଗୋଟିଏ କହି ଏହା ଶେଷ କରିବି- ଦ୍ୱିତୀୟ ବିଶ୍ୱଯୁଦ୍ଧ, ମା' ତାଙ୍କ ସମସ୍ତ ଅଳଙ୍କାର, ଅର୍ଥ ମିତ୍ରଶକ୍ତିକୁ ଦେଇ ନିଜର ସମର୍ଥନ ଘୋଷଣା କଲେ ଏବଂ କହିଲେ ଏ ଯୁଦ୍ଧ ଦେଶ ଦେଶ ମଧ୍ୟରେ ନୁହେଁ ଦିବ୍ୟ-ଅଦିବ୍ୟ ଶକ୍ତି ମଧ୍ୟରେ ହେଉଛି। ହିଟ୍‌ଲର ସୀମା ବିସ୍ତାର କରିଚାଲିଥାଏ। ଶ୍ରୀଅରବିନ୍ଦ ଘୋଷଣା କଲେ, ହିଟଲର୍‌କୁ ଯଦି ଅଟକା ନ ଯାଏ ପୃଥିବୀ ଆଉ ମଣିଷର ଏତେ ଶ୍ରମ ତପସ୍ୟାରେ ଗଢ଼ା ସଭ୍ୟତା, ସଂସ୍କୃତି ରସାତଳକୁ ଚାଲିଯିବ। ସମଗ୍ର ବିଶ୍ୱ ମାନବର ଅଗୋଚରରେ ମା' ନିଜ ଗୁହ୍ୟ (ତନ୍ତ୍ର) ଶକ୍ତି ବଳରେ ଉପସ୍ଥିତ ହେଲେ ହିଟ୍‌ଲରଙ୍କ ଆଗରେ। ତାଙ୍କୁ ଅସୁର ରୂପରେ ରୁଷିଆକୁ ଆକ୍ରମଣ କରିବାକୁ କହିଲେ ଏବଂ କହିଲେ ଏହାପରେ ମୋ ରୂପରେ ଆଉ ଯିଏ ଆସିବ ତାହା କଥା ମୋଟେ ଶୁଣିବୁ ନାହିଁ। ହିଟଲର-ଷ୍ଟାଲିନ ମଧ୍ୟରେ ଯୁଦ୍ଧ ହେଲା, ଅସୁର-ଅସୁର ମଧ୍ୟରେ ଯୁଦ୍ଧ ହୋଇ ଅସୁର ଶକ୍ତି ହେଲା ଦୁର୍ବଳ, ଆଉ ମିତ୍ରଶକ୍ତିର ବିଜୟ। ଏଭଳି ଆମ ବିଶ୍ୱାସ ବାହାରେ ବହୁକଥା ରହିଛି- କିନ୍ତୁ ମା'ଙ୍କ ସର୍ବୋଚ୍ଚ କାର୍ଯ୍ୟ ହେଉଛି- ମଣିଷ ମଧ୍ୟରେ ଦେବତ୍ୱକୁ ପରିପ୍ରକାଶ କରିବା। ଆମ ସଭିଙ୍କ ବିଶ୍ୱାସ ଆଉ ବିଶ୍ୱାସ ବାହାରେ ଏ କାର୍ଯ୍ୟ ଏଠି ସାକାର ରୂପ ନେବାରେ ଲାଗିଛି।

ମୋ- ୯୪୩୭୬୪୧୪୧୩

## ଏଇ ଭାରତରେ

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜଣେ ବ୍ୟକ୍ତି ମତଦାନ କରି ଲୋକ ପ୍ରତିନିଧି ବାଛିବା ହେଉଛି ମୌଳିକ ଅଧିକାର। ଏହାକୁ ଆଦୌ ଅଣଦେଖା କରିବା ଉଚିତ ନୁହେଁ। କିନ୍ତୁ କେତେକ ନାଗରିକ ଭୋଟଦାନରୁ ବିରତ ରହିବାକୁ ପସନ୍ଦ କରିଥାଆନ୍ତି। ସେଥିପାଇଁ ଭୋଟଦାନ ହାର ହ୍ରାସ ପାଇଥାଏ। ଛତିଶଗଡ଼ ଯଶପୁରରେ ଜଣେ ବର ବିବାହ କରିବା ପୂର୍ବରୁ ମଙ୍ଗଳବାର ମତଦାନ କେନ୍ଦ୍ରରେ ପହଞ୍ଚି ଭୋଟଦେଇ ଏ ଦିଗରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେଥିପାଇଁ ନିର୍ଦ୍ଧାରିତ ସମୟଠାରୁ ଅଢ଼େଇଘଣ୍ଟା ବିଳମ୍ବରେ ବରଯାତ୍ରୀ କନ୍ୟାଘର ଅଭିମୁଖେ ଯାତ୍ରା ଆରମ୍ଭ କରିଥଲେ। ସ୍ଥାନୀୟ ତପକରା ଥାନା ଅଞ୍ଚଳରେ ଥିବା ଆମାଡିହା ଗାଁରେ ଘଟିଛି ଏହି ଘଟଣା। କେତେକ ଲୋକ ବର ପ୍ରଦୀପଙ୍କୁ ଭୋଟ ନ ଦେଇ ଶୀଘ୍ର ବାହାରିବାକୁ କହିଥିଲେ। କିନ୍ତୁ ସେ କହିଥିଲେ ପ୍ରଥମେ ଭୋଟଦାନ, ପରେ ପାଣିଗ୍ରହଣ। ସେ ପଗଡ଼ି ପିନ୍ଧିବା ଅବସ୍ଥାରେ ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇଥିଲେ। ଏହାପରେ ବାହାଘର ପାଇଁ କନ୍ୟାଘର ଅଭିମୁଖେ ଯାତ୍ରା କରିଥିଲେ। ଭୋଟଦାନ କରୁ ନ ଥିବା ଲୋକଙ୍କ ନିମନ୍ତେ ପ୍ରଦୀପଙ୍କ କର୍ତ୍ତବ୍ୟନିଷ୍ଠା ଏକ ସଚେତନତାର ବାର୍ତ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଏପ୍ରିଲ ୧୯୯୪

- ଆମେରିକାର ପୂର୍ବତନ ରାଷ୍ଟ୍ରପତି ରିଚାର୍ଡ ନିକସନଙ୍କ ୮୧ ବର୍ଷ ବୟସରେ ପରଲୋକ।
- ଜାପାନର ନୂତନ ପ୍ରଧାନମନ୍ତ୍ରୀ ଭାବେ ମୁଣ୍ଡୁମୋ ହାତା ମନୋନୀତ।
- ପଞ୍ଚାୟତିରାଜ ଆଇନ ଆଜିଠାରୁ କାର୍ଯ୍ୟକାରୀ ହେଲା।

## ଚିରନ୍ତନୀ

ସବୁ ସ୍ମୃତି ସବୁ ସୁଖ ଭାବନାର ଢେଉ
ଦିନେ ଏ ଅନ୍ତର ଦେଶେ ବାଜିଥିଲା ଯେହୁ
ବନ୍ଦ ଏ ଦୁଆରେ ଆଜି
ଫେରିଯାଉ ବାଜି ବାଜି,
ଏ ତମିସ୍ର କୋଣୁଁ ମୋର ସମ୍ବାଦ ନ ଦେଉ
ସେ ଦିନ ଅନ୍ତର ଦେଶେ ବାଜିଥିଲା ଯେହୁ।
(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | 6 | | | | | | |
| | | 3 | 5 | | | C | 9 | | | 4 | | | 2 | |
| | 8 | E | | 1 | C | A | | 2 | 0 | | | | 6 | D |
| | | | | 2 | | | 1 | | | | | 9 | 3 | 4 |
| 7 | 6 | | | | | | 0 | | | | | | | 1 |
| | | 5 | 2 | | | | | 8 | | | 3 | | | |
| | | 1 | | 7 | | 2 | B | C | D | | | 4 | | E |
| E | | 8 | | 0 | 5 | | | | | | 2 | B | A | |
| | | | D | | | | | 9 | 6 | | 1 | | | |
| | | | | 4 | | | | 7 | A | | E | 5 | | 0 |
| | | | | | | | 2 | D | | | 0 | | | 8 |
| 2 | 1 | | 8 | 3 | | | | | | | B | | | 9 |
| 5 | | | | | 0 | | C | A | | 3 | | D | | |
| | E | | 1 | | | | | | | A | C | | | 7 |
| 9 | | A | | 5 | 4 | B | 6 | 1 | | | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | 9 | 2 | 8 | C | B | 4 | A | 1 | E | 6 | 5 | 3 | D |
| E | 3 | 8 | 5 | 6 | B | 1 | 0 | 9 | 4 | D | C | A | 7 | 2 |
| A | 2 | 4 | 3 | D | 0 | 6 | 8 | 7 | 9 | B | 5 | E | 1 | C |
| C | 6 | D | 1 | 7 | 9 | 2 | 5 | E | 8 | 3 | A | 4 | 0 | B |
| 5 | 1 | B | A | 4 | E | C | D | 3 | 0 | 2 | 7 | 6 | 9 | 8 |
| 6 | 8 | A | C | 0 | 1 | 9 | B | 5 | 3 | 4 | E | 2 | D | 7 |
| D | 5 | E | 8 | B | 2 | 7 | 3 | 1 | C | A | 0 | 9 | 4 | 6 |
| 7 | 4 | 3 | D | 9 | 6 | A | E | 2 | 5 | 1 | B | C | 8 | 0 |
| 9 | B | 2 | 7 | E | A | 4 | C | 0 | 6 | 8 | D | 3 | 5 | 1 |
| 1 | 0 | C | 4 | 5 | 3 | 8 | 6 | D | 2 | 7 | 9 | B | A | E |
| 4 | C | 7 | 9 | 1 | 5 | 3 | 2 | B | E | 0 | 8 | D | 6 | A |
| 3 | E | 0 | 6 | A | 8 | D | 1 | 4 | B | 5 | 2 | 7 | C | 9 |
| 2 | D | 6 | B | C | 4 | 5 | A | 8 | 7 | 9 | 1 | 0 | E | 3 |
| B | 9 | 1 | E | 3 | D | 0 | 7 | C | A | 6 | 4 | 8 | 2 | 5 |
| 8 | A | 5 | 0 | 2 | 7 | E | 9 | 6 | D | C | 3 | 1 | B | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦଳଡିଆଁ ଆଉ ଅସନ୍ତୁଷ୍ଟ ହେବେ ନିର୍ଣ୍ଣାୟକ

ମହାଶୟ,

ଦଳଡିଆଁ ଏଥର ଅତୀତର ସବୁ ରେକର୍ଡକୁ ଅତିକ୍ରମ କରିଯାଇଛି। ନିର୍ବାଚନ ବୈତରଣୀ ପାର ହେବାକୁ ଯାଇ ରାଜନୈତିକ ଦଳମାନେ ସବୁ ନୀତି ଓ ଆଦର୍ଶକୁ ଦଳିମକଚି ଦେଇଛନ୍ତି। ଅପରପକ୍ଷେ ଅସନ୍ତୋଷ ସବୁ ଦଳରେ ଚରମ ସୀମାରେ ପହଞ୍ଚିଛି। ତୃଣମୂଳ ସ୍ତରରେ କର୍ମୀଟିଏ କ'ଣ ଚାହୁଁଛି ସେଥିପ୍ରତି ଧ୍ୟାନ ନ ଦେଇ ରାତି ଅଧିଆ ଅନ୍ୟ ଦଳର ଅସନ୍ତୁଷ୍ଟଙ୍କୁ ଆଣି ଲଦି ଦିଆଯାଇଛି। ଥରୁଟିଏ ମଧ୍ୟ କେହି ଭାବିବାକୁ ଚେଷ୍ଟା କରିନାହାନ୍ତି ଯେ ଦୀର୍ଘ ଦିନଧରି ଏଠାରେ ସଙ୍ଗଠନର ମଙ୍ଗ ଧରିଥିବା ନେତୃତ୍ୱର କ'ଣ ଅବସ୍ଥା ହେବ। ଏଭଳି ଅରୁଚିକର ଆଉ ଅପରିପକ୍ୱ ନିଷ୍ପତ୍ତି ଊଣାଅଧିକେ ସବୁ ଦଳରେ ଦେଖିବାକୁ ମିଳିଛି। ତେବେ ଏକଥା ନିଶ୍ଚିତ ଯେ, ଚଳିତ ନିର୍ବାଚନରେ ଏହି ଦଳଡିଆଁ ଓ ଅସନ୍ତୁଷ୍ଟମାନେ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।

ବିରଞ୍ଚି ଦାସ, କୋରେଇ, ଯାଜପୁର

### ଜମାଖାତାରୁ ବ୍ୟାଙ୍କ ଟଙ୍କା କାଟିବା ସମ୍ବନ୍ଧରେ

କାଳିଆ ଯୋଜନାରେ ଚାଷୀଙ୍କ ପାଇଁ ଆକାଉଣ୍ଟରେ ସରକାର ୫ ହଜାର ଟଙ୍କା ଜମା କରିବା ପରେ ବ୍ୟାଙ୍କ ଚାଷୀଙ୍କ ଋଣ ଥିବା ହେତୁ ତାହା ସେଇ ବାବଦରେ କାଟି ନେବା ଖବର ପ୍ରକାଶ ପାଇଛି। ତେବେ ବ୍ୟାଙ୍କ କର୍ମକର୍ତ୍ତାଙ୍କୁ ଡାକି ସରକାର ଚାଷୀଙ୍କ ଏହି ଟଙ୍କା ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ବ୍ୟାଙ୍କର ଦେୟ ବକେୟା ଥିଲେ ଜମାକାରୀଙ୍କ ଖାତାରୁ ବ୍ୟାଙ୍କ ଟଙ୍କା କାଟିବା ଏକ ନିୟମିତ ଘଟଣା। ତେବେ ଅନେକଙ୍କ ଖାତାରେ କାଳିଆ ଟଙ୍କା ଜମା ହେଉ ନ ହେଉଣୁ ତାହା ଖର୍ଚ୍ଚ ସରିଲାଣି। ଆୟର ଉତ୍ସ ସୀମିତ କିନ୍ତୁ ଖର୍ଚ୍ଚ ପାଇଁ ଅସୀମ ଦ୍ୱାର ଉନ୍ମୁକ୍ତ। ଏ ଯୁଗରେ ପାଞ୍ଚହଜାର ଟଙ୍କା କିଛି ନୁହେଁ। ମାଗି ଆଣିବା ତିଅଣ ସୁଡୁକାଏ। ସରକାର ଯେତେ ଦେଲେ ବି ନିଅଣ୍ଟ ପଡ଼ିବ ଓ ଚାହିଦା ବଢ଼ିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







## ସଂକ୍ଷେପରେ

### ଭାଜପାରୁ ସୁଜାତା ବହିଷ୍କୃତ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ):** ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ଆଳି ନିର୍ବାଚନ କ୍ଷେତ୍ରର ସୁଜାତା ବାରିକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଏନେଇ ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

### ଭୋଟ ଦେବାକୁ ଜନସାଧାରଣଙ୍କୁ ଧର୍ମେନ୍ଦ୍ରଙ୍କ ଅନୁରୋଧ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ):** ପ୍ରଜାତନ୍ତ୍ରରେ ଭୋଟ ଏକ ଅମୂଲ୍ୟ ସମ୍ପଦ। ଜନତାଙ୍କ ଏକମାତ୍ର ଭୋଟ ଲମ୍ବା ସମୟ ପର୍ଯ୍ୟନ୍ତ ଦେଶ, ରାଜ୍ୟ, ସ୍ଥାନୀୟ ଅଞ୍ଚଳ ଓ ବ୍ୟକ୍ତିଗତ ଜୀବନର ଚଳଣିକୁ ବଦଳାଇ ଦେଇପାରିବ । ଜନତାଙ୍କ ଗୋଟିଏ ଭୋଟ ଏକ ଦୃଢ଼, ନିର୍ଣ୍ଣାୟକ ଓ କାମ କରିବା ଭଳି ସରକାର ବନେଇବାର ପ୍ରମୁଖ ମାଧ୍ୟମ । ତେଣୁ ବିକାଶ ପାଇଁ ଭୋଟ ଦିଅନ୍ତୁ ବୋଲି ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନିଜ ଅଧିକାର ପାଇଁ ଓଡ଼ିଶା ମାଟିରେ ପାଇକ ବିଦ୍ରୋହ ହୋଇଥିଲା, ବକ୍ସି ଜଗବନ୍ଧୁ ଏଥିପାଇଁ ଲଢ଼େଇ କରିଥିଲେ। ଏହି ସୁଯୋଗକୁ ହାତଛଡା ନ କରି ଭୋଟ ଅଧିକାରକୁ ସାବ୍ୟସ୍ତ କରିବାକୁ ଧର୍ମେନ୍ଦ୍ର ଲୋକମାନଙ୍କୁ ଅନୁରୋଧ କରିଛନ୍ତି।

### ଅନାହାରରେ ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

**ସେମିଳିଗୁଡ଼ା, ୨୩।୪(ସ୍ୱ.ପ୍ର.):** କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଗୁଣ୍ଡାପୁଟ ଗ୍ରାମରେ ଜଣେ ବୃଦ୍ଧାଙ୍କ ଅନାହାରରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଏନେଇ ପୋଲିସକୁ ଖବର ଦେଇଛନ୍ତି। କିଛିଦିନ ହେଲା ବୃଦ୍ଧା ଜଣକ ଗୁଣ୍ଡାପୁଟ ନିକଟସ୍ଥ ଆଖପାଖ ଗାଁରେ ବୁଲି ଭିକ୍ଷା ମାଗୁଥିବା ଦେଖିବାକୁ ମିଳିଥିଲା। ଗାଁଲୋକଙ୍କ କହିବା ଅନୁସାରେ, ବୃଦ୍ଧା ଜଣକ ୨ ଦିନ ହେଲା ଅସୁସ୍ଥ ଥିଲେ ଓ ଖାଇବାକୁ ନ ପାଇ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମୃତଦେହର ସଂସ୍କାର କରିବା ପାଇଁ ସ୍ଥାନୀୟ ପୋଲିସକୁ ଜଣାଇଥିଲେ ଗ୍ରାମର ଗୁପ୍ତ ପାଙ୍ଗି, ଖଗ ହନ୍ତାଳ, ଧନୁର୍ଜୟ ପାଙ୍ଗି, ଦାମୋଦର ହନ୍ତାଳ, ପଦ୍ମନାଭ ପାଙ୍ଗି, ରାମ କୁଲଦିପ, ଦଶରଥ ପାଙ୍ଗି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଓ ଆହାର ଭଳି ଯୋଜନା ଏଠାରେ ଗରିବ ଓ ଅସହାୟଙ୍କ ପାଇଁ ଅପହଞ୍ଚ ହୋଇ ରହିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

■ କପିଳାସ ରୋଡ୍-ସାଲେଗାଓଁ ରେଳପଥ ଦୋହରୀକରଣ କାର୍ଯ୍ୟ

# ଏପ୍ରିଲ ୨୫ରୁ ମେ ୮ ପର୍ଯ୍ୟନ୍ତ ବହୁ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

■ **ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ**

■ **କଟକ ଓ ନରାଜ ମଧ୍ୟରେ ଯାତ୍ରୀଙ୍କୁ ମାଗଣା ବସ୍ ସେବା**

ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ଥିବା କପିଳାସ ରୋଡ୍ ଓ ସାଲେଗାଓଁ ଷ୍ଟେଶନ ମଧ୍ୟରେ ରେଳଲାଇନ୍ ମରାମତି ତଥା ଦୋହରୀକରଣ କାର୍ଯ୍ୟ ପାଇଁ ଏପ୍ରିଲ ୨୫ରୁ ମେ ୮ ପର୍ଯ୍ୟନ୍ତ ଏହି ରୁଟ୍‌ର ଅଧିକାଂଶ ଟ୍ରେନ୍‌କୁ ବାତିଲ କରାଯାଇଛି। ଏହାସହ କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି।

ବାତିଲ ହେବାକୁ ଥିବା ଟ୍ରେନ୍ ମଧ୍ୟରେ ଖଡ଼ଗପୁର-ଖୋର୍ଦ୍ଧା ରୋଡ୍-ଖଡ଼ଗପୁର ଫାଷ୍ଟ ପାସେଞ୍ଜର ରହିଥିବା ବେଳେ ରବିବାର ବ୍ୟତୀତ ଏହା ଏପ୍ରିଲ ୨୫ରୁ ମେ ୮ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ ରହିବ। ସେହିଭଳି ସନ୍ତ୍ରାଗାଛି-ପୁରୀ-ସନ୍ତ୍ରାଗାଛି ପାସେଞ୍ଜର, ପୁରୀ-ରାଉରକେଲା-ପୁରୀ ପାସେଞ୍ଜର, କଟକ-ଭଦ୍ରକ-କଟକ ପାସେଞ୍ଜର, କେନ୍ଦୁଝରଗଡ଼-ଭୁବନେଶ୍ୱର-କେନ୍ଦୁଝରଗଡ଼ ପାସେଞ୍ଜର, ତାଳଚେର-ପୁରୀ-ତାଳଚେର ମେମୁ ମଧ୍ୟ ଉପରୋକ୍ତ ଦିନରେ ବାତିଲ ହେବ। ୨୫ରୁ ୨ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣା-ଦିଘା ଏକ୍ସପ୍ରେସ୍ ଏବଂ ୨୬ରୁ ୩ତାରିଖ ପର୍ଯ୍ୟନ୍ତ ଦିଘା-ବିଶାଖାପାଟଣା ଏକ୍ସପ୍ରେସ୍‌କୁ ବାତିଲ କରାଯିବ। ଏହାସହ ୨୭ରୁ ୪ତାରିଖ ପର୍ଯ୍ୟନ୍ତ ପୁରୀ-ଦିଘା ଏକ୍ସପ୍ରେସ୍, ୨୮ରୁ ୫ତାରିଖ ପର୍ଯ୍ୟନ୍ତ ଦିଘା-ପୁରୀ ଏକ୍ସପ୍ରେସ୍ ଓ ବିଶାଖାପାଟଣା-ପାରାଦୀପ ଏକ୍ସପ୍ରେସ୍, ୨୯ରୁ ୬ତାରିଖ ପର୍ଯ୍ୟନ୍ତ ପାରାଦୀପ-ସନ୍ତ୍ରାଗାଛି ଏକ୍ସପ୍ରେସ୍, ୩୦ରୁ ୭ତାରିଖ ପର୍ଯ୍ୟନ୍ତ ସନ୍ତ୍ରାଗାଛି-ପାରାଦୀପ ଏକ୍ସପ୍ରେସ୍ ଏବଂ ମେ ୧ରୁ ୮ତାରିଖ ପର୍ଯ୍ୟନ୍ତ ପାରାଦୀପ-ବିଶାଖାପାଟଣା ଏକ୍ସପ୍ରେସ୍ ବାତିଲ ରହିବ।

ଅନ୍ୟପକ୍ଷରେ ଏପ୍ରିଲ ୨୬ରୁ ମେ ୮ ପର୍ଯ୍ୟନ୍ତ ସିଆଲଦା-ପୁରୀ-ସିଆଲଦା ଏକ୍ସପ୍ରେସ୍ ଉଭୟ ଦିଗରୁ କଟକ ମାର୍ଗ ଦେଇ ଯାତ୍ରା କରିବ। ସେହିଭଳି ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ଦୁରନ୍ତୋ ଏକ୍ସପ୍ରେସ୍ ମେ ୧ ଓ ୮ରେ ଭୁବନେଶ୍ୱରଠାରୁ ଏବଂ ମେ ୨ରେ ନୂଆଦିଲ୍ଲୀଠାରୁ କଟକ ଦେଇ ଭୁବନେଶ୍ୱର ଆସିବ। ଏପ୍ରିଲ ୨୬ ଓ ମେ ୩ରେ ସମ୍ବଲପୁର-ହାଓ୍ୱଡା-ସମ୍ବଲପୁର ଏକ୍ସପ୍ରେସ୍ ଢେଙ୍କାନାଳ ଦେଇ ସମ୍ବଲପୁର ଯିବ। ଏପ୍ରିଲ ୨୭ ଓ ମେ ୪ ଦିନ ହାଓ୍ୱଡାଠାରୁ ଢେଙ୍କାନାଳ-ଭଦ୍ରକ ମାର୍ଗ ଦେଇ ଯିବା ପରିବର୍ତ୍ତେ ଉଭୟ ଦିଗରେ ଝାରସୁଗୁଡ଼ା-ରାଉରକେଲା-ଖଡ଼ଗପୁର ମାର୍ଗରେ ଯାତ୍ରା କରିବ। ଭୁବନେଶ୍ୱର-ଏଲ୍‌ଟିଟି-ଭୁବନେଶ୍ୱର ଏକ୍ସପ୍ରେସ୍, ପୁରୀ-ଏଲ୍‌ଟିଟି-ପୁରୀ ଏକ୍ସପ୍ରେସ୍, ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ୍, ପୁରୀ-ହାତିଆ-ପୁରୀ ଏକ୍ସପ୍ରେସ୍, ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ କଟକ ପରିବର୍ତ୍ତେ ନରାଜ ମାର୍ଗ ଦେଇ ଯାତ୍ରା କରିବ। କଟକ ଷ୍ଟେଶନ ଯାତ୍ରୀଙ୍କ ପାଇଁ ଟ୍ରେନ୍ ନରାଜଠାରେ ରହିବ। ଏହି ସମୟ ମଧ୍ୟରେ କଟକ ଷ୍ଟେଶନଠାରେ ଓହ୍ଲାଇବାକୁ ଥିବା ଯାତ୍ରୀ ଏବଂ କଟକ ଷ୍ଟେଶନରୁ ଟ୍ରେନ୍ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ କଟକ ଓ ନରାଜ ଷ୍ଟେଶନ ମଧ୍ୟରେ ଉଭୟ ଦିଗରୁ ମାଗଣା ବସ୍ ସେବା ଯୋଗାଇ ଦିଆଯିବ।

## 'ତେରେ ନାମ୍'ର ସିକ୍ୱେଲ ସ୍କ୍ରିପ୍ଟ ସମ୍ପୂର୍ଣ୍ଣ: ସତୀଶ କୌଶିକ

**ମୁମ୍ବାଇ, ୨୩।୪(ପି.ଟି.)**

୨୦୦୩ର ବ୍ଲକ୍‌ବଷ୍ଟର ଫିଲ୍ମ 'ତେରେ ନାମ୍'ର ରୂପାନ୍ତର ପାଇଁ ସଂଳାପ ରଚନା ସମ୍ପୂର୍ଣ୍ଣ ହୋଇଛି ବୋଲି ଅଭିନେତା ତଥା ଫିଲ୍ମ ନିର୍ମାତା ସତୀଶ କୌଶିକ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମରେ ସୁପରଷ୍ଟାର ସଲମାନ ଖାନ୍ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମ ନିର୍ମାଣ ସମ୍ପର୍କରେ ଆହୁରି କିଛି ନିଷ୍ପତ୍ତି ନେବା ବାକି ରହିଛି ବୋଲି ନିର୍ଦ୍ଦେଶକ କହିଛନ୍ତି।



ଏ ସମ୍ପର୍କରେ କୌଶିକ କହନ୍ତି, ବର୍ତ୍ତମାନ ଉକ୍ତ ଫିଲ୍ମର ସିକ୍ୱେଲ ନିର୍ମାଣ ପାଇଁ ଲେଖା ପ୍ରସ୍ତୁତ ହୋଇଛି। ଫିଲ୍ମ ସମ୍ପର୍କରେ ବେଶି କିଛି ପ୍ରକାଶ କରାନ ଗଲେ ମଧ ଏତିକି କୁହାଯାଇ ପାରେ ଯେ, ଜଣେ ଗ୍ୟାଙ୍ଗଷ୍ଟାରଙ୍କ ପ୍ରେମକାହାଣୀକୁ ଭିତ୍ତିକରି ଏହା ନିର୍ମାଣ ହେଉଛି। ପରବର୍ତ୍ତୀ ପ୍ରଡକ୍ସନ୍ 'କାଗଜ' ସମ୍ପୂର୍ଣ୍ଣ ହେବାପରେ 'ତେରେନାମ୍'ର ସିକ୍ୱେଲ୍ ପାଇଁ ଶୁଟିଂ ଆରମ୍ଭ ହେବ। ତେବେ ସ୍କ୍ରିପ୍ଟ ସମ୍ପର୍କରେ ସଲମାନ୍ ଖାନ୍‌ଙ୍କ ସହିତ ଆଲୋଚନା କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି।

୨୦୦୦ ପ୍ରାରମ୍ଭରେ 'ତେରେ ନାମ୍' ଫିଲ୍ମ ଖୁବ୍ ଚର୍ଚ୍ଚାକୁ ଆସିବା ପରେ ସଲମାନ୍‌ଙ୍କ କ୍ୟାରିୟର ଆଗକୁ ବଢ଼ିଥିଲା। କଲେଜ ଛାତ୍ର ରାଧେ ମୋହନ ଭାବେ ତାଙ୍କର ଅଭିନୟ ଦର୍ଶକଙ୍କ ପାଇଁ ଖୁବ୍ ଗ୍ରହଣୀୟ ହୋଇଥିଲା। ଏଥିରେ ଭୂମିକା ଚାଓ୍ୱଲା ଏବଂ ରବି କିଷାନ ମଧ୍ୟ ଅଭିନୟ କରିଥିଲେ।

## ଜୁଲାଇ, ଅଗଷ୍ଟ ପାଇଁ ଗୋ ଏୟାରର ସ୍ୱତନ୍ତ୍ର ଭଡ଼ା ଘୋଷଣା

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ଆସନ୍ତା ଜୁଲାଇ ଏବଂ ଅଗଷ୍ଟରେ ଭୁବନେଶ୍ୱର ଓ ମୁମ୍ବାଇ ମଧ୍ୟରେ ବିମାନ ଯାତ୍ରା କରିବା ପାଇଁ ଗୋ ଏୟାର ସ୍ୱତନ୍ତ୍ର ଭଡ଼ା ଘୋଷଣା କରିଛି। ଏ ନେଇ ଗୋ ଏୟାର ନିଜର ଅଫିସିଆଲ ଓ୍ୱେବ୍‌ସାଇଟ୍‌ରେ ଜଣାଇଛି। ଜୁଲାଇ ୮ରୁ ୨୧ ମଧ୍ୟରେ ଭୁବନେଶ୍ୱରରୁ ମୁମ୍ବାଇ ଯାତ୍ରା କରିବା ପାଇଁ ଟିକେଟ୍ ପିଛା ୩,୭୯୯ଟଙ୍କା ରହିଛି। ସେହିପରି ଅଗଷ୍ଟ ୫ରୁ ୩୧ ମଧ୍ୟରେ ମୁମ୍ବାଇରୁ ଭୁବନେଶ୍ୱର ଯାତ୍ରା ପାଇଁ ଟିକେଟ୍ ପିଛା ୩,୦୯୯ଟଙ୍କା ରହିଛି। ଏଥିଲାଗି ଯାତ୍ରୀମାନଙ୍କୁ ଏପ୍ରିଲ ୨୫ ଭିତରେ ଟିକେଟ୍ କାଟିବାକୁ ପଡ଼ିବ। ଗୋ ଏୟାର ଦେଶର ବିଭିନ୍ନ ସହରକୁ ମଧ ଏହିଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ତେବେ ବାଗ୍‌ଦୋଗ୍ରା ଓ ଗୁଆହାଟୀ ମଧ୍ୟରେ ସବୁଠାରୁ କମ୍ ଟଙ୍କାର ଭଡ଼ା ରଖାଯାଇଛି। ଏହି ଦୁଇଟି ସ୍ଥାନ ମଧ୍ୟରେ ଯାତ୍ରା କରିବା ପାଇଁ ଟିକେଟ୍ ପିଛା ୧୩୭୫ଟଙ୍କା ରହିଛି। ସୂଚନାଯୋଗ୍ୟ, ଜୁଲାଇ ଓ ଅଗଷ୍ଟ ବିମାନସେବା କ୍ଷେତ୍ରରେ ଖରାପ ସମୟ ଭାବେ ଗଣନା ହୁଏ। ସେଥିପାଇଁ ଅଧିକାଂଶ ବିମାନ ଉଡ଼ାଣକାରୀ ସଂସ୍ଥା ଏହି ଦୁଇଟି ମାସ ପାଇଁ ସ୍ୱତନ୍ତ୍ର ଭଡ଼ା ବ୍ୟବସ୍ଥା କରିଥାଆନ୍ତି।

## ସରପଞ୍ଚଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

କେନ୍ଦ୍ରାପଡ଼ା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ତଥା ଭାଗବତପୁର ପଞ୍ଚାୟତର ସରପଞ୍ଚ ଚିରଞ୍ଜନ ବେହେରାଙ୍କ ମଙ୍ଗଳବାର ପରଲୋକ ଘଟିଛି। ଚିରଞ୍ଜନଙ୍କ ଅକାଳ ବିୟୋଗରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ନିଜ ଶୋକବାର୍ତ୍ତାରେ ନବୀନ କହିଛନ୍ତି ଯେ, ସ୍ୱର୍ଗତ ବେହେରା ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଭାବରେ ପରିଚିତ ଥିଲେ। ଦଳ ପ୍ରତି ତାଙ୍କର ନିଷ୍ଠା ଓ ସାଂଗଠନିକ ଦକ୍ଷତା ପ୍ରଶଂସନୀୟ। ତାଙ୍କର ବିୟୋଗରେ ଦଳର ଏକ ଅପୂରଣୀୟ କ୍ଷତି ଘଟିଛି। ସ୍ୱର୍ଗତ ବେହେରାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

## ୪୦ ଡିଗ୍ରୀ ଟପିଲା ୫ ଜିଲା

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

■ **ପୁଣି ବଢ଼ିଲା ତାପମାତ୍ରା**

■ **ପଶ୍ଚିମ ଓଡ଼ିଶା ଗରମ, ଉପକୂଳ ଥଣ୍ଡା**

ରାଜ୍ୟରେ ପୁଣି ବଢ଼ିଛି ତାପମାତ୍ରା। ମଙ୍ଗଳବାର ରାଜ୍ୟର ୫ ଜିଲାରେ ପାରଦ ୪୦ଡିଗ୍ରୀ ଟପିଛି। ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ରହିଥିବା ବେଳେ ଉପକୂଳ ଓଡ଼ିଶାରେ କମ୍ ତାତି ରହିଛି। ମଙ୍ଗଳବାର ଟିଟିଲାଗଡ଼ ସବୁଠାରୁ ଉତ୍ତପ୍ତ ସହର ରହିଥିଲା। ଏଠାରେ ପାରଦ ୪୨.୫ଡିଗ୍ରୀକୁ ବୃଦ୍ଧି ପାଇଛି। ସେହିଭଳି ମାଲକାନଗିରିରେ ୪୧.୬ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ସୁବର୍ଣ୍ଣପୁର ଓ ସମ୍ବଲପୁର ୪୦.୨, ଭବାନୀପାଟଣା ୪୦, ଝାରସୁଗୁଡ଼ା ୩୯.୨, ହୀରାକୁଦ ୩୯.୧, ସୁନ୍ଦରଗଡ଼ ୩୯, ଫୁଲବାଣୀ ୩୮.୬, ଅନୁଗୋଳ ୩୮.୧, କଟକ ୩୭, ଚାନ୍ଦବାଲି ୩୬.୮ ଓ ଭୁବନେଶ୍ୱର ୩୬.୪ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ଯାଜପୁର, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଆଦି ଜିଲାରେ ପବନ ସହିତ ବର୍ଷା ହୋଇଥିଲା। ଅନ୍ୟ ସବୁ ଜିଲାରେ ପାଗ ଶୁଖିଲା ରହିଥିଲା। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ, ସୁନ୍ଦରଗଡ଼, ମାଲକାନଗିରି, କନ୍ଧମାଳ ଓ ଗଞ୍ଜାମ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ସମ୍ଭାବନା ରହିଛି। ଗଞ୍ଜାମ, ନବରଙ୍ଗପୁର, କୋରାପୁଟ, କନ୍ଧମାଳ, ମୟୂରଭଞ୍ଜ ଓ ବାଲେଶ୍ୱରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ହୋଇପାରେ। ଏହି ସମୟରେ ପ୍ରବଳ ବର୍ଷା ସହିତ ବଜ୍ରପାତ ସମ୍ଭାବନା ରହିଛି। ତେଣୁ ଏହି ୬ ଜିଲାକୁ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ୩ରୁ ୪ଡିଗ୍ରୀ ଏବଂ ଉପକୂଳ ଓଡ଼ିଶାରେ ୨ରୁ ୩ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ପାଗ ମେଘୁଆ ରହିବ ଏବଂ ସନ୍ଧ୍ୟାରେ କିମ୍ବା ରାତିରେ ବର୍ଷା ସହିତ ଝଡ଼ତୋଫାନ ହେବା ସମ୍ଭାବନା ରହିଛି। ଏଠାରେ ସର୍ବାଧିକ ତାପମାତ୍ରା ୩୮ଡିଗ୍ରୀ ଓ ସର୍ବନିମ୍ନ ୨୩ଡିଗ୍ରୀ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଏସାର ପାଇପ୍ ଲାଇନ କାଟିଲେ ମାଓବାଦୀ

**ଚିତ୍ରକୋଣ୍ଡା, ୨୩।୪(ଡି.ଏନ୍.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରେ ପୁଣି ନିଜର ଉପସ୍ଥିତି ଜାହିର କରିଛନ୍ତି ମାଓବାଦୀ। ମଙ୍ଗଳବାର ଆନ୍ଧ୍ର ସୀମାନ୍ତ ଚିତ୍ରକୋଣ୍ଡା ବ୍ଲକ ରାଲେଗଡ଼ା ପଞ୍ଚାୟତ ଦିଗଜାନବାଇ ପାଖ ଜଙ୍ଗଲ ଦେଇ ଯାଇଥିବା ଏସାର ପାଇପ ଲାଇନକୁ ମାଓବାଦୀମାନେ କାଟି ଦେଇଛନ୍ତି। ସେମାନେ ଓଡ଼ିଶା ସୀମାନ୍ତରେ ଏସାର ପାଇପ ଲାଇନକୁ ଅନେକଥର କାଟିଥିବାର ନଜିର ରହିଛି। ସ୍ଥାନୀୟ ଅଞ୍ଚଳରେ ହେଉଥିବା କ୍ଷୟକ୍ଷତିକୁ ଏସାର କମ୍ପାନୀ ବହନ କରିବା ପାଇଁ ମାଓବାଦୀମାନେ ଦାବିକରି ଏଭଳି ବାରମ୍ବାର କରୁଥିବା ଜଣାପଡ଼ିଛି। ତେବେ ଏନେଇ ପୋଲିସ କିଛି ସ୍ପଷ୍ଟ କରିନାହିଁ।






## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ଭାଜପା ଜାତୀୟ ପରିଷଦ ସଦସ୍ୟ

ତିହିଡ଼ି, ୨୩।୪ (ଡି.ଏନ.ଏ.): ଭାଜପା ଜାତୀୟ ପରିଷଦ ସଦସ୍ୟ ଶରତ ଦାସ ମଙ୍ଗଳବାର ବିଜେଡିରେ ଯୋଗ ଦେଇଛନ୍ତି। ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀର ତିହିଡ଼ି ବ୍ଲକ ଅଧୀନ କାଁପଡ଼ା ପଞ୍ଚାୟତ ଦକ୍ଷିଣପାରି ଗ୍ରାମର ଶରତ ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ମିଶିଛନ୍ତି। ତାଙ୍କର ଶତାଧିକ ସମର୍ଥକ ମଧ ବିଜେଡିରେ ଯୋଗ ଦେଇଛନ୍ତି। ଭାଜପା ନେତାମାନେ ଦଳର ନୀତି ଆଦର୍ଶକୁ ଭୁଲି ଅନ୍ୟ ଦଳର ଦୁର୍ନୀତିଗ୍ରସ୍ତ ନେତାଙ୍କୁ ଦଳରେ ମିଶାଇ ପ୍ରାର୍ଥୀ କରିବା ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରିବାରୁ ସେ ଏଭଳି ପଦକ୍ଷେପ ନେଇଥିବା ଶରତ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି। ଶରତ ୧୬ବର୍ଷ ଧରି ଭାଜପାରେ ଜଣେ ସକ୍ରିୟ ନେତା ଭାବେ କାର୍ଯ୍ୟ କରିଆସୁଥିଲେ। ୨୦୧୪ରେ ଭଦ୍ରକ ଲୋକ ସଭା ଆସନ ପାଇଁ ଭାଜପାରୁ ସେ ପ୍ରାର୍ଥୀ ହୋଇଥିଲେ। ଏଥର ନିର୍ବାଚନରେ ତାଙ୍କୁ ଟିକେଟରୁ ବଞ୍ଚିତ କରାଯାଇଥିବାରୁ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

### ଭୋଟ ଭିକ୍ଷା କଲେ ବନ୍ଦିତା



ଯାଜପୁରରୋଡ,୨୩।୪(ନି.ପ୍ର.)- କୋରେଇ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥିନୀ ବନ୍ଦିତା ପରିଡା ସୋମବାର ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ସେ ପଦଯାତ୍ରାରେ ବିଭିନ୍ନ ଗାଁ ପରିକ୍ରମା କରୁଛନ୍ତି। ସୋମବାର ବନ୍ଦିତା ବ୍ୟାସନଗର ପୌର ପରିଷଦର ୨୬ ନଂ. ୱାର୍ଡ ପରିକ୍ରମା କରିଛନ୍ତି। ଏଥିରେ ଅରୁନ୍ଧତି ପରିଡା, ପ୍ରକାଶ ପରିଡା, ଜାଜ୍ଞସେନୀ ପରିଡାଙ୍କ ସମେତ ୧୦୦ରୁ ଅଧିକ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। କୁସୁନପୁର, କୋଶଳାପୁର, ସୋବରା, କାଚହୁଡି, ରାମଦାସ କଲୋନୀ ପ୍ରମୁଖ ୱାର୍ଡ ପରିକ୍ରମା କରିଥିଲେ। ଏହି ପଦଯାତ୍ରାରେ ନିର୍ବାଚନ କମିଟି ଅଧକ୍ଷ ବିଦ୍ୟାଧର ମହାନ୍ତି, ହୃଦାନନ୍ଦ ସାମଲ, ତପନ ନାୟକ, ସୁଶାସନ ଦାସ, ରିତାଶ୍ରୀ ମହାନ୍ତି, ବ୍ରଜସ୍ୱେରୀ ସିଂ,ପ୍ରମୋଦ ରାଉତ, ନିର୍ମଳା ମଲ୍ଲିକ, ଦିଲୀପ ମଲ୍ଲିକ,ସ୍ନେହଲତା ଜେନା ପ୍ରମୁଖ ବହୁ କର୍ମୀ ସାମିଲ ହୋଇଥିଲେ।

### ବିଜେଡିରେ ଯୋଗଦେଲେ କଂଗ୍ରେସ କର୍ମୀ

ଦଶରଥପୁର,୨୩।୪ (ଡିଏନ୍ଏ)- ଦଶରଥପୁର ବ୍ଲକ ଅନ୍ତର୍ଗତ ଦଶରଥପୁର ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ସୋମବାର ବିଜେଡିରେ ଯୋଗଦେଇଛନ୍ତି। ଏ ନେଇ ପଟଣା ଗ୍ରାମରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ଗ୍ରାମର ବିଜେଡି ନେତା ପ୍ରଫୁଲ୍ଲ କୁମାର ବେହେରା ଅଧକ୍ଷତା କରିଥିଲେ। ଦୀର୍ଘଦିନ ଧରି କଂଗ୍ରେସରେ କାର୍ଯ୍ୟ କରୁଥିବା ଏହି ଗ୍ରାମର କମଳିନୀ ରାଉତ, ଦୁର୍ଯ୍ୟୋଧନ ପୃଷ୍ଟି, ଶ୍ୟାମସୁନ୍ଦର ପାତ୍ର, ଗୋପାଳ ନାଥ, ଶ୍ରୀଧର ସେଠୀ, ମନୋଜ ଦାସ, ଗିରିଧାରୀ ଦାସ, କାଳନ୍ଦୀ ସେଠୀ, ବୃନ୍ଦାବନ ସେଠୀ, କରୁଣାକର ସାହୁ, ବଟକୃଷ୍ଣ ସାହୁ, ଦୟାନିଧି ସାହୁ, ନିରଞ୍ଜନ ଦାସ, ରବୀନ୍ଦ୍ର ନାୟକ, ସାରଥୀ ସାହୁ, ରମାମଣି ପାତ୍ର, ଅନୁସୟା ପାତ୍ର, ସାବିତ୍ରୀ ଦାସ, ଶାନ୍ତିଲତା ନାଥ, ଜଗନ୍ନାଥ ନାଥ, ଗୋପୀନାଥ ନାୟକ, ରାଜକୁମାର ଦାସ, ହୃଦାନନ୍ଦ ପୃଷ୍ଟି (ୱାର୍ଡମେମ୍ବର), ଭାଗବତ ପୃଷ୍ଟି, ରମାକାନ୍ତ ବେହେରା, ଚକ୍ରଧର ସାହୁ, ଝୁନୁଲତା ନାୟକ, ଚାରୁଲତା ବେହେରା, ସସ୍ମିତା ସେଠୀଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଯାଜପୁର ବିଧାୟକ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଦଳରେ ସାମିଲ ହୋଇଥିବା ନୂତନ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

■ବିଜୟ ସଂକଳ୍ପ ସମାବେଶରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ‘ଚଣ୍ଡିଖୋଲର ବିକାଶ କରିବ କେନ୍ଦ୍ର ସରକାର’

ଚଣ୍ଡିଖୋଲ,୨୩।୪(ଡି.ଏନ.ଏ.)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ବଡ଼ଚଣା ମହୋତ୍ସବ ପଡ଼ିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଛନ୍ତି। ସଭାରେ ପୂର୍ବତନ ଜିଲା ପରିଷଦ ରମାକାନ୍ତ ରାଉତ ଅଧକ୍ଷତା କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉଦ୍‌ବୋଧନ ଦେଇ କହିଲେ ଦୀର୍ଘ ବର୍ଷ ଧରି ବଡ଼ଚଣା ଅବହେଳିତ ହୋଇଆସିଛି। ୫ ଥର ବିଧାୟକ ଭାବେ ନିର୍ବାଚତି ହୋଇଥିବା ଅମର ପ୍ରସାଦ ଶତପଥୀ କୋଣାର୍କ ଝୋଟକଳକୁ ଶାଗ ମାଛ ଦରରେ ବିକ୍ରି କରିଦେଲେ। ଯେଉଁଥିରେ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ସେମାନଙ୍କ ଜୀବିକା ହରାଇଲେ। ବିଧାୟକ ଶତପଥୀ ବାଦାମ ବିହନ ଚୋରି ଘଟଣାରେ ମନ୍ତ୍ରୀମଣ୍ଡଳରୁ ବିଦା ହୋଇଥିବାବେଳେ ନବୀନ ବାବୁ ତାଙ୍କୁ ଦଳକୁ ନେଇ ପୁଣି କିପରି ସ୍ୱଚ୍ଛ କରିଦେଲେ, ଆଶ୍ଚର୍ଯ୍ୟର ବିଷୟ। ୩ ଜାତୀୟ ରାଜପଥର ମିଳନ ସ୍ଥଳ ହୋଇଥିବାବେଳେ ଦୀର୍ଘ ୨୫ ବର୍ଷ ମଧ୍ୟରେ ସେ ଚଣ୍ଡିଖୋଲ ପାଇଁ କିଛି କରିନାହାନ୍ତି। ଯଦି ଓଡ଼ିଶାରେ ଭାଜପା କ୍ଷମତାକୁ ଆସେ, ଚଣ୍ଡିଖୋଲର ବିକାଶ ହେବା ସହ ବିଶ୍ୱର ଦୃଷ୍ଟି ଆକର୍ଷଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ଏଥିସହ ଯାଜପୁର ଏମ୍‌ପି ପ୍ରାର୍ଥୀ ଅମୀୟ ମଲିକ ଓ ବଡ଼ଚଣା ବିଧାନସଭା ପ୍ରାର୍ଥୀ ଅମର ନାୟକଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ପୂର୍ବତନ ଏମ୍‌ପି ମୋହନ ଜେନା, ବିଧାୟକ ପ୍ରାର୍ଥୀ ଅମର ନାୟକ, ଏମ୍‌ପି ପ୍ରାର୍ଥୀ ଅମୀୟ ମଲିକ, ପ୍ରମୋଦ କୁମାର ଜେନା, ଯଶୋଦୀପ୍ତ ସାମଲ, ଦେବଯାନୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଓଡ଼ିଶାରେ ପରିବର୍ତ୍ତନ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସମିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜଲକ୍ଷ୍ମୀ ରାୟ, ଯୁବ କଂଗ୍ରେସ ଉପସଭାପତି ବିଶ୍ୱବିଜୟୀ ବ୍ରହ୍ମଙ୍କ ସହ ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ। କେନ୍ଦ୍ର ସରକାର ଚଣ୍ଡିଖୋଲର ଡଙ୍କାରୀରେ ଦେଶର ସର୍ବବୃହତ୍ ତୈଳ ଭଣ୍ଡାର ନିର୍ମାଣ ପାଇଁ ୬ ହଜାର କୋଟି ଟଙ୍କା ମଞ୍ଜୁର କରିଥିଲେ ମଧ ରାଜ୍ୟ ସରକାର ପଥର ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେଇ ନ ଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅଭିଯୋଗ କରିଥିଲେ।



ସଭାରେ ଯୋଗ ଦେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୂଳିଆ ଘରର ପୁଅ**
**ଆପଣା ପଦାର୍ଥ ପରକୁ ଦେଇ**
**ଡାକୁଛି ଧରମ ପୁଅ ।**

ନିଜର ଅଧିକାର ପରକୁ ଦେବା ଉଚିତ ହୋଇ ନ ଥାଏ। କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ଅନ୍ୟର ଗୋଡ଼ାଣିଆ ହୋଇଯିବା ସହ ନିଜତ୍ୱ ହରାଇ ବସିବା ଆଶଙ୍କା ରହିଥାଏ। ନିଜର ଧନସମ୍ପତ୍ତି ଏକାନ୍ତ ବ୍ୟକ୍ତିଗତ, ପରକୁ ଆପଣାର କରିବାକୁ ଯାଇ ଏସବୁକୁ ଦାନ କରିବସିଲେ ପଛରେ ହତାଶ ହେବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଧଣ୍ଡା ଧମଣା**
**ବୁଲି ବୁଲି କରି ସେଇ ଅଗଣା ।**

ଧଣ୍ଡ ଓ ଢମଣା ସାପ ବିଷହୀନ। ଏମାନେ ସେତେଟା କ୍ଷତିକାରକ ହୋଇ ନ ଥାନ୍ତି। ପରୋକ୍ଷରେ ସରଳ ବା ନିଷ୍କପଟ ଲୋକ ଅଭିମାନ କରେ ସତ, ମାତ୍ର ବେଇମାନି କରି ନ ଥାଏ। ସେ ସବୁଠି ସବୁବେଳେ ଅନୁରକ୍ତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ ପବ୍ଲିଶର୍ସ

■କେବୁଲ ପୋଡ଼ିଯାଇ ବିଦ୍ୟୁତ୍ ସରବରାହ ବ୍ୟାହତ

# ମରାମତି ପାଇଁ କୋରେଇ ବିକାଶ ମଞ୍ଚର ଦାବିପତ୍ର

ଯାଜପୁରରୋଡ,୨୩।୪(ନି.ପ୍ର.)

**୪୦ ଗାଁ ପ୍ରଭାବିତ**

କୋରେଇ ବିଦ୍ୟୁତ୍ ସେକ୍ସନର ରେଳବାଇ ବ୍ରିଜ୍ ନିକଟରେ ଥିବା ଉଚ୍ଚ କ୍ଷମତା ସମ୍ପର୍ଣ୍ଣ କେବୁଲ୍ ଦୀର୍ଘଦିନ ହେବ ପୋଡ଼ିଯାଇଛି। ଫଳରେ ବିଦ୍ୟୁତ୍ ସରାବରାହ ବ୍ୟାହତ ହେବାରୁ ସେକ୍ସନ ଅଧୀନରେ ଥିବା ୪୦ରୁ ଊର୍ଦ୍ଧ୍ୱ ଗ୍ରାମ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ କେବୁଲ୍ ସଜାଡ଼ିବା ନେଇ କୋରେଇ ବିକାଶ ମଞ୍ଚ ପକ୍ଷରୁ ମଙ୍ଗଳବାର ଯାଜପୁରରୋଡ ବିଦ୍ୟୁତ୍ ମଣ୍ଡଳ ଅଧୀକ୍ଷଣ ଯନ୍ତ୍ରୀ ନିର୍ମଳ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୩ ଦିନ ମଧ୍ୟରେ କେବୁଲ ମରାମତି କରା ନ ଗଲେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ବିକାଶ ମଞ୍ଚ ସଭାପତି ଅଭିମନ୍ୟୁ ମିଶ୍ର, ସମ୍ପାଦକ ଚିନ୍ତାମଣି ପାଢ଼ୀ, କାର୍ଯ୍ୟକାରୀ ସମ୍ପାଦକ ସୁଧାଂଶୁ ଭୂଷଣ ଦାଶ, ଉପସଭାପତି ଆଶୁତୋଷ ମହାନ୍ତି, ପ୍ରଦ୍ୟୁମ୍ନ ବୋଇତେଇ, ଯୁଗ୍ମ ସମ୍ପାଦକ ଅଞ୍ଜନ କୁମାର ନାୟକ, ସହସଂପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସଂଗଠନ ସଂପାଦକ ୱାହିଦ୍ ଖାଁ, ଜାହିର୍ ଖାଁ, କୋଷାଧକ୍ଷ ପିତାମ୍ବର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନକୁ ଆଉ ମାତ୍ର ୬ ଦିନ ବାକି ଥିବାବେଳେ ବିଦ୍ୟୁତ୍ ସରବରାହ ବ୍ୟାଘାତ ଯୋଗୁ ଅନେକ ସମସ୍ୟା ଦେଖାଦେଉଛି। କୋରେଇ ପଞ୍ଚାୟତ ସମିତିରେ ନିର୍ବାଚନ ସଂକ୍ରାନ୍ତୀୟ ବହୁବିଧ କାର୍ଯ୍ୟ ଏବଂ ସମେତ କମ୍ପ୍ୟୁଟର କାମ ଠିକ୍ ସମୟରେ ହୋଇପାରୁନାହିଁ। ବଟିରା, ବେଗନା, ବାଢ଼ା, ଧନେଶ୍ୱର, ପଣ୍ଡୁଳା, ଆଲଡା, ଜଳେଶ୍ୱରପୁର, ମାଳଦା, ମଲ୍ଲିବାଗ୍, ରଣସରପୁର ସମେତ କୋରେଇ ବ୍ଲକ ପରିସର, ପଶୁ ଚିକିତ୍ସାଳୟ ଓ ଆଖପାଖଗ୍ରାମଗୁଡ଼ିକ ବିଶେଷଭାବେ ପ୍ରଭାବିତ ହେଉଛି। ବିଦ୍ୟୁତ୍‌ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରର ନକଲ ଯାଜପୁର ଜିଲାପାଳ, କୋରେଇ ଓ ଯାଜପୁରରୋଡ ଥାନାଧିକାରୀ, ଓଡିଶା ନିର୍ବାଚନ କମିଶନଙ୍କ ଅବଗତି ନିମନ୍ତେ ମଞ୍ଚ ତରଫରୁ ପଠାଯାଇଛି।

### କଂଗ୍ରେସ ପ୍ରାର୍ଥୀଙ୍କ ରୋଡ୍ ଶୋ

ଚଣ୍ଡିଖୋଲ,୨୩।୪(ଡି.ଏନ.ଏ.)

ବଡ଼ଚଣା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଜୟ କୁମାର ସାମଲ ଓ ଯାଜପୁର ଏମ୍‌ପି ପ୍ରାର୍ଥୀ ମାନସ ଜେନା ମଙ୍ଗଳବାର ବଡ଼ଚଣା ଅଞ୍ଚଳରେ ରୋଡ ଶୋ କରିଛନ୍ତି। ସେମାନେ ଛତିଆଠାରୁ କୋଲଣଗିରି ପର୍ଯ୍ୟନ୍ତ ଏକ ବାଇକ୍ ରାଲି ମାଧ୍ୟମରେ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ଶୋଭାଯାତ୍ରାରେ ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି ସାମିଲ ହୋଇ ବିଧାୟକ ପ୍ରାର୍ଥୀ ସାମଲ ଓ ଏମ୍‌ପି ପ୍ରାର୍ଥୀ ଜେନାଙ୍କୁ ଭୋଟ ଦେବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଜୋନ କଂଗ୍ରେସ ସଭାପତି ଗଗନ ପରିଡ଼ା, ସେକ୍ ରିୟାସତ୍ ଅଲ୍ଲୀ, ବିରଞ୍ଚି ନାରାୟଣ ସ୍ୱାଇଁ, କଂଗ୍ରେସ ନେତା ରତିକାନ୍ତ ପ୍ରଧାନ, ବିଶ୍ୱପ୍ରକାଶ ସାମଲ, ସଂଖ୍ୟାଲଘୁ ସେଲ ସଭାପତି ସୁଲତାନ ସଇଫୁଲ୍ଲା ଖାଁ, ମାନଭଞ୍ଜନ ରାଉତରାୟ, ଶ୍ରୀକାନ୍ତ ମଳିକ, ଏକାଦଶୀ ସେଠୀ, ଅମୂଲ୍ୟ କୁମାର ଦାସ, ରଞ୍ଜନ କୁମାର ବଳ ଓ ସନ୍ତୋଷ ସାହୁ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ଶୋଭାଯାତ୍ରା ନେଳିଆଠାରୁ ବାହାରି ଛତିଆ, ବନ୍ଧାଳୋ, ବଡ଼ଚଣା, ଚଣ୍ଡିଖୋଲ, କୁନ୍ଦଳ, ଭାକୁଡ଼, ନାନପୁର, ବାଲିଚନ୍ଦ୍ରପୁର ଓ ବାଲିକୁଦା ଦେଇ କୋଲଣଗିରିଠାରେ ଶେଷ ହୋଇଥିଲା।

# ମହିଳାଙ୍କ ଗହଣରେ ସୁନନ୍ଦାଙ୍କ ଭୋଟ ଭିକ୍ଷା

ବରୀ,୨୩।୪(ସ୍ୱ.ପ୍ର.)

ବରୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ମଙ୍ଗଳବାର ଶତାଧିକ ମହିଳାଙ୍କ ଗହଣରେ ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ଭଅଁରା, ବାଇଁଶିରିଆ, ଈଶାଣପୁର, କିମ୍ବୀରିଆପାଳ, କେଲୁଅ, ସୁଜନପୁର, ସାହସପୁର ଆଦି ପଞ୍ଚାୟତରେ ଭୋଟରଙ୍କୁ ଭେଟି ଦେଖିବାକୁ ମିଳିଛି। ଏହି ଅବସରରେ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଦେବେନ୍ଦ୍ର ଦାସ, ବିଭୂତି ଭୂଷଣ ସାହୁ, ନୀଳମଣି ସାମଲ ମିଶ୍ରଣ ପର୍ବର ନେତୃତ୍ୱ ନେଇଥିଲେ। ସମିତି ସଭ୍ୟ ପ୍ରଦୀପ ଘଡ଼େଇଙ୍କ ଉଦ୍ୟମରେ ମିଶ୍ରଣ ପ୍ରକ୍ରିୟା ଜାରି ରହିଛି। ଦୈନିକ ଶହ ଶହ କର୍ମୀ ବିଜେଡିରେ ସାମିଲ ହେଉଥିବାରୁ ବରୀରେ ବିଜେଡି ଶକ୍ତିଶାଳୀ ହେବାରେ ଲାଗିଛି।



ସୁନନ୍ଦା ଦାସ ଭୋଟଭିକ୍ଷା କରୁଛନ୍ତି ।

■ଶିକ୍ଷୟିତ୍ରୀଙ୍କ ମୋବାଇଲ୍ ଚୋରି ଘଟଣା

# ତଦନ୍ତ କଲେ ଜିଲା ଶିଶୁ ସୁରକ୍ଷା କଲ୍ୟାଣ କମିଟି ଅଧକ୍ଷ

ଦଶରଥପୁର,୨୩।୪(ଡିଏନ୍ଏ)

ଜଣେ ଶିକ୍ଷୟିତ୍ରୀଙ୍କ ମୋବାଇଲ ଚୋରି କରିବା ଅଭିଯୋଗରେ ୪ଜଣ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଝୁମ୍ପୁରୀ ବିଟ୍ ହାଉସ ପୋଲିସ ଅଟକ ରଖିବା ସହ ମାନସିକ ନିର୍ଯାତନା ଦେଇ ମୋବାଇଲ ଫେରାଇବାକୁ ବାଧ କରିଥିଲେ। ମାତ୍ର ପରେ ଉକ୍ତ ଶିକ୍ଷୟିତ୍ରୀ ନିଜ ଫୋନ ଅନ୍ୟ କେଉଁଠାରୁ ପାଇବା ପରେ ଅଭିଭାବକ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶିକ୍ଷୟିତ୍ରୀ ଛାତ୍ରଙ୍କ ଉପରେ ଆଣିଥିବା ଏଭଳି ମିଥ୍ୟା ଅଭିଯୋଗ ଉପରେ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା କଲ୍ୟାଣ କମିଟି ଅଧକ୍ଷ ତଦନ୍ତ କରିଛନ୍ତି।

ପ୍ରକାଶ ଯେ, ଦଶରଥପୁର ବ୍ଲକର ଏକ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସାୟଂଦୀପା ପରିଡ଼ା ଗତ ୯ ତାରିଖ ବିଦ୍ୟାଳୟକୁ ଯାଇଥିବାବେଳେ ତାଙ୍କ ମୋବାଇଲଟି ପାଇ ନ ଥିଲେ। ମୋବାଇଲଟିକୁ ସମ୍ପୃକ୍ତ ସ୍କୁଲର ୪ଜଣ ଅଷ୍ଟମ ଶ୍ରେଣୀ ଛାତ୍ର ଚୋରି କରିନେଇଥିବା ସନ୍ଦେହ କରି ଶିକ୍ଷୟିତ୍ରୀ ଜଣକ ସ୍ଥାନୀୟ ଝୁମ୍ପୁରୀ ପୋଲିସ ବିଟ୍ ହାଉସ୍‌ରେ ଲିଖିତ ଅଭିଯୋଗ କରିଥିଲେ। ଏତଲା ପାଇବା ପରେ ବିଟ୍ ହାଉସ୍ ଅଧିକାରୀ ବିଜୟ କୁମାର ସ୍ୱାଇଁ ଉକ୍ତ ୪ ନାବାଳକଙ୍କୁ ଘରୁ ଉଠାଇ ଆଣି ବିଟ୍ ହାଉସ୍‌ରେ ମାରାଥନ୍ ଜେରା କରିଥିଲେ। ସେମାନଙ୍କୁ ଭୟଭୀତ କରିବା ସହ ବିଧା, ଚାପୁଡ଼ା ମାରି ମୋବାଇଲ୍ ଫେରାଇବାକୁ ବାଧ କରିଥିଲେ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାପରେ ଅବିଭାବକମାନେ ଗ୍ରାମବାସୀଙ୍କୁ ଧରି ବିଟ୍ ହାଉସ୍‌ରେ ପହଞ୍ଚିବା ପରେ ପୋଲିସ ୩ ଘଣ୍ଟା ପରେ ପିଲାଙ୍କୁ ଛାଡିଥିଲା। ଅପରପକ୍ଷେ, ଉକ୍ତ ଶିକ୍ଷୟିତ୍ରୀ ବ୍ୟବହାର କରୁଥିବା ମୋବାଇଲ୍‌ଟିକୁ ପରଦିନ ଧରିଥିବା ଦେଖି ବିଦ୍ୟାଳୟର ଜଣେ କର୍ମଚାରୀ ତାଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ମୋବାଇଲଟି ପାଇଥିବା ଶିକ୍ଷୟିତ୍ରୀ କହିବା ପରେ ଅଭିଭାବକ ମହଲରେ ଏ ନେଇ ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ଛାତ୍ରଙ୍କ ଅଭିଭାବକମାନେ ସୋମବାର ଘଟଣା ସମ୍ପର୍କରେ ଜିଲାପାଳ, ଜିଲା ଶିଶୁମଙ୍ଗଳ କମିଟି ଅଧକ୍ଷ, ଜିଲା ପୋଲିସ ସୁପରିଟେଣ୍ଡେଣ୍ଟ, ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କେବଳ କଥାରେ ହୁଏ ନାହିଁ ଦେଶ ନିର୍ମାଣ

୫ ବର୍ଷରେ ବିଜେପି ଲୋକଙ୍କ ବିଶ୍ୱାସ ହରେଇଛି । ବିମୁଦ୍ରାକରଣ କଲେ । ଗରିବ ଆହୁରି ଗରିବ ହେଲା । ଜିଏସ୍‌ଟି କଲେ । ଯୁବକ ରୋଜଗାର ହରାଇଲେ । ଚାଷୀ ପାଇଁ କିଛି କଲେ ନାହିଁ । ଗରିବ,ଚାଷୀ, ମହିଳା, ଯୁବକ, ଏସ୍ ଟି ଏସ୍ ସି ଓ ସାଧାରଣ ଲୋକ ସମସ୍ତେ ହତାଶ । ସେଥିପାଇଁ ବିଜେପି ସବୁ ନିର୍ବାଚନରେ ହାରୁଛି ।

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର । ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

ବିଜୁ ଜନତା ଦଳ

## ବିଜେଡିରେ ମିଶିଲେ ୨୦ ପରିବାର

ରାଜନଗର,୨୩।୪(ଡିଏନଏ)

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ଦେବେନ୍ଦ୍ରନାରାୟଣପୁର ଗ୍ରାମର ୨୦ ପରିବାର ମଙ୍ଗଳବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପଞ୍ଚାୟତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାରେ ଆକୃଷ୍ଟ ହୋଇ ଓ ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଉକ୍ତ ଗାଁର ସନ୍ତୋଷ ବୈଦ୍ୟ, ଦୁଲାଲ ମଣ୍ଡଳ, ହରିପଦ ମଣ୍ଡଳ, ଅନୁୟ ମଣ୍ଡଳ, ରମେଶ ମଣ୍ଡଳ, ଗୋବିନ୍ଦ ମଣ୍ଡଳ, ଶିବପଦ ମଣ୍ଡଳ, ସତ୍ୟପଦ ଗାଇନି, ଖୋକନ ମିସ୍ତ୍ରୀ, ନିରାପଦ ଗାଇନି, କୃଷ୍ଣପଦ ମଣ୍ଡଳ, ହରିପଦ ମଣ୍ଡଳ, ବିଷ୍ଣୁ ମଣ୍ଡଳ, କମଳା ଚକ୍ରବର୍ତ୍ତୀ, ମହାଦେବ ମିସ୍ତ୍ରୀ ପ୍ରମୁଖ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବ୍ଲକ ବିଜୁ ଜନତା ଦଳର ସଭାପତି ଅଶୋକ କୁମାର ପ୍ରତିହାରୀ ନୂତନ ସଦସ୍ୟଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସାଧାରଣ ସଂପାଦକ ନରହରି ଜେନା, ଗୁପ୍ତି ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ମନୋରଞ୍ଜନ ମଲ୍ଲିକ, ସରପଞ୍ଚ ସର୍ବେଶ୍ୱର ସାହୁ, ବୈଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଶାଘାଇରେ ବିଜେଡିର ରୋଡ୍ ଶୋ

## ଅତନୁ ,ଅଭିନେତ୍ରୀ ବର୍ଷା ଓ ଟୁକୁନୀ ସାହୁ ସାମିଲ



ରୋଡଶୋ'ରେ ବିଧାୟକ ପ୍ରାର୍ଥୀ ଅତନୁ ଓ ଅନ୍ୟମାନେ।

ମାର୍ଶାଘାଇ,୨୩।୪(ଡିଏନଏ)

ମଙ୍ଗଳବାର ମହାକାଳପଡା ନିର୍ବାଚନମଣ୍ଡଳୀର ମାର୍ଶାଘାଇ ଅଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ରୋଡ୍ ଶୋ କରାଯାଇଥିଲା।ଏଥିରେ ମହାକାଳପଡା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ପତ୍ନୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ, ଟିଂଲାଗଡର ବିଧାୟିକା ତଥା ମାର୍ଶାଘାଇର ଝିଅ ଟୁକୁନୀ ସାହୁ ସାମିଲ ହୋଇଥିଲେ । ମାର୍ଶାଘାଇ ବ୍ଲକ କୁସୁନୁପୁର ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣ ନିକଟରୁ ବାହାରିଥିବା ରୋଡ ଶୋ ଶିଳିପୁର ଛକ ଦେଇ ମାର୍ଶାଘାଇ କ୍ରସିଂଙ୍ଗ ପର୍ଯ୍ୟନ୍ତ ଯାଇଥିଲା । ଏହି ଅବସରରେ ମହାକାଳପଡା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଏବଂ ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଅଭିନେତ୍ରୀ ବର୍ଷା ଅନୁରୋଧ କରିଥିଲେ । କ୍ରସିଙ୍ଗ ଠାରୁ ଏହି ରୋଡ ଶୋ ମାର୍ଶାଘାଇ ଜୁଣ ଛକ ଠାରେ ପହଁଞ୍ଚିବା ପରେ ବଜାର ମଧ୍ୟରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏଥିରେ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା,ବିଜେଡି ନେତା ପ୍ରଫୁଲ୍ଲ ଦାସ,ଗଙ୍ଗାଧର ପରିଡା,ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଗାହାଣ,ମାର୍ଶାଘାଇ ସରପଞ୍ଚ ସରିତା ପ୍ରଧାନ,ମହିଳା ନେତ୍ରୀ ଶର୍ମିଷ୍ଠା ନାୟକ,ପ୍ରିୟବ୍ରତ ବଳବନ୍ତରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ। ରୋଡ ଶୋରେ ବହୁସଂଖ୍ୟକ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ।

## ବାଇକ ଲୁଟେରା ଗିରଫ, ୩ ଗାଡ଼ି ଜବତ

ପାରାଦୀପ,୨୩।୪(ସ୍ୱ.ପ୍ର.)

ପାରାଦୀପ ମଡେଲ ଥାନା ପୋଲିସ ମଙ୍ଗଳବାର ବାଇକ୍ ଲୁଟ୍ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ତାଙ୍କଠାରୁ ୩ଟି ବାଇକ୍ ଜବତ ହୋଇଛି। ଏନେଇ କେସ୍ ନଂ. ୭୬/୧୯ ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଏରସମା ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ପ୍ରତାପ ବିଶ୍ୱାଳ। ପ୍ରତାପ ଏକ ନକଲି ପଞ୍ଜୀକୃତ ନମ୍ବର ଓଆର୨୧ଡି୬୫୧୩ ବାଇକରେ ପାରାଦୀପ ଆସୁଥିବାବେଳେ ଅଠରବାଙ୍କୀର ପାଟ୍ରୋଲିଂ ପୋଲିସ ହାବୁଡ଼ରେ ପଡିଥିଲେ। ଉକ୍ତ ଗାଡ଼ିର କାଗଜପତ୍ର ଦେଖାଇ ନପାରିବାରୁ ପୋଲିସ ଆଣି ଯାଞ୍ଚ କରିବାରୁ ସତ ଧରାପଡ଼ିଥିଲା। ପରେ ପ୍ରତାପଙ୍କ ଘରୁ ଓ ଗ୍ୟାରେଜରୁ ୨ଟି ଗାଡି ଜବତ କରାଯାଇଥିଲା। ପୋଲିସ ତାଙ୍କ ପାଖରୁ ୬ଟି ମୋବାଇଲ ଫୋନ୍ ମଧ୍ୟ ଜବତ କରିଛି। ଉକ୍ତ ମୋବାଇଲଗୁଡିକ ଚୋରା ବୋଲି ମଧ୍ୟ ଜଣାପଡିଛି।

# ରାଜନଗର ବିଧାନସଭା ଆସନରେ ପ୍ରଚାର ଜମୁଛି

ରାଜନଗର,୨୩।୪(ଡିଏନଏ)

ଆସନ୍ତା ୨୯ ତାରିଖରେ ରାଜନଗର ବିଧାନସଭା ଆସନରେ ଭୋଟଗ୍ରହଣ ହେବ। ଏଥିପାଇଁ ନିର୍ବାଚନ ପ୍ରଚାର ଜୋର୍‌ଦାର ଚାଲିଛି। ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀମାନେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ଏହି ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି । ରବିବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜନଗର ଗସ୍ତରେ ଆସି ମାରାଥନ୍ ପ୍ରଚାର କରିବା ସହିତ ରାଜନଗର ବିଧାନସଭା ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ଏବଂ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ବିଜୟୀ କରିବା ପାଇଁ ଉପସ୍ଥିତ ଜନସଭାକୁ ସମ୍ବୋଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ଏଠାକୁ ଆସିବା ପରେ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଅପରପକ୍ଷରେ ବିଜେଡି ପ୍ରାର୍ଥୀ ଧ୍ରୁବଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି ନିଜର ଅମାୟିକ ବ୍ୟକ୍ତିତ୍ୱକୁ ଆଧାର କରି ଜୋରଦାର ପ୍ରଚାର ଚଳାଇଛନ୍ତି। ବିଧାୟକ ପ୍ରାର୍ଥୀ ମହାନ୍ତି ନିଜେ ଗାଁ ଗାଁ ବୁଲି ଭୋଟରମାନଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ଧ୍ରୁବ ରାଜନଗରକୁ ସମୃଦ୍ଧ କରି ଗଢି ତୋଳିବା ପାଇଁ ବଦ୍ଧପରିକର ବୋଲି କହି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଲାଗି ପଡିଛନ୍ତି। ବିଜେଡି ପାଇଁ ବହୁ ସିନେଷ୍ଟାର ଆସି ଧ୍ରୁବଙ୍କୁ ଜିତାଇବା ପାଇଁ ପ୍ରଚାର କରୁଥିବା ବେଳେ ଅଂଶୁମାନ ନିଜେ ପ୍ରଚାରର ମଙ୍ଗ ଧରିଛନ୍ତି।

ମଙ୍ଗଳବାର କେନ୍ଦ୍ରାପଡାର ବାରୁଅ ଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ଦଳୀୟ ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ ଭୋଟରମାନଙ୍କୁ ନିବେଦନ କରିଛନ୍ତି । ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ରାପଡା ଆସିଥିବାରୁ ଦଳମତ ନିର୍ବିଶେଷରେ ତାଙ୍କୁ ଦେଖିବା ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ରାଜନଗର ଆସନରେ ଭାଜପାରୁ ଅଲେଖ କୁମାର ଜେନା ପ୍ରାର୍ଥୀ ହୋଇଛନ୍ତି । ସେ ପୂର୍ବରୁ ବିଜେଡିରେ ଥିଲେ । କିନ୍ତୁ ଦଳରେ ଅଣଦେଖା ହେବାରୁ ବିଜେଡି ଛାଡି ଭାଜପାରେ ଯୋଗଦେଇଥିଲେ। ଏଥର ସେ ନିର୍ବାଚନରେ ବିଜୟୀ ହେବା ପାଇଁ ପୁରାଦମରେ ଲାଗି ପଡିଛନ୍ତି । ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଧରି ଗାଁକୁ ଗାଁ ବୁଲି କେବଳ ଭାଜପା ନୁହେଁ, ଉଭୟ କଂଗ୍ରେସ ଓ ବିଜେଡି କର୍ମୀମାନଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି । ରାଜନଗର ବିଧାନସଭା ଆସନ ପାଇଁ ୭ଜଣ ଆଶାୟୀ ପ୍ରାର୍ଥୀ ଥିବା ବେଳେ ସମସ୍ତଙ୍କୁ ପଛରେ ପକାଇ ଜେନା ଭାଜପା ଟିକେଟ ହାତେଇଛନ୍ତି। ତାଙ୍କର କିଛି ପକେଟ ଭୋଟ ଥିବାରୁ ଏହି ନିର୍ବାଚନରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରନ୍ତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ, ରାଜନଗର ନିର୍ବାଚନମଣ୍ଡଳୀରୁ ଉପରୋକ୍ତ ୩ ଜଣଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଜୟ କୁମାର ବେହେରା, ସାତଭାୟାର ସ୍ୱାଧୀନ ପ୍ରାର୍ଥୀ ସୁନୀତା ପ୍ରଧାନ, ବହୁଜନ ସମାଜ ପାର୍ଟିରୁ ଅନିରୁଦ୍ଧ ସେଠୀ, ସମାଜବାଦୀ ପାର୍ଟିରୁ ସୁଦର୍ଶନ ପ୍ରଧାନ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ପ୍ରାର୍ଥୀମାନେ ମଧ୍ୟ ଗତ କିଛି ଦିନ ହେବ ଜୋରଦାର ପ୍ରଚାର ଚଳାଇଛନ୍ତି ।

ମଳକଣ୍ଟକ
ରେ ପୀଡ଼ା, ଜ୍ୱାଳା, ରକ୍ତକ୍ଷରଣ, କୁଣ୍ଡିଆ, ଏନାଲ ଫିଶର୍ସ କିମ୍ବା ଭଗନ୍ଦର ହୋଇପାରେ।
ଶିରାର ଫୁଲାକୁ କମ୍ କରିବା, ରକ୍ତକ୍ଷରଣକୁ ବନ୍ଦ କରିବା, ପାଚନକ୍ରିୟାକୁ ସୁଧାରିବା, ଲିଭର୍‌କୁ ସ୍ୱାଭାବିକ ରଖିବା ଏବଂ ପେଟ ସଫା କରିବାରେ ଫଳପ୍ରଦ।
ଅସ୍ତ୍ରୋପଚାରରୁ ବର୍ତ୍ତନ୍ତୁ, ଆପଣାନ୍ତୁ ଉପଯୁକ୍ତ ଓ ଆୟୁର୍ବେଦିକ ଚିକିତ୍ସା
JOLLY
ବାସିର
ଜେଲ୍ ଓ କ୍ୟାପସୁଲ୍
ପ୍ରତ୍ୟେକ ମେଡିକାଲ୍ ଷ୍ଟୋର୍‌ରେ ଉପଲବ୍ଧ। 0161-520-1588

# ବେଦପ୍ରକାଶଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ମାର୍ଶାଘାଇ,୨୩।୪(ଡିଏନଏ)

ମାର୍ଶାଘାଇ ବ୍ଲକ ପେଣ୍ଠ ଜୟ ହନୁମାନ ସେବକ ସଂଘ ତରଫରୁ ବର୍ଷୀୟାନ ନେତା ତଥା ପୂର୍ବତନ ମନ୍ତ୍ରୀ ବେଦ ପ୍ରକାଶ ଅଗ୍ରୱାଲଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । ସୁଶିଲ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲା ବିଜେଡି ଉପସଭାପତି ପ୍ରମୋଦ କୁମାର ରଥ, ଶିକ୍ଷକ ଇଶ୍ୱର ଚନ୍ଦ୍ର ପୃଷ୍ଟି, ଜିଲା ଯୁବ ବିଜେଡି ସମ୍ପାଦକ ଜୟଦେବ ପରିଡା, ଅଭୟ କୁମାର କାନୁନଗୋ, ସେବକ ସଂଘର ସମ୍ପାଦକ ଜ୍ୟୋର୍ତିମୟ ପରିଡା, ପୂର୍ବତନ ସରପଞ୍ଚ ପି. ପ୍ରଧାନ, ସୁକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପାଟକୁରା ଅଞ୍ଚଳର ବିକାଶ ପାଇଁ ଅଞ୍ଚଳବାସୀ ତାଙ୍କୁ ସବୁଦିନ ପାଇଁ ମନେରଖିବେ ବୋଲି ମତପ୍ରକାଶ କରିଥିଲେ। ପେଣ୍ଠ ଗ୍ରାମରେ ବିଭିନ୍ନ ବିକାଶ ଯୋଜନା ସହ ସ୍କୁଲ ଗୃହ, ଯୁବକ ସଂଘ ଗୃହ , ହନୁମାନମନ୍ଦିର ରୋଷଘର, ଖରାଖାଇ ଠାକୁରାଣୀଗୃହ ଓ ମା' ସାତଭଉଣୀଙ୍କ ଭଣ୍ଡାରଗୃହ ତାଙ୍କ ଉଦ୍ୟମରେ ହୋଇଥିବା ଜିଲା ଯୁବ ବିଜେଡ଼ି ସମ୍ପାଦକ ପରିଡ଼ା ପ୍ରକାଶ କରିଥିଲେ । ଏହି ସଭାରେ ବିଶ୍ୱନାଥ ମହାନ୍ତି, ଭିକାରୀ ସେଠୀ, ମନୋରଞ୍ଜନ ଜେନା, ରାକେଶ ଖଟୁଆ, ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହାଛଡା ବଛରାଇ ଓ ବନ୍ଧକଟା ପଞ୍ଚାୟତ ମିଳିତ ଆନୁକୁଲ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା ।




ଜୟ ହନୁମାନ ସେବକ ସଂଘ ସଦସ୍ୟମାନେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଯାଉଛନ୍ତି।

CAREER IN PACKAGING
भारतीय पैंकेजिंग संस्थान
Indian Institute of Packaging
An autonomous body under the Ministry of Commerce & Industry, Govt. of India
ANNOUNCES ADMISSION FOR TWO-YEAR FULL TIME POST GRADUATE DIPLOMA IN PACKAGING AT MUMBAI, DELHI, KOLKATA & HYDERABAD
Eligibility : B.Sc (12+3) with Physics, Chemistry, Mathematics, Microbiology or B.Tech. / B.E in Chemical, Mechanical, Electrical, Electronics, Civil, Bio Chemical / Bio Technology, Agriculture, Food Science, Polymer Science, B. Pharma, Plastics, Printing with minimum Second Class. **Students awaiting result may also apply.**
Admission : Through Entrance Examination at Mumbai, Kolkata, Chennai, Delhi and Hyderabad on **13th June 2019.**
**Last date for receiving filled applications : 7th June 2019**
**Hostel** : Separate Hostel accommodation for Boys and Girls at Mumbai only. **Age Limit:** 30 Years for General Category, 33 Years for OBC and 35 Year for SC/ST as on **31/05/2019.**
Prospects :
Excellent opportunity for placement in Food, Pharma, FMCG including MNCs and other Companies in India and Overseas. Over 3000 Alumni are working in Industries in India and Abroad. Application forms and Prospectus can be obtained on payment of **Rs.500/-**
100% Placement Assistance
For more information VISIT our Website : www.iip-in.com
For details, please contact:
INDIAN INSTITUTE OF PACKAGING, KOLKATA CENTRE
Block CP-10,Sector-V, Salt Lake City, Bidhan Nagar, Kolkata-700091
Phone: 033-2367 6016 / 0763, Phone/Fax: 033-2367 9561
Bidhan Das , Dy Director & Br. Head: 8017219939 (9am - 6pm)
Email- iipkolkata@iip-in.com ; iipcal@cal.vsnl.net.in

## ଅଷ୍ଟମ ପ୍ରହର ନାମଯଜ୍ଞ

ମାର୍ଶାଘାଇ,୨୩।୪(ଡିଏନଏ)

ମାର୍ଶାଘାଇ ବ୍ଲକ ଦୁମୁକା ପଞ୍ଚାୟତ ଗିରଙ୍ଗ ଗ୍ରାମରେ ୧୪ ତମ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ରବିବାର ସନ୍ଧ୍ୟାରେ ଗିରଙ୍ଗ ଗ୍ରାମ ମୋହନମୁରଲୀ ପୀଠସ୍ଥିତ ଲୁଣାନଦୀ ଘାଟରୁ ଗ୍ରାମର ମହିଳାମାନେ ୧୦୮ କଳସ ଶୋଭାଯାତ୍ରାରେ ବାହାରି ମା'ଶୀତଳେଶ୍ୱରୀ ପ୍ରାଙ୍ଗଣ ଠାରେ ପହଞ୍ଚି କଳସୀ ସ୍ଥାପନ କରିଥିଲେ। ସୋମବାର ଅଧିବାସ କଳସ ସ୍ଥାପନ କରାଯାଇ ନାମ ସଂକୀର୍ତ୍ତନ କରାଯାଇଥିଲା । ସନ୍ଧ୍ୟାରେ ହରିହାଟ କାର୍ଯ୍ୟକ୍ରମରେ ଭୁତମୁଣ୍ଡାଇର ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ, ବରାଇ, ନଛିପଡ଼ା, ଭିତର ଶୋବଳା ,ବାଲିସୁଆଁ ଓ ପଦ୍ମପୁର ଗ୍ରାମ ସଙ୍କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ନିତାଇ ଗୌରଙ୍କୁ ନଗର ଭ୍ରମଣ କରାଯାଇ ଅପରାହ୍ନରେ ଦହିହାଣ୍ଡି ଭଙ୍ଗା ଉତ୍ସବ ଅନୁଷ୍ଠିତ ହୋଇଥିଲା।

ବୈବାହିକ ସୁଖ ଓ ସୁଖଦ କ୍ଷଣଗୁଡ଼ିକର ଆନନ୍ଦ ନିଅନ୍ତୁ

ଜୋଶ୍, ଶକ୍ତି ଓ ସ୍ଫୂର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍ କ୍ୟାପସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ ।
ଏକ୍ସଟ୍ରା ଟାଇମିଂ ପାଇଁ
TRADE ENQUIRY : 08657520093
ନୂଆ ବିଶ୍ୱାସ ଭରପୂର ଶକ୍ତି ଏବଂ ମଜାଦାର ବୈବାହିକ ଜୀବନ ପାଇଁ ଇନ୍ଦ୍ରିୟ ଖରାପ ହେବା, ଶୀଘ୍ରପତନ ଦୂର କରିବା, ମନ ଚାହୁଁଥିବା ସମୟ ପ୍ରାପ୍ତ କରିବା, ଉଦ୍ଦୀପନାକୁ ପୁନଃ ଜାଗ୍ରତ କରାଇବା, ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ସେବନ କରନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
www.playwincapsule.com
only Effect No Side Effect
Play Win Capsule
Play Win Oil
A Quality Product by Rajnish Wellness Limited A BSE Listed Company
ମୋତେ ଡାଇବେଟିସ୍ ଅଛି, ମୁଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ବ୍ୟବହାର କରିପାରିବି – ପ୍ଲେ-ୱିନ୍ କ୍ୟାପ୍‌ସୁଲ ୧୦୦% ଆୟୁର୍ବେଦିକ ଦୁର୍ଲଭ ଚେରମୂଳିରୁ ପ୍ରସ୍ତୁତ, ଏଥିପାଇଁ ଏହାକୁ କେହି ବି ବ୍ୟବହାର କରିପାରିବେ। ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ ।
ତେଲ କ୍ୟାପ୍‌ସୁଲ
SS : Mahendra Pharma / ODD
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

Format C-2

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Legislative Assembly Election 2019 PHASE-IV**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | SUDHAKAR MALIK | Aul | Aul Police Station FIR No. 271/2016 JMFC AUL GR 528/2016 (Pending) | Section 147 148 341 323 307 302 379 427 149 Of IPC (The accused person Sudhakar Malik along with others restrained one Radha Shyam Biswal and assaulted him by means of Lathi and deadly weapons and for which he died | N.A | N.A |

ବିଜେଡି ଦେଇଛି ମହିଳାଙ୍କୁ ତାଙ୍କ ହକ୍।
୨୧ରୁ ୨୧ରେ 'ବିଜେଡି'କୁ ଜିତାଇବା ଓଡ଼ିଶାର ହକ୍ ପାଇଁ ଲଢ଼ିବା।
ଚଳିତ ଲୋକସଭା ନିର୍ବାଚନରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଛି ବିଜେଡି। କେନ୍ଦ୍ର ଯୋଜନାରେ ମହିଳାଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଥିବା ବେଳେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ମିଳିବ ୧୦ ଲକ୍ଷ। 'ମିଶନ ଶକ୍ତି'ରେ ୫ ହଜାର କୋଟି ଟଙ୍କାର ବ୍ୟବସାୟ, ୫୦୦ କୋଟିର ଲାଭ। ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ।
ବିଜୁ ଜନତା ଦଳ
ନବୀନ ଓଡ଼ିଶା : ସଶକ୍ତ ମହିଳା ସଶକ୍ତ ଓଡ଼ିଶା
'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

## ସଂକ୍ଷେପରେ

### ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ବାଲିକୁଦା,୨୩।୪(ସ୍ୱ.ପ୍ର.):** ଅରିଲୋ ପଞ୍ଚାୟତସ୍ଥିତ ସଦେଇପୁର ବଜାରଠାରେ ବଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଆଲୋକ ଚରଣ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବାଲିକୁଦାର ପୂର୍ବତନ ସରପଞ୍ଚ ଗୌରାଙ୍ଗ ଚରଣ ଦାସ, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଦାସ, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବାରିକ, ସମିତିସଭ୍ୟା ପ୍ରିୟମ୍ବଦା ପଲାଉର, ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୋରିକିନା ବଜାର ଠାରେ ଏକ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ, ଜିଲ୍ଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ପଞ୍ଚାୟତର ସଭାପତି ରବୀନ୍ଦ୍ର ଦାସ, ସମୀର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଈଶ୍ୱରପୁର ବଜାର ଠାରେ ବଡଗାଁ ନାୟବ ସରପଞ୍ଚ ବିଶ୍ୱନାଥ ଦାସ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ହେମନ୍ତ ସେଠୀ, ଉପେନ୍ଦ୍ର ବିଶ୍ୱାଳ, ସମ୍ପାଦକ ମନୋଜ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### କାଳିଓରେ ବିଜେଡି କର୍ମୀ ସମ୍ମିଳନୀ

**ବାଲିକୁଦା,୨୩।୪(ସ୍ୱ.ପ୍ର.):** କାଳିଓ ପଞ୍ଚାୟତର ତଳସାହି ରଜ ପଡିଆଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଯୋଗଦେଇ ଆସନ୍ତା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବହୁ ଭୋଟ୍ ବ୍ୟବଧାନରେ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଶିବ ପ୍ରସାଦ ପାତ୍ର, ରବୀନ୍ଦ୍ର ମହାପାତ୍ର, ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ, କମଳାକାନ୍ତ ମହାପାତ୍ର, ଗୋଡ଼ା ପୂର୍ବତନ ସରପଞ୍ଚ ପ୍ରତାପ ସାହୁ, ପଞ୍ଚାୟତ ବିଜେଡି ସଭାପତି କାମଦେବ ନାୟକ, ପୂର୍ବତନ ସମିତିସଭ୍ୟ ପ୍ରଦୀପ୍ତ ମହାନ୍ତି, ବରିଷ୍ଠ ବଜେଡି ନେତା ମାଗୁ ଚରଣ ସାହୁ, ବିଚିତ୍ରାନନ୍ଦ ସ୍ୱାଇଁ, ବ୍ରହ୍ମାନନ୍ଦ ସାହୁ, ସରପଞ୍ଚ ସସ୍ମିତା ମଲ୍ଲିକ, ସମିତିସଭ୍ୟା ସୁଲୋଚନା ସେଠୀ, ପୂର୍ବତନ ସରପଞ୍ଚ ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହେଭିୱେଟଙ୍କ ଗସ୍ତ ପରେ ବଢ଼ିଲା ଉଷ୍ମତା

- ନବୀନ ଓ ଧର୍ମେନ୍ଦ୍ରଙ୍କ ପ୍ରଚାର ପରେ କର୍ମୀଙ୍କ ମଧ୍ୟରେ ତତ୍ପରତା
- ୨୬ ଓ ୨୭ରେ ଆସିବେ କଂଗ୍ରେସର କେନ୍ଦ୍ରୀୟ ନେତା

**କୁଜଙ୍ଗ,୨୩।୪(ସ୍ୱ.ପ୍ର.)**

ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବୃଦ୍ଧି ପାଉଛି। ନେତା ଓ କର୍ମୀମାନେ ଏବେ ଖରା, ବର୍ଷାକୁ ଖାତିର କରୁନାହାନ୍ତି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଛି ପ୍ରଚାର। ଗତ ୨୧ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗଠାରେ ପଥପ୍ରାନ୍ତ ସଭା କରି ଫେରିବା ପରେ ୨୨ ତାରିଖରେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାହାମା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଫଳରେ ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବଢିଯାଇଛି। କର୍ମୀମାନେ ପୂର୍ବ ଅପେକ୍ଷା ଅଧିକ ତତ୍ପର ହୋଇପଡିଛନ୍ତି। ସେହିପରି ଆସନ୍ତା ୨୬ ଓ ୨୭ତାରିଖରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ, ଛତିଶଗଡ ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍.ସିଂଦେଓ କୁଜଙ୍ଗ ଓ ରାହାମାରେ ସଭା କରିବେ ବୋଲି ସ୍ଥିର ହୋଇଥିବାରୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟଙ୍କ ପ୍ରଚାର ଆରମ୍ଭରୁ ଧିମା ଚାଲିଥିବାବେଳେ ଏବେ ସେ ଜୋରଦାର ପ୍ରଚାର କରୁଛନ୍ତି। ସମ୍ବିତଙ୍କ ପ୍ରଚାର ଶୈଳୀ ଓ ବିଭିନ୍ନ ସଭାରେ ଯୁବପିଢ଼ିଙ୍କୁ ଥଇଥାନର ପ୍ରତିଶ୍ରୁତି ଭୋଟରଙ୍କୁ ଆକୃଷ୍ଟ କରୁଛି। ସେହିପରି ତାଙ୍କ ବାପା ଦାମୋଦର ରାଉତଙ୍କ ସମର୍ଥକ ଓ ବିରୋଧିଙ୍କୁ ଏକାଠି କରିବାକୁ ସେ ସମର୍ଥ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଆସି ତାଙ୍କ ପାଇଁ ପ୍ରଚାର କରିବା ପରେ ସେ ଏ କ୍ଷେତ୍ରରେ ଆହୁରି ଆଗକୁ ବଢିଛନ୍ତି। ସେହିପରି ଭାଜପା ମଧ୍ୟ ପଛରେ ନାହିଁ। ଚଳିତ ନିର୍ବାଚନରେ ଦଳ ଯୁବନେତା ସମ୍ପଦ ସ୍ୱାଇଁଙ୍କୁ ପ୍ରାର୍ଥୀ କରିଥିବାରୁ ଦଳ ଅଧିକ ଲାଭବାନ ହେବ ବୋଲି ଚର୍ଚ୍ଚା ହେଉଛି। ଦାମବାବୁ ବିଜେଡି ସରକାରରେ ମନ୍ତ୍ରୀପଦରେ ଥିବା ସତ୍ତ୍ୱେ ସମ୍ପଦ ତାଙ୍କୁ ଗତ ପଞ୍ଚାୟତ ନିର୍ବାଚନରେ ଚକ୍‌ମା ଦେଇପାରିଥିଲେ। ୨ ଜିଲା ପରିଷଦ ଜୋନ୍ ସହ ପାରାଦୀପ ପୌର ପରିଷଦରେ କାଉନ୍‌ସିଲର ଜିତାଇ ସେ ଭାଜପାର ଖାତା ଖୋଲିଥିଲେ। ଏଭଳି ସ୍ଥିତିରେ ଧର୍ମେନ୍ଦ୍ରଙ୍କ ପ୍ରଚାର ସମ୍ପଦଙ୍କୁ ବେଶ୍ ସହାୟକ ହୋଇଛି ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କୁ ନେଇ ସମଗ୍ର ନିର୍ବାଚନମଣ୍ଡଳୀରେ ନାନା କଥା ଶୁଣାଯାଉଛି। ୨୦୧୪ରେ ସେ ଦାମଙ୍କଠାରୁ ନିର୍ବାଚନ ହାରିଥିଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏବେ ସେ ନିଜର ସ୍ଥିତିକୁ ଅଧିକ ଦୃଢ଼ କରିବା ସହ ଭୋଟରଙ୍କ ଆସ୍ଥା ଭାଜନ ହେଉଛନ୍ତି। ଆସନ୍ତା ୨୬ ଓ ୨୭ରେ ତାଙ୍କ ପାଇଁ ପ୍ରଚାର କରିବାକୁ କେନ୍ଦ୍ରୀୟ ନେତାମାନେ ଆସିବାର କାର୍ଯ୍ୟକ୍ରମ ରହିଛି। ତେଣୁ କଂଗ୍ରେସ କର୍ମୀମାନେ ମଧ୍ୟ ଉତ୍ସାହିତ ଅଛନ୍ତି। ମୋଟାମୋଟି କହିବାକୁ ଗଲେ ପାରାଦୀପରେ ଚଳିତଥର ତ୍ରିମୁଖୀ ଲଢେଇ ଚାଲିଛି।

## ସିପିଆଇଏମ୍‌ର ପଥପ୍ରାନ୍ତ ସଭା
# ବିଜେଡି ଓ ଭାଜପାକୁ ପ୍ରତ୍ୟାଖ୍ୟାନ କରିବାକୁ ଆହ୍ୱାନ



ପଥପ୍ରାନ୍ତ ସଭାରେ ଉପସ୍ଥିତ ସିପିଆଇଏମ୍‌ର ନେତା ଓ କର୍ମୀମାନେ।

**ବାଲିଆ,୨୩।୪**

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବିରିଡ଼ି, ତିର୍ତ୍ତୋଲ ଓ ରଘୁନାଥପୁର ବ୍ଲକର ବିଭିନ୍ନ ସ୍ଥାନରେ ସିପିଆଇଏମ୍ ପକ୍ଷରୁ ପଥପ୍ରାନ୍ତ ସଭା କରାଯାଇ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ଭୋଟରଙ୍କୁ ଆହ୍ୱାନ ଦିଆଯାଇଛି। ଏଥିସହ ଏକ ଶ୍ରମିକ ରଥ ପରିକ୍ରମା କରାଯାଇଛି। ବିରିଡ଼ିଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସିପିଆଇଏମ୍‌ର ଜଗତ୍‌ସିଂହପୁର ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ ଯୋଗଦେଇ କହିଲେ ଯେ କେନ୍ଦ୍ରରେ ମୋଦି ସରକାର ଗଠନ କରିବା ପରେ ଦେଇଥିବା ଅଚ୍ଛେ ଦିନର ସ୍ଲୋଗାନ ଆଜି ଲୋକଙ୍କ ପାଇଁ ବୁରେ ଦିନରେ ପରିଣତ ହୋଇଛି। ଧାନର ସହାୟକ ମୂଲ୍ୟ ୨୯୦୦ ଟଙ୍କା କଲେ ନାହିଁ, ଚାଷୀ ଓ ଶ୍ରମିକଙ୍କୁ ପେନସନ୍ ଦିଆଗଲା ନାହିଁ। ୨ କୋଟି ବେକାର ଯୁବକଙ୍କୁ ନିଯୁକ୍ତି ଦେବାକୁ କହିଥିଲେ, ମାତ୍ର ଚାକିରି ମାଗିଲେ ସେମାନଙ୍କୁ ପକୁଡି ବିକିବାକୁ କହି ପରିହାସ କରାଯାଇଛି। ସେହିପରି ଓଡିଶାରେ ୧୯ ବର୍ଷ ଧରି ଶାସନ କରୁଥିବା ନବୀନ ସରକାର ମଧ୍ୟ ରାଜ୍ୟର ଉପଯୁକ୍ତ ବିକାଶ କରିପାରି ନାହିଁ। ବିଜେଡି ଓ ଭାଜପାର ମିଳିତ ଚକ୍ରାନ୍ତରେ ମହାନଦୀ ଜଳ ଶିଳ୍ପପତିଙ୍କ ହାତକୁ ଟେକି ଦିଆଯାଇଛି। ପ୍ରାୟ ୧୪ ଜିଲାରେ ଖଣି ଦୁର୍ନୀତି ହେବା ସହ ଚିଟ୍‌ଫଣ୍ଡ ଦୁର୍ନୀତି କରାଯାଇଛି। ତେଣୁ ଚଳିତଥର ବିଜେଡି ଓ ଭାଜପା ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଲକ୍ଷ୍ମଣ ମଲିକଙ୍କ ପୁତ୍ର ଦେବୀ ପ୍ରସାଦ ମଲିକଙ୍କୁ ବିଜୟୀ କରିବାକୁ ସିପିଆଇଏମ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ପଥପ୍ରାନ୍ତ ସଭାରେ ସିପିଆଇଏମ୍ ଜିଲା କମିଟି ସଭ୍ୟ ଯୁଧିଷ୍ଠିର ଦାସ, ଗଣେଶ ଚନ୍ଦ୍ର ମାଣିଆ, ନଟବର ପଲେଇ, ବେଣୁଧର ବାରିକ, ଗୋପାଳ ରାଓ ଦୋରା, ବୁଦ୍ଧଦେବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ତିରୁଣାରେ କଂଗ୍ରେସ କର୍ମୀ ସମ୍ମିଳନୀ

**ନାଉଗାଁ,୨୩।୪(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ତିରୁଣାଠାରେ ମଙ୍ଗଳବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧକ୍ଷ ବିଚିତ୍ରାନନ୍ଦ ଲେଙ୍କା, ବେଣୁଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଚଳିତ ନିର୍ବାଚନରେ ଦଳର ଏମ୍‌ପି ପ୍ରାର୍ଥୀ ପ୍ରତିମା ମଲ୍ଲିକ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ନିମନ୍ତେ ମିଳିତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟରେ ଦୀର୍ଘଦିନ ଶାସନ କ୍ଷମତାରେ ଥିବା ବିଜେଡି ସରକାର ଓ କେନ୍ଦ୍ରରେ ମୋଦି ସରକାରଙ୍କ ଅବହେଳା ବିଷୟରେ ଚିରଞ୍ଜୀବ ଆଲୋକପାତ କରିଥିଲେ। ଗତ ୫ ବର୍ଷ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ଭୋଟରମାନେ ତାଙ୍କୁ ସେବା କରିବାକୁ ସୁଯୋଗ ଦେଇଥିବାବେଳେ ଆଗାମୀ ୫ ବର୍ଷ ତାଙ୍କୁ ପୁନର୍ବାର ସେହି ସୁଯୋଗ ଦେବାକୁ ଅନୁରୋଧ କରିଥିଲେ। ଏହାଦ୍ୱାରା ଅଧୁରା ରହିଥିବା ଅନେକ ଉନ୍ନୟନ କାର୍ଯ୍ୟ ପୂରଣ ହୋଇପାରିବ ବୋଲି ସେ କହିଥିଲେ।

## ବିରିଡ଼ିରେ ଭାଜପାର ଶୋଭାଯାତ୍ରା



ଭାଜପା ପ୍ରାର୍ଥୀଙ୍କ ସହ ପ୍ରଚାରରେ ସାମିଲ ହୋଇଥିବା ସିନେ ତାରକା।

**ବିରିଡ଼ି/ବାଲିଆ,୨୩।୪(ଡି.ଏନ.ଏ.)**

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବିରିଡ଼ି ବ୍ଲକ ଅଞ୍ଚଳରେ ମଙ୍ଗଳବାର ଭାଜପାର ଶୋଭାଯାତ୍ରା କରାଯାଇଛି। ଜଗତ୍‌ସିଂହପୁର ଲୋକସଭା ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ତିର୍ତ୍ତୋଲ ବିଧାନସଭା ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ନିର୍ବାଚନୀ ପ୍ରଚାରରେ ଆସି ଭୋଟ ଭୀକ୍ଷା କରିଥିଲେ। ତାଙ୍କ ସହିତ ଷ୍ଟାର କ୍ୟାମ୍ପେନର ଶ୍ରୀତମ ଦାସ ଓ ମହାଶ୍ୱେତା ରାୟ ଉପସ୍ଥିତ ଥିଲେ। ସେମାନେ ଏକ ଖୋଲା ଜିପରେ ଆସି କଟକ-ଜଗତସିଂହପୁର ଜାତୀୟ ରାଜପଥର ହାଜିପୁର ଛକରେ ପହଞ୍ଚି ଥିଲେ। ସେଠାରୁ ଭାଜପା କର୍ମୀମାନେ ବାଇକରେ ଆସି ରୋଡ ଶୋ କରି ଚାନ୍ଦପୁର, ବିରିଡ଼ି, ଦୋଗଛିଆ, ବାଲିଆ, ବାଲିଆଷ୍ଟୋର ଛକ ଦେଇ ୨୨ ମୌଜା ଭିତରକୁ ଯାଇଥିଲେ। ସେଠାରେ ମଇନ୍ଦପୁର, କମଳପୁର, ଚାଷୀଖଣ୍ଡ, ମଙ୍ଗଳପୁର, ବାସନ୍ଦରା, ପୁରଣ, ବାରଡ଼ିଆ ଆଦିଗ୍ରାମ ପରିକ୍ରମା କରି ସିଦ୍ଧେଶ୍ୱର ମହାଦେବଙ୍କ ନିକଟରେ ପହଞ୍ଚିଥିଲେ। ଏହି ରୋଡ ଶୋରେ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ।

## ସାଧାରଣ ନିର୍ବାଚନ ୨୦୧୯
# କର୍ମଚାରୀଙ୍କ ମୃତ୍ୟୁ ହେଲେ ସହାୟତା

**ଜଗତ୍‌ସିଂହପୁର ଅଫିସ,୨୩।୪**

ଭାରତୀୟ ନିର୍ବାଚନ ଆୟୋଗଙ୍କ ଅନୁମୋଦନକ୍ରମେ ରାଜ୍ୟ ସରକାର ସାଧାରଣ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମୃତ୍ୟୁ କିମ୍ବା ଶାରୀରିକ ଆଘାତଜନିତ ସହାୟତା ରାଶି ପରିମାଣ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ସହାୟତା ରାଶି କେନ୍ଦ୍ରୀୟ ସରକାରୀ କର୍ମଚାରୀ, ରାଜ୍ୟ ସରକାରୀ କର୍ମଚାରୀ, ନିଗମର କର୍ମଚାରୀ, ରାଜ୍ୟ ସରକାରଙ୍କ ଡ୍ରାଇଭର, ହେଲପର୍, ପୋଲିସ କର୍ମଚାରୀ କିମ୍ବା ପ୍ରାଇଭେଟ୍ ଗାଡିର କର୍ମଚାରୀ ଯିଏ କି ନିର୍ବାଚନ ପରିଚାଳନାରେ ନିୟୋଜିତ ଥିବେ ସେମାନଙ୍କ ପାଇଁ ପ୍ରଯୁଜ୍ୟ। ନିର୍ବାଚନ ପରିଚାଳନା ସମୟରେ ଲ୍ୟାଣ୍ଡମାଇନ ବିସ୍ଫୋରଣ, ବୋମା ମାଡ଼, ହିଂସାଜନିତ ମୃତ୍ୟୁ ହେଲେ ୩୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ସାଧାରଣ ମୃତ୍ୟୁ ହେଲେ ୧୫ ଲକ୍ଷ, ଅଙ୍ଗ ପ୍ରତ୍ୟଙ୍ଗ ଓ ଚକ୍ଷୁ ହରାଇଲେ ୧୫ ଲକ୍ଷ, ଦୁର୍ଘଟଣାର ଅଙ୍ଗ ପ୍ରତ୍ୟଙ୍ଗ, ଚକ୍ଷୁ ହରାଇଲେ ୭ ଲକ୍ଷ ୫୦ ହଜାର, ବିଶେଷକରି ଦୁର୍ଘଟଣାଗ୍ରସ୍ତ, ଅସ୍ଥି ଭାଙ୍ଗିବା କିମ୍ବା ୪ ଦିନ ପାଇଁ ଅକ୍ଷମ ହୋଇଗଲେ ଅନ୍ୟୁନ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବ। ସହାୟତା ରାଶି ପାଇବା ପାଇଁ ହେଲେ ଆବେଦନ ସମ୍ପର୍କିତ ଫର୍ମ, ଜିଲା ନିର୍ବାଚନ ଅଧିକାରୀଙ୍କ ରିପୋର୍ଟ, ପୋଲିସ କର୍ମଚାରୀଙ୍କ କ୍ଷେତ୍ରରେ ଆରକ୍ଷୀ ଅଧିକ୍ଷକଙ୍କ ରିପୋର୍ଟ, ଦୁର୍ଘଟଣାଜନିତ ହେଲେ ଏଫ୍ଆଇଆର୍ ନକଲ, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ, ନିର୍ବାଚନରେ ନିୟୋଜିତ ଚିଠିର କପି, ମେଡିକାଲ ରିପୋର୍ଟ ଇତ୍ୟାଦି ଦାଖଲ କରିବାକୁ ପଡିବ। ନିର୍ବାଚନ ଆଚରଣ ବିଧି ଅର୍ଥାତ୍ ୧୦।୩।୧୯ରୁ ନିର୍ବାଚନ ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ଉକ୍ତ କ୍ଷତିପୂରଣ ରାଶି ପ୍ରଯୁଜ୍ୟ ହେବ। ଉପ ନିର୍ବାଚନ ସମୟରେ ମଧ୍ୟ ଏହା ଲାଗୁ କରାଯିବ ବୋଲି ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ସୂଚନା ଦିଆଯାଇଛି।

# କଂଗ୍ରେସର ନିର୍ବାଚନୀ ଇସ୍ତାହାର ଉନ୍ମୋଚିତ

**ବାଲିକୁଦା,୨୩।୪(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ନିର୍ବାଚନୀ ଇସ୍ତାହର ପତ୍ର ଉନ୍ମୋଚିତ ହୋଇଛି। ବାଲିକୁଦା-ଏରସମା ବିଧାନସଭା ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ର, ଏଆଇସିସି ମାନବାଧିକାର ଓଡିଶା ସଂଯୋଜକ ତଥା ଆଇନଜୀବୀ ସୁଶାନ୍ତ କୁମାର କାନୁନ୍‌ଗୋ, ବରିଷ୍ଠ କଂଗ୍ରେସ ନେତା ବୈରାଗୀ ଚରଣ ରାଉତ, ବ୍ଲକ ସଭାପତି ବିକ୍ରମ କିଶୋର ପରିଡା, ଜିଲ୍ଲା ପରିଷଦ ସଦସ୍ୟ ମହନି ଚରଣ ରାଉତ, ବାଲିକୁଦା ସରପଞ୍ଚ ଅନୁସୁୟା ସାହୁ, ସାମାଜିକ କର୍ମୀ ରାଜକିଶୋର ସାହୁ, ବୋରିକିନା ସରପଞ୍ଚ ସାଧୁ ଚରଣ ସାହୁ, ଯୁବ କଂଗ୍ରେସ ମୁଖପାତ୍ର ଅଜୟ ସାହୁ, ଜୋନ ସଭାପତି ବିଭୁତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଇସ୍ତାହାର ଉନ୍ମୋଚନ କରିଥିଲେ। ପରେ ଅତିଥିମାନେ କାଳିଓ, କଣିଆ, ବୋରିକିନା, ଆମ୍ବଶାଳ, ତିତିରା, ସୋମପୁର ଆଦି ସ୍ଥାନରେ ପଞ୍ଚାୟତସ୍ତରୀୟ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ।



ଇସ୍ତାହାରପତ୍ର ଉନ୍ମୋଚନ ଅବସରରେ ଉପସ୍ଥିତ କଂଗ୍ରେସ ନେତା।

# ୩ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର





ନାଉଗାଁରେ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀମାନେ କର୍ମୀ ସମ୍ମିଳନୀ ଓ ନିର୍ବାଚନୀ ପ୍ରଚାର କରୁଛନ୍ତି।

**ନାଉଗାଁ,୨୩।୪(ସ୍ୱ.ପ୍ର.)**

ଆସନ୍ତା ୨୯ ତାରିଖ ଚତୁର୍ଥ ପର୍ଯ୍ୟାୟ ମତଦାନ ନିମନ୍ତେ ୩ ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଓ ଭାଜପା ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି। ପଦଯାତ୍ରା, ବାଇକ୍ ଶୋଭାଯାତ୍ରା, କର୍ମୀ ସମ୍ମିଳନୀ ଆଦି କରି ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ୍ ଭୀକ୍ଷା କରୁଛନ୍ତି। ସେପଟେ କର୍ମୀମାନଙ୍କ ଦଳ ବଦଳି ରୋଚକ ପରିସ୍ଥିତି ସୃଷ୍ଟି କରୁଛି। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ନାଉଗାଁ ବ୍ଲକରେ ତିନି ପ୍ରାର୍ଥୀ ଓ ସେମାନଙ୍କ କର୍ମୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ଏଠାରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ପ୍ରଥମ ଦିନରୁ ହିଁ ସନ୍ତୁଷ୍ଟ ଓ ଅସନ୍ତୁଷ୍ଟ କର୍ମୀଙ୍କୁ ଏକତ୍ରିତ କରିବାକୁ ଉଦ୍ୟମ କରି ସଫଳ ହୋଇଛନ୍ତି। ଏଥିସହ ଘର ଘର ବୁଲି ଭୋଟ୍ ଭୀକ୍ଷା କରିବା ସହ ବିଭିନ୍ନ ପଞ୍ଚାୟତରେ କର୍ମୀ ସମ୍ମିଳନୀ କରୁଛନ୍ତି। ଏହି ବ୍ଲକରେ ପୂର୍ବତନ ଜିଲା ପରିଷଦ ସଭ୍ୟା ଏଲିନା ଦାସଙ୍କ ନେତୃତ୍ୱରେ ଗଠନ ହୋଇଥିବା ବିଜେଡି ମହିଳା ସଙ୍ଗଠନଗୁଡିକୁ ନେଇ ସେ ମହିଳା ସମାବେଶ କରୁଛନ୍ତି। ତାଙ୍କ ସହ ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ବସ୍ତିଆ, ବ୍ଲକ ବିଜେଡି ସଭାପତି ସୁଜିତ ମଲିକ, ଯୁବ ନେତା ପ୍ରଦୀପ୍ତ ସ୍ୱାଇଁ, ଅଜୟ ମହାନ୍ତି, ନିଲମ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟା ଦାସ, ରଞ୍ଜୁଲତା ମୁଦୁଲି ପ୍ରମୁଖ ପ୍ରଚାରରେ ସାମିଲ ହୋଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ ପୁଣି ଥରେ ବିଜୟୀ ହେବାକୁ ସମସ୍ତ ପ୍ରକାର ଉଦ୍ୟମ ଚଳାଇଛନ୍ତି। ବିଶେଷକରି ନାଉଗାଁ ଭୋଟରଙ୍କ ଉପରେ ସେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ତାଙ୍କ ଭାଇ ରାଜ୍ୟସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳ, ପୁଅ ଚିରାଗଙ୍କ ସମେତ କର୍ମୀମାନେ ଜୋରଦାର ପ୍ରଚାରରେ ଲାଗିପଡିଛନ୍ତି। ସେ ମଧ୍ୟ ବିଭିନ୍ନ ପଞ୍ଚାୟତର ଅସନ୍ତୁଷ୍ଟ କର୍ମୀମାନଙ୍କୁ ମନାଇବାରେ ଲାଗିଛନ୍ତି। ଭାଜପା ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ରଙ୍କ ଘର ଜଗତ୍‌ସିଂହପୁର ହୋଇଥିଲେ ମଧ୍ୟ ତାଙ୍କ ପରିବାର ପୂର୍ବରୁ ନାଉଗାଁରେ ରହୁଥିଲେ। ସେହି ଦୃଷ୍ଟିରୁ ସେ ନାଉଗାଁର ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ କରୁଛନ୍ତି। ମୋଦି ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଘର ଘର ବୁଲି ଭୋଟ ଭୀକ୍ଷା କରୁଛନ୍ତି। ତାଙ୍କ ପୁଅ ଓ କର୍ମୀମାନେ ମଧ୍ୟ ପ୍ରଚାର କାର୍ଯ୍ୟ ଜୋରଦାର କରୁଛନ୍ତି। ସତ୍ୟବ୍ରତ କର୍ମୀ ସମ୍ମିଳନୀ କରି ଯୁବ ଭୋଟରଙ୍କୁ ନିଜ ଆଡକୁ ନେବାକୁ ଉଦ୍ୟମ ଚଳାଇଛନ୍ତି।

# ବିଜେଡି ରୋଡ୍ ଶୋ ଅଧାରୁ ବନ୍ଦ

**ପାଟକୁରା, ୨୩।୪ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର ପାଇଁ ମଙ୍ଗଳବାର ଆୟୋଜିତ ରୋଡ ଶୋ ଅଧାରୁ ବନ୍ଦ ରହିଛି। ଏହି ରାଲିରେ କେନ୍ଦ୍ରାପଡ଼ା ଲୋକ ସଭା ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତି, ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶୀନୀ ଓ ଅଭିନେତା ଅରିନ୍ଦମ୍ ଏହି ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସେମାନେ ଏଥିରେ ଯୋଗ ଦେଇ ନ ଥିଲେ। ଫଳରେ ଅଧିକାଂଶ କର୍ମୀ ଅସନ୍ତୋଷ ବ୍ୟକ୍ତ କରି ରୋଡ ଶୋ ଅଧାରୁ ପଳାଇଥିଲେ। ସେହିପରି ବେଡାରୀ, ପାଟକୁରା, ପାଖଡ ପଞ୍ଚାୟତର କର୍ମୀମାନେ ଦଳୀୟ ପ୍ରାର୍ଥୀଙ୍କୁ ସ୍ୱାଗତ କରିବା ପାଇଁ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ଅସନ୍ତୋଷ ପ୍ରକାଶ କରି ଫେରିଯାଇଥିଲେ।



ବେଡାରୀରେ ବିଜେଡିର ରୋଡ ଶୋ।

ସୂଚନାଥାଉ କି, ମଙ୍ଗଳବାର ରୋଡ ଶୋ ପାଇଁ ସୋମବାର ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ଥିଲେ। ତେବେ ମଙ୍ଗଳବାର ହେବାକୁଥିବା ରୋଡ ଶୋରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ମୋଟର ସାଇକେଲ ସାମିଲ ହେବ ଏବଂ ସିନେ ତାରକା ଅରିନ୍ଦମଙ୍କ ସମେତ ଲୋକ ସଭା ପ୍ରାର୍ଥୀ ଅନୁଭବ ଓ ତାଙ୍କ ସ୍ତ୍ରୀ

### ଆସିଲେନି ଅନୁଭବ, ବର୍ଷା, ଆକାଶ: କର୍ମୀ ନିରାଶ

ଏଥିରେ ଯୋଗଦେବା ପାଇଁ ସ୍ଥିର କରାଯାଇଥିଲା। ମାତ୍ର ରୋଡ ଶୋରେ ସେମାନେ ନ ପହଞ୍ଚିବାରୁ କର୍ମୀମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ କିଛିଦିନ ପୂର୍ବ ଅନୁଭବଙ୍କ ରୋଡ ଶୋ ଯେଉଁ ରାସ୍ତା ଦେଇ ଯିବା କଥା ସେପଟେ ନ ଯାଇ ଅନ୍ୟପଟେ ଚାଲିଯିବାରୁ କର୍ମୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଲୋକ ସଭା ପ୍ରାର୍ଥୀଙ୍କ ସ୍ଥାନୀୟ ନେତୃମଣ୍ଡଳୀଙ୍କ ସହ ସମନ୍ୱୟ ଅଭାବରୁ ଏଭଳି ବ୍ୟତିକ୍ରମ ଘଟୁଥିବା ଦେଖାଯାଉଛି।

## ସଂକ୍ଷେପରେ

### ନିର୍ବାଚନ ପ୍ରଚାର ପରେ ସରପଞ୍ଚଙ୍କ ମୃତ୍ୟୁ

**କେନ୍ଦ୍ରାପଡା ଅଫିସ/ଡେରାବିଶ (ସ୍ୱ.ପ୍ର.), ୨୩।୪:** ନିର୍ବାଚନ ପ୍ରଚାରରେ ଆସିଥିବା କେନ୍ଦ୍ରାପଡା ବ୍ଲକ ଭାଗବତପୁର ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ବେହେରା (୪୯)ଙ୍କ ମଙ୍ଗଳବାର ହୃଦଘାତରେ ମୃତ୍ୟୁ ଘଟିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ କେନ୍ଦ୍ରାପଡା ବ୍ଲକ ଓ ପଞ୍ଚାୟତ ପରିକ୍ରମା କରିଯାଇଥିଲା। ଶେଷରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ବେହେରା ଗୁଲୁନଗରସ୍ଥିତ ଏକ କଲ୍ୟାଣମଣ୍ଡପରେ ବିଜେଡି ଦଳର ନିର୍ବାଚନୀ ବୈଠକରେ ଯୋଗଦେଇଥିଲେ। ବୈଠକରେ ଭାଷଣ ଦେବା ପରେ ମଧ୍ୟାହ୍ନ ସମୟରେ ସହରର ତିନିମୁହାଣଠାରେ ଏକ ଦୋକାନରୁ ଲସି ପିଇଥିଲେ। ଏହି ସମୟରେ ହଠାତ୍ ହୃଦ୍‌ଘାତ ହେବାରୁ ସେ ଟଳି ପଡିଥିଲେ। ସ୍ଥାନୀୟ ବ୍ୟବସାୟୀ ଓ ଲୋକେ ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ବେହେରା ଗତ ୨ଟି ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇ ପଞ୍ଚାୟତର ବିଭିନ୍ନ ଉନ୍ନୟନ ଯୋଜନାକୁ ତ୍ୱରାନ୍ୱିତ କରିଥିଲେ। ପଞ୍ଚାୟତ ଟ୍ରଷ୍ଟ ସ୍ଥାପନ କରି ବିଭିନ୍ନ ସମୟରେ ସାମାଜିକ ସେବା କରିଥିଲେ। ପଞ୍ଚାୟତସ୍ତରର ନ୍ୟାୟିକ ବ୍ୟବସ୍ଥା, କନ୍ୟା ସନ୍ତାନ ଜନ୍ମ ସମୟରେ ଉପହାର ପ୍ରଦାନ, ଭତ୍ତା ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବା ଓ ଆହାର ବ୍ୟବସ୍ଥା ପ୍ରଚଳନ କରି ବହୁ ପ୍ରସଂଶିତ ହୋଇଥିଲେ। ସେହିପରି ବିଭିନ୍ନ ଅନୁଷ୍ଠାନ ଓ ସରକାରଙ୍କ ପକ୍ଷରୁ ତାଙ୍କୁ ଆଦର୍ଶ ସରପଞ୍ଚ ଭାବେ ତାଙ୍କୁ ସମ୍ମାନିତ କରା ଯାଇଥିଲା। ତାଙ୍କ ବିୟୋଗରେ ବିଜେଡି ବିଧାୟକ ପ୍ରାର୍ଥୀ ଶଶିଭୂଷଣ ବେହେରା, ଭାଜପା ନେତା ବିଷ୍ଣୁ ଦାସ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବ୍ଲକ ଅଧକ୍ଷ ଅନାମ ବନ୍ଧୁ ଧଳ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

# କଂଗ୍ରେସ ଲୋକ ସଭା ପ୍ରାର୍ଥୀଙ୍କ ରୋଡ୍ ଶୋ

**ଡେରାବିଶ, ୨୩।୪ (ସ୍ୱ.ପ୍ର.)**

ପାଟକୁରା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ପରେ ଗତ କିଛିଦିନ ହେବ ଏଠାରେ ନିର୍ବାଚନୀ ଉଷ୍ମତା କମି ଯାଇଥିଲା। ତେବେ ଏହି ଆସନ ପାଇଁ ନିର୍ବାଚନ ସ୍ଥଗିତ ରଖାଯାଇଥିବା ବେଳେ ମଙ୍ଗଳବାର କେନ୍ଦ୍ରାପଡ଼ା ଲୋକ ସଭାର କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକଙ୍କ ରୋଡ ଶୋ ପୁଣିଥରେ ନିର୍ବାଚନୀ ଉଷ୍ମତା ଭରି ଦେଇଛି।

ପୂର୍ବାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ ବଜାରରୁ ପାଟକୁରା ବିଧାନସଭା କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ନେତୃତ୍ୱରେ ଲୋକ ସଭା ପ୍ରାର୍ଥୀଙ୍କ ଏକ ବିଶାଳ ରୋଡ ଶୋ' ଅନୁଷ୍ଠିତ ହୋଇଥିଲା। ଏହି ରାଲିରେ ଲୋକ ସଭା ପ୍ରାର୍ଥୀ ଧରଣୀଧର ନାୟକ ସାମିଲ ହୋଇଥିଲେ। ଚାନ୍ଦୋଳ, ଖମୋଳ, କାଉପଡ଼ା, ଚାଟରାଚକଡ଼ା ପଞ୍ଚାୟତରେ ପ୍ରଚାର କରିବା ପରେ ଚାଟରାଚକଡ଼ା ପଞ୍ଚାୟତସ୍ଥିତ ମା' ବାସୁଳେଇଙ୍କ ପୀଠରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଲୋକ ସଭା ପ୍ରାର୍ଥୀ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, କୃଷି ପ୍ରଧାନ କେନ୍ଦ୍ରାପଡ଼ା ଜିଲା ସବୁବେଳେ ଅବହେଳିତ। କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର କେବେ ବି ଏହି ଜିଲାର ଉନ୍ନତି ପ୍ରତି ଦୃଷ୍ଟି ଦେଇନାହାନ୍ତି। ଏଥର ରାଜ୍ୟ ଓ କେନ୍ଦ୍ରରେ କଂଗ୍ରେସ ସରକାର ଆସିଲେ କେନ୍ଦ୍ରାପଡ଼ାବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବ ବୋଲି ଲୋକ ସଭା ପ୍ରାର୍ଥୀ ନାୟକ ତାଙ୍କ ଅଭିଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ଶୀତଲ, ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେଉରା, ବରିଷ୍ଠ ନେତା ଜ୍ଞାନଦେବ ବେହୁରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ବଟକୃଷ୍ଣ ପ୍ରଧାନ, ଆଇନଜୀବୀ ସଙ୍ଗୀତା ମହାନ୍ତି, ରଶ୍ମିତା ମହାନ୍ତି, ୧୪ ନଂ. ଜୋନ୍ ସଭାପତି ଉମେଶ ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ ଓ ସୁଖଦାନନ୍ଦ ପ୍ରଧାନ, ଯୁବନେତା ଦିଲ୍ଲୀପ ମହାନ୍ତି, ପାର୍ଥ ଚକ୍ରବର୍ତ୍ତୀ, ବରିଷ୍ଠ କଂଗ୍ରେସ ନେତା ଅନନ୍ତ ଚରଣ ପାତ୍ର, ଜିଲା ସେବାଦଳ ଆବାହକ ଜୟଦେବ ପରିଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଚାଟରାଚକଡ଼ା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳ, କୈଳାସ କର, ମଞ୍ଜୁଳତା କର, ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଭ୍ୟାନ୍-ବାଇକ୍ ଧକ୍କା, ଜଣେ ମୃତ

**ମହାକାଳପଡ଼ା, ୨୩।୪ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ବଉଳକଣୀ ପଞ୍ଚାୟତ ପ୍ରଭାକରପୁର-ଖରିନାସୀ ପୂର୍ତ୍ତ ରାସ୍ତାର ବଉଳକଣି ନିକଟରେ ଅପରାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍-ବାଇକ୍ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଖରିନାସୀ ଗ୍ରାମର ଲିଟନ ଦାସ(୨୨)। ଏଥିସହ ସେହି ଗ୍ରାମର ରଞ୍ଜିତ ଦାସ(୨୮) ଗୁରୁତର ହୋଇଥିବା ଜଣାପଡ଼ିଛି। ରଞ୍ଜିତଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରଞ୍ଜିତ ଓ ଲିଟନ ଏକ ବାଇକ୍‌ରେ ଯାଉଥିବା ବେଳେ ଧାନ ବୋଝେଇ ପିକଅପ୍ ଭ୍ୟାନ୍ ସହ ତାଙ୍କ ଗାଡ଼ି ଧକ୍କା ହୋଇଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଲିଟନଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

**କେନ୍ଦ୍ରାପଡା ଅଫିସ, ୨୩।୪**

ଭାଜପାର ବିଜୟ ସଂକଳ୍ପ ସଭାରେ ଯୋଗଦେବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ବାରୁଅ ପଞ୍ଚାୟତସ୍ଥିତ ସିଦ୍ଧମଠ ପଞ୍ଚାୟତ ପଡ଼ିଆରେ ହୋଇଥିବା ହେଲିପ୍ୟାଡରେ ପୂର୍ବାହ୍ନ ୧୧ଟା୫୭ ମିନିଟ୍‌ରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ଦଳୀୟ ନେତା ଓ କର୍ମୀମାନେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସେ ୧୨ଟା୨ ମିନିଟ୍‌ରେ ଓଡ଼ିଆରେ ଭାଷଣ ଆରମ୍ଭ କରି ଶ୍ରୀ ଜଗନ୍ନାଥ ଓ ବଳଭଦ୍ରଙ୍କ ମାଟିକୁ ପ୍ରଣାମ କରିଥିଲେ। ପ୍ରାୟ ୩୫ ମିନିଟ ସମୟ ପର୍ଯ୍ୟନ୍ତ ସେ ଭାଷଣ ଦେଇଥିଲେ।

### ୨୩ ବର୍ଷ ପରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ନିମନ୍ତେ କେନ୍ଦ୍ରାପଡା ଗସ୍ତ କରିଥିଲେ। ୧୯୯୬ରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି ନରସିଂହ ରାଓ ନିର୍ବାଚନ ପ୍ରଚାରରେ କେନ୍ଦ୍ରାପଡା ଗସ୍ତ କରିଥିଲେ। ଏହି ସମୟରେ କେନ୍ଦ୍ରାପଡା ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ବଟକୃଷ୍ଣ ଜେନା ନିର୍ବାଚନ ଲଢୁଥିଲେ। ତେବେ ନିର୍ବାଚନରେ ଜନତା ଦଳର ପ୍ରାର୍ଥୀ ଶ୍ରୀକାନ୍ତ ଜେନା ବିଜୟୀ ହୋଇଥିଲେ। ରାଓଙ୍କ ପୂର୍ବରୁ ଏହି ଜିଲାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଓ ମୋରାରଜୀ ଦେଶାଇ ଆସିଥିଲେ। ଦୀର୍ଘ ୨୩ ବର୍ଷ ପରେ ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ରାପଡ଼ା ଆସି ବାରୁଅଠାରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଏନେଇ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

### ନଦୀ ସଂଯୋଗୀକରଣ ଓ ନୀଳ ଅର୍ଥନୀତି

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଭାଷଣରେ ନଦୀ ସଂଯୋଗୀକରଣ ଓ ନୀଳ ଅର୍ଥନୀତି କଥା ଉଠାଇଥିଲେ। ସେ କହିଥିଲେ ଯେ, ଦେଶରେ ନଦୀ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଓଡିଶାରେ ବ୍ରାହ୍ମଣୀ ନଦୀ ଉପରେ ଚାଲିଥିବା ଜଳପଥ ପ୍ରକଳ୍ପ ତାଳଚେରରୁ ଧାମରା ଦେଇ ପାରଦୀପ ବନ୍ଦରକୁ ଛୁଇଁବ। ଏହାଦ୍ୱାରା ଶିଳ୍ପ ଓ ପର୍ଯ୍ୟଟନର ବିକାଶ ହେବ। ସେହିପରି ଓଡ଼ିଶାରେ ମତ୍ସ୍ୟଚାଷୀଙ୍କୁ ଆହୁରି ଆଗକୁ ନେବା ପାଇଁ ଏକ ନୂଆ ମନ୍ତ୍ରଣାଳୟ ଖୋଲାଯିବ। ଏହାଦ୍ୱାରା ମତ୍ସ୍ୟଜୀବୀମାନଙ୍କୁ ସମସ୍ତ ସୁବିଧା ମିଳିପାରିବ ବୋଲି କହିଥିଲେ।

### ଦାମଙ୍କ ଭାଷଣ ଶୁଣି ତାଳିମାଡ଼

ଏହି ସଭାରେ ଲୋକସଭା ପ୍ରାର୍ଥୀ ବୈଜୟନ୍ତ ଓ ବିଧାନସଭା ପ୍ରାର୍ଥୀମାନେ ବକ୍ତବ୍ୟ ରଖିଥିଲେ। ତେବେ ଦାମ ରାଉତ ଭାଷଣ ଦେବା ସମୟରେ ପ୍ରବଳ ତାଳିମାଡ଼ ହୋଇଥିଲା। ସେ କାଳିଆ ଯୋଜନାକୁ ଟାର୍ଗେଟ କରି ଏହା ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ସେ ଆଦିବାସୀଙ୍କ ଅନୁଦାନ ଟଙ୍କାରୁ ୬ କୋଟି ହଡ଼ପ କରିବା, ୧୫ ଲକ୍ଷ ଆଦିବାସୀଙ୍କ ଘର ନ ଥିବା, ଚାଷୀ ଆତ୍ମହତ୍ୟା, ମହିଳା ନିର୍ଯ୍ୟାତନା ଓ ଶିଶୁ କନ୍ୟା ବଳାତ୍କାର ଆଦି ପ୍ରସଙ୍ଗ ଉପସ୍ଥାପନ କରିଥିଲେ।

### ମୋଦିଙ୍କୁ ଲୁଚେଇ କାଗଜ ଦେଲେ ବିଜୟ

ବରିଷ୍ଠ ନେତା ବିଜୟ ମହାପାତ୍ର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଭେଟ ହୋଇଛି। ଗତ ୨ ବର୍ଷ ପୂର୍ବେ ଭୁବନେଶ୍ୱରର ଏକ ସଭାରେ ପ୍ରଧାନମନ୍ତ୍ରୀ ମୋଦି ବିଜୟଙ୍କ ହାତରୁ ଫୁଲ ତୋଡା ନେଇ ନ ଥିଲେ। ତେବେ ବାରୁଅ ସଭାରେ ପ୍ରଧାନମନ୍ତ୍ରୀ ମୋଦି ନିଜ ଆଡୁ ବିଜୟଙ୍କୁ କୋଳେଇ ନେଇ ପ୍ରାୟ ୧ ମିନିଟ ଧରି କଥା ହେଲେ। ଏହି ଅବସରରେ ବିଜୟ ଏକ କାଗଜ ମୋଦିଙ୍କୁ ଦେଇଥିଲେ। ମୋଦି ମଧ୍ୟ ଉକ୍ତ କାଗଜକୁ ନିଜର ଉପର ପକେଟରେ ପୁରାଇ ଦେଇଥିଲେ। ଏହି କାଗଜରେ କଣ ଲେଖା ହୋଇଛି ସେନେଇ ଏବେ ଚର୍ଚ୍ଚା ଚାଲିଛି।

### ସୁରକ୍ଷା ବ୍ୟବସ୍ଥା କଡ଼ାକଡି

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥିଲା। ୪୭ ଏକର ଜମି ଉପରେ ହୋଇଥିବା ସମାବେଶ ସ୍ଥଳର ପ୍ରତ୍ୟେକ ଗେଟରେ ଲୋକଙ୍କୁ ଯାଞ୍ଚ କରାଯାଇ ଛଡା ଯାଉଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ୪୦ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଥିଲା। ୫ ଜଣ ଏସପି ଏହାର ନେତୃତ୍ୱ ନେଉଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ ତଦାରଖ କରିଥିଲା।

### ମୋଦିଙ୍କୁ ଦେଖିବାକୁ ଲୋକଙ୍କ ଭିଡ

କେନ୍ଦ୍ରାପଡା ଜିଲା ଗସ୍ତ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଆସିଥିବାରୁ ବହୁ ଲୋକଙ୍କ ଭିଡ ଜମିଥିଲା। ଜିଲାର ବିଭିନ୍ନ ଅଞ୍ଚଳର ଲୋକେ ତାଙ୍କୁ ଦେଖିବାକୁ ସଭାସ୍ଥଳକୁ ଆସିଥିଲେ। ସଭାରେ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ସମେତ କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ସୁନାକର ବେହେରା, ଆଳି ବିଧାୟକ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକ, ରାଜନଗର ବିଧାୟକ ପ୍ରାର୍ଥୀ ଅଲେଖ କୁମାର ଜେନା, ମହାକାଳପଡା ବିଧାୟକ ପ୍ରାର୍ଥୀ ବିଜୟ ପ୍ରଧାନ ଓ ପାଟକୁରା ବିଧାୟକ ପ୍ରାର୍ଥୀ ବିଜୟ କୁମାର ମହାପାତ୍ରଙ୍କ ସମେତ ମାହାଙ୍ଗା ବିଧାୟକ ପ୍ରାର୍ଥୀ ଶାରଦା ପ୍ରଧାନ, ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରକାଶ କୁମାର ବେହେରା ଯୋଗଦେଇଥିଲେ।

# ଡାଳିକାଏନ୍ଦାରେ ବିଜେଡିର ମହିଳା ସମାବେଶ

**ରାଜକନିକା, ୨୩।୪ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ସିକୋ ପଞ୍ଚାୟତ ଡାଳିକାଏନ୍ଦା ଗ୍ରାମରେ ବିଜେଡିର ମହିଳା ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସିକୋ ସରପଞ୍ଚ ଗାୟତ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଚଳିତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ଜ୍ୟୋତ୍ସ୍ନାରାଣୀ ମହଲା, ଶୁଭାସିନୀ ସ୍ୱାଇଁ,



ସମାବେଶରେ ମହିଳା ବିଜେଡି କର୍ମୀମାନେ।

ୱାର୍ଡସଭ୍ୟା ରେଣୁବାଳା ସ୍ୱାଇଁ, ନିଳେନ୍ଦ୍ରୀ ସାହୁ, ରିନାରାଣୀ ସ୍ୱାଇଁ, ବର୍ଷା ମାହୁନ୍ତ, ଗୀତାଞ୍ଜଳି ପାଗଳଙ୍କ ସମେତ ଶତାଧିକ ମହିଳା କର୍ମୀ ଯୋଗଦେଇଥିଲେ। କୈଳାସ ଚନ୍ଦ୍ର ସେଠୀ, ପ୍ରମୋଦ କୁମାର ରାଉତ, ସରୋଜ ବେହେରା, ପରିକ୍ଷୀତ ଜେନା, ବିନୟ ଗୁରୁ, ଚକ୍ରଧର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶହୀଦ ବାସୁ-ବିଶୁନିଙ୍କ ୯୭ ତମ ଆତ୍ମୋତ୍ସର୍ଗ ଦିବସ

**ରାଜକନିକା, ୨୩।୪ (ଡି.ଏନ୍.ଏ.)**

ଶହୀଦ ବାସୁ-ବିଶୁନିଙ୍କ ୯୭ ତମ ଆତ୍ମୋତ୍ସର୍ଗ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କନିକାର ଏହି ଦୁଇ ମହାନ ଯୋଦ୍ଧାଙ୍କ ବଳିଦାନକୁ ମନେ ପକାଇ ବେବର୍ତା ଶହୀଦ ସରୋବର ତଟରେ ଥିବା ସ୍ମୃତି ସ୍ତମ୍ଭରେ ପ୍ରତ୍ୟୁଷରୁ ତିଳତର୍ପଣ, ରାମଧୂନ ସହ ପ୍ରଭାତଫେରୀ କରାଯାଇଥିଲା। କନିକା ଶହୀଦ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଲକ୍ଷ୍ମୀନାରାୟଣ ସାହୁ ପତକା ଉତ୍ତୋଳନ କରିଥିଲେ। ପରେ ଉପସ୍ଥିତ ଲୋକେ ଶହୀଦସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଦାମୋଦର ଧଳ, କାଳିପ୍ରସାଦ ନାୟକ, ସୁଦାମ ଦାସ, ମାନସ କୁମାର ସାହୁ, ଆଲୋକ ବିଶ୍ୱାଳ, ବିବେକାନନ୍ଦ ରାଉତରାୟ, ବସନ୍ତ କୁମାର ସାହୁ, ଗଙ୍ଗାଧର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ମେଘପୁର-ଯୋରଳ ଗାଁର ଗ୍ରାମବାସୀ,ଯୁବକସଂଘ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ କନିକା ଶହୀଦ ସ୍ମୃତି ସଂସଦର ସମ୍ପାଦକ ସୁକାନ୍ତ ଦାଶଙ୍କ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, କନିକା ରାଜାଶାସନରେ ଅତିଷ୍ଠ ପ୍ରଜାଙ୍କୁ ମୁକ୍ତି କରିବା ପାଇଁ ଆନ୍ଦୋଳନ କରି ଏହି ୨ ଯୋଦ୍ଧା ବ୍ରିଟିଶ ପୋଲିସ ଗୁଳିରେ ପ୍ରାଣବଳୀ ଦେଇଥିଲେ।

# ସାମାଜିକ କର୍ମୀଙ୍କ ସ୍ମୃତିସଭା

**ରାଜକନିକା, ୨୩।୪ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ପଧାନପଡ଼ା ଗ୍ରାମସ୍ଥିତ ସ୍ୱର୍ଗତ ପୁରୁଷୋତ୍ତମ ଦାସଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ କେଶବ ଚରଣ ନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ସଭାରେ କନିକା ପୂଜ୍ୟପୂଜା ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭରତଚନ୍ଦ୍ର ଟ୍ରଷ୍ଟ ସଭାପତି ଶିବରାମ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗାଁ ମାଟି ତଥା ଅଞ୍ଚଳର ବିକାଶ ପାଇଁ ସ୍ୱର୍ଗତ ପୁରୁଷୋତ୍ତମଙ୍କର ଅବଦାନ ଅତୁଳନୀୟ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଧାନପଡା ପୂର୍ବତନ ସରପଞ୍ଚ ବୈଷ୍ଣବଚରଣ ମିଶ୍ର, ହରେକୃଷ୍ଣ ଦାସ, ହାଟସାହି କୃଷି ସମବାୟ ସମିତି ସମ୍ପାଦକ ଲୋକନାଥ ସାମଲ, ବୈଦ୍ୟନାଥ ସାହାଣି, ବ୍ରଜ କିଶୋର ଦାଶ, ସାମାଜିକ କର୍ମୀ ବିଜୟ କୁମାର ମହାକୁଡ, ପ୍ରଦୀପ୍ତ କୁମାର ଜେନା, ନାରାୟଣ ପ୍ରସାଦ ଦାସ, ଶଶିକାନ୍ତ ଦାସ, ସୁବାସ ମଲିକ, ସତ୍ୟବାଦୀ ସାମଲ, ଅଶୃଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ସଭା ପ୍ରାରମ୍ଭରୁ ଅତିଥିମାନେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତୀ ନିମନ୍ତ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କଣ୍ଠଶିଳ୍ପୀ ନରୋତ୍ତମ ବିଦ୍ଧାଣି ଶୋକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଦାସ ଓ ଅମିୟକାନ୍ତ ଦାସ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

# ଖରିନାସୀରେ ବିଜେଡିର ପଦଯାତ୍ରା

**ମହାକାଳପଡ଼ା, ୨୩।୪ (ଡି.ଏନ୍.ଏ.)**

ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଖରିନାସୀ ପଞ୍ଚାୟତରେ ମଙ୍ଗଳବାର ବିଜେଡି ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେଡିର ଷ୍ଟାର ପ୍ରଚାରକ ତଥା ଅଭିନେତା ଆକାଶ ଦାସ ନାୟକ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଓ କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅନୁଭବଙ୍କ ପାଇଁ ପ୍ରଚାର କରିଥିଲେ। ଖରିନାସୀ ପଞ୍ଚାୟତ ହରିଆବାଙ୍କ ଶୀତଳା ମନ୍ଦିରଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ମତ୍ସ୍ୟଜେଟି ନିକଟରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ



ପଦଯାତ୍ରାରେ ଷ୍ଟାର ପ୍ରଚାରକ ଆକାଶ ଦାସ ନାୟକ ଓ କର୍ମୀମାନେ।

ଯୁବନେତା ରାକେଶ ମହାପାତ୍ର, ପ୍ରଶାନ୍ତ ସାମନ୍ତରାୟ, ନାରାୟଣ ଚନ୍ଦ୍ର ହାଲଦାର, ସଚ୍ଚିକାନ୍ତ ମାନ୍ନା, ସରପଞ୍ଚ ରଞ୍ଜନ ଦାସ, ସମିତିସଭ୍ୟ ଚକ୍ରଧର ଦାସଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ।

# ଏଥର କେନ୍ଦ୍ରାପଡ଼ାରେ ସ୍ୱାଭିମାନ ରକ୍ଷା ପାଇଁ ଲଢ଼େଇ-ଧରଣୀଧର

**ରାଜକନିକା, ୨୩।୪ (ଡି.ଏନ୍.ଏ)**

କେନ୍ଦ୍ରାପଡ଼ା ଲୋକ ସଭାର କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ଓ ବିଜେଡି ଏମ୍‌ପି ପ୍ରାର୍ଥୀଙ୍କୁ ଦୃଢ ସମାଲୋଚନା କରିଛନ୍ତି। ରାଜକନିକା ବ୍ଲକସ୍ଥିତ ନୟନା ମଣ୍ଡପଠାରେ ଧରଣୀଧରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଥିଲେ, କେନ୍ଦ୍ରପଡ଼ା ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ପୂର୍ବରୁ ବିଜେଡି ଟିକେଟରେ ଦୁଇ ଥର ଏମ୍‌ପି ହୋଇଥିବା ବେଳେ କେନ୍ଦ୍ରାପଡ଼ାର ଉନ୍ନତି ଦିଗରେ ଦୃଷ୍ଟି ଦେଇନଥିଲେ। ଏବେ ଭାଜପାରୁ ଏମ୍‌ପି ପ୍ରାର୍ଥୀ ହୋଇ ଜିଲାର ବିକାଶ କରିବେ ବୋଲି କହୁଛନ୍ତି। ସେହିପରି ବିଜେଡିରୁ ପ୍ରାର୍ଥୀ ହୋଇଥିବା ଅନୁଭବ ମହାନ୍ତିଙ୍କର କେନ୍ଦ୍ରପଡ଼ା ସମ୍ପର୍କରେ ଆଦୌ ଧାରଣା ନଥିବା ବେଳେ ଏହି ଅଭିନେତା ଜଣକ କେନ୍ଦ୍ରପଡ଼ାର କିପରି ବିକାଶ କରିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ଧରଣୀଧର କହିଥିଲେ। କୃଷକ, ବେକାରୀ, ଗମନା ଗମନ, ଦାଦନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦିରେ ପଛୁଆ ଥିବା କେନ୍ଦ୍ରପଡ଼ା ଜିଲାରେ ଚଳିତଥର ମାଟିର ସ୍ୱାଭିମାନ ରକ୍ଷା ପାଇଁ ଲଢ଼େଇ ହେବ ବୋଲି ଧରଣୀଧର କହିଥିଲେ।

## ଫଟୋରେ ଖବର



ମଙ୍ଗଳବାର କେନ୍ଦ୍ରାପଡ଼ା ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।





ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ଓ ଭାଜପା କର୍ମୀ।

# PIONEERS AND INNOVATORS NOW INTRODUCE HYPREFORM




**AFTER OFFERING PIONEERING PRODUCTS IN CROWNS, PLASTIC CLOSURES, ROPP CAPS AND TWIST-OFF CAPS MARKETS, ORIENTAL CONTAINERS LAUNCHES NEW GREEN FIELD FACILITY AT BHUBANESHWAR, ORISSA TO MANUFACTURE PREFORMS.**

- India's first degated preforms outclassing others
- First to manufacture preforms with 100% online inspection
- India's first for production of preforms on SACMI lines
- Oriental Containers enters the preform market with the best technology and features of excellent quality and high precision in dimensions and repeatability

Our Accolades



- Asiastar 2015 • Indiastar 2015
- World Packaging Organisation - Packaging Excellence 2016



Oriental Containers
A division of Oricon Enterprises Ltd.

Parijat House, 1076, Dr. E. Moses Rd., Worli, Mumbai 400 018, India | Ph.: +91 22 43662200 / 24964656 - 58
Email: ssb@ocl-india.com, kamath@ocl-india.com, sunder@ocl-india.com | http://www.orientalcontainers.com

OUR ESTEEMD CLIENTS:

Unilever · HEINEKEN · DIAGEO · Carlsberg · Hamdard · UB GROUP · BIG COLA · Coca-Cola · pepsi · Bisleri · Parle Agro

# ମତଦାନ କଲେ ଗଜପତି ମହାରାଜା
# ପ୍ରଥମେ ବ୍ୟକ୍ତି, ପରେ ଦଳ

**ପୁରୀ ଅଫିସ,୨୩।୪**

ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ମଙ୍ଗଳବାର ସକାଳେ ଗଜପତି ମହାରାଜା ଦୋଳମଣ୍ଡପ ସାହି ଉପ୍ରା ବିଦ୍ୟାଳୟ ୧୦୨ ନଂ. ବୁଥ୍‌କୁ ମହାରାଣୀଙ୍କ ସହ ଆସି ଭୋଟ ଦେଇଛନ୍ତି । ମତଦାନ ପରେ ଗଣମାଧ୍ୟମକୁ ଗଜପତି ମହାରାଜା କହିଥିଲେ, ମତାଧିକାର ସାବ୍ୟସ୍ତ କରିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ମୁଖ୍ୟ ଦାୟିତ୍ୱ ଓ କର୍ତ୍ତବ୍ୟ। ଏହାଦ୍ୱାରା ଆମ ରାଷ୍ଟ୍ର ତଥା ରାଜ୍ୟର ଭବିଷ୍ୟତ ନିର୍ମାଣ ହେବ। ଭୋଟ ହେଉଛି ସବୁଠୁ ମୂଲ୍ୟବାନ, ଏହାକୁ କାହା ସହିତ ତୁଳନା କରାଯାଇପାରିବ ନାହିଁ। ଏହା ଏକ ସ୍ୱତନ୍ତ୍ର ବିଧାନ, ସ୍ୱତନ୍ତ୍ର ଅଧିକାର ଏବଂ ସ୍ୱତନ୍ତ୍ର କର୍ତ୍ତବ୍ୟ। ମତଦାନ ସମୟରେ ପ୍ରଥମେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟକ୍ତିଙ୍କୁ ଦେଖିବା ଦରକାର, ପରେ ଦଳ। ବ୍ୟକ୍ତି ଠିକ୍ ରହିଲେ କାମ ଠିକ୍ ହେବ। ତେଣୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟକ୍ତିଙ୍କ ଚରିତ୍ର, ବ୍ୟକ୍ତିତ୍ୱ ଦେଖି ମତଦାନ କରିବା ଦରକାର। ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ଯେଉଁମାନେ ବିଧାନସଭା ଏବଂ ଲୋକ ସଭାକୁ ଯିବେ ସେମାନେ ପୁରୀକୁ ଅଗ୍ରାଧିକାର ଦେବେ ବୋଲି ଗଜପତି ଆଶା ରଖିଛନ୍ତି। ସେହିପରି ନୂଆକରି ଭିଭିପିଏଟିର ବ୍ୟବହାର ସମ୍ପର୍କରେ ପ୍ରଶ୍ନ ହେବାରୁ ଭୋଟ ଦେବା ପାଇଁ ସରଳ ବ୍ୟବସ୍ଥା ହୋଇଛି। କୌଣସି ନାଗରିକଙ୍କୁ ଭୋଟ ଦେବା ଲାଗି କିଛି ବି ଅସୁବିଧା ହେବ ନାହିଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ପୁରୀ କେବଳ ଆମ ରାଜ୍ୟର ଏକ ସହର ନୁହେଁ, ସମଗ୍ର ବିଶ୍ୱର ଆଧ୍ୟାତ୍ମିକ ମୂଳପୀଠ। ସମଗ୍ର ସନାତନ ବୈଦିକ ହିନ୍ଦୁଙ୍କର ମୂଳ ପୀଠ ହେଉଛି ଶ୍ରୀକ୍ଷେତ୍ର ପୁରୀ। ଏହାକୁ ଆମେ ସମସ୍ତେ ଠିକ୍ ଭାବେ ବୁଝିପାରିଲେ ପୁରୀର ଗୁରୁତ୍ୱ ଆହୁରି ବୃଦ୍ଧି ପାଇବ ବୋଲି ଗଜପତି ମହାରାଜା ପ୍ରକାଶ କରିଥିଲେ।


ଗଜପତି ମହାରାଜା ଦିବ୍ୟସିଂହ ଦେବ ମତଦାନ କରି ଫେରୁଛନ୍ତି।


କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ


ଭୋଟ ଦେବା ପରେ ନୟନ କିଶୋର ମହାନ୍ତି ଓ ତାଙ୍କ ସ୍ତ୍ରୀ।


ସମ୍ବଲପୁର ବିଜେଡି ଏମ୍‌ପି ପ୍ରାର୍ଥୀ ନଳିନୀ ପ୍ରଧାନ ଓ ତାଙ୍କ ସ୍ତ୍ରୀ।


ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଭୋଟ ଦେବା ପରେ।

# ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଦେଲେ ଧାରଣା

**କେନ୍ଦୁଝର, ୨୩।୪(ସ୍ୱ.ପ୍ର.):** ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ଭୋଟ ଗ୍ରହଣ କେନ୍ଦ୍ରରେ ଦଳୀୟ ବା ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତି ଜରୁରୀ । ତେବେ ଘଷିପୁରା ନିର୍ବାଚନ ମଣ୍ଡଳୀରେ ଏକ ବୁଥରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଏଜେଣ୍ଟଙ୍କୁ ପୋଲିସ ସୁରକ୍ଷାକର୍ମୀ ବୁଥ ଭିତରକୁ ନ ଛାଡିବାରୁ ବିବାଦ ଦେଖାଦେଇଥିଲା । ଫଳରେ ଏହାର ପ୍ରତିବାଦରେ ମନ୍ତ୍ରୀ ବଦ୍ରୀ ପାତ୍ର ଏକ ବୁଥ ସମ୍ମୁଖରେ ଧାରଣା ଦେଇଥିଲେ । ବିନା ଏଜେଣ୍ଟରେ ପାଖାପାଖି ୩ ଘଣ୍ଟା ଭୋଟ ଗ୍ରହଣ କରାଯାଇଥିବା ବେଳେ ଏନେଇ ପୋଲିସକୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ବିଜେଡି ନେତା ଧୀରେନ୍ଦ୍ର ରାଉତ କହିଛନ୍ତି। ସେହିପରି ମନ୍ତ୍ରୀ ପାତ୍ର ଗଡବାନ୍ଧଗୋଡା ଗ୍ରାମର ୨୮୧ ନମ୍ବର ବୁଥରେ ନିଜର ମତଦାନ କରିଛନ୍ତି।

# ହୃଦ୍‌ଘାତରେ ପୋଲିଂ କର୍ମଚାରୀ ମୃତ

**କାମାକ୍ଷାନଗର, ୨୩।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଜଣେ ପୋଲିଂ କର୍ମଚାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ନବକିଶୋର ନାୟକ। ହିନ୍ଦୋଳ ପ୍ରାଣୀଧନ ଚିକିତ୍ସାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ହେଉଛନ୍ତି ନବକିଶୋର। ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ କଣ୍ଟାପାଳ ଥଇଥାନ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୧ନଂ. ବୁଥ୍‌ରେ ତାଙ୍କୁ ୪ର୍ଥ ପୋଲିଂ ଅଧିକାରୀଭାବେ ନିୟୋଜିତ କରାଯାଇଥିଲା। ରବିବାର କାମାକ୍ଷାନଗର ମହାବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ଆନୁଷଙ୍ଗିକ ଉପକରଣ ସହ ସେ ବୁଥ୍‌କୁ ଯାଇଥିଲେ। ମଙ୍ଗଳବାର ମତଦାନ କାର୍ଯ୍ୟରେ ନିୟୋଜିତ ଥିବାବେଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସହାୟତାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

ଏ ନେଇ ଜରୁରିକାଳୀନ ଦାୟିତ୍ୱରେ ଥିବା ଡା. ସୁବାସ ଚନ୍ଦ୍ର ମଣ୍ଡଳ କୁହନ୍ତି, ଡାକ୍ତରଖାନାକୁ ଆସିବା ପୂର୍ବରୁ ରୋଗୀଙ୍କ ରକ୍ତଚାପ ଅସ୍ୱାଭାବିକ ଭାବେ ବୃଦ୍ଧି ଘଟିଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଏ ନେଇ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, କର୍ମଚାରୀ ଅସୁସ୍ଥ ଥିବା ଜଣାପଡ଼ିବା ପରେ ତାଙ୍କ ସ୍ଥାନରେ ଅନ୍ୟଜଣଙ୍କୁ ନିୟୋଜିତ କରାଯାଇଥିଲା। ନବକିଶୋରଙ୍କ ଏଭଳି ଆକସ୍ମିକ ମୃତ୍ୟୁରେ ପ୍ରଶାସନ ମର୍ମାହତ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


ଅଭିନେତା ସବ୍ୟସାଚୀ ମିଶ୍ର।



ଅଭିନେତ୍ରୀ ଅର୍ଚ୍ଚିତା ସାହୁ।


ଭୁବନେଶ୍ୱରର ଏକ ବୁଥ୍‌ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିୟାନ ଓ ତାଙ୍କ ସ୍ତ୍ରୀ ସୁଜାତା ପାଣ୍ଡିୟାନ ଭୋଟ ଦେବାକୁ ଆସିଛନ୍ତି।


ବାରବାଟୀ–କଟକ ଭାଜପା ପ୍ରାର୍ଥୀ ସମୀର ଦେ ପରିବାର ସଦସ୍ୟଙ୍କ ସହ ଭୋଟ ଦେଇ ଫେରୁଛନ୍ତି।


ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର ପୁରୀ ମ୍ୟୁନିସିପାଲ ହାଇସ୍କୁଲ ମତଦାନ କେନ୍ଦ୍ର ବୁଲି ଦେଖୁଛନ୍ତି।


ଭୁବନେଶ୍ୱର ରାଜଭବନ ପ୍ରାଥମିକ ବିଦ୍ୟାଳୟ ମଡେଲ ବୁଥ୍‌ରେ ପ୍ରଥମ କରି ଭୋଟ ଦେଇଥିବା ମତଦାତା।

# ଭାଜପା–ବିଜେଡି ମୁହାଁମୁହିଁ

## ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ଆକ୍ରମଣ

**ପୁରୀ ଅଫିସ, ୨୩।୪**

ପୁରୀ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଜୟନ୍ତ କୁମାର ଦାଶଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୋମବାର ବିଳମ୍ବିତ ରାତିରେ ଜୟନ୍ତଙ୍କୁ ପେଣ୍ଟକଟା ନୋଳିଆ ବସ୍ତିରେ ୧୫ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ମରଣାନ୍ତକ ଆକ୍ରମଣ କରିଥିବା ସମୁଦ୍ରକୂଳ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଭାଜପା ଯୁବମୋର୍ଚ୍ଚାର ଶତାଧିକ କର୍ମୀ ସମୁଦ୍ରକୂଳ ଥାନା ଘେରାଉ କରିଥିଲେ। ଯୁବମୋର୍ଚ୍ଚା ଅଭିଯୋଗ କରିଛି ଯେ, ପୋଲିସ ଶାସକ ଦଳର ଏଜେଣ୍ଟ ସାଜିଛି। ସିଟି ଡିଏସ୍‌ପି ଉକ୍ତ ଅଞ୍ଚଳରେ ଡ୍ୟୁଟି କରୁଥିଲେ। ତାଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସତ୍ତ୍ୱେ ସେ ଗୁରୁତ୍ୱ ଦେଇ ନ ଥିଲେ। ବରଂ ଯୁବମୋର୍ଚ୍ଚା କର୍ମୀମାନଙ୍କୁ ଗାଳିଗୁଲଜ କରିଥିଲେ। ଖବର ପାଇ ପୁରୀ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ସମୁଦ୍ରକୂଳ ଥାନାରେ ପହଞ୍ଚି ପୋଲିସ ସହ ଆଲୋଚନା କରିଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ପାଇଁ ସେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ପେଣ୍ଟକଟା ନୋଳିଆ ବସ୍ତିରେ ବିଜେଡି ସମର୍ଥକମାନେ ଘର ଘର ବୁଲି ଟଙ୍କା ବାଣ୍ଟୁଥିବା ଭାଜପା ଯୁବମୋର୍ଚ୍ଚା ପାଖରେ ଖବର ପହଞ୍ଚିଥିଲା। ଏ ନେଇ ଜିଲାପାଳ, ଉପଜିଲାପାଳ, ନିର୍ବାଚନ କମିଶନଙ୍କୁ ଅଭିଯୋଗ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଘଟଣାସ୍ଥଳକୁ ଟଙ୍କା ବଣ୍ଟାକୁ ବିରୋଧ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବିଜେଡି କର୍ମୀମାନେ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କୁ ଦଳି ଦେଇଥିଲେ। ଆକ୍ରମଣରେ ତାଙ୍କ ବାମ ପଟ ଆଖିପତା ତଳ ଫାଟିଯାଇଛି। ମୁହଁ, ନାକ, ଓଠ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ଆକ୍ରମଣ ଖବର ପାଇ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବିଶ୍ୱନାଥ ସେନାପତି, ଆଶିଷ ବରାଳ ଏବଂ ଅନ୍ୟ ୨ଜଣ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ବିଶ୍ୱନାଥଙ୍କ ମୁଣ୍ଡ ଫାଟିଛି। ସମୁଦ୍ରକୂଳ ଥାନା ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଜୟନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ତେବେ ପୁରୀ ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ରଙ୍କୁ ପଚାରିବାରେ ଯୁବମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଭାଜପା ହାରିଯିବା ଭୟରେ ଔଷଧ ବିକଳରେ ତାଟିଆ କାମୁଡ଼ିବା ସଦୃଶ ବିଜେଡି ବିରୋଧରେ ଏଭଳି ମିଥ୍ୟା ଅଭିଯୋଗ ଆଣୁଛି। ଭାଜପା ଶସ୍ତା ରାଜନୀତି କରୁଛି। ତେବେ ବିଜେଡି ବହୁମତରେ ଜିତିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଥାନାଧିକାରୀ ଗୌରାଙ୍ଗ ପୃଷ୍ଟି କହିଛନ୍ତି ଯେ, ଘଟଣା ସମ୍ପର୍କରେ ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ ଜାରି ରହିଛି। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ସେହିପରି ସିଟି ଡିଏସ୍‌ପି ସୁଧାକର ସାହୁ ଯୁବମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କୌଣସି କର୍ମକର୍ତ୍ତାଙ୍କୁ ଗାଳିଗୁଲଜ କରି ନ ଥିବା କହିଛନ୍ତି।

### ୨ ବୁଥ୍‌ରେ ଉତ୍ତେଜନା

**ପୁରୀ ଅଫିସ, ୨୩।୪:** ପୁରୀ ପେଣ୍ଟକଟାସ୍ଥିତ ଆଇଟିଆଇ ବୁଥ୍‌ରେ ମଙ୍ଗଳବାର ଅପରାହ୍ନରେ ମତଦାନ ଚାଲିଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଥ୍‌ରେ ବିଜେଡି ସମର୍ଥକମାନେ ଜୋର ଜବରଦସ୍ତ ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଉସ୍‌କାଉଥିବା ଭାଜପା ଯୁବମୋର୍ଚ୍ଚା ଅଭିଯୋଗ ଆଣିଥିଲା। ଏ ନେଇ ଭାଜପା ଏବଂ ବିଜେଡି ସମର୍ଥକ ମୁହାଁମୁହିଁ ହୋଇଥିଲେ। ଦୀର୍ଘ ସମୟ ଧରି ଉଭୟ ଗୋଷ୍ଠୀ ଧସ୍ତାଧସ୍ତି ହୋଇଥିଲେ। ଖବର ପାଇ ଏସ୍‌ପି ଡା. ଉମାକାନ୍ତ ଦାଶ, ଉପଜିଲାପାଳ ଭବତାରଣ ସାହୁ, ସିଟି ଡିଏସ୍‌ପି ସୁଧାକର ସାହୁ ପ୍ରମୁଖ ପହଞ୍ଚି ଉଭୟ ଗୋଷ୍ଠୀକୁ ବୁଝାଶୁଝା କରିଥିଲେ। ବୁଥ୍ ନିକଟରୁ ଯୁବମୋର୍ଚ୍ଚା କର୍ମୀଙ୍କୁ ହଟାଇବାକୁ ନେଇ ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଏବଂ ଏସ୍‌ପି ଦାଶ, ଡିଏସ୍‌ପି ସାହୁ କଥା କଟାକଟି ହୋଇଥିଲେ। ବିଜେଡି ପାଖରେ ପୋଲିସ ବିକ୍ରି ହୋଇଯାଇଛି। ବୁଥ୍‌ରେ ବିଜେଡି ସମର୍ଥକ ର୍‍ୟାଗିଂ କରୁଥିବାବେଳେ ପୋଲିସ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଛି ବୋଲି ଯୁବମୋର୍ଚ୍ଚା ସଭାପତି ଦାଶ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ସେହିପରି ବାଲିନୋଳିଆ ସାହି ବୁଥ୍‌ରେ ବିଜେଡି ଓ ଭାଜପାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

### ଭିଭିପିଏଟି ଭଙ୍ଗାରୁଜା: ମତଦାନ ବନ୍ଦ

ପୁରୀ ଅଫିସ, ୨୩।୪: ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କମାଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୨୨ ନଂ. ବୁଥ୍‌ରେ ଭିଭିପିଏଟି ଭଙ୍ଗାରୁଜା ଯୋଗୁ ମତଦାନ ବନ୍ଦ ରହିଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବା ପାଇଁ ଜଣେ ମହିଳା ଭୋଟରଙ୍କୁ କହିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ମତଦାନ ବାଧାପ୍ରାପ୍ତ ହୋଇଥିଲା। ଭିଭିପିଏଟି ଭଙ୍ଗାରୁଜାକୁ ନେଇ ଅଧିକାରୀ ଓ ସ୍ଥାନୀୟ ଲୋକେ ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି। ଖବର ପାଇ ଚନ୍ଦନପୁର ଥାନା ଆଇଆଇସି ଏବଂ ମାଜିଷ୍ଟ୍ରେଟ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛନ୍ତି।


ସତ୍ୟପ୍ରକାଶ ନାୟକ


ଅରୋପ୍ରସାଦ ମିଶ୍ର


ଜୟନ୍ତ ଷଡ଼ଙ୍ଗୀ


ରମେଶ ଚନ୍ଦ୍ର ସାଏ


ଅନନ୍ତ ନାରାୟଣ ଜେନା


ପରିବାରବର୍ଗଙ୍କ ସହ ପ୍ରଫୁଲ୍ଲ ମଲ୍ଲିକ

# ଓଡ଼ିଶାରେ ପୋଡୁଚାଷର ବିକଳ୍ପ



ଗୟାଧର ଶିଆଳ



ପୋଡୁଚାଷ ଆଜକୁ ହଜାର ହଜାର ବର୍ଷ ଧରି ବନବାସୀମାନଙ୍କ ମଧ୍ୟରେ ପ୍ରଚଳିତ ହୋଇଆସୁଛି। ଏହା ସେମାନଙ୍କ ସଂସ୍କୃତି ବା ପରମ୍ପରାର ଏକ ଅଂଶବିଶେଷ ବୋଲି ବିବେଚନା କରନ୍ତି। ଜଙ୍ଗଲ ପୋଡି ଚାଷ କରାଯାଉଥିବାରୁ ଏହାକୁ ପୋଡୁଚାଷ କୁହାଯାଏ। ଆମ ରାଜ୍ୟରେ କୋରାପୁଟ, କଳାହାଣ୍ଡି, କନ୍ଧମାଳ, କେଉଁଝର, ସୁନ୍ଦରଗଡ଼, ଢେଙ୍କାନାଳ, ସମ୍ବଲପୁର, ଗଜପତି, ମାଲକାନଗିରି ଓ ରାୟଗଡ଼ା ଜିଲାରେ ଏହି ଆଦିମ ଚାଷ ପଦ୍ଧତି ବହୁଳ ଭାବରେ ଦେଖିବାକୁ ମିଳେ। ଖରାଦିନେ ରାତିରେ ଜଙ୍ଗଲ ମଧ୍ୟରେ ଠାଏ ଠାଏ ନିଆଁ ଜଙ୍ଗଲକୁ ଗ୍ରାସ କରିଥାଏ। ଏହି ସବୁ ଜିଲାରେ ଓଡ଼ିଶାର ଲୋକସଂଖ୍ୟାର ଶତକଡ଼ା ୨୩ ଭାଗ ହେଉଛନ୍ତି ବନବାସୀ ସମ୍ପ୍ରଦାୟର। ଏମାନଙ୍କ ମଧ୍ୟରୁ ବଣ୍ଡା, ଡଙ୍ଗରିଆ କନ୍ଧ, କୋୟା, ପରଜା, କୁଟିଆ କନ୍ଧ, ରାଞ୍ଜିଆ ସଉରା, ଭୂୟାଁ, ଜୁଆଙ୍ଗ, ଦିଦାଇ, ପାରେଙ୍ଗା ଆଦି ସମ୍ପ୍ରଦାୟର ବନବାସୀମାନେ ପୋଡୁଚାଷ କରନ୍ତି। ସାଧାରଣତଃ ପାହାଡ଼ର ଢାଲୁ ଅଞ୍ଚଳକୁ ପୋଡୁଚାଷ କରିବା ପାଇଁ ଚିହ୍ନଟ କରାଯାଏ। ନଭେମ୍ବର ମାସରୁ ମାର୍ଚ୍ଚ ମାସ ଭିତରେ ଏହି ଜମିରୁ ଗଛ, ଲଟା ଆଦି କଟାଯାଇ ମାଟି ଉପରେ ପକାଯାଏ। ଖରାଦିନେ ଅର୍ଥାତ୍ ଏପ୍ରିଲ-ମେ ମାସରେ କଟାଯାଇଥିବା ଗଛରେ ନିଆଁ ଲଗାଯାଏ। ମେ-ଜୁନ୍ ମାସରେ ସେମାନେ ଏହି ଜମିରେ ପାହାଡ଼ି ଧାନ, କାଙ୍ଗୁ, ସୁଆଁ, ଡଙ୍ଗରରାଣୀ, ମକା, ଝୁଡ଼ଙ୍ଗ, କାନ୍ଦୁଲ, ହଳଦୀ, ଅଦା ଆଦି ଚାଷ କରିଥାନ୍ତି। ପୋଡୁଜମିରେ ହଳ ନ କରି କୋଦାଳ କୋଡି ବା ମୁନିଆ ଲୁହା ଖଣ୍ଡରେ ଖୋଳି ବିହନ ପକାନ୍ତି। ଜୁନ୍-ଜୁଲାଇ ମାସରେ କୋଡ଼ା ଖୋସା କରି ଫସଲରୁ ଘାସ ନିୟନ୍ତ୍ରଣ କରନ୍ତି। ଫସଲକୁ ବନ୍ୟଜନ୍ତୁ ଦାଉରୁ ରକ୍ଷା କରିବାପାଇଁ ପୋଡୁ ଜମିରେ ଥିବା ଗଛରେ ମଞ୍ଚା ବାନ୍ଧନ୍ତି କିମ୍ବା ଅସ୍ଥାୟୀ କୁଟୀର ତିଆରି କରି ଅଗଷ୍ଟରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ଫସଲ ଜଗନ୍ତି ଏବଂ ଏହି ସମୟ ମଧ୍ୟରେ ଫସଲ ଅମଳ କରନ୍ତି। ସେମାନେ ସାଧାରଣତଃ କୌଣସି ଫଳବୃକ୍ଷ ଯଥା ଆମ୍ବ, ମହୁଲ, ପଣସ, ତେନ୍ତୁଳି ଆଦି ଗଛକୁ କାଟନ୍ତି ନାହିଁ। ଗୋଟାଏ ଜମିରେ ଲଗାତର ତିନିବର୍ଷ ଚାଷ କଲାପରେ ସେମାନେ ଅନ୍ୟ ଗୋଟାଏ ଜଙ୍ଗଲ କାଟି ସଫା କରି ସେହିଭଳି ଚାଷ କରନ୍ତି ଓ ସାତ-ଆଠ ବର୍ଷ ପରେ ପୁନର୍ବାର ପ୍ରଥମ ସ୍ଥାନକୁ ଚାଷକାର୍ଯ୍ୟ ପାଇଁ ଫେରିଆସନ୍ତି।

## ପୋଡୁଚାଷର ହାନିକାରକ ପ୍ରଭାବ

ପୋଡୁଚାଷ କେବଳ ପରିବେଶ ଓ ପ୍ରକୃତି ଉପରେ କୁପ୍ରଭାବ ପକାଏ ନାହିଁ। ଏହା ଆମର ଅର୍ଥନୈତିକ ଅଭିବୃଦ୍ଧିରେ ବାଧକ ସାଜେ। ଏହାର କେତେଗୋଟି ହାନିକାରକ ପ୍ରଭାବ ସମ୍ପର୍କରେ ନିମ୍ନରେ ସୂଚିତ କରାଯାଉଛି...

- ଝରଣା, ଜଳାଶୟ ଶୀଘ୍ର ଶୁଖିଯାଏ।
- ମୃତ୍ତିକା କ୍ଷୟ ଯୋଗୁ ପାହାଡ଼ର ଗଡାଣିଆ ବା ଢାଲୁଜମି ନଷ୍ଟ ହୋଇ ପଥୁରିଆ ହୋଇଯାଏ।
- ମୂଲ୍ୟବାନ ବନସମ୍ପଦ ନଷ୍ଟ ହୁଏ।
- ବନ୍ୟଜନ୍ତୁଙ୍କର ଆବାସସ୍ଥଳ ନଷ୍ଟ ହେବାରୁ ବନ୍ୟଜନ୍ତୁମାନେ ଜନବସତି ଆଡ଼କୁ ଅଗ୍ରସର ହୋଇ ମାନବ, ଗୋ ସମ୍ପଦ ଓ କୃଷିଜାତ ଶସ୍ୟକୁ ନଷ୍ଟ କରନ୍ତି।
- ଜଳାଶୟ, ଚାଷଜମି ଆଦିରେ ପଙ୍କ ଏବଂ ବାଲିଚର ହୋଇଯାଏ।
- ପୋଡୁଚାଷ ଜଳବାୟୁ ପରିବହନରେ ସହାୟକ ହୁଏ।
- ପୋଡୁଜମିରେ ଅନାବନା ଗୁଳ୍ମ ଯଥା ପୋକସୁଂଘା, ନାଗୁଆରୀ ଆଦି ବଂଶବିସ୍ତାର ହୋଇ ଖରାଦିନେ ଜଙ୍ଗଲ ନିଆଁ- ବିସ୍ଫୁରିତ ହେବା ସହିତ ମୂଲ୍ୟବାନ୍ ଗଛର ବଂଶବିସ୍ତାର କରିବାରେ ବାଧକ ସାଜେ।

**କେଉଁ ପଦକ୍ଷେପ ନେବା ଜରୁରୀ:** ପୋଡୁଚାଷ ପାହାଡ଼ର ଉପର ଢାଲୁ ଅଂଶରେ ଜଙ୍ଗଲ ବୃକ୍ଷ ତଥା ଗୋଚାରଣ ଭିତ୍ତିକ ଜଙ୍ଗଲ ସୃଷ୍ଟି କରିବା।

- ମଝି ଢାଲୁ ଅଂଶରେ ସୋପାନ କରି ଦୀର୍ଘ ସ୍ଥାୟୀ ଫଳବୃକ୍ଷ ରୋପଣ କରି ଗଛ ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ଅନ୍ତଃ ଫସଲ ରୋପଣ କରିବା।
- ପାହାଡ଼ର ପାଦଦେଶରେ ବା ନିମ୍ନ ଅଂଶରେ କ୍ଷେତ୍ର ଫସଲ ଚାଷକରିବା।

**ପୋଡୁଚାଷର ବିକଳ୍ପ ବ୍ୟବସ୍ଥା:** ଚିରାଚରିତ ପୋଡୁଚାଷ ପଦ୍ଧତିର ସମ୍ପୂର୍ଣ୍ଣ ନିରାକରଣ ରାତାରାତି ସମ୍ଭବ ନୁହେଁ। ପାହାଡ଼ତଳେ ଆବଶ୍ୟକ ଚାଷୋପଯୋଗୀ ଜମିର ସମସ୍ୟା ଏବଂ ପୋଡୁଚାଷକୁ ଜୀବିକା କରି ଚଳୁଥିବା ବନବାସୀମାନଙ୍କୁ ଅନ୍ୟ ସ୍ଥାୟୀ ରୋଜଗାର ଉପାର୍ଜନର ପନ୍ଥା ଯୋଗାଇଦେବା ସହିତ ଏହାର ବଜାରୀକରଣ ବ୍ୟବସ୍ଥା ଆଦି ସମସ୍ୟା ଏହା ସହିତ ସଂଶ୍ଳିଷ୍ଟ ଅଛି । ତେଣୁ ପୋଡୁଚାଷର ବିକଳ୍ପ ବ୍ୟବସ୍ଥା ଚିନ୍ତା କଲା ବେଳକୁ ଏହି ଚାଷର ବୈଜ୍ଞାନିକ ପଦ୍ଧତିର ଦୀର୍ଘସ୍ଥାୟୀ ଚାଷ ପଦ୍ଧତି, ପୁନରୁଦ୍ଧାର, ଜଙ୍ଗଲ ସଂରକ୍ଷଣ, ବନବାସୀମାନଙ୍କର ସଂସ୍କୃତି କଥା ଚିନ୍ତା କରିବା ଆବଶ୍ୟକ । ଏକ ସମନ୍ୱିତ ଆଦର୍ଶ ବହୁମୁଖୀ ଯୋଜନା ମାଧ୍ୟମରେ ପୋଡୁଚାଷୀମାନଙ୍କର ବିକାଶ ସହିତ ନାନା ପ୍ରକାରର ସମୟୋପଯୋଗୀ କାର୍ଯ୍ୟକ୍ରମ ନିମ୍ନରେ ଦିଆଗଲା।

- ବନବାସୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧିର ସ୍ଥାୟିତ୍ୱ ପାଇଁ ପୋଡୁ ଚାଷ ଜମିରେ ସେମାନଙ୍କର ଅଭିଜ୍ଞତା, କୃଷି ଜଳବାୟୁ ଓ ବଜାରୀକରଣ ବ୍ୟବସ୍ଥାକୁ ନେଇ ଏକ ଲାଭଜନକ କୃଷିବନୀକରଣର ଫସଲ ଖସଡାର ପ୍ରସ୍ତୁତି ଓ ସମ୍ପ୍ରସାରଣ କରିବା ଦରକାର।
- ପାହାଡର ସ୍ୱଳ୍ପ ଢାଲୁ ଜମିରେ ସାମାନ୍ୟ ସମତଳ ଜାଗା ଦେଖି ସ୍ଥାୟୀ କୃଷି ପଦ୍ଧତି ଅବଲମ୍ବନ ପାଇଁ ସଚେତନ କରାଇବା । ଏହି ପ୍ରକାରର ଜମିକୁ କନ୍ଧମାଳରେ ପାଙ୍ଗା ଜମି କହନ୍ତି।
- ପାହାଡର ପଥର ଛନ୍ଦିରେ ଗଛର ପତ୍ର ବର୍ଷ ବର୍ଷ ଧରି ଶଢିଯାଇ ଉର୍ବର ହୋଇଥାଏ । ସେହି ସ୍ଥାନରେ ଲେମ୍ବୁ, ସପୁରୀ, ସ୍ଥାନୀୟ କଦଳୀ ଗଛ ଆଦି ଚାଷ କରାଯାଇପାରେ।
- ଦୀର୍ଘସ୍ଥାୟୀ ଚାଷ ପଦ୍ଧତି ମାଧ୍ୟମରେ ବନବାସୀମାନେ ବର୍ଷ ସାରା କାମଧନ୍ଦା ପାଇ ପାରିବେ ଓ କଷ୍ଟ ଦାୟକ ପୋଡୁ ଚାଷକୁ ବର୍ଜନ କରିବାକୁ ଆଗଭର ହେବେ। ଏହାଦ୍ୱାରା ସବୁବର୍ଷ ସମ ପରିମାଣର ଫସଲ ସେମାନଙ୍କ ଜମିରୁ ଓ ସେମାନେ ସ୍ଥାୟୀ କୃଷି ପଦ୍ଧତି ଛାଡି ଅନ୍ୟସ୍ଥାନକୁ ଯିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ।
- ପୋଡୁ ଚାଷର ଅନ୍ୟ ବିକଳ୍ପ ହେଉଛି ପାହାଡ ଢାଲୁରେ ଫଳବୃକ୍ଷ ରୋପଣ । ଜଳସେଚନର ସୁବିଧା ଥିବା ଉଚ୍ଚ ଏବଂ ମଧ୍ୟମ କିସମ ଜମିଗୁଡିକରେ କଦଳୀ, ଅମୃତଭଣ୍ଡା, ସପୁରୀ, ଲେମ୍ବୁ, କମଳା, ଆମ୍ବ ଆଦି ଏକ ଚକିଆ ଫଳବଗିଚା କରାଗଲେ ବିକ୍ରିବଟାର ଅସୁବିଧା ହେବ ନାହିଁ।
- ବିକ୍ରି ହୋଇ ପାରୁ ନ ଥିବା ବଳକା ଫଳର ମୂଲ୍ୟଯୁକ୍ତ ଉତ୍ପାଦନ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ହୋଇପାରିବ।
- ବୃଷ୍ଟିପୁଷ୍ଟ ଉଚ୍ଚା ଜମି ବା ବଗଡରେ ମରୁଡି ସହନଶୀଳ ଫଳବୃକ୍ଷ ଯଥା ଆତ, କାଜୁ, ପିଜୁଳି, ଅଁଳା, ପଣସ, ବେଲ, ତେନ୍ତୁଳି, କରମଙ୍ଗା ଆଦି ଚାଷ କରାଯାଇପାରିବ।
- ଅନୁକୂଳ ପରିବେଶ ଓ ଜଳାଶୟ ନିକଟବର୍ତ୍ତୀ ଅଞ୍ଚଳରେ ସପେଟା, ଲିଚୁ, ଆମ୍ବ, କମଳା ଆଦି ଫଳଚାଷ କରାଯାଇପାରେ।
- ସ୍ୱଳ୍ପ ଛାଇ ପ୍ରଦାନ କରୁଥିବା ଗଛ ଛାଇରେ ଏବଂ ଗଛରେ କଫି, ଗୋଲମରିଚ, ପିପ୍ପଳୀ ଆଦି ଅନ୍ତଫସଲ ହିସାବରେ ଚାଷ କରାଯାଏ।
- ଉଚ୍ଚ ମୂଲ୍ୟଯୁକ୍ତ ଫସଲ ଯଥା ଅଦା, ହଳଦୀ, ପାଳୁଅ ଆଦି ଫସଲକୁ ଅନ୍ତଫସଲ ହିସାବରେ କିମ୍ବା ଏକକ ଫସଲ ରୂପେ ଉର୍ବର ଉଚ୍ଚା ଜମିରେ ଚାଷ କରାଯାଇପାରିବ।
- ବର୍ଷା ଦିନେ କେତେକ ନିର୍ଦ୍ଦିଷ୍ଟ ଜିଲାରେ ଯଥା କନ୍ଧମାଳ, କେଉଁଝର, ଗଜପତି, କୋରାପୁଟ ଆଦି ଅଞ୍ଚଳରେ ଅଦିନିଆ ଫସଲ ବିନ୍ସ, ବିଲାତି, ଫୁଲକୋବି, ମୂଳା ଆଦି ଚାଷ କରାଯାଇପାରିବ।
- ଲୋକସହଭାଗୀ ଯୋଜନା ପ୍ରସ୍ତୁତ କଲା ବେଳେ ଫସଲ ଖସଡାରେ ଅଧିକ ଦିନ ରହି ପାରୁଥିବା ପନିପରିବା ରହିପାରିଲେ ବିକ୍ରିବଟାର ସମସ୍ୟା ରହିବ ନାହିଁ । ସେହି ଫସଲଗୁଡିକ ହେଲା ଖମ୍ବଆଳୁ, କନ୍ଦମୂଳ, ଟାପିଓକା, କଖାରୁ, ଲଙ୍କା, ରାଜମା, ଝୁଡଙ୍ଗ ଇତ୍ୟାଦି
- ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ପ୍ରକ୍ରିୟାକରଣ ଓ ବିକ୍ରିବଟା ଉପରେ ଗୁରୁତ୍ୱାରୋପ କରିବା।

-ବନ ବିଜ୍ଞାନୀ, ଓୟୁଏଟି, ଭୁବନେଶ୍ୱର,
ମୋ: ୯୪୩୭୦୩୧୨୦୯

## ହଳଦୀ ଲଗାଇବା ପୂର୍ବରୁ...



ରୋମା, ସୁରମା, ରଙ୍ଗ, ରଶ୍ମୀ, ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମିପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡ ଗୁଡିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର, ୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ, ୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ଗାଡି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ, ୧୨କି.ଗ୍ରା ଫସଫରସ୍, ୩୬କି.ଗ୍ରା. ପଟାସ ତିନିଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସଫେଟ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

## ସବୁଜ ଗୋଖାଦ୍ୟ ଫସଲ



ବର୍ତ୍ତମାନ ସମୟରେ ମକା ଓ ବରଗୁଡିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ ଅଟେ। ଶେଷଓଡ ଚାଷରେ ଏକର ପ୍ରତି ୫ଗାଡି ସଢ଼ା ଗୋବର ଖତ, ୪୦କି.ଗ୍ରା ଯବକ୍ଷାରଜାନ, ୪୦କି.ଗ୍ରା ଫସଫରସ ଓ ୪୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ଆଶଙ୍କା ଥିଲେ ଶେଷ ଓଡ ଚାଷରେ ଏକର ପ୍ରତି ୧୦କି.ଗ୍ରା ଶତକଡା ୧.୫ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କି.ଗ୍ରା ବରଗୁଡି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

ପ୍ରଥମ ପୃଷ୍ଠାରୁ...

## ବହୁ ସ୍ଥାନରେ ଇଭିଏମ୍...

ସେହିପରି ପୁରୀ ପେଣ୍ଠକଟାସ୍ଥିତ ଆଇଟିଆଇ ବୁଥ୍‌ରେ ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କୁହାଯିବାକୁ ନେଇ ଭାଜପା ଏବଂ ବିଜେଡି ସମର୍ଥକ ମୁହାଁମୁହିଁ ହୋଇଥିଲେ। ଦୀର୍ଘ ସମୟ ଧରି ଉଭୟ ଗୋଷ୍ଠୀ ଧସ୍ତାଧସ୍ତି ହୋଇଥିଲେ। ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କମାଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିଭିପିଏଟି ଭଙ୍ଗାରୁଜା କରାଯାଇଥିଲା। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବା ପାଇଁ ଜଣେ ମହିଳା ଭୋଟରଙ୍କୁ କହିବାକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବାରୁ ଉତ୍ତେଜନା ପ୍ରକାଶ ପାଇ ଭଙ୍ଗାରୁଜା ହୋଇଥିଲା। ଫଳରେ ସେଠାରେ ମତଦାନ ଅଧାରୁ ବନ୍ଦ ହୋଇଯାଇଥିଲା। ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୭୮ନଂ. ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ହୋଇଛି। ଅନ୍ୟପକ୍ଷରେ ସମ୍ବଲପୁର ସହରର ସିନାପାଲି ଅଞ୍ଚଳରେ ମଙ୍ଗଳବାର ବିଜେଡିର କେତେକ କର୍ମୀ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଥିଲା। ଏହି ଖବର ପାଇ ସେଠାରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର ପହଞ୍ଚି ଥିଲେ। ଏହା ପରେ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ଦେଖା ଦେବା ସହ ଯୁକ୍ତିତର୍କ ହୋଇଥିଲା। ଏହି ଖବର ପାଇ ସେଠାରେ ପୋଲିସ ଓ ସିଆରପିଏଫ ଯବାନ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ।

ଅନ୍ୟପକ୍ଷରେ କଟକ ଜିଲା ଆଠଗଡ଼ର ୧୨୧ ନଂ. ବୁଥ୍‌ରେ ଇଭିଏମ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ସେଠାରେ ମତଦାନ ବାଧାପ୍ରାପ୍ତ ହୋଇଥିଲା। ସମ୍ବଲପୁର ଜିଲା ରେଢାଖୋଲ ନିର୍ବାଚନମଣ୍ଡଳୀ ଅଧୀନ ରେଢାଖୋଲ ସହରର ଖନ୍ଦାଡିପ ଉଚ୍ଚ ପ୍ରାଥମିକ ସ୍କୁଲର ୧୭୨ ନଂ. ବୁଥ୍‌ରେ ଇଭିଏମ୍ ଅଚଳ ହୋଇ ପଡିଥିଲା। ସେଠାରେ ୧ ଘଣ୍ଟା ବିଳମ୍ବରେ ଅର୍ଥାତ୍ ସକାଳ ୮ଟାରେ ଭୋଟ୍ ଗ୍ରହଣ କରାଯାଇଥିଲା। ସେହିଭଳି ରେଢାଖୋଲ ଗୌରଚନ୍ଦ୍ର ହାଇସ୍କୁଲ (ବୁଥ୍ ନଂ. ୧୭୪), ଯୁଯୁମୁରା ବ୍ଲକ୍ ଝାଙ୍କରପାଲି (ବୁଥ୍ ନଂ. ୩୬, ୩୭), ଭବାନୀପାଲି ସ୍କୁଲ ( ବୁଥ୍ ନଂ.୩୮), ଠାକୁରମାଲ ସ୍କୁଲ (ବୁଥ୍ ନଂ.୯୩), ବସିଆପଡା ସ୍କୁଲ (ବୁଥ୍ ନଂ.୫୩), କୁସାମୁରା (ବୁଥ୍ ନଂ.୧୧୦)ରେ ଇଭିଏମ୍ ଅଚଳ ଯୋଗୁ ବିଳମ୍ବରେ ଭୋଟର ମତ ସାବ୍ୟସ୍ତ କରିଥିଲେ। ରେଙ୍ଗାଲି ନିର୍ବାଚନମଣ୍ଡଳୀର ୧୭୩, ୧୭୪ ନଂ. ବୁଥ୍‌ରେ ଭୋଟ୍ ଗ୍ରହଣ ବିଳମ୍ବ ହୋଇଥିଲା। ଗୁଣ୍ଡେରପୁର ସ୍କୁଲର ୨୨୩, ୨୨୪ ଓ ବ୍ରାହ୍ମଣୀପାଲିର ୧୭୬ ନଂ. ବୁଥ୍‌ରେ ମଧ୍ୟ ମେଶିନ ଅଚଳ ପାଇଁ ଭୋଟ ଗ୍ରହଣ ପ୍ରଭାବିତ ହୋଇଥିଲା।

ଇଭିଏମ୍ ଅଚଳ ଯୋଗୁ ନୟାଗଡ ଜିଲା ଖଣ୍ଡପଡା ୩୭ ନଂ. ବୁଥ୍‌ରେ ଦିନ ୧୧ଟା ଯାଏ ମତଦାନ ହୋଇ ପାରି ନ ଥିଲା। ସମାନ କାରଣରୁ ୩୨ ନଂ. ବୁଥ୍‌ରେ ୪୬ ମିନିଟ୍ ଓ ୧୫୭ ନଂ. ବୁଥ୍‌ରେ ଅଧଘଣ୍ଟା ବିଳମ୍ବ ହୋଇ ଥିଲା। ଓଡଗାଁ ବ୍ଲକ ବାହାଦାରିଠା ବୁଥ୍‌ରେ ଭୋଟଦାନ ୩ ଘଣ୍ଟା ବିଳମ୍ବ ହୋଇଥିଲା। ଅନୁରୂପଭାବେ ରଣପୁର ନିର୍ବାଚନମଣ୍ଡଳୀରେ ୨୬୦, ୧୨୪, ୧୨୫ ଏବଂ ୨୩୦ରେ ଭିଭିପିଏଟି ଅଚଳ ହୋଇଥିବାରୁ ୨ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ୧୫୯, ୧୪୯, ୧୫୧, ୧୦୧, ୧୦୨, ୧୬୬ ଓ ୧୭୬ ନଂ ବୁଥ୍‌ରେ ପ୍ରାୟ ଅଧ ଘଣ୍ଟାରୁ ୫ ଘଣ୍ଟା ପର୍ଯ୍ୟନ୍ତ ଇଭିଏମ ଖରାପ ହୋଇ ରହିଥିଲା। ଜଟଣୀ ନିର୍ବାଚନ ମଣ୍ଡଳୀର ୧୭୯, ୧୮୦, ୧୮୧, ୧୭୩, ୧୧୫, ୨୨୮, ୧୯୭, ୨୦୦, ୨୦୫, ୧୩୯, ୪୪, ୨୨୩ ଓ ୨୨୪ ନଂ. ବୁଥ୍‌ରେ ଇଭିଏମ୍ ତ୍ରୁଟି କାରଣରୁ ପ୍ରାୟ ଅଧ ଘଣ୍ଟାରୁ ୩ ଘଣ୍ଟା ପର୍ଯ୍ୟନ୍ତ ମତଦାନ ବନ୍ଦ ରହିଥିଲା। ବେଗୁନିଆ ନିର୍ବାଚନମଣ୍ଡଳୀର ୪୦, ୯୫, ୧୨୦, ୩୪, ୫୪ନଂ. ବୁଥ୍‌ରେ ଇଭିଏମ୍ ତ୍ରୁଟିରୁ ପ୍ରାୟ ୧ଘଣ୍ଟାରୁ ୩ ଘଣ୍ଟା ଯାଏ ଡେରିରେ ମତଦାନ ଆରମ୍ଭ ହୋଇଥିଲା। ଶଗଡଭଙ୍ଗାରେ ଏଜେଣ୍ଟଙ୍କ ମଧ୍ୟରେ ବିବାଦ ଘଟି ଅଧ ଘଣ୍ଟାଏ ଧରି ଉତ୍ତେଜନା ଲାଗି ରହିଥିଲା । ଚିଲିକା ନିର୍ବାଚନମଣ୍ଡଳୀର ୨୦୯, ୧୨୯, ୧୭୦ନଂ. ବୁଥ୍‌ରେ ଇଭିଏମ କିଛି ସମୟ ପାଇଁ ଅଚଳ ହୋଇ ରହିଥିଲା। କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀର କେନ୍ଦୁଝର ପୌରପାଳିକା ଅଧୀନ ୨୧୯, ୨୧୨, ୨୧୩, ୨୩୧ ନମ୍ବର ବୁଥ, ଝୁମ୍ପୁରା ବ୍ଲକର ୨୨, ୫୪, ୩୬ ନମ୍ବର, ପାଟଣା ନିର୍ବାଚନ ମଣ୍ଡଳୀର ସାହାରପଡା ବ୍ଲକର ୧୫୩, ୧୫୪ ନମ୍ବର ବୁଥର ଇଭିଏମ୍‌ରେ ତ୍ରୁଟି ଦେଖାଦେବା ଯୋଗୁ ଭୋଟ ଗ୍ରହଣରେ ବହୁ ବିଳମ୍ବ ଘଟିଥିଲା।

## ୨୫ରେ ୯ ବୁଥରେ ...

ବାହାଡାଖୋଳ ବୁଥ ନଂ.୨୧୦, ଦଶପଲ୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ ବୁଥ ନଂ. ୨୨୨, ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅରେଇଗୁଡି ବୁଥ ନଂ. ୨୩୫, ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ ବୁଥ ନଂ. ୬୮, ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡଭା ବୁଥ ନଂ.୧୬, ବ୍ରଜରାଜ ନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରମାଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ ବୁଥ ନଂ ୨୫୪ ଏବଂ ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେଣ୍ଟ ବୁଥ ନଂ ୧୮୨।

## 'ନବୀନଙ୍କ ଗାଦି ଛାଡ଼ିବାର ...

ଆୟୋଜିତ ବିଜୟ ସଙ୍କଳ୍ପ ସଭାରେ ସେ କହିଛନ୍ତି ଯେ, ନୂଆ ଭାରତ ଗଢ଼ିବା ଲାଗି ଡବଲଖ ଇଞ୍ଜିନ ସରକାର ଗଠନର ଆବଶ୍ୟକତା ରହିଛି। ବିଜେଡିକୁ ଟାର୍ଗେଟ କରି ଓଡିଶାରେ ୧୯ ବର୍ଷରେ ଯାହା ନ ହୋଇଛି, ଭାଜପା କ୍ଷମତାକୁ ଆସିଲେ ତାହାର ୫ଗୁଣ ବିକାଶ କରାଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାରରେ ଆସି ମୋଦି ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅ ପଞ୍ଚାୟତସ୍ଥିତ ସିଦ୍ଧମଠ ପଞ୍ଚାୟତ ପଡ଼ିଆରେ ମଧ୍ୟାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିରୋଧୀଙ୍କୁ ଟାର୍ଗେଟ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଜନସାଧାରଣଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗାଦି ଛାଡ଼ିବାର ସମୟ ଆସିଗଲାଣି। ଏଥିସହ ରାଫାଲ ଦୁର୍ନୀତି ପ୍ରସଙ୍ଗ ଉଠାଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରାଫାଲ ମାମଲାକୁ ନେଇ ବିରୋଧୀ ଦଳ ହୋହଲ୍ଲା କରୁଥିଲେ। ଏବେ ଭୁଲ ମାଗିଲେଣି। ଗତ ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କୌଣସି ଭ୍ରଷ୍ଟାଚାରରେ ସାମିଲ ହୋଇ ନ ଥିବା ପ୍ରକାଶ କରି ଦେଶର ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ । ପଶ୍ଚିମବଙ୍ଗ ପରି ଓଡ଼ିଶାରେ ହିଂସାକାଣ୍ଡ ବଢ଼ି ଚାଲିଥିବାରୁ ରାଜ୍ୟ ସରକାର ଏବେ ଯିବା ସୁନିଶ୍ଚିତ ବୋଲି ସେ କହିଛନ୍ତି। ନଦୀ ସଂଯୋଗୀକରଣ କଥା ଉଠାଇ ମୋଦି ନୀଳ ଅର୍ଥନୀତି ଉପରେ ଆଲୋକପାତ କରିଛନ୍ତି। ଏ ସମ୍ପର୍କରେ ପ୍ରକାଶ କରିଥିଲେ ଯେ, ଓଡ଼ିଶାରେ ମତ୍ସ୍ୟଚାଷକୁ ଆହୁରି ଆଗକୁ ନେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନୂଆ ମନ୍ତ୍ରଣାଳୟ ଖୋଲାଯିବ। ଏହାଦ୍ୱାରା ମତ୍ସ୍ୟଜୀବୀଙ୍କୁ ସମସ୍ତ ସୁବିଧା ମିଳିପାରିବ। ଓଡ଼ିଶାରେ ଜଳପଥ ପାଇଁ ବ୍ରାହ୍ମଣୀ ନଦୀ ଉପରେ ପ୍ରକଳ୍ପ କାର୍ଯ୍ୟକାରୀ ଚାଲିଛି। ଏହା ତାଳଚେରରୁ ଧାମରା ଦେଇ ପାରାଦୀପ ପର୍ଯ୍ୟନ୍ତ ଛୁଇଁବ। ଏହାଦ୍ୱାରା ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ ବୋଲି ମୋଦି କହିଛନ୍ତି। ସେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ମଧ୍ୟାହ୍ନ ୧୨ଟା ୨ମିନିଟ୍‌ରେ ଯୋଗଦେଇ ଓଡ଼ିଆରେ ଭାଷଣ ଆରମ୍ଭ କରିଥିଲେ। ପ୍ରଥମେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ମାଟିକୁ ପ୍ରଣାମ କରି ଭାଷଣ ଦେଇଥିଲେ । ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ସଡ଼କ, ବିଜୁଳି, ପାଣି, ରନ୍ଧନ ଗ୍ୟାସ, ଆୟୁଷ୍ମାନ ଭାରତ ଆଦି ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲେ। ଓଡ଼ିଶାରେ ଭାଜପା ସରକାରକୁ ଆଣି ଦେଶରେ ଡବଲ ଇଞ୍ଜିନ ଚଳାଇବାକୁ କେନ୍ଦ୍ରାପଡାର ମତଦାତାମାନେ ଦୁଇ ଥର ପଦ୍ମ ଚିହ୍ନରେ ଭୋଟ ଦେବା ପାଇଁ ସେ ଏହି ଅବସରରେ ନିବେଦନ କରିଥିଲେ । ସଭାରେ ରାଷ୍ଟ୍ରୀୟ ଉପସଭାପତି ତଥା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ସୁନାକର ବେହେରା, ପାଟକୁରା ବିଧାୟକ ପ୍ରାର୍ଥୀ ବିଜୟ କୁମାର ମହାପାତ୍ର, ବରିଷ୍ଠ ରାଜନେତା ଦାମୋଦର ରାଉତ ଓ ରାଜ୍ୟ ପ୍ରଭାରୀ ଅରୁଣ ସିଂ ଏବଂ ଭାଜପା ବିରୋଧୀ ଦଳ ନେତା କେ.ଭି. ସିଂଦେଓ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରାପଡ଼ାରେ ସଭା ସାରି ମୋଦି ବାଲେଶ୍ୱର ଜିଲା ବସ୍ତାସ୍ଥିତ ବାହାର୍ଦ୍ଦା ସରକାରୀ କୃଷି ଫାର୍ମରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସେ ନୂଆ ଭାରତ ଗଢ଼ିବା ଲାଗି ଡବଲ ଇଞ୍ଜିନ ସରକାର ଗଠନର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ। ରାଜ୍ୟର ବିଜେଡି ସରକାରଙ୍କୁ ସିଧାସଳଖ ଟାର୍ଗେଟ କରି ଚିଟ୍‌ଫଣ୍ଡ ଓ ଖଣି ଦୁର୍ନୀତି ଆଦି ପ୍ରସଙ୍ଗ ଉଠାଇ ରାଜ୍ୟରେ ସରକାର ପରିବର୍ତ୍ତନ ହେଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ବାଲେଶ୍ୱରର କ୍ଷେପଣାସ୍ତ୍ର ଘାଟି ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛି ଏବଂ ଦେଶ ଏଥିପାଇଁ ଗୌରବାନ୍ୱିତ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ସେ ପ୍ରତିରକ୍ଷା ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଜୟ ଯବାନ, ଜୟ କିଷାନ ଓ ଜୟ ବିଜ୍ଞାନ ସ୍ଲୋଗାନ ସହ 'ଜୟ ଅନୁସନ୍ଧାନ'କୁ ଯୋଡ଼ିଥିଲେ।

ପ୍ରଧାନମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ବସ୍ତା ହେଲିପ୍ୟାଡରେ ଅବତରଣ କରିଥିଲେ। ଅପରାହ୍ନ ୧ଟା ୨୫ ମିନିଟ୍‌ରେ ସଭା ଆରମ୍ଭ ହୋଇଥିଲା। ମୋଦି ପ୍ରଥମେ ଓଡ଼ିଆରେ ଭାଷଣ ଆରମ୍ଭ କରିଥିଲେ। ସେ ତିନି ଥର ଜୟ ଜଗନ୍ନାଥ କହିବା ସହ ଜିଲାର ସ୍ଥାନୀୟ ଦେବଦେବୀଙ୍କୁ ପ୍ରଣାମ ଜଣାଇ ନିର୍ବାଚନରେ ଭାଜପାର ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ବାଲେଶ୍ୱର ମିଶନ ଶକ୍ତି ପାଇଁ ସମଗ୍ର ପୃଥିବୀରେ ପରିଚିତ ହୋଇପାରିଛି ବୋଲି ବର୍ଣ୍ଣନା କରି ବର୍ତ୍ତମାନର ଭାରତ ବିଶ୍ୱର ଚତୁର୍ଥ ଶକ୍ତିଶାଳୀ ରାଷ୍ଟ୍ରରେ ପରିଗଣିତ ହୋଇପାରିଛି ବୋଲି ସେ କହିଥିଲେ।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ, ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ, ସଦର ବିଧାୟକ ପ୍ରାର୍ଥୀ ମଦନମୋହନ ଦତ୍ତ, ରେମୁଣା ପ୍ରାର୍ଥୀ ଗୋବିନ୍ଦ ଦାଶ, ସୋର ପ୍ରାର୍ଥୀ ରାକେଶ ମଲ୍ଲିକ, ବସ୍ତା ପ୍ରାର୍ଥୀ ରଘୁନାଥ ମହାନ୍ତି, ଜଳେଶ୍ୱରର ଜୟନାରାୟଣ ମହାନ୍ତି, ଭୋଗରାଇର ଅଂଶୁମାନ୍ ମହାନ୍ତି, ସିମୁଳିଆର ପଦ୍ମଲୋଚନ ପଣ୍ଡା, ବଡ଼ସାହିର ସନାତନ ବିଜୁଳି ପ୍ରମୁଖ ଯୋଗଦେଇଥିଲେ। ତେବେ ସଭାରେ ବାଧା ସୃଷ୍ଟି ପାଇଁ ଦୁଇ ତିନୋଟି ସ୍ଥାନରେ ଏକ ରାଜନୈତିକ ଦଳର କର୍ମୀମାନେ ରାସ୍ତା ଅବରୋଧ କରିଥିବା କଥା ଏମ୍ପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ଏବଂ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରିଥିଲେ। ଅପରାହ୍ନ ୨ଟା ୨୫ ମିନିଟରେ ସଭା ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ଦିଲ୍ଲୀ ଫେରି ଯାଇଥିଲେ ।

## 'ମୋଦି ସରକାର ଲୋକଙ୍କ ...

କାର୍ଯ୍ୟଶୈଳୀ ଉପରେ ବର୍ଷିଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ନ ୧୦ଟା ୪୨ମିନିଟ୍‌ରେ ପତିରାଜପୁର ପଡ଼ିଆରେ ଓହ୍ଲାଇ ସଭାସ୍ଥଳକୁ ଯାଇଥିଲେ। ସେ ଉପସ୍ଥିତ ଜନତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଓଡ଼ିଶା ସରକାରଙ୍କ ପକ୍ଷରୁ କାଳିଆ ଯୋଜନାରେ ୪୦ଲକ୍ଷ ଚାଷୀଙ୍କୁ ସହାୟତା ଦିଆଯାଇସାରିଲାଣି । ହେଲେ କେନ୍ଦ୍ରର ଭାଜପା ସରକାର ଏହାକୁ ବନ୍ଦ ପାଇଁ ଉଦ୍ୟମ କରୁଛନ୍ତି । ସେ ବଞ୍ଚିଥିବା ଯାଏ ଏହି ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ସେହିପରି ଓଡ଼ିଶାରେ ଫାଇଲିନ, ତିତ୍‌ଲି, ହୁଡ୍‌ହୁଡ୍ ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ କୌଣସି କେନ୍ଦ୍ରୀୟ ନେତାଙ୍କ ଦେଖା ମିଳି ନ ଥିଲା। ଲୋକଙ୍କ ଦୁଃଖସୁଖର ସାଥୀ ହେବା ପରିବର୍ତ୍ତେ ଏବେ ନିର୍ବାଚନ ସମୟରେ ସେମାନେ ରାଜ୍ୟକୁ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଓଡ଼ିଶାର ଦାବି ପ୍ରତି କେନ୍ଦ୍ରର ଅବହେଳା ଓ ଉପେକ୍ଷା ସତ୍ତ୍ୱେ ରାଜ୍ୟରେ ବିକାଶଧାରା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟବାସୀଙ୍କ ସେବା କରିବା ପାଇଁ ତାଙ୍କୁ ପୁଣି ଥରେ ସୁଯୋଗ ଦେବା ସକାଶେ ସେ ଅନୁରୋଧ କରିବା ସହ ଏମ୍ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଭୋଟ ଦେଇ ଜିତାଇବାକୁ କହିଥିଲେ।

ସ୍ୱାଭିମାନ ଶଙ୍ଖନାଦ ସମାରୋହରେ ଏମ୍ପି ପ୍ରାର୍ଥୀ ମଞ୍ଜୁଲତା ଭାଷଣ ଦେଇ କହିଥିଲେ, ରାଜ୍ୟ ସରକାର ମହିଳାମାନଙ୍କୁ ସମ୍ମାନ ଦେବାକୁ ଯାଇ ୩୩ ପ୍ରତିଶତ ମହିଳାଙ୍କୁ ଟିକେଟ ପ୍ରଦାନ କରିଛନ୍ତି। ଘରେ ସକାଳେ ସନ୍ଧ୍ୟାରେ ଶଙ୍ଖ ବଜାଇବା ଭଳି ୨ ଥର ଶଙ୍ଖ ଚିହ୍ନରେ ବଟନ୍ ଦବାଇବାକୁ ସେ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ। ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରକାଶ ସିମୁଳିଆ ନିର୍ବାଚନମଣ୍ଡଳୀକୁ ବିକଶିତ କରିବା ପାଇଁ ଦ୍ୱିତୀୟଥର ଲାଗି ବିଜେଡିକୁ ବିଜୟୀ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସ୍ଥାନୀୟ ଯୁବନେତା ସମ୍ପଦ ଘଡ଼େଇ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଖ୍ରୀଷ୍ଟଚର୍ଚ୍ଚର ପ୍ରତିଶୋଧ ...

ଥାଇପାରେ ବୋଲି ସନ୍ଦେହ କରାଯାଉଛି। ସେପଟେ କଲମ୍ବୋସ୍ଥିତ ଆମେରିକୀୟ ଦୂତାବାସ ପକ୍ଷରୁ ପୁଣି ଥରେ ଆତଙ୍କବାଦୀ ଗୋଷ୍ଠୀ ଆକ୍ରମଣ କରିପାରନ୍ତି ବୋଲି ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଇଷ୍ଟର ସଣ୍ଡେ ବୋମା ବିସ୍ଫୋରଣ ନିଜେ ଘଟାଇଥିବା ଇସଲାମିକ ଷ୍ଟେଟ(ଆଇଏସ୍) ମଙ୍ଗଳବାର ଦାବି କରିଛି। ନିଜ ନ୍ୟୁଜ ଏଜେନ୍ସିରେ ଆଇଏସ୍ ଏଭଳି ଦାବି କରିଥିଲାବେଳେ ଏନେଇ କୌଣସି ତଥ୍ୟପ୍ରମାଣ ଦେଇନାହିଁ।

## ସନ୍ଧ୍ୟା ୬ଟା ସୁଦ୍ଧା...

ଅରୂପ ପଟ୍ଟନାୟକ, ପ୍ରକାଶ ମିଶ୍ର, କେ.ପି. ସିଂଦେଓ, ଅପରାଜିତା ଷଡ଼ଙ୍ଗୀ, ଜନାର୍ଦ୍ଦନ ପତି, ପଞ୍ଚାନନ କାନୁନଗୋଙ୍କ ସମେତ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକମାନେ ନିଜ ନିଜ ବୁଥରେ ମତଦାନ କରୁଥିବା ଦେଖିବାକୁ ମିଳିଥିଲା।

ତୃତୀୟ ପର୍ଯ୍ୟାୟରେ ମତଦାନ ହାର ଗତ ଦୁଇଟି ପର୍ଯ୍ୟାୟ ତୁଳନାରେ କମ୍ ରହିଛି। ଏହି ପର୍ଯ୍ୟାୟରେ ଅପରାହ୍ନ ୫ଟା ସୁଦ୍ଧା ୬୧ ପ୍ରତିଶତ ଏବଂ ସନ୍ଧ୍ୟା ୬ଟା ସୁଦ୍ଧା ୬୪ ପ୍ରତିଶତ ମତଦାନ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ଅପରାହ୍ନ ୫ଟା ସୁଦ୍ଧା ୬୬ ପ୍ରତିଶତ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬୪ ପ୍ରତିଶତ ହୋଇଥିଲା । ଚୂଡ଼ାନ୍ତ ଭୋଟ ପ୍ରତିଶତ ମିଳି ପାରି ନ ଥିବାରୁ ରାଜ୍ୟରେ ସମୁଦାୟ କେତେ ପ୍ରତିଶତ ମତଦାନ ହୋଇଛି ତାହା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ତେବେ ଏହି ପର୍ଯ୍ୟାୟରେ ଭୋଟ ଗ୍ରହଣ ପ୍ରାୟ ୭୦ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ନ ୫ଟା ସୁଦ୍ଧା ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ୫୨.୯୪ ପ୍ରତିଶତ ରହିଥିବା ବେଳେ କେନ୍ଦୁଝରେ ୬୧.୪୭, ଢେଙ୍କାନାଳ ୬୨.୮, କଟକ ୫୩.୧୮, ପୁରୀ ୫୮.୧୧ ଏବଂ ଭୁବନେଶ୍ୱରରେ ୫୦.୫୬ ପ୍ରତିଶତ ମତଦାନ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଗତ ଦୁଇଟି ନିର୍ବାଚନ ହାରକୁ ପଛରେ ପକାଇ ଦେଇଛି। ୨୦୦୯ରେ ଭୁବନେଶ୍ୱରରେ ୩୫ ପ୍ରତିଶତ ମତଦାନ ହୋଇଥିବା ବେଳେ ୨୦୧୪ରେ ୪୨ ପ୍ରତିଶତ ହୋଇଥିଲା। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ବହୁ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ଏମ୍ପି ତଥା ନବାଗତଙ୍କ ଭାଗ୍ୟ ପରୀକ୍ଷା କରିଛନ୍ତି ମତଦାତା। ସେମାନେ ହେଲେ କାମାକ୍ଷା ପ୍ରସାଦ ସିଂଦେଓ, ପିନାକୀ ମିଶ୍ର, ଭର୍ତ୍ତୃହରି ମହତାବ, ଅରୂପ ମୋହନ ପଟ୍ଟନାୟକ, ଅପରାଜିତା ଷଡ଼ଙ୍ଗୀ, ଜନାର୍ଦ୍ଦନ ପତି, ନଳିନୀକାନ୍ତ ପ୍ରଧାନ, ପ୍ରକାଶ ମିଶ୍ର, ସମ୍ବିତ ପାତ୍ର, କଂଗ୍ରେସ ପ୍ରାର୍ଥୀ ସତ୍ୟ ପ୍ରକାଶ ନାୟକ। ଏହାଛଡ଼ା ବିଧାନସଭା ଆସନରେ ଲଢୁଥିବା ମନ୍ତ୍ରୀ ଏବଂ ହେଭିୱେଟ ନେତାମାନଙ୍କ ଆସନ୍ତା ୫ ବର୍ଷ ପାଇଁ ରାଜନୈତିକ ଭବିଷ୍ୟତ ମଧ୍ୟ ଇଭିଏମ୍‌ରେ ସିଲ ହୋଇଯାଇଛି। ସେମାନେ ହେଲେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ଦେବୀ ପ୍ରସାଦ ମିଶ୍ର, ମହେଶ୍ୱର ମହାନ୍ତି, ପ୍ରଦୀପ ମହାରଥୀ, ଅଶୋକ ଚନ୍ଦ୍ର ପଣ୍ଡା, ଚନ୍ଦ୍ର ସାରଥୀ ବେହେରା, ଅରୁଣ ସାହୁ, ସଞ୍ଜୟ ଦାସବର୍ମା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ସୁରେଶ ଚନ୍ଦ୍ର ରାଉତରାୟ, ପ୍ରସାଦ ହରିଚନ୍ଦନ, ନବୀନ ନନ୍ଦ, ଦେବାଶିଷ ପଟ୍ଟନାୟକ, ଜୟ ନାରାୟଣ ମିଶ୍ର, ସମୀର ଦେ, ନୟନ କିଶୋର ମହାନ୍ତି, ସୁରମା ପାଢୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ବିଧାନସଭା ପାଇଁ ୩୫୬ ଏବଂ ୬ ଲୋକ ସଭା ଆସନ ପାଇଁ ୬୧ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଏହି ପର୍ଯ୍ୟାୟରେ ପ୍ରଥମ ଥର ଲାଗି କିନ୍ନରମାନେ ମତଦାନ କରିଛନ୍ତି। ତୃତୀୟ ପର୍ଯ୍ୟାୟ ମତଦାନ ସକାଶେ ୧୦,୪୬୪ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିଲା । ସେଥି ମଧ୍ୟରୁ ୩୧୮୬ଟି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ୩୮ଟି ମହିଳା ବୁଥ ଥିଲା।

## ସଂକ୍ଷେପରେ

### ସ୍ୱାମୀଙ୍କ ସହ ଚନ୍ଦା କୋଚରଙ୍କୁ ଇଡି ସମନ



ନୂଆଦିଲ୍ଲୀ,୨୩-୪: ଭିଡିଓକନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଚନ୍ଦା କୋଚର ଏବଂ ତାଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ସମନ ଜାରି କରିଛନ୍ତି। ସେମାନେ ଆସନ୍ତା ସପ୍ତାହରେ ଦିଲ୍ଲୀ ମୁଖ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଚନ୍ଦାଙ୍କୁ ମେ ୩ରେ ଏବଂ ଦୀପକ ଓ ତାଙ୍କ ଭାଇ ରାଜୀବଙ୍କୁ ଚଳିତ ମାସ ୩୦ରେ ଯାଞ୍ଚ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି। ସେମାନଙ୍କଠାରୁ ପିଏମ୍ଏଲ୍ଏ ଆଇନ ଅଧୀନରେ ବୟାନ ନିଆଯିବ। ଚନ୍ଦାଙ୍କ ସମେତ ଅନ୍ୟମାନଙ୍କୁ ଗତ ସପ୍ତାହରେ ସମନ ପଠାଯାଇଛି ବୋଲି ସେ କହିଛନ୍ତି। ଯାଞ୍ଚକୁ ଆଗକୁ ବଢ଼ାଇବା ଲାଗି ସେମାନଙ୍କ ଉପସ୍ଥିତି ଅତ୍ୟନ୍ତ ଜରୁରୀ ହୋଇପଡିଛି। ଏହାଛଡ଼ା ସେମାନଙ୍କୁ ବ୍ୟକ୍ତିଗତ ଆର୍ଥିକ ଦସ୍ତାବିଜ ଆଣିବାକୁ କୁହାଯାଇଛି। ସୂଚନାଥାଉ କି, ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଭିଡିଓକନ ଗ୍ରୁପ୍‌କୁ ୧୮୭୫ କୋଟି ଟଙ୍କାର ଋଣ ମଞ୍ଜୁରୀ ବେଳେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ସିବିଆଇ, ଇଡି ଏହାର ସ୍ୱତନ୍ତ୍ର ଯାଞ୍ଚ କରିଛି।

### ଆଧାର ଏକ ପରିଚୟ ପତ୍ର: ନିଲେକାନି

ବେଙ୍ଗାଲୁରୁ,୨୩-୪: ଆଧାର କୌଣସି ବ୍ୟକ୍ତିର ଗୋପନୀୟତା ବା ତାଙ୍କ ଉପରେ ନଜର ରଖିବାର ମାଧମ ନୁହେଁ, ବରଂ ଏହା ଏକ ପରିଚୟ ମାତ୍ର ବୋଲି ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ତଥା ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ(ୟୁଆଇଡିଏଆଇ)ର ପୂର୍ବତନ ଅଧକ୍ଷ ନନ୍ଦନ ନିଲେକାନି କହିଛନ୍ତି। ଆଧାର ସପକ୍ଷରେ ମନ୍ତବ୍ୟ ଦେଇ ସେ କହିଛନ୍ତି ଯେ, ଏହାଦ୍ୱାରା କେବେ ହେଲେ କୌଣସି ବ୍ୟକ୍ତିର ସୂଚନା ଏକତ୍ରିତ କରାଯାଏ ନାହିଁ। ଏହା ଅତ୍ୟନ୍ତ ସରଳ ପ୍ରଣାଳୀ ବୋଲି ଉଲ୍ଲେଖ କରି ନିଲେକାନି କହିଛନ୍ତି ଯେ, କୌଣସି ସଂଗଠନ ଏହା ମାଧମରେ ତଥ୍ୟ ସଂଗ୍ରହ କଲେ ଗୋପନୀୟତା ସମ୍ପର୍କିତ ଚିନ୍ତା ଆହୁରି ବଢ଼ିଯାଏ। ସେ କହିଛନ୍ତି ଯେ, ଆଧାର ଏକ ପରିଚୟ ପତ୍ର ଭଳି ଜଣଙ୍କୁ ଚିହ୍ନଟ କରିବାରେ ସହାୟତା କରିଥାଏ। ଏହି କାରଣରୁ ଏହାକୁ ନଜର ରଖିବାର ଉପକରଣ ଭାବେ ମନେ କରାଯିବା ଅନୁଚିତ। କାହା ଉପରେ ନଜର ରଖିବା ଏବଂ ଗୋପନୀୟତା ଦୁଇଟି ଭିନ୍ନ ପ୍ରସଙ୍ଗ ବୋଲି ସେ କହିଛନ୍ତି।

### ପି ଆଣ୍ଡ ଜି ଖାଇଗଲା ୨୫୦ କୋଟି ଲାଭ

ନୂଆଦିଲ୍ଲୀ,୨୩-୪: ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଅଧୀନରେ ଗ୍ରାହକଙ୍କୁ ଫାଇଦା ନ ଦେଇ ଆମେରିକାର ମଲ୍ଟି ନ୍ୟାଶନାଲ ଏଫ୍ଏମ୍‌ସିଜି କମ୍ପାନୀ ପ୍ରକ୍ଟର ଆଣ୍ଡ ଗ୍ୟାମ୍ବଲ(ପି ଆଣ୍ଡ ଜି) ୨୫୦ କୋଟି ଟଙ୍କା ଚଳୁ କରିଦେଇଛି ବୋଲି ଜିଏସ୍‌ଟି ଲାଭ ଯାଞ୍ଚ କରୁଥିବା ଏଜେନ୍ସି ଧରିଛି। ଆର୍ଥିକ ବ୍ୟାପାର ଷ୍ଟାଣ୍ଡିଂ କମିଟି ନିକଟରେ ଏ ସଂକ୍ରାନ୍ତରେ ଏକ ଅଭିଯୋଗ ଆସିବା ପରେ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଆଣ୍ଟି ପ୍ରଫିଟିୟରିଂ(ଡିଜିଏପି) ପି ଆଣ୍ଡ ଜିର ୨୦୧୭ ନଭେମ୍ବର ୧୫ ପୂର୍ବ ଏବଂ ପର ଆକାଉଣ୍ଟ ଯାଞ୍ଚ ଆରମ୍ଭ କରିଥିଲା। ଜିଏସ୍‌ଟି କାଉନସିଲର ନିଷ୍ପତ୍ତି ସତ୍ତ୍ୱେ ଏହି କଞ୍ଜ୍ୟୁମର ଗୁଡ୍ସ ମାନୁଫାକଚରିଂ କମ୍ପାନୀ କେତେକ ସାମଗ୍ରୀର ଦରକୁ ୨୮ରୁ ୧୮%କୁ ହ୍ରାସ କରି ନଥିଲା ବୋଲି ଜଣାପଡିଛି। ଡିଜିଏପି ରିପୋର୍ଟରେ ପି ଆଣ୍ଡ ଜି ୨୫୦ କୋଟି ଟଙ୍କା ଫାଇଦା ପାଇଛି ବୋଲି ଦର୍ଶାଯାଇଛି।

> କ୍ଲିନମ୍ୟାକ୍ସ ସୋଲାର ଆସନ୍ତା ବର୍ଷକ ମଧରେ ସୋଲାର କ୍ଷମତାକୁ ୫୦୦ ମେଗାୱାଟକୁ ବୃଦ୍ଧି କରିବାର ଯୋଜନା ରହିଛି।
> –କୁଲଦୀପ ଜୈନ, ଏମ୍‌ଡି, କ୍ଲିନମ୍ୟାକ୍ସ ସୋଲାର



> ଇରାନ ବିରୋଧରେ ଆମେରିକାର କଟକଣା କୋହଳ ପ୍ରତ୍ୟାହାର ହେବା ଦ୍ୱାରା ଭାରତର ରପ୍ତାନି ପ୍ରଭାବିତ ହେବ।
> – ମୋହିତ ସିଙ୍ଗଲା, ଅଧକ୍ଷ, ଟ୍ରେଡ ପ୍ରମୋଶନ କାଉନସିଲ ଅଫ୍ ଇଣ୍ଡିଆ



# ଜେଟ୍ ପୁନରୁଦ୍ଧାର ଆଶା କ୍ଷୀଣ

ନୂଆଦିଲ୍ଲୀ,୨୩-୪

ଜେଟ୍ ଏୟାରୱେଜର ପୁନରୁଦ୍ଧାର ଆଶା କ୍ଷୀଣ ହେବାରେ ଲାଗିଛି। ଏହାର ବିମାନ ପୁଣିଥରେ ଉଡ଼ିବାର ସମ୍ଭାବନା ନ ଥିଲା ଭଳି ମନେ ହେଉଛି। କାରଣ ଏହି କମ୍ପାନୀରେ ପୁଞ୍ଜିନିବେଶ ସମ୍ଭାବନା ଖୋଜୁଥିବା ଏତିହାଦ ଏୟାରୱେଜ, ଟିପିଜି କ୍ୟାପିଟାଲ ଏବଂ ଇଣ୍ଡିଗୋ ପାର୍ଟନର୍ସ ଜେଟ୍‌କୁ ନେଇ ବିଶେଷ ଆଶାବାଦୀ ନୁହନ୍ତି। ଏହାଛଡ଼ା ଜେଟ୍‌ର ବିଡିଂ ପ୍ରକ୍ରିୟାକୁ ନେଇ ସେମାନଙ୍କ ମନରେ ଉଠିଥିବା କେତେକ ପ୍ରଶ୍ନର ଉତ୍ତର ଆଜିଯାଏ ସେମାନଙ୍କୁ ମିଳିନାହିଁ। ଏଥିସହିତ କେନ୍ଦ୍ର ସରକାର ଜେଟ୍‌ର ଉଡ଼ାଣ ସ୍ଲଟ୍‌କୁ ଅନ୍ୟ ଏୟାରଲାଇନ୍ସକୁ ବଣ୍ଟନ କରିବାକୁ ନିଷ୍ପତ୍ତି ନେବା ପରେ ବିଡିଂ ପ୍ରକ୍ରିୟାରେ ସାମିଲ କମ୍ପାନୀଗୁଡିକ ହତୋତ୍ସାହିତ ହୋଇଛନ୍ତି। ଏତେ ସବୁ ନକାରାତ୍ମକ ଦିଗ ଭିତରେ ପୁଞ୍ଜିନିବେଶରୁ ଫାଇଦା ମିଳିବ ନାହିଁ ବୋଲି ମନେ କରି ସେମାନେ ବିଡିଂ ପ୍ରକ୍ରିୟା ପଛଘୁଞ୍ଚା ଦେଲେଣି। ସେମାନେ ବିଡିଂ ପ୍ରକ୍ରିୟାରେ ସାମିଲ ନ ହେବା ନେଇ ବିଚାର କରୁଛନ୍ତି। ଜେଟ୍ ଋଣପ୍ରଦାନକାରୀ ଓ ବିଡ୍ ପ୍ରକ୍ରିୟା ଚଳାଉଥିବା ଏସ୍‌ବିଆଇ କ୍ୟାପିଟାଲ ମାର୍କେଟସ ଡ୍ୟୁ ଡିଲିଜେନ୍ସ ପ୍ରୋସେସ୍ ଆରମ୍ଭ କରିଛି। ନିବେଶକ ମେ ୧୦ ତାରିଖ ସୁଦ୍ଧା ସେମାନଙ୍କର ବିଡ୍ ଦାଖଲ କରିପାରିବେ। ବିଡ୍ ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍‌ର ୪୦୦ରୁ ଅଧିକ ଲାଭଜନକ ସ୍ଲଟ୍ ଅନ୍ୟ ଏୟାରଲାଇନ୍ସକୁ ମିଳୁଥିବାରୁ ନିବେଶକମାନଙ୍କ ଭିତରେ ନକାରାତ୍ମକ ପ୍ରଭାବ ପଡିଛି। ସେମାନେ ଜେଟ୍‌ରେ ନିବେଶ କରି କ'ଣ ପାଇବେ ସେ ନେଇ ପ୍ରଶ୍ନ କରିବା ଆରମ୍ଭ କଲେଣି। ତେବେ ସରକାର କହୁଛନ୍ତି ଅସ୍ଥାୟୀ ଭାବେ ଏହା ଦିଆଯାଉଛି। କିନ୍ତୁ ସରକାରଙ୍କ କଥାରେ ନିବେଶକମାନେ ସନ୍ତୁଷ୍ଟ ନୁହନ୍ତି। କାରଣ ଦିଆଯାଇଥିବା ସ୍ଲଟ ଫେରସ୍ତ ପାଇବା ସେତେଟା ସହଜ ନୁହେଁ। ଏହାଛଡ଼ା ବିମାନକୁ ଲିଜ୍‌ରେ ଦିଆଯାଉଛି। ଏହି କାରଣରୁ ଜେଟ୍‌ରେ ନିବେଶ କରିବା ଦ୍ୱାରା ଫାଇଦା ମିଳିବାର ସମ୍ଭାବନା କମ୍ ବୋଲି ସେମାନେ ବିଚାର କରୁଛନ୍ତି। ଏହାଛଡ଼ା ଋଣପ୍ରଦାନକାରୀଙ୍କ ନିକଟରେ ଏବେ ମଧ ୩୧% ଶେୟାର ରହିଛି, ଯାହାକୁ ନରେଶ ଗୋୟଲ ବନ୍ଧା ରଖିଛନ୍ତି। ସେହିପରି ଋଣପ୍ରଦାନକାରୀ ଜରୁରୀ ପାଣ୍ଠି ନ ଦେବା ପଛରେ ରହିଥିବା ରହସ୍ୟ ସେମାନେ ବୁଝିପାରୁନ ଥିବାରୁ ନିବେଶକମାନଙ୍କ ମଧରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।




**▶ଅନ୍ୟ କମ୍ପାନୀକୁ ସ୍ଲଟ୍ ପ୍ରଦାନ ଅସ୍ଥାୟୀ : ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**

ଜେଟ୍ ଏୟାରୱେର ସ୍ଲଟକୁ ନେଇ ବିଭିନ୍ନ ବିବାଦ ଉପୁଜୁଥିବା ବେଳେ ଏହାକୁ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିଜର ପ୍ରତିକ୍ରିୟା ରଖିଛି। ବିମାନ କମ୍ପାନୀର ସ୍ଲଟକୁ ଅସ୍ଥାୟୀ ଭାବେ ଅନ୍ୟ ସଂସ୍ଥାକୁ ଦିଆଯାଉଛି ବୋଲି ମନ୍ତ୍ରଣାଳୟ ପ୍ରକାଶ କରିଛି। ଜେଟ୍ ପରିଚାଳନା ସ୍ଥିତିକୁ ଆସିଗଲେ ସ୍ଲଟ୍‌ଗୁଡିକ ପୁଣି ଥରେ ଏହାକୁ ଦିଆଯିବା ନେଇ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

**▶ସ୍ଲଟ୍ ପ୍ରସଙ୍ଗକୁ ନେଇ କର୍ମଚାରୀ ଅସନ୍ତୁଷ୍ଟ**

ଜେଟ୍‌ର ଭାଗରେ ପଡିଥିବା ସ୍ଲଟ୍‌କୁ ଅନ୍ୟ ସଂସ୍ଥାଗୁଡିକୁ ପ୍ରଦାନ କରିବା ଯୋଗୁ କର୍ମଚାରୀମାନେ ଏହାକୁ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଜେଟ୍‌ର ବିଡିଂ ପ୍ରକ୍ରିୟା ନ ଶେଷ ହେବା ଯାଏ ଏହାର ସ୍ଲଟ୍‌କୁ ଅନ୍ୟ କୌଣସି କମ୍ପାନୀକୁ ନ ଦିଆଯାଉ ବୋଲି କର୍ମଚାରୀ ସଂଘ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ନିବେଦନ କରିଛି।

**▶ବିମାନ ଯାତ୍ରା ଅଭିବୃଦ୍ଧି ପ୍ରଭାବିତ**

ଗତ ୫୪ ମାସ ଧରି ଘରୋଇ ବିମାନ ଶିଳ୍ପରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଧାରା ଲାଗି ରହିଥିବା ବେଳେ ଜେଟ୍ ଉଡାଣ ଅନିର୍ଦ୍ଦିଷ୍ଟ କାଳ ଲାଗି ବନ୍ଦ ରହିବା ଯୋଗୁ ଏହା ପ୍ରଭାବିତ ହୋଇଛି। ୨୦୧୯ରେ ଦେଶ ମଧରେ ୧.୧୫ କୋଟି ଲୋକ ବିମାନ ଯାତ୍ରା କରିଥିଲେ। ଏହା ଗତ ବର୍ଷ ତୁଳନାରେ ମାତ୍ର ୦.୧% ଅଧିକ ରହିଛି। ଅପରପକ୍ଷରେ ଦେଶ ମଧରେ ଫ୍ଲାଇଟ୍ ସଂଖ୍ୟା କମିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି।

**▶ଇସ୍ତଫା ଦେଇସାରିଛନ୍ତି ଜେଟ୍‌ର ୪୧୦ ପାଇଲଟ**

ଜେଟ୍ ଏୟାରୱେଜ ପୁଣିଥରେ ଉଡ଼ିବା ନେଇ ସଂଶୟ ରହିଛି। ଗତ ୭ ମାସ ମଧରେ ୪୧୦ ଜଣ ପାଇଲଟ ଓ କ୍ୟାପ୍ଟେନ ଚାକିରି ଛାଡ଼ିଛନ୍ତି। ଏବେ ଜେଟ୍ ନିକଟରେ ୧୫୨୭ ପାଇଲଟ ରହିଛନ୍ତି ବୋଲି ଏୟାରଲାଇନର ପାଇଲଟ ସଂଘ, ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ କହିଛି। କିଛି ବିମାନକୁ ଏହାର ବିମାନ ପରିଚାଳନା ଦଳ ସହିତ ଅନ୍ୟ ଏୟାରଲାଇନ୍ସକୁ ଭଡ଼ାରେ ଦିଆଯିବାର ପ୍ରସ୍ତାବ ରହିଛି।



# ହୋଣ୍ଡାର ନୂଆ ଆମେଜ୍ ଭିଏକ୍ସ ସିଭିଟି

ନୂଆଦିଲ୍ଲୀ,୨୩-୪

ପ୍ରମୁଖ ଅଟୋମୋବାଇଲ ମାନୁଫାକ୍‌ଚରର ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ(ଏଚ୍‌ସିଆଇଏଲ୍) ପକ୍ଷରୁ ନୂଆ ଆମେଜ୍ ଭିକ୍ସ ସିଭିଟି ବଜାରକୁ ଆସିଛି। ହୋଣ୍ଡା ଆମେଜ୍ ଫ୍ୟାମିଲି ସେଡାନ୍ ବର୍ଗରେ କମ୍ପାନୀର ଏକ ଲୋକପ୍ରିୟ ବ୍ରାଣ୍ଡ ହୋଇଥିବା ବେଳେ ଏଥିରେ ଏକ ନୂଆ ଗ୍ରେଡ୍ ଯୋଡିହୋଇଛି। ଉଭୟ ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଏହା ଉପଲବ୍ଧ। ଏସ୍ ଏବଂ ଭି ଗ୍ରେଡ୍‌ରେ ସିଭିଟି ଭାରିଆଣ୍ଟ ଉପଲବ୍ଧ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଏହି ସେଗ୍‌ମେଣ୍ଟରେ ଦ୍ୱିତୀୟ ପିଢି ହୋଣ୍ଡା ଆମେଜ ଏକ ଲୋକପ୍ରିୟ ମଡେଲ ହୋଇ ପାରିଛି ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ତଥା ବରିଷ୍ଠ ଉପସଭାପତି ରାଜେଶ ଗୋଏଲ ସୂଚନା ଦେଇଛନ୍ତି। ପେଟ୍ରୋଲ ଏବଂ ଡିଜେଲ ବର୍ଗରେ ଗ୍ରାହକମାନେ ଅତ୍ୟାଧୁନିକ ସିଭିଟି ମଡେଲ ପ୍ରତି ଆଗ୍ରହ ଦେଖାଉଛନ୍ତି। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ନୂଆ ମଡେଲଟିକୁ ବଜାରକୁ ଆଣିଛୁ ବୋଲି ଗୋଏଲ କହିଛନ୍ତି। ନୂଆ ମଡେଲଟିରେ ଅତ୍ୟାଧୁନିକ ଇନଫୋଟେନମେଣ୍ଟ ସିଷ୍ଟମ, ସାଟେଲାଇଟ ସଂଯୁକ୍ତ ହୋଇଥିବା ଟର୍ନ ସିଷ୍ଟମ, ଅଗ୍ରଣୀ ସ୍ମାର୍ଟଫୋନ କନେକ୍ଟିଭିଟି, ଆଇଆର୍ ରିମୋଟ କଣ୍ଟ୍ରୋଲ, ଅତିରିକ୍ତ ୟୁଏସ୍‌ବି ଇନ୍‌ପୋର୍ଟ, ରିୟର କ୍ୟାମେରା ଗାଇଡ୍ ଭଳି ବୈଶିଷ୍ଟ୍ୟ ଗ୍ରାହକ ଏଥିରେ ଲାଭ କରିପାରିବେ।




# ରେନୋ ପକ୍ଷରୁ ସମର ସର୍ଭିସ କ୍ୟାମ୍ପ

ଭୁବନେଶ୍ୱର,୨୩-୪

**୨୮ ଏପ୍ରିଲ ଯାଏ ଚାଲିବ**

RENAULT
Passion for life

ୟୁରୋପୀୟ ଅଟୋମୋଟିଭ୍ ବ୍ରାଣ୍ଡ ରେନୋ ଇଣ୍ଡିଆ ପକ୍ଷରୁ ଦେଶବ୍ୟାପୀ ସମର ସର୍ଭିସ କ୍ୟାମ୍ପର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୨ ଠାରୁ ୨୮ ଯାଏ କମ୍ପାନୀର ସର୍ଭିସ ଫାସିଲିଟିଗୁଡିକରେ ଅନୁଷ୍ଠିତ ହେବ। ଗ୍ରାହକ ସନ୍ତୁଷ୍ଟି ପଦକ୍ଷେପ ବୃଦ୍ଧି ସ୍ୱରୂପ କମ୍ପାନୀ ଉନ୍ନତ ବିକ୍ରି ପରବର୍ତ୍ତୀ ସେବା ଯୋଗାଣକୁ ଏହା ଦ୍ୱାରା ଧ୍ୟାନରେ ରଖିବ। ଏହାକୁ କମ୍ପାନୀର ୪୫୦ ଟଚ୍ ପଏଣ୍ଟରେ ଆରମ୍ଭ କରାଯାଇଛି। ଅଭିଜ୍ଞ ସର୍ଭିସ ଟେକ୍ନିସିଆନଙ୍କ ଦ୍ୱାରା ଯାନର ସର୍ଭିସ ସୁବିଧା ଯୋଗାଇଦିଆଯିବ। ଏହି ସମୟରେ ଗ୍ରାହକମାନେ ବଛା ଆସେସୋରିଜ ଉପରେ ୫୦% ପର୍ଯ୍ୟନ୍ତ ରିହାତି, ପାର୍ଟସ ଉପରେ ୧୦% ରିହାତି, ଲେବର ଚାର୍ଜ ଏବଂ ଅନ୍ୟାନ୍ୟ ଭାଲ୍ୟୁ ଆଡେଡ ସେବା ଉପରେ ୧୫% ସହ ରେନୋ ସୁକ୍ୟୁର ଦ୍ୱାରା ୧୦% ରିହାତି ପାଇବାର ସୁବିଧା କରାଯାଇଛି। ଏହାବାଦ ଟାୟାର ଏବଂ ଇଞ୍ଜିନ ଅଏଲ ପରିବର୍ତ୍ତନ ଉପରେ ରିହାତି ଦିଆଯାଉଛି। ମାଇଁ ରେନୋ ଆପ୍ ଡାଉନଲୋଡ କରିଥିବା ଗ୍ରାହକଙ୍କ ପାଇଁ ଅତିରିକ୍ତ ରିହାତି ସୁବିଧା ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଜେଏମ୍‌ଜି ହିରୋରେ ଗ୍ରାହକ ସମ୍ମିଳନୀ



କଟକ,୨୩-୪

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡର ଅଧିକୃତ ବିକ୍ରେତା ଜେଏମ୍‌ଜି ହିରୋ ପକ୍ଷରୁ ଗୁଡ୍ ଲାଇଫ ଗ୍ରାହକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୭୦ ଜଣଙ୍କୁ ଏଠାରେ କମ୍ପାନୀ ପକ୍ଷରୁ ପୁରସ୍କୃତ କରାଯାଇଛି। ଜେଏମ୍‌ଜି ଅଟୋମୋବାଇଲର ସ୍ୱତ୍ତ୍ୱାଧିକାରୀ ପ୍ରଦୀପ ଅଗ୍ରୱାଲ ଉପସ୍ଥିତ ରହି ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମ୍ପାନୀର ଗୁଡ୍‌ଲାଇଫ ଯୋଜନା ଗ୍ରାହକଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଥିବା ଅଗ୍ରୱାଲ କହିଛନ୍ତି। ଏହା ଦ୍ୱାରା ସେବା, ବିକ୍ରି ଓ ଯନ୍ତ୍ରାଂଶ କ୍ରୟ ଉପରେ ଗ୍ରାହକ ପଏଣ୍ଟ ଲାଭ କରିପାରିବେ। ଗ୍ରାହକଙ୍କ ସହ ଯୋଡି ହୋଇ ରହିବା ଲାଗି ଏହା ଏକ ଯୋଜନା ବୋଲି ଅଗ୍ରୱାଲ ପ୍ରକାଶ କରିଛନ୍ତି।

# ୨୬% ହାରରେ କମୁଛି ନିଯୁକ୍ତି

ନୂଆଦିଲ୍ଲୀ,୨୩-୪

ବିଗତ କିଛି ମାସ ହେବା ଦେଶରେ ଧିମା ହୋଇଛି ନିଯୁକ୍ତି। କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫଓ)ର ସଦ୍ୟତମ ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଏହା ଜଣାପଡୁଛି। ଗତବର୍ଷ ଅକ୍ଟୋବରରୁ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ହାରାହାରି ୨୬% ହାରରେ କମିବାରେ ଲାଗିଛି। ତେବେ କେବଳ ନଭେମ୍ବର ୨୦୧୮ରେ ହାରାହାରି ୧୨୬୨ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ ଯେ, ଇପିଏଫ୍‌ଓ ପକ୍ଷରୁ ୨୦୧୭ ସେପ୍ଟେମ୍ବରରୁ ନୂଆ ନିଯୁକ୍ତି ସୃଷ୍ଟିର ପରିସଂଖ୍ୟାନ ସଂଗ୍ରହ କରାଯାଉଛି। ସେପ୍ଟେମ୍ବର ୨୦୧୭ରୁ ଫେବୃୟାରୀ ୨୦୧୯ ମଧରେ ମିଳିଥିବା ତଥ୍ୟରୁ ଜଣାପଡୁଛି ଯେ, ନିଯୁକ୍ତି ସୃଷ୍ଟି ଧିମା ହେବାରେ ଲାଗିଛି। ଗତବର୍ଷ ଅକ୍ଟୋବରରେ ଜାରି ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୨୦୧୭ରୁ ଅଗଷ୍ଟ ୨୦୧୮ ମଧରେ ୬.୧୦ ଲକ୍ଷ ପ୍ରତି ମାସରେ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି। ସେହିପରି ନଭେମ୍ବରରେ ଏହା ମାତ ୧୨୬୨ ହୋଇଥିଲା। ତେବେ ୨୦୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨୦୧୮ ମଧରେ ୫.୬୫ ଲକ୍ଷ ପ୍ରତିମାସରେ ନୂଆ ରୋଜଗାର ସୃଷ୍ଟି ହୋଇଥିଲା। ଏଭଳି ଭାବେ ଚଳିତବର୍ଷ ଜାନୁୟାରୀରେ ଜାରି ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୨୦୧୭ରୁ ୨୦୧୮ ନଭେମ୍ବର ମଧରେ ପ୍ରତି ମାସରେ ୪.୯୦ ଲକ୍ଷ ରୋଜଗାର ସୃଷ୍ଟି ହୋଇଥିଲା।

# ଅନ୍ୟ ବୃହତ୍ ଦେଶରୁ ତେଲ କିଣାଯିବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୨୩-୪

ଆସନ୍ତା ମେ' ୨ ପରେ ଭାରତ ସମେତ ୮ଟି ଦେଶ ଇରାନରୁ ଅଶୋଧିତ ତେଲ କିଣିପାରିବେ ନାହିଁ। ଏ ସଂକ୍ରାନ୍ତରେ ପୂର୍ବରୁ ଆମେରିକା କଟକଣା କୋହଳ କରିଥିଲା। ତେବେ ଉକ୍ତ ତାରିଖ ପରେ କଟକଣା ପୁନର୍ବାର ଲାଗୁ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଷ୍ପତ୍ତି ନେବା ପରେ ଭାରତ ବିକଳ୍ପ ପନ୍ଥା ବାହାର କରିଛି। ତୈଳ ଯୋଗାଣକାରୀ ଅନ୍ୟ ବୃହତ୍ ଦେଶରୁ ଭାରତ ତା'ର ଆବଶ୍ୟକତା ଭରଣା କରିବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏ ସଂକ୍ରାନ୍ତରେ ସେ ଟୁଇଟ୍ କରି କହିଛନ୍ତି ଯେ, ଭାରତ ଏହାର ତୈଳ ଆବଶ୍ୟକତା ପୂରଣ ପାଇଁ ଯୋଜନା ପ୍ରସ୍ତୁତ କରିସାରିଛି। ଦେଶର ତୈଳ ବିଶୋଧନାଗାରକୁ ତେଲ ଯୋଗାଣ ବଜାୟ ରଖିବା ଲାଗି ଅନ୍ୟ ତୈଳ ଯୋଗାଣକାରୀଙ୍କଠାରୁ ଅତିରିକ୍ତ ତେଲ କିଣାଯିବ। ଦେଶର ରିଫାଇନେରିଗୁଡ଼ିକ ପେଟ୍ରୋଲ, ଡିଜେଲ ଓ ଅନ୍ୟ ପେଟ୍ରୋଲିୟମ ପଦାର୍ଥ ଚାହିଦା ପୂରଣ କରିବାରେ ସମ୍ପୂର୍ଣ୍ଣ ସମର୍ଥ ବୋଲି ଧର୍ମେନ୍ଦ୍ର ଟୁଇଟ୍‌ରେ ଦର୍ଶାଇଛନ୍ତି। ସୂଚନାଥାଉ କି, ଆମେରିକା ୨୦୧୮ ନଭେମ୍ବରରେ ଇରାନ ବିରୋଧରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରିଥିଲା। ତେବେ ଭାରତ, ଚାଇନା, ଜାପାନ, ଦକ୍ଷିଣ କୋରିଆ, ତୁର୍କୀ ଆଦି ଦେଶକୁ ଚଳିତବର୍ଷ ମେ' ପହିଲା ପର୍ଯ୍ୟନ୍ତ ତେଲ କିଣିବାକୁ ଏହା ଅନୁମତି ଦେଇଥିଲା। କିନ୍ତୁ ସୋମବାର ଟ୍ରମ୍ପ ଆଉ ସମୟ ବୃଦ୍ଧି କରିବାକୁ ରାଜି ନୁହନ୍ତି ବୋଲି ଜଣାଇ ଦେଇଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ।

**ଇରାନ ତେଲ କଟକଣା**



### କେଉଁ କେଉଁ କ୍ଷେତ୍ର ହେବ ପ୍ରଭାବିତ

ଇରାନଠାରୁ ତେଲ ଆମଦାନି ବନ୍ଦ କରିବାକୁ ଭାରତ ସମେତ ୮ ଦେଶକୁ ଆମେରିକା ନିର୍ଦ୍ଦେଶ ଦେବା ପରେ ଏହାର ପ୍ରଭାବ ଅନ୍ତର୍ଜାତୀୟ ବଜାର ଉପରେ ପଡିଛି। ମଙ୍ଗଳବାର ଅଶୋଧିତ ତେଲ ପାଞ୍ଚ ମାସର ସର୍ବୋଚ୍ଚ ସ୍ତର ଛୁଇଁଛି। ଆମେରିକାର ଏଭଳି ନିଷ୍ପତ୍ତି ଭାରତୀୟ ଅର୍ଥ ବ୍ୟବସ୍ଥା ଏବଂ ବିତ୍ତୀୟ ଶୃଙ୍ଖଳା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ଜୁନ୍ ମାସର ଡେଲିଭରି ଲାଗି ଥିବା ବ୍ରେଣ୍ଟ ଫ୍ୟୁଚର ଅଶୋଧିତ ତୈଳ ଦର ୦.୬% ବୃଦ୍ଧି ଘଟି ବ୍ୟାରେଲ ପିଛା ୭୪.୫୧ ଡଲାର ଛୁଇଁଛି। ୩୧ ଡିସେମ୍ବରରେ ଏହା ବ୍ୟାରେଲ ପିଛା ୫୪.୫୭ ଡଲାର ଥିଲା। ଏହାବାଦ ବ୍ରେଣ୍ଟ ନର୍ଥ ଅଶୋଧିତ ତୈଳ ମଙ୍ଗଳବାର ବ୍ୟାରେଲ ପିଛା ୭୪.୭୦ ଡଲାର ରହିଛି। ଏହା ନଭେମ୍ବର ପରଠାରୁ ସର୍ବୋଚ୍ଚ ସ୍ତର। ଅପରପକ୍ଷରେ ଡବ୍ଲ୍ୟୁଟିଆଇ ମଧ ୬ ମାସର ସର୍ବୋଚ୍ଚ ସ୍ତର ୬୬.୧୯ ଡଲାର ଛୁଇଁଥିବା ଜଣାଯାଇଛି। ଏହାର ପ୍ରଭାବ ଭାରତ ବଜାରର ଅନ୍ୟ କ୍ଷେତ୍ର ଉପରେ ମଧ ଦେଖିବାକୁ ମିଳିଛି।

### ଶେୟାର ବଜାର

ସୋମବାର ଆମେରିକାର ଏଭଳି ନିଷ୍ପତ୍ତି ଶେୟାର ବଜାର ଉପରେ ତତ୍କାଳ ପ୍ରଭାବ ପକାଇଛି। ଚଳିତ ବର୍ଷ ଦେଶର ପୁଞ୍ଜିବଜାରରେ ବିଦେଶୀ ନିବେଶକମାନେ ମୋଟ ୬୩,୦୦୦ କୋଟି ଟଙ୍କାର ନିବେଶ କରିଛନ୍ତି। ଅଶୋଧିତ ତୈଳ ଲଗାତର ବୃଦ୍ଧି ଘଟିଲେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପ୍ରଭାବିତ ହେବ। ଏହା ଦ୍ୱାରା ବିଦେଶୀ ନିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡିବ ବୋଲି ଆଶଙ୍କା କରାଯାଉଛି।

### ବିଦେଶୀ ନିବେଶ

ଭାରତ ଏହାର ବ୍ୟବହାର ଲାଗି ୮୦% ତୈଳ ଆମଦାନୀ କରିଥାଏ। ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଡଲାର ଚାହିଦା ବୃଦ୍ଧି ଘଟିବ। ଟଙ୍କାର ମୂଲ୍ୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ଟଙ୍କା ଦୁର୍ବଳ ହେବା ଯୋଗୁ ବିଦେଶୀ ନିବେଶକଙ୍କୁ ଡଲାରର ରିଟର୍ନ କମିବ।

### ଚଳନ୍ତି ଖାତା ନିଅଣ୍ଟ

ଆକଳନ ମୁତାବକ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୦ ଡଲାର ବଢିଲେ ଏହା ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ଉପରେ ପ୍ରତିକୂଳ ସ୍ଥିତି ଉପୁଜାଇବ। ଏହାଯୋଗୁ ସିଏଡି ଦେଶର ଜିଡିପି ତୁଳନାରେ ୦.୪% ବୃଦ୍ଧି ଘଟିପାରେ। ଏହା ଦରଦାମ ଉପରେ ମଧ ୦.୨୦% ପ୍ରଭାବ ପକାଇବ ବୋଲି ଆକଳନ କରାଯାଇଛି।

### ରିଜର୍ଭ ବ୍ୟାଙ୍କ ସୁଧହାର

ସିଏଡି ଏବଂ ଦରଦାମ ପ୍ରଭାବିତ ହେଲେ ଏହା ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ଉପରେ ପ୍ରଭାବ ପକାଇପାରେ। ଏଭଳି ସ୍ଥିତିକୁ ଦେଖି ରିଜର୍ଭ ବ୍ୟାଙ୍କ ସୁଧହାର ବଢାଇପାରେ। ଫଳରେ ଘରୋଇ ବଜାରର ଅସୁବିଧା ଆହୁରି ବଢିପାରେ। ଜୁନରେ ସୁଧହାର ହ୍ରାସ ହେବା ନେଇ ବଜାର ଆଶା ରଖିଥିବା ବେଳେ ଏହା ଉପରେ ବର୍ତ୍ତମାନର ସ୍ଥିତି କ'ଣ ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଲା।

### ଶିଳ୍ପଗୁଡିକର ଖର୍ଚ୍ଚ

ଆମେରିକାର ନିଷ୍ପତ୍ତି ଦ୍ୱାରା ରସାୟନ, ଅଟୋମୋବାଇଲ, କଞ୍ଜ୍ୟୁମର ଷ୍ଟେପଲ୍ସ, ପେଣ୍ଟ ଏବଂ ଲୁବ୍ରିକାଣ୍ଟ ଭଳି ଶିଳ୍ପର ପରିଚାଳନା ପୁଞ୍ଜି, କଞ୍ଚାମାଲ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବଢିବ। ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୦ରୁ ୮୫ ଡଲାର ଛୁଇଁପାରେ। ଏହା ହେଲେ ଶିଳ୍ପଗୁଡିକ କେତେକ ତ୍ୱରିତ ସମସ୍ୟା ସାମ୍ନା କରିବେ।



"ଆସନ୍ତା ବିଶ୍ୱକପ୍ ପାଇଁ ଆମ ଦଳକୁ ଅଣ୍ଡର ଡଗ୍ ବିଚାରିଲେ ଭଲ। କାରଣ, ଏହାଦ୍ୱାରା ଆମ ଖେଳାଳିମାନେ କମ୍ ଚାପରେ ରହିବେ ।

–ସର୍ଫରାଜ ଅହମ୍ମଦ, ପାକିସ୍ତାନ ଅଧିନାୟକ

"ଫର୍ମରେ ଥିବା ଭାରତ ଏକ ସନ୍ତୁଳିତ ଦଳ ହୋଇଥିବାରୁ ଆସନ୍ତା କ୍ରିକେଟ ବିଶ୍ୱକପ୍‌ରେ ସେମିଫାଇନାଲ ପ୍ରବେଶ ନିଶ୍ଚିତ ମନେ ହେଉଛି ।

–ଚାମିଣ୍ଡା ଭାସ୍, ପୂର୍ବତନ ଶ୍ରୀଲଙ୍କା ଅଧିନାୟକ



## ସଂକ୍ଷେପରେ

### ଶିବାଙ୍କୁ କ୍ରମାଗତ ୪ର୍ଥ ଏସିଆନ୍ ପଦକ

**ବ୍ୟାଙ୍କକ୍,୨୩।୪(ପିଟି):** ଶିବା ଥାପ୍ପା (୬୦ କି.ଗ୍ରା.) କ୍ରମାଗତ ୪ର୍ଥ ଥର ପାଇଁ ଏସିଆନ୍ ବକ୍ସିଂ ପଦକ ନିଶ୍ଚିତ କରିଛନ୍ତି। ତାଙ୍କ ଭଳି ଏଲ୍. ସରିତା ଦେବୀ (୬୦ କି.ଗ୍ରା.) ମଧ ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୫ ବର୍ଷୀୟ ଥାପ୍ପା ଏକତରଫା ମୁକାବିଲାରେ ଥାଇଲାଣ୍ଡର ରୁଜାକ୍ରାନ ଜୁଣ୍ଟରଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ସେମି ଫାଇନାଲ ପର୍ଯ୍ୟାୟରେ କାଜାଖସ୍ତାନର ଜାକିର ସାଫିଉଲିନଙ୍କୁ ଭେଟିବେ। ପୂର୍ବରୁ ଥାପ୍ପା ୨୦୧୩ ସଂସ୍କରଣରେ ସ୍ୱର୍ଣ୍ଣ, ୨୦୧୫ରେ ବ୍ରୋଞ୍ଜ ଓ ୨୦୧୭ରେ ରୌପ୍ୟ ପଦକ ଜିତିସାରିଛନ୍ତି। ମହିଳାଙ୍କ ମଧରେ ପୂର୍ବତନ ବିଶ୍ୱ ଚାମ୍ପିୟନ ସରିତା କାଜାଖସ୍ତାନର ରିମା ଭୋଲୋସେଙ୍କୋଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ବଳରେ ସେ ପ୍ରାୟ ୧୦ ବର୍ଷ ପରେ ଏସିଆନ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ପଦକ ନିଶ୍ଚିତ କରିଛନ୍ତି।

### ଭାରତକୁ ମିଳିଲାନି ରୌପ୍ୟ ପଦକ

**ଦୋହା,୨୩।୪:** ଏଠାରେ ଚାଲିଥିବା ଏସିଆନ୍ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ଭାରତୀୟ ଦଳ ଏକ ରୌପ୍ୟ ପଦକରୁ ବଞ୍ଚିତ ରହିଛି। ପୁରୁଷ ୧୦,୦୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଥିବା ବାହାରିନର ହାସନ ଚାନି ଇଭେଣ୍ଟରେ ଟେକ୍‌ନିକାଲ ନିୟମ ଭଙ୍ଗ କରିଥିଲେ। ଦୌଡ଼ିବା ବେଳେ ତାଙ୍କ ପଛ ଭାଗରେ ନମ୍ବର ଲଗାଇ ନ ଥିଲେ। ଏଣୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ। ଏ ନେଇ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଧାବକ ମୁରଲୀ କୁମାର ଗାଭିଟ ଓ ଭାରତୀୟ ଦଳ ଚାନିଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯିବାକୁ ବିରୋଧ କରିଥିଲେ। କିନ୍ତୁ ଇଭେଣ୍ଟର ଟେକ୍‌ନିକାଲ ପ୍ରତିନିଧି ଭାରତୀୟ ଦଳର ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଅନ୍ତର୍ଜାତୀୟ ଆଥ୍ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ପ୍ରତିଯୋଗିତା ନିୟମ ଅନୁଯାୟୀ, ପ୍ରତ୍ୟେକ ଆଥ୍ଲେଟ୍‌ଙ୍କୁ ଦୁଇଟି ନମ୍ବର ପ୍ରଦାନ କରାଯାଏ। ଗୋଟିଏ ଛାତିରେ ଓ ଅନ୍ୟଟି ପଛ ଭାଗରେ ଲଗାଯାଏ। ଏହି ନମ୍ବର ଗୁଡ଼ିକୁ କଟା କିମ୍ବା ଫୋଲ୍ଡ ଯାଇପାରିବ ନାହିଁ। ଏହି ନିୟମକୁ କାର୍ଯ୍ୟକାରୀ କରା ନ ଗଲେ ଆଥ୍ଲେଟ୍‌ଙ୍କୁ ଅଯୋଗ୍ୟ ଘୋଷିତ କରାଯିବ। କିନ୍ତୁ ଏସିଆନ୍ ଆଥ୍ଲେଟିକ୍ସ ଚାମ୍ପିୟନ୍ସିପ ଟେକ୍‌ନିକାଲ ପ୍ରତିନିଧି ବାହାରିନ ଧାବକଙ୍କୁ ଅଯୋଗ୍ୟ ଘୋଷଣା କରିବା ବଦଳରେ ଭାରତୀୟ ଦଳ ପକ୍ଷରୁ କରାଯାଇଥିବା ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଠାରେ ନିୟମ ଭଙ୍ଗ କରାଯାଇଛି। ତ୍ରୁଟି ପୂର୍ଣ୍ଣ ଆରମ୍ଭ କିମ୍ବା ଧାଡ଼ି ପରିବର୍ତ୍ତନ ଭଳି ନମ୍ବର ପରିଧାନ କରିବାରେ ତ୍ରୁଟି ହେଲେ ଆଥ୍ଲେଟ୍‌ଙ୍କୁ ଅଯୋଗ୍ୟ ଘୋଷଣା କରାଯାଇପାରିବ।





ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ହେପ୍ଟାଥଲନ ଜାଭେଲିନ୍ ଥ୍ରୋ ଅବସରରେ ଭାରତର ଦୁଇ ପ୍ରତିଯୋଗୀ ସ୍ୱପ୍ନା ବର୍ମନ ଓ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ।

## ପଣ୍ଡିଚେରୀକୁ ହରାଇ କ୍ୱାର୍ଟରରେ ଓଡ଼ିଶା

**କଟକ ଅଫିସ,୨୩।୪:** ମହାରାଷ୍ଟ୍ରର କୋହ୍ଲାପୁରଠାରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ମଙ୍ଗଳବାର ଓଡ଼ିଶା ବୃହତ୍ତ ଗୋଲ ବ୍ୟବଧାନରେ ପଣ୍ଡିଚେରୀକୁ ପରାସ୍ତ କରିଛି । ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଛତିଶଗଡ଼କୁ ହରାଇଥିବା ଓଡ଼ିଶାର ଏହା ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଦଳ ଏହି ବିଜୟ ସହ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି । ପଣ୍ଡିଚେରୀ ବିପକ୍ଷରେ ଓଡ଼ିଶା ୧୩–୦ ଗୋଲରେ ବିଜୟୀ ହୋଇଛି। ଓଡ଼ିଶା ପକ୍ଷରୁ ଜ୍ୟୋତି କୁମାରୀ ସର୍ବାଧିକ ୭ଟି ଗୋଲ ସ୍କୋର କରିଥିଲେ । ଏହାଛଡ଼ା ମନୀଷା ନାୟକ ୩ଟି ଗୋଲ ସ୍କୋର କରିଥିବା ବେଳେ ଶୁଭସ୍ମିତା ଶୁଭଦର୍ଶିନୀ ଦାସ, ମାଳତୀ ମୁଣ୍ଡା, ସାଲଗେ ମାଝୀ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି । ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# ୨୦୦ ମିଟର ଫାଇନାଲରେ ଦୂତୀ

**ଭୁବନେଶ୍ୱର, ୨୩।୪(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଦୋହାଠାରେ ଚାଲିଥିବା ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୨୦୦ ମିଟର ରେସ୍ ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ହିଟ୍‌ରେ ଦୂତୀ ୨୩.୩୩ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ହିଟ୍–୩ରେ ଦୌଡ଼ିଥିଲେ ଦୂତୀ। ଏଥିରେ ସେ ଅନ୍ୟ ୭ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଚାଇନାର କୋଙ୍ଗ ଲିଙ୍ଗୱେଇ ୨୩.୫୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ

**ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍**

ସ୍ଥାନରେ ରହିବା ସହ ଏହି ହିଟ୍‌ରୁ ଫାଇନାଲ ଯୋଗ୍ୟତା ପାଇଛନ୍ତି। ହିଟ୍–୧ରୁ ଚାଇନାର ଜି ମାନ୍‌ଗି ୨୩.୪୬ ଓ ବାହାରିନର ଇଡିଡଙ୍ଗ ଓଡିଅଙ୍ଗ ୨୩.୫୩ ସେକେଣ୍ଡ ସମୟ ନେଇ ଏବଂ ହିଟ–୨ରୁ ବାହାରିନର ସାଲ୍‌ୱା ନାସେର ୨୨.୮୪ ଓ କାଜାଖସ୍ତାନର ଓଲ୍‌ଗା ସାଫ୍ରୋନୋଭା ୨୨.୯୮ ସେକେଣ୍ଡ ସମୟ ନେଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ପ୍ରତିଯୋଗିତାର ୧୦୦ ମିଟର ରେସ୍‌ରେ ଦୂତୀ ହିଟ୍‌ରେ ୧୧.୨୮ ଓ ସେମିଫାଇନାଲରେ ୧୧.୨୬ ସେକେଣ୍ଡ ସମୟ ନେଇ ଦୁଇଥର ଜାତୀୟ ରେକର୍ଡ ଭାଙ୍ଗିଥିଲେ ହେଁ ଫାଇନାଲରେ ନୈରାଶ୍ୟଜନକଭାବେ ୧୧.୪୪ ସେକେଣ୍ଡ ସମୟ ନେଇ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।



ମହିଳା ୨୦୦ ମିଟର ଅବସରରେ ଓଡ଼ିଶାର ଦୂତୀ ଚାନ୍ଦ।

## ହେପ୍ଟାଥଲନ ସ୍ୱପ୍ନାଙ୍କୁ ରୌପ୍ୟ, ପୂର୍ଣ୍ଣିମା ପଞ୍ଚମ

**ଦୋହା, ୨୩।୪:** ଦୋହାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ହେପ୍ଟାଥଲନ ଇଭେଣ୍ଟରେ ଭାରତର ସ୍ୱପ୍ନା ବର୍ମନ ରୌପ୍ୟ ପଦକ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ୫ମ ସ୍ଥାନ ପାଇଛନ୍ତି। ତୃତୀୟ ଦିବସରେ ଅନୁଷ୍ଠିତ ୮୦୦ ମିଟରରେ ସ୍ୱପ୍ନା ୨:୨୦.୨୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ସହ ୮୨୦ ପଏଣ୍ଟ ପାଇଥିଲେ। ପୂର୍ଣ୍ଣିମା ୨:୨୮.୪୮ ସେକେଣ୍ଡ ସମୟ ନେଇ ୭୧୨ ପଏଣ୍ଟ ପାଇଥିଲେ। ଫଳରେ ୭ ଇଭେଣ୍ଟ ବିଶିଷ୍ଟ ପ୍ରତିଯୋଗିତାରେ ସ୍ୱପ୍ନା ୫୯୯୩ ପଏଣ୍ଟ ସହ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ପୂର୍ଣ୍ଣିମା ୫୫୨୮ ପଏଣ୍ଟ ପାଇ ୫ମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ଅନୁଷ୍ଠିତ ଲଙ୍ଗଜମ୍ପରେ ସ୍ୱପ୍ନା ୬.୦୧ ମିଟର କ୍ଲିୟର କରି ୮୫୩ ପଏଣ୍ଟ ପାଇଥିଲେ। ପୂର୍ଣ୍ଣିମା ୫.୯୯ ମିଟର ସହ ୮୪୬ ପଏଣ୍ଟ ହାସଲ କରିଥିଲେ। ଜାଭେଲିନ୍ ଥ୍ରୋରେ ସ୍ୱପ୍ନା ୪୬.୮୩ ମିଟର ସହ ୭୯୯ ଏବଂ ପୂର୍ଣ୍ଣିମା ୩୯.୭୦ ମିଟର ସହ ୬୬୨ ପଏଣ୍ଟ ହାସଲ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ସୋମବାର ହେପ୍ଟାଥଲନର ୪ ଇଭେଣ୍ଟ ପରେ ସ୍ୱପ୍ନା ୩୫୨୧ ପଏଣ୍ଟ ସହିତ ୩ୟ ଓ ପୂର୍ଣ୍ଣିମା ୩୩୦୮ ପଏଣ୍ଟ ସହ ୫ମ ସ୍ଥାନରେ ଥିଲେ।

# ଆତଙ୍କବାଦର ଚ୍ୟାଲେଞ୍ଜ

**ଗୌତମ ଗମ୍ଭୀର**

ଆମେ ଏବେ ଅସୁରକ୍ଷିତ ସମୟ ଦେଇ ଗତିକରୁଛି। ଗତମାସ ନ୍ୟୁଜିଲାଣ୍ଡରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏବେ ରବିବାର ଶ୍ରୀଲଙ୍କାରେ ମଧ ଆହୁରି ଭୟାନକ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରୁ କୌଣସି ଦେଶ ସୁରକ୍ଷିତ ନୁହଁ ବୋଲି ସ୍ପଷ୍ଟ ହୋଇଛି। ଏହି ଦୁଇଦେଶ ଶାନ୍ତିପ୍ରିୟ ହୋଇଥିବା ବେଳେ ଏଠାରେ କ୍ରିକେଟକୁ ଯଥେଷ୍ଟ ନେଇ ଭଲ ପାଇବା ରହିଛି। ନ୍ୟୁଜିଲାଣ୍ଡ ଭଳି ଶାନ୍ତପ୍ରିୟ ଦେଶରେ ଏମିତି ଘଟଣା ମତେ ଚକିତ କରିଛି। କେତୋଟି ଦଶନ୍ଧିର ଅଶାନ୍ତି ପରେ ଶ୍ରୀଲଙ୍କାରେ ମଧ ଶାନ୍ତି ବିରାଜମାନ ହୋଇଥିଲା। କ୍ରିକେଟ ଖେଳିବାର ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶ୍ରୀଲଙ୍କା ସବୁଠାରୁ ଉତ୍ତମ ଦେଶ ବୋଲି ମୁଁ ବିଚାର କରେ। ଶେଷରେ ଏ ସବୁ ଭୁଲ ପ୍ରମାଣିତ ହୋଇଛି। ଆତଙ୍କବାଦ କାର୍ଯ୍ୟକଳାପ ଏବେ କ୍ରୀଡ଼ା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଆମେ ଏଥିରୁ କିଛି ଶିକ୍ଷା ଲାଭ କରିଛୁ ନା ନାହିଁ? ଆମେ ଆବଶ୍ୟକ ଅନୁସାରେ ସତର୍କତା ଅବଲମ୍ବନ କରିଛୁ ନା ନାହିଁ?

ପେସାଦାର କ୍ରିକେଟର ହିସାବରେ ଆମେ ଭରପୂର ଷ୍ଟାଡିୟମରେ ଖେଳିଛୁ ଓ ବିଶ୍ୱର ଅତି ବ୍ୟସ୍ତ ବହୁଳ ବିମାନବନ୍ଦର ଦେଇ ଯାତ୍ରା କରିଛୁ। ସମସ୍ତଙ୍କ ନଜର ମଧ ଏହି ଅବସରରେ ଆମ ଉପରେ ରହିଥାଏ। ତେବେ ଏହା ସତ୍ତ୍ୱେ ମୁଁ କେବେ କୌଣସି ବିପଦ ଥିବା ଅନୁଭବ କରି ନାହିଁ। ଦୁଇଟି ଝିଅର ବାପା ହିସାବରେ ଏବେ କିନ୍ତୁ ମୁଁ ବ୍ୟଥିତ। ମୁଁ ଜଣେ ନିରାପତ୍ତା ବିଶେଷଜ୍ଞ ହୋଇ ନ ଥିଲେ ମଧ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ଆଗାମୀ ବିଶ୍ୱକପ୍ ଭଳି ବଡ଼ ଇଭେଣ୍ଟ ପୂରା ସୁରକ୍ଷାର ଆୟୋଜନ ହେଉ ବୋଲି ଆଶା କରୁଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପଣ୍ଡ କରିବା ଭଳି ସବୁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଆଶା କରୁଛି।

ବିସ୍ଫୋରଣ ଘଟିବା ଦିନ ଶ୍ରୀଲଙ୍କା ପୂର୍ବତନ କ୍ରିକେଟର ମୁଥିଆ ମୁରଲୀଧରନ ସନରାଇଜର୍ସ ହାଇଦ୍ରାବାଦ ଡଗ୍‌ଆଉଟ୍‌ରେ ବସିଥିଲେ। ଏହି ଘଟଣା ତାଙ୍କୁ ବ୍ୟଥିତ କରିଥିବ ଓ ସେ କ୍ରିକେଟରେ ମନୋନିବେଶ କରି ନ ଥିବେ। ମୁରଲୀଙ୍କୁ ହାଇଦ୍ରାବାଦ ଟିମ୍ ମ୍ୟାନେଜମେଣ୍ଟ ସ୍ୱଦେଶ ତଥା ଘରକୁ ଯିବା ପାଇଁ ନିଶ୍ଚିତ ଭାବେ ଅନୁମତି ପ୍ରଦାନ କରିଥିବ ବୋଲି ଭାବୁଛି। ମୁରଲୀଙ୍କ ପୂର୍ବତନ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବେ ଅନିଶ୍ଚିତ ପରିସ୍ଥିତିରେ ଥିବ ବୋଲି ମୁଁ ଭାବୁଛି। କୋଲକାତା ନାଇଟ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିବା ପରେ ବାଙ୍ଗାଲୋରର ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଥିବ ବୋଲି ଭାବୁଛି। ବାଙ୍ଗାଲୋର ଆହୁରି କେତେକ ସମସ୍ୟା ରହିଛି ଓ ଏଗୁଡିକର ସମାଧାନ ହେବା ଆବଶ୍ୟକ ବୋଲି ଭାବୁଛି। ବୁଧବାର ରବିଚନ୍ଦ୍ରନ ଅଶ୍ୱିନଙ୍କ କିଙ୍ଗ୍ସ ଏକାଦଶ ପଞ୍ଜାବ ବିରାଟ କୋହଲିଙ୍କ ବାଙ୍ଗାଲୋର ମଧରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଅଶ୍ୱିନ ଓ କୋହଲିଙ୍କ ମଧରେ ଏକ ବ୍ୟକ୍ତିଗତ ଲଢେଇ ହେବ ବୋଲି ମୁଁ ଭାବୁଛି। ବିଶ୍ୱକପ୍ ଦଳରେ ସ୍ଥାନ ପାଇ ନ ଥିବାରୁ ଅଶ୍ୱିନ ନିରାଶ ହୋଇଥିଲେ। ତେବେ ସେ ସମସ୍ତଙ୍କୁ କିଛି କରି ଦେଖାଇବାକୁ ପ୍ରୟାସ କରିବେ। ଅନ୍ୟପଟେ କୋହଲି ମଧ ଆହୁରି ଭଲ ଖେଳି ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବା ଲକ୍ଷ୍ୟରେ ରହିଛନ୍ତି। ମୁଁ କୋଲକାତାର ଅଧିନାୟକ ଥିବାବେଳେ ଚେନ୍ନାଇ ବିପକ୍ଷ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କୁ ସାମନା କରୁଥିଲି। ଏହି ମୁକାବିଲା ଗୁଡିକର ମଜା ମଧ ନିଆରା ଥିଲା।

(ଗେମ୍ ପ୍ଲାନ୍)

SEAGRAM'S
ROYAL STAG
MEGA CRICKET · CRICKET GEAR




# ୱେଷ୍ଟଇଣ୍ଡିଜକୁ କ୍ରମାଗତ ଦ୍ୱିତୀୟ ଟାଇଟଲ

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ୧୯୭୯ରେ ଆୟୋଜିତ ହୋଇଥିଲା। ଇଂଲଣ୍ଡରେ କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ମେଗା ଇଭେଣ୍ଟ ଖେଳାଯାଇଥିଲା। ଆନୁଷ୍ଠାନିକ ଭାବେ ଏହାକୁ ପ୍ରୁଡେନ୍ସିଆଲ କପ୍ ୭୯ ବୋଲି କୁହାଯାଉଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ଏହି ବିଶ୍ୱକପ୍ ବିଶେଷ ଭାବେ ଗୁରୁତ୍ୱ ବହନ କରିଥିଲା। ଆଇସିସି ଦ୍ୱାରା ଆୟୋଜିତ ହୋଇଥିବା ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍ କ୍ଲାଇଭ୍ ଲୟଡଙ୍କ ନେତୃତ୍ୱରେ ଚାମ୍ପିୟନ ହେବା ସହ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ଫର୍ମାଟରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଅର୍ଥାତ୍ ଟୁର୍ନାମେଣ୍ଟ ରାଉଣ୍ଡ– ରବିନ ଓ ନକ୍–ଆଉଟ୍ ଭିତ୍ତିରେ ଖେଳାଯାଇଥିଲା। ଫାଇନାଲରେ ୱେଷ୍ଟଇଣ୍ଡିଜଠାରୁ ପରାସ୍ତ ହୋଇ ଇଂଲଣ୍ଡ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଟୁର୍ନମେଣ୍ଟରେ ୮ଟି ଦେଶ ଅଂଶଗ୍ରହଣ କରିଥିଲେ ଓ ମୋଟ ୧୫ଟି ମ୍ୟାଚ୍ ଖେଳାଯାଇଥିଲା। ୱେଷ୍ଟଇଣ୍ଡିଜ ଓପନର ଗର୍ଡନ ଗ୍ରିନିଜ୍ ସର୍ବାଧିକ ୨୫୩ ରନ ସଂଗ୍ରହ କରି ସଫଳତମ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ସେହିପରି ଇଂଲଣ୍ଡର ମାଇକ ହେଣ୍ଡ୍ରିକ ମୋଟ ୧୦ ଉଇକେଟ ନେଇ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ। ଜୁନ୍ ୯ରୁ ଆରମ୍ଭ ହୋଇ ଏହି ବିଶ୍ୱକପ୍ ୨୩ ତାରିଖରେ ଶେଷ ହୋଇଥିଲା। ୧୪ ଦିନଧରି ଖେଳାଯାଇଥିବା ଏହି ଟୁର୍ନାମେଣ୍ଟ ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ ଓ ଫାଇନାଲ ମ୍ୟାଚ୍ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିଲା। ମ୍ୟାଚଗୁଡିକ ୬୦ ଓଭର ବିଶିଷ୍ଟ ହୋଇଥିଲା। ଖେଳାଳିମାନେ ଧଳା ପୋଷାକ ଓ ନାଲି ବଲ୍‌ରେ ମ୍ୟାଚ୍ ଖେଳିଥିଲେ। ଦିନରେ ଖେଳାଯାଇଥିବାରୁ ମ୍ୟାଚ୍‌ଗୁଡିକ ସଅଳ ଆରମ୍ଭ ହୋଇଥିଲା।

ଟେଷ୍ଟ ମାନ୍ୟତା ପାଇ ନ ଥିଲେ ମଧ ଶ୍ରୀଲଙ୍କା ଓ କାନାଡ଼ା ୧୯୭୯ ଆଇସିସି ଟ୍ରଫି ଫାଇନାଲରେ ପ୍ରବେଶ କରି ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ବିଶ୍ୱକପ୍ ଖେଳିଥିବା ଇଷ୍ଟ ଆଫ୍ରିକା କିନ୍ତୁ ଏହି ସଂସ୍କରଣରେ ଖେଳିବାର ସୁଯୋଗ ପାଇ ନ ଥିଲା। ଫଳରେ ଏହି ବିଶ୍ୱକପ୍‌ରେ ଆଫ୍ରିକାର କୌଣସି ଦେଶ ଅଂଶଗ୍ରହଣ କରି ନ ଥିଲେ। ୬ଟି ଭେନ୍ୟୁରେ ମ୍ୟାଚ୍ ଆୟୋଜିତ ହୋଇଥିଲା। ଲଣ୍ଡନର ଲର୍ଡ୍ସ ଓ ଦି ଓଭାଲ, ବର୍ମିଂହାମର ଏଜବାଷ୍ଟନ କ୍ରିକେଟ ଗ୍ରାଉଣ୍ଡ, ନଟିଂହାମ୍‌ର ଟ୍ରେଣ୍ଟ ବ୍ରିଜ୍, ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ କ୍ରିକେଟ ଗ୍ରାଉଣ୍ଡ ଓ ଲିଡ୍ସର ହେଡିଂଲେ ଷ୍ଟାଡିୟମରେ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହୋଇଥିଲା।



ଗ୍ରୁପ୍ ଏ'ରେ ଇଂଲଣ୍ଡ, ପାକିସ୍ତାନ, ଅଷ୍ଟ୍ରେଲିଆ ଓ କାନାଡ଼ା ସାମିଲ ରହିଥିଲେ। ସେହିପରି ଗ୍ରୁପ୍ ବି'ରେ ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ଭାରତ ପରସ୍ପର ମଧରେ ମ୍ୟାଚ୍ ଖେଳିଥିଲେ। ଗ୍ରୁପ୍ ଏ'ରେ ଇଂଲଣ୍ଡ ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ୧୨ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ସେମିକୁ ଉଠିଥିଲା। ସେହିପରି ପାକିସ୍ତାନ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ସେମିରେ ପ୍ରବେଶ କରିଥିଲା। ତେବେ ପ୍ରଥମ ବିଶ୍ୱକପ୍‌ର ରନର୍ସଅପ୍ ଦଳ ଅଷ୍ଟ୍ରେଲିଆ ୩ଟି ମ୍ୟାଚରୁ ୧ ଗୋଟିଏ ବିଜୟ ଓ ଦୁଇଟି ପରାଜୟ ସହ ୪ ପଏଣ୍ଟ ପାଇ ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲା। ଅନ୍ୟପଟେ କାନାଡ଼ା ୩ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲି ନ ପାରି ଚତୁର୍ଥ ସ୍ଥାନରେ ରହିଥିଲା। ଅନ୍ୟପଟେ ଗ୍ରୁପ୍ ବି'ରେ ୱେଷ୍ଟଇଣ୍ଡିଜ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ୧୦ ପଏଣ୍ଟ ପାଇଁ ଶୀର୍ଷରେ ରହିବା ସହ ସେମିକୁ ଉଠିଥିଲା। ଗୋଟିଏ ମ୍ୟାଚ୍‌ର ଫଳାଫଳ ବାହାରି ପାରି ନ ଥିଲା। ସେହିପରି ନ୍ୟୁଜିଲାଣ୍ଡ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ସେମିରେ ପ୍ରବେଶ କରିଥିଲା। ଶ୍ରୀଲଙ୍କା ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ବାଦ୍ ପଡିଥିଲା। ତେବେ ଭାରତ ୩ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲିପାରି ନ ପାରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ସେମିଫାଇନାଲରେ ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ହରାଇ ଓ ୱେଷ୍ଟଇଣ୍ଡିଜ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଲର୍ଡ୍ସରେ ଫାଇନାଲରେ ୱେଷ୍ଟଇଣ୍ଡିଜ ଆୟୋଜକ ଇଂଲଣ୍ଡକୁ ହରାଇ ବାଜି ମାରିଥିଲା। ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ୬୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଭିଭିଆନ ରିଚାର୍ଡ୍ସ ୧୩୮ ରନର ଶତକୀୟ ପାଳି ଖେଳି ଅପରାଜିତ ରହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି କଲିସ୍ କିଙ୍ଗ୍ ଦ୍ରୁତ ୮୬ ରନର ପାଳି ଖେଳିଥିଲେ ମଧ ଅନ୍ୟମାନେ ବିଫଳ ହୋଇଥିଲେ। ଇଂଲଣ୍ଡର ତରଫରୁ ବୋଲିଂରେ ଇଆନ ବୋଥାମ, ମାଇକ୍ ହେଣ୍ଡ୍ରିକ, କ୍ରିସ୍ ଓଲ୍ଡ ଓ ଫିଲ ଏଡମଣ୍ଡ୍ସ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇଂଲଣ୍ଡ ଭଲ ଆରମ୍ଭ କରିଥିଲେ ମଧ ୫୧ ଓଭରରେ ୧୯୪ ରନ କରି ଅଲଆଉଟ ହୋଇ ୯୨ ରନରେ ପରାସ୍ତ ହୋଇଥିଲା। ଦଳକ ତରଫରୁ ଓପନ ତଥା ଅଧିନାୟକ ମାଇକ୍ ବ୍ରେୟରଲି ସର୍ବାଧିକ ୬୪, ଜେଫ ବୟକଟ ୫୭, ଗ୍ରାହମ ଗୁଚ୍ ୩୨ ଓ ଡେରେକ ରାଣ୍ଡଲ ୧୫ ରନକରି ଆଉଟ ହୋଇଥିବା ବେଳେ ବାକି ୭ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜୋଏଲ ଗାର୍ନର ସର୍ବାଧିକ ୫, କଲିନ କ୍ରଫ୍ଟ ୩ ଓ ମାଇକେଲ ହୋଲ୍ଡିଂ ୨ଟି ଉଇକେଟ ଅକ୍ତିଆର କରିଥିଲେ।

## ୨୫ ବଲରୁ ଟି୨୦ ଶତକ

**ଲଣ୍ଡନ,୨୩।୪:** ସ୍କଟଲାଣ୍ଡ ବ୍ୟାଟ୍ସମ୍ୟାନ ଜର୍ଜ ମୁନ୍‌ସେ ଟି୨୦ କ୍ରିକେଟରେ ୨୫ ବଲରୁ ଶତକ ଲଗାଇଛନ୍ତି। ଗ୍ଲୁଷ୍ଟରଶାୟର ଦ୍ୱିତୀୟ ଏକାଦଶ ଓ ବାଥ ସିସି ମଧରେ ଖେଳାଯାଇଥିବା ଅନ୍‌ଅଫିସିଆଲ ଟି୨୦ ମ୍ୟାଚ୍‌ରେ ମୁନ୍‌ସେ ୩୯ ବଲରୁ ୧୪୭ ରନ୍ କରିଛନ୍ତି। ମୁନ୍‌ସେଙ୍କ ଇନିଂସରେ ୨୦ ଛକା ଓ ୫ ଚୌକା ସାମିଲ ଥିଲା। ଏହି ଇନିଂସ ଅବସରରେ ସେ ଗୋଟିଏ ଓଭରରେ ୬ ଛକା ମଧ ଲଗାଇଥିଲେ।

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଫାଇଲ ନଂ.DRM/Engg/KUR/19-20/E-tender/04, ତା.18.04.2019ରିଖ
ଟେଣ୍ଡର ବିଜ୍ଞପ୍ତି ସଂ.e-Tender HQ-KUR-10-2019, ତା.16.04.2019ରିଖ
ବିବରଣୀ : 18 ମାସ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ଖୋର୍ଦ୍ଧା ରୋଡ୍‌ଙ୍କ ନିମନ୍ତେ ପ୍ରସ୍ତାବିତ 01 ଗୋଟି ହାଲୁକା ମୋଟର ଗାଡ଼ି (ଟାଟା ସୁମୋ / ବୋଲେରୋ) ଭଡ଼ା ସୂତ୍ରରେ ନେବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 6.90 ଲକ୍ଷ, EMD (ଟଙ୍କାରେ) : 13,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 18 (ଅଠର) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.05.2019 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟରହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)
PR-48/K/19-20 ଖୋର୍ଦ୍ଧା ରୋଡ଼

## ଆଜିର ମ୍ୟାଚ



ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ବନାମ
କିଙ୍ଗ୍ସ ଇଲେଭେନ୍ ପଞ୍ଜାବ

ପ୍ରସାରଣ
ସ୍ଥାନ : ବାଙ୍ଗାଲୋର
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

> ରିକି ପଣ୍ଟିଂ ଏବଂ ସୌରଭ ଗାଙ୍ଗୁଲିଙ୍କ ଭଳି ବ୍ୟକ୍ତିଙ୍କୁ କୋଚ୍ ଓ ଉପଦେଷ୍ଟା ଭାବେ ପାଇଥିବାରୁ ଆମ ଦଳ ଚଳିତ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରୁଛି ।
> —ପୃଥ୍ୱୀ ଶ', ଦିଲ୍ଲୀ କ୍ୟାପିଟାଲ୍ସ ଓପନର



> ରାଜସ୍ଥାନ ରୟାଲ୍ସ ବିପକ୍ଷରେ ମ୍ୟାଚ ଜିତିବା ପରେ ଯେତେବେଳେ ସୌରଭ ଗାଙ୍ଗୁଲି ମୋତେ ଖୁସିରେ ଟେକି ଧରିଲେ ସେତେବେଳର ଅନୁଭବ ଅବର୍ଣ୍ଣନୀୟ ।
> —ରିଷଭ ପନ୍ତ, ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି



# ଶୀର୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ

**ଜୟପୁର, ୨୩।୪ (ପି.ଟି.)**

ସୋମବାର ଆଇପିଏଲ୍ ମ୍ୟାଚରେ ଅଜିଙ୍କ୍ୟ ରାହାନେ ଅପରାଜିତ ଶତକ ହାସଲ କରିଥିଲେ ହେଁ ରାଜସ୍ଥାନ ରୟାଲ୍ସକୁ ଜିତାଇପାରି ନାହାନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯୨ ରନର ବିଜୟ ଲକ୍ଷ୍ୟକୁ ୧୯.୧ ଓଭରରେ ୪ଉଇକେଟ ବିନିମୟରେ ହାସଲ କରିନେଇଛି। ଦଳକୁ ଜିତାଇବାରେ ଉଇକେଟକିପର ରିଷଭ ପନ୍ତ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ୩୬ ବଲ୍‌ରେ ୬ ଚୌକା ଓ ୪ ଛକା ସହ ୭୮ ରନ କରି ଅପରାଜିତ ରହିଥିଲେ। ଅନ୍ୟ ସଫଳ ବ୍ୟାଟ୍ସମ୍ୟାନ ଭାବେ ଶିଖର ଧାୱନ ୫୪ ଓ ପୃଥ୍ୱୀ ୪୨ ରନ କରିଥିଲେ। ପୃଥ୍ୱୀ ଓ ଧାୱନ ଦଳକୁ ଭଲ ଆରମ୍ଭ ଦେଇଥିଲେ। ଉଭୟେ ପ୍ରଥମ ଉଇକେଟରେ ୭୨ରନ ଯୋଗ କରିଥିଲେ। ଧାୱନ ୨୭ ବଲ୍ ସାମ୍ନା କରି ୮ଚୌକା ଓ ୨ଛକା ମାରିଥିଲେ। ସେ ଶ୍ରେୟାସ ଗୋପାଳଙ୍କ ବଲ୍‌ରେ ସଞ୍ଜୁ ସାମସନଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ଅଧିନାୟକ ଶ୍ରେୟାସ ଆୟାର ମାତ୍ର ୪ରନ କରିଥିଲେ। ପୃଥ୍ୱୀ ଆଉଟ ହେବା ପୂର୍ବରୁ ସେ ଓ ରିଷଭ ପନ୍ତ ତୃତୀୟ ଉଇକେଟରେ ୮୪ରନ ଯୋଗ କରିଥିଲେ। ସୋମବାର ଏହି ବିଜୟ ଦ୍ୱାରା ଦିଲ୍ଲୀ କ୍ୟାପିଟାଲ ୧୧ଟି ମ୍ୟାଚରେ ୭ ବିଜୟ ସହ ମୋଟ ୧୪ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇପାରିଛି। ଅନ୍ୟପକ୍ଷରେ ରାଜସ୍ଥାନର ୧୦ଟି ମ୍ୟାଚରେ ଏହାଥିଲା ୭ମ ପରାଜୟ। ଟସ୍ ହାରି ରାଜସ୍ଥାନ ରୟାଲ୍ସ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୯୧ ରନ କରିଥିଲା। ଦଳର ଇନିଂସ ଗଢିବାରେ ମୁଖ୍ୟ କର୍ଣ୍ଣଧାର ସାଜିଥିଲେ ଓପନର ଅଜିଙ୍କ୍ୟ ରାହାନେ। ସେ ୬୩ ବଲ୍‌ରେ ୧୧ଚୌକା ଓ ୩ ଛକା ସହାୟତାରେ ୧୦୫ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ରାହାନେ ଏବଂ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍‌ଙ୍କ ଦ୍ୱିତୀୟ ଉଇକେଟ ଯୋଡ଼ିରେ ମହତ୍ୱପୂର୍ଣ୍ଣ ୧୩୦ରନ ଯୋଗ କରିଥିଲେ। ସ୍ମିଥ ୩୨ ବଲ୍‌ରେ ୮ଚୌକା ସହ ୫୦ ରନ କରିଥିଲେ। ସେ ଅକ୍ଷର ପଟେଲଙ୍କ ବଲ୍‌ରେ କ୍ରିସ୍ ମୋରିସଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଷ୍ଟୁଆର୍ଟ ବିନ୍ନି ୧୯ ରନ କରିବାରେ ସମର୍ଥ ହୋଇଥିବା ବେଳେ ଖେଳିଥିବା ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିବା ଉଇକେଟକିପର ସଞ୍ଜୁ ସାମସନ ବିନା କୌଣସି ରନରେ କାଗିସୋ ରାବାଡାଙ୍କ ରନ ଆଉଟ ହୋଇଥିଲେ। ୮ରନ କରିଥିବା ବେନ୍ ଷ୍ଟୋକ୍ସ କ୍ରିସ ମୋରିସଙ୍କ ବଲ୍‌ରେ ଶ୍ରେୟାସ ଆୟାରଙ୍କ ଦ୍ୱାରା କ୍ୟାଚ ଆଉଟ୍ ହୋଇଥିଲେ। ଆଷ୍ଟନ ଟର୍ନର ବିନା କୌଣସି ରନ୍‌ରେ ଈଶାନ୍ତ ଶର୍ମାଙ୍କ ବଲ୍‌ରେ ଶେରଫାନେ ରଥରଫୋର୍ଡଙ୍କ ଦ୍ୱାରା କ୍ୟାଚ ଆଉଟହୋଇ ପ୍ୟାଭିଲିୟନ ଫେରିଥିଲେ। ଷ୍ଟୁଆର୍ଟ ବିନ୍ନି ଓ ରିୟାନ ପରାଗ (୪)ଙ୍କୁ ରାବାଡା କ୍ଲିନ୍ ବୋଲ୍ଡ କରିଦେଇଥିଲେ। ଫଳରେ ଦଳର ସ୍କୋର ୨୦୦ ଭିତରେ ସୀମିତ ହୋଇଯାଇଥିଲା।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରିଷଭ ପନ୍ତ।

### ସଂକ୍ଷିପ୍ତ ସ୍କୋର

- ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୯୧/୬ (ଅଜିଙ୍କ୍ୟ ରାହାନେ-୧୦୫*, ଷ୍ଟିଭ୍ ସ୍ମିଥ୍-୫୦, ଷ୍ଟୁଆର୍ଟ ବିନ୍ନି-୧୯; କାଗିସୋ ରାବାଡା-୨/୩୭, ଈଶାନ୍ତ ଶର୍ମା-୧/୨୯, ଅକ୍ଷର ପଟେଲ-୧/୩୯, କ୍ରିସ୍ ମୋରିସ-୧/୪୧)।
- ଦିଲ୍ଲୀ କ୍ୟାପିଟାଲ୍ସ:୧୯.୨ ଓଭରରେ ୧୯୩/୪ (ରିଷଭ ପନ୍ତ-୭୮*,ଶିଖର ଧାୱନ-୫୪, ପୃଥ୍ୱୀ ଶ'-୪୨, ଶ୍ରେୟାସ ଗୋପାଳ-୨/୪୭, ରିୟାନ ପରାଗ-୧/୨୫)।

## 'ପନ୍ତଙ୍କୁ ବିଶ୍ୱକପ୍ ଦଳରେ ନ ନେଇ ଭୁଲ୍ କରିଛି ଭାରତ'

**ରାଜସ୍ଥାନ,୨୩।୪(ପି.ଟି.):** କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ତଥା ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍ ରିକି ପଣ୍ଟିଂ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳ ଚୟନ ଭୁଲ ଥିବା ସୋମବାର କହିଛନ୍ତି। ରିଷଭ ପନ୍ତଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଖେଳାଯାଇଥିବା ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌କୁ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ସହଜରେ ଜିତିନେଇଥିଲା। ଏହାପରେ ପଣ୍ଟିଂ କହିଛନ୍ତି, ବିଶ୍ୱକପ୍ ଦଳରୁ ପନ୍ତ ବାଦ୍ ପଡ଼ିବା ଦୁଃଖର ବିଷୟ। ମୋ ମତରେ ଭାରତ ଏକ ଭୁଲ ବିକଳ୍ପ ବାଛି ନେଇଛି। ଇଂଲଣ୍ଡ ପରିସ୍ଥିତିରେ ପନ୍ତ ଅତ୍ୟନ୍ତ ଭୟଙ୍କର। ସେଠାରେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କୁ ସ୍ପିନରମାନେ ଅଧିକ ପ୍ରଭାବିତ କରନ୍ତି। ଏଭଳି ପରିସ୍ଥିତି ପନ୍ତଙ୍କ ଉପସ୍ଥିତି ଭାରତୀୟ ଦଳରେ ନିହାତି ଦରକାର। ସେ ନିଜକୁ ଫିଟ୍ ଓ ସୁସ୍ଥ ରଖିପାରିଲେ ୩ରୁ ୪ ବିଶ୍ୱକପ୍ ଖେଳିପାରିବେ। ଉଲ୍ଲେଖଥାଉ କି, ଭାରତୀୟ ଦଳରେ ଅତିରିକ୍ତ ଉଇକେଟକିପର ଭାବେ ପନ୍ତଙ୍କ ବଦଳରେ ଚୟନ କମିଟି ଦୀନେଶ କାର୍ତ୍ତିକଙ୍କୁ ଉପରେ ଭରସା କରିଛି।

## ବିଶାଖାପାଟଣାରେ ୨ ପ୍ଲେ-ଅଫ୍ ମ୍ୟାଚ

**ଅମରାବତୀ, ୨୩।୪ (ପି.ଟି.):** ବନ୍ଦର ସହର ବିଶାଖାପାଟଣା ଚଳିତ ଇଣ୍ଡିଆନ ଆଇପିଏଲ୍‌ର ଦୁଇଟି ପ୍ଲେ-ଅଫ୍ ମ୍ୟାଚ୍‌ର ଆୟୋଜନ କରିବ। ମ୍ୟାଚ ଦୁଇଟି ମେ ୮ ଓ ୧୦ରେ ଖେଳାଯିବ ବୋଲି ଆନ୍ଧ୍ର କ୍ରିକେଟ ଆସୋସିଏଶନ (ଏସିଏ) ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ଏହା ପ୍ରକାଶ କରାଯାଇଛି। ଏହି ପ୍ଲେ-ଅଫ୍ ମ୍ୟାଚ ପ୍ରକୃତରେ ଚେନ୍ନାଇଠାରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା। ମାତ୍ର ଅନିବାର୍ଯ୍ୟ କାରଣବଶତଃ ଏହାକୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବା ଏସିଏ ସାଧାରଣ ସମ୍ପାଦକ ସିଏଚ୍ ଅରୁଣ କୁମାର ସୂଚନା ଦେଇଛନ୍ତି। ଆଇପିଏଲ୍ ଅଫିସିଆଲମାନେ ନିକଟରେ ୱାଇଏସ୍‌ଆର୍-ଏସିଏ କ୍ରିକେଟ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ସେଠାରେ ରହିଥିବା ବନ୍ଦୋବସ୍ତ ନେଇ ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ। କୌଣସି ପରିସ୍ଥିତି ପାଇଁ ଏହାକୁ ଷ୍ଟାଣ୍ଡବାଇ ଭେନ୍ୟୁ ଭାବେ ସଂରକ୍ଷିତ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ବିଶାଖାପାଟଣା ହେଉଛି ଏକ ଅନ୍ତର୍ଜାତୀୟ ଭେନ୍ୟୁ। ୨୦୧୬ରେ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ମ୍ୟାଚ ଆୟୋଜନ ଉପରେ ମହାରାଷ୍ଟ୍ର ହାଇକୋର୍ଟଙ୍କ କଟକଣା ପରେ କେତେକ ଆଇପିଏଲ ମ୍ୟାଚ୍ ଏହି ଭେନ୍ୟୁରେ ଖେଳାଯାଇଥିଲା।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୭ | ୪ | ୧୪ | ୦.୧୮୧ |
| ସୁପର କିଙ୍ଗ୍ସ | ୧୦ | ୭ | ୩ | ୧୪ | ୦.୦୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୧୨ | ୦.୩୫୭ |
| ସନ୍‌ରାଇଜର୍ସ | ୯ | ୫ | ୪ | ୧୦ | ୦.୭୩୭ |
| କିଙ୍ଗ୍ସ ଇଲେଭେନ | ୧୦ | ୫ | ୫ | ୧୦ | -୦.୦୪୪ |
| ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | -୦.୦୧୩ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୬ | -୦.୪୭୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୩ | ୭ | ୬ | -୦.୮୩୬ |

## ସ୍ୱଦେଶ ଫେରିଲେ ୱିଲିୟମ୍‌ସନ

**ଚେନ୍ନାଇ,୨୩।୪ (ପି.ଟି.):** ସନ୍ ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଅଧିନାୟକ କେନ ୱିଲିୟମ୍‌ସନ ବ୍ୟକ୍ତିଗତ କାରଣ ଦର୍ଶାଇ ନ୍ୟୁଜିଲାଣ୍ଡ ଫେରିଛନ୍ତି। ତାଙ୍କ ବଦଳରେ ଭୁବନେଶ୍ୱର କୁମାର ଦଳର ନେତୃତ୍ୱ ନେବେ। ସନରାଇଜର୍ସର ଆଗାମୀ ମ୍ୟାଚ୍ ପୂର୍ବରୁ ୱିଲିୟମ୍‌ସନ ଦଳରେ ଯୋଗଦେବେ। ଆସନ୍ତା ୨୭ ତାରିଖରେ ଏସ୍‌ଆର୍‌ଏଚ୍ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

# ବଜରଙ୍ଗଙ୍କୁ ସ୍ୱର୍ଣ୍ଣ, ପର୍ବିନ୍‌ଙ୍କୁ ରୌପ୍ୟ

**ଜିଆନ୍ (ଚାଇନା), ୨୩।୪ (ପି.ଟି.)**

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍**

ବିଶ୍ୱର ନମ୍ବର ୱାନ କୁସ୍ତିଯୋଦ୍ଧା ଭାରତର ବଜରଙ୍ଗ ପୁନିଆ ଏସିଆନ ଚାମ୍ପିୟନଶିପ୍‌ରେ ଆଉଥରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ପର୍ବିନ ରାଣା ରୌପ୍ୟ ଜିତିଛନ୍ତି। ମଙ୍ଗଳବାର ପୁରୁଷ ୬୫କେଜି ଫ୍ରିଷ୍ଟାଇଲ ବିଭାଗରେ ଏକ ଜୋର୍‌ଦାର ମୁକାବିଲାରେ ସେ କାଜାଖସ୍ତାନର ସାୟତବେକ୍ ଓକାସୋଭ୍‌ଙ୍କୁ ୧୨-୭ ପଏଣ୍ଟ ବ୍ୟବଧାନରେ ହରାଇ ଦେଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆନ ଗେମ୍ସ ଚାମ୍ପିୟନ ବାଉଟ୍‌ରେ ପ୍ରଥମେ ୨-୭ ପଛୁଆ ରହିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କ୍ରମାଗତ ୧୦ ପଏଣ୍ଟ ହାସଲ କରି ଲଢେଇ ଜିତିନେଇଥିଲେ। କାଜାଖସ୍ତାନ ବକ୍ସର କ୍ଳାନ୍ତ ଜଣାପଡୁଥିବା ବେଳେ ଚାପରେ ଥିବା ବଜରଙ୍ଗ ତାଙ୍କ ବଳିଷ୍ଠ ଶକ୍ତିର ପରିଚୟ ଦେଇ ବିଜୟ ହାସଲ କରିଥିଲେ। ଚାମ୍ପିୟନଶିପ୍‌ରେ ବଜରଙ୍ଗଙ୍କ ଏହା ଥିଲା ଦ୍ୱିତୀୟ ସ୍ୱର୍ଣ୍ଣ। ଏହା ପୂର୍ବରୁ ସେ ୨୦୧୭ରେ ଜିତିଥିଲେ। ଭାରତୀୟ କୁସ୍ତି ଯୋଦ୍ଧାଙ୍କର ଟୁର୍ଣ୍ଣାମେଣ୍ଟରେ କିନ୍ତୁ ଓଭରାଲ ଏହା ଥିଲା ୫ମ ପଦକ। ବଜରଙ୍ଗ ତାଙ୍କର ଏହି ପ୍ରଦର୍ଶନ ଦ୍ୱାରା ୨୦୨୦ ଟୋକିଓ ଅଲିମ୍ପିକ୍ସର ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପ୍ରତି ସତର୍କଘଣ୍ଟି ବଜାଇଛନ୍ତି। ସେ ଏଥିରେ ଜଣେ ପଦକ ଦାବିଦାର ବୋଲି ସୂଚାଇ ଦେଇଛନ୍ତି। ବଜରଙ୍ଗ ଫାଇନାଲ ପ୍ରବେଶ ପଥରେ ମାତ୍ର ଗୋଟିଏ ପଏଣ୍ଟ ହରାଇଥିଲେ। ସେମିଫାଇନାଲରେ ସେ ଉଜ୍‌ବେକିସ୍ତାନର ସିରୋଜିଦ୍ଦିନଙ୍କୁ ୧୨-୧ରେ ପରାସ୍ତ କରିବା ପୂର୍ବରୁ ଉନ୍ନତ ଟେକ୍‌ନିକ୍ ଭିତ୍ତିରେ ସେ ଶ୍ରୀଲଙ୍କାର ଚାର୍ଲସ ଫେରନଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ଇରାନର ପେମାନ ବାଏବାନିଙ୍କୁ ସେ ୬-୦ରେ ହରାଇ ଦେଇଥିଲେ। ସ୍ୱର୍ଣ୍ଣ ପଦକ ଦୌଡ଼ରେ ଥିବା ଅନ୍ୟ ଜଣେ କୁସ୍ତି ଯୋଦ୍ଧା ହେଲେ ପର୍ବିନ ରାଣା। ୭୯ କାଟେଗୋରିରେ କାଜାଖସ୍ତାନର ଗାଲିମଖାନ ଉସେରବାୟେଭଙ୍କ ବିପକ୍ଷରେ ୩-୨ରେ ବିଜୟ ହାସଲ ପରେ ସେ ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ୱର୍ଣ୍ଣ ପଦକ ବାଉଟ୍‌ରେ ସେ ଇରାନର ବାହମାନ ମହମ୍ମଦ ତେମୋରିଙ୍କଠାରୁ ୦-୩ରେ ହାରି ରୌପ୍ୟ ପାଇଛନ୍ତି। ୫୭ କେଜି ଓଜନ କାଟେଗୋରିର ରିପିଚେଜ୍‌ରେ ଟାଇପେର ଚିଆ ଟିସୋ ଲି ୟୁଙ୍କ ବିପକ୍ଷରେ ୪-୦ରେ ବିଜୟ ହାସଲ ପରେ ରବି କୁମାର ବ୍ରୋଞ୍ଜ ପଦକ ପ୍ଲେ-ଅଫ୍ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଜାପାନର ୟୁକି ତାକାହାଶିଙ୍କ ବିପକ୍ଷରେ ଲଢିବେ। ସାତିୱାର୍ତ କାଡିଆନ ମଧ୍ୟ ୯୭କେଜି କାଟେଗୋରି ବ୍ରୋଞ୍ଜ ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ବଜରଙ୍ଗ ପୁନିଆ

# କ୍ରମାଗତ ତୃତୀୟ ବିଜୟ ଲକ୍ଷ୍ୟରେ ଆର୍‌ସିବି

**ବେଙ୍ଗାଲୁରୁ, ୨୩।୪(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ-୧୨)ରେ ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଧ୍ୟରେ ମ୍ୟାଚ ଏଠାରେ ଅନୁଷ୍ଠିତ ହେବ। ଖରାପ ଆରମ୍ଭ କରିଥିବା ଆରସିବି ଗତ ୨ଟି ମ୍ୟାଚରେ ବିଜୟୀ ହୋଇଥିବାରୁ ଏହି ଧାରା ବଜାୟ ରଖିବା ଆଶାରେ ରହିଛି। ମେମୋଣ୍ଟମ ଧରି ରଖି ବିଜୟରେ ହ୍ୟାଟ୍ରିକ କରିବା ଏହି ଦଳର ମୁଖ୍ୟ ଲକ୍ଷ୍ୟ।

ଆରସିବି ଓ ଚେନ୍ନାଇ ସୁପରକିଙ୍ଗ୍ସ ମ୍ୟାଚ ଅତ୍ୟନ୍ତ ରୋମାଞ୍ଚକ ହୋଇଥିଲା। ଶେଷରେ ୧ ରନରେ ବିଜୟୀ ହୋଇଥିଲା ବିରାଟ କୋହଲିଙ୍କ ଦଳ। ଶେଷ ଓଭରରେ ଧୋନୀ ଧମାକା ସତ୍ତ୍ୱେ ବିଜୟ ସମ୍ଭବ ହୋଇଥିବାରୁ ଆରସିବି ଖେଳାଳିଙ୍କ ମନୋବଳ ବଢ଼ିଛି। ଗତ ମ୍ୟାଚରେ କୋହଲି ଏବଂ ଏବି ଡିଭିଲର୍ସ କ୍ଲିକ୍ କରି ନ ଥିଲେ। ଏହି ବିଫଳତା ସେମାନଙ୍କୁ ଆଗାମୀ ମ୍ୟାଚରେ ବଡ଼ ସ୍କୋର କରିବାକୁ ନିଶ୍ଚିତ ପ୍ରେରୀତ କରିବ। କିଙ୍ଗ୍ସ ଇଲେଭେନ ବିପକ୍ଷ ପ୍ରଥମ ଚରଣ ମ୍ୟାଚରେ କୋହଲି ୬୭ ଓ ଡିଭିଲର୍ସ ଅପରାଜିତ ୫୯ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଏହା ଆଗାମୀ ମ୍ୟାଚରେ ସେମାନଙ୍କୁ ନିଶ୍ଚିତ ସହାୟତା କରିବ। କ୍ରମାଗତ ୬ ପରାଜୟ ପରେ ପଞ୍ଜାବ ବିପକ୍ଷରେ ହିଁ କୋହଲିଙ୍କ ଦଳ ବିଜୟ ସ୍ୱାଦ ଚାଖିଥିଲା। ତେବେ ଡେଲ୍ ଷ୍ଟେଇନ ଆସିବା ସତ୍ତ୍ୱେ ଦଳର ବୋଲିଂ ଚିନ୍ତାର କାରଣ ହୋଇଛି। ଡେଥ୍ ଓଭର ବୋଲିଂ ବିଫଳତା ଯୋଗୁ ଗତ ମ୍ୟାଚରେ ଧୋନୀ ଏକପ୍ରକାର ମ୍ୟାଚ ଛଡ଼ାଇନେଇଥିଲେ କହିଲେ ଭୁଲ ହେବନି। ବାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରି ୧୬୧ ରନ କରିଥିଲା। ଶେଷ ଓଭରର ୬ ବଲ୍‌ରୁ ୨୬ ରନ ଥିଲେ ହେଁ ଦଳର ସ୍ଥିତି ଅସମ୍ଭାଳ ହୋଇ ଯାଇଥିଲା। ଧୋନୀ ବିସ୍ଫୋରକ ବ୍ୟାଟିଂ କରିବାରୁ ଶେଷ ବଲ୍‌ରୁ ଚେନ୍ନାଇକୁ ମାତ୍ର ୨ ରନ ଆବଶ୍ୟକ ହେଉଥିଲା। ଉଇକେଟ କିପର ପାର୍ଥିବ ପଟେଲ ମ୍ୟାଚ ବଞ୍ଚାଇ ଦେଇଥିଲେ ଏବଂ ଶାର୍ଦ୍ଦୁଳ ଠାକୁରଙ୍କୁ ରନ ଆଉଟ କରିବାରୁ ଆରସିବି ପାଇଁ ୧ ରନର ବିଜୟ ସମ୍ଭବ ହୋଇଥିଲା। ୧୦ ଗେମ୍‌ରୁ କୋହଲିଙ୍କ ଦଳପାଇଁ ଏହାଥିଲା ମାତ୍ର ୩ୟ ବିଜୟ। ପଞ୍ଜାବ ୧୦ ମ୍ୟାଚରୁ ୫ମ ବିଜୟ ସହ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ମୋମେଣ୍ଟମକୁ ସାଥିକରି ଏହି ଦଳ ବିପକ୍ଷରେ ଆଉ ଏକ ବିଜୟ ଲକ୍ଷ୍ୟରେ ରହିଛି ଆରସିବି।

ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱାଧୀନ କିଙ୍ଗ୍ସ ଇଲେଭେନ ପ୍ରଦର୍ଶନରେ ମଧ୍ୟ ସ୍ଥିରତା ରହିନାହିଁ। ଫଳସ୍ୱରୂପ ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍, ଲୋକେଶ ରାହୁଲ ଓ ଡେଭିଡ ମିଲରଙ୍କ ଉପସ୍ଥିତି ସତ୍ତ୍ୱେ ଏହି ଦଳ ପ୍ଲେ-ଅଫ୍‌ରେ ନିଜର ସ୍ଥାନ ସୁରକ୍ଷିତ କରି ପାରିନାହିଁ। ତେବେ ଆଗାମୀ ମ୍ୟାଚରେ ଆରସିବିର ଦୁର୍ବଳ ବୋଲିଂରୁ ଫାଇଦା ନେବାକୁ ଏହି ଦଳ ଲକ୍ଷ୍ୟ ରଖିଛି। ପେସର ମହମ୍ମଦ ସାମି ଏବଂ ସ୍ପିନର ଅଶ୍ୱିନ ପଞ୍ଜାବ ପାଇଁ ଏପର୍ଯ୍ୟନ୍ତ ସଫଳ ବୋଲର ସାବ୍ୟସ୍ତ ହୋଇ ଆସିଛନ୍ତି। ଆଗାମୀ ମ୍ୟାଚରେ ମଧ୍ୟ ଦଳ ତାଙ୍କଠାରୁ ଏପରି ପ୍ରଦର୍ଶନ ଆଶା କରୁଛି। ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତ୍ ରାଜପୁତ, ସାମ୍ କୁରାନ, ହର୍ଡୁସ ଭିଲଜନ ଓ ଆଣ୍ଡ୍ର୍ୟୁ ଟାଇଙ୍କୁ ନେଇ ପଞ୍ଜାବର ବୋଲିଂ ବିଭାଗ ବେଶ୍ ସନ୍ତୁଳିତ। ତେବେ ପ୍ରଦର୍ଶନରେ ଅସ୍ଥିରତା ଦଳକୁ ଏପର୍ଯ୍ୟନ୍ତ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ପାରିନାହିଁ। ଚଳିତ ସିଜନରେ ଦଳ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୧୪ ରନରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ନିକଟରୁ ୨୮ ରନରେ ହାରି ଯାଇଥିଲା। ୩ୟ ଓ ୪ର୍ଥ ମ୍ୟାଚକୁ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଯଥାକ୍ରମେ ୮ ଉଇକେଟରେ ଏବଂ ୧୪ ରନରେ ଜିତିଥିଲେ ହେଁ ୫ମ ମ୍ୟାଚରେ ଚେନ୍ନାଇ ପକ୍ଷରୁ ୨୨ ରନରେ ହାରି ଯାଇଥିଲା। ପରେ ସନ୍ ରାଇଜର୍ସ ହାଇଦ୍ରାବାଦକୁ ୬ ଉଇକେଟରେ ହରାଇଥିବାବେଳେ ମୁମ୍ବାଇ ପାଖରୁ ୩ ଉଇକେଟରେ ଏବଂ ବାଙ୍ଗାଲୋରଠାରୁ ୮ ଉଇକେଟରେ ହାରି ଯାଇଥିଲା। ସେହିପରି ପରବର୍ତ୍ତୀ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୧୨ ରନରେ ହରାଇଥିଲେ ହେଁ ଦିଲ୍ଲୀ ନିକଟରୁ ୫ ଉଇକେଟରେ ହାରି ଆଗାମୀ ମ୍ୟାଚ ଖେଳିବାକୁ ଯାଉଛି।

ଅନ୍ୟପକ୍ଷରେ ଆରସିବି ପ୍ରତିପକ୍ଷ ଚେନ୍ନାଇ, ମୁମ୍ବାଇ, ହାଇଦ୍ରାବାଦ, ରାଜସ୍ଥାନ, କୋଲକାତା ଏବଂ ଦିଲ୍ଲୀଠାରୁ କ୍ରମାଗତ ୬ ମ୍ୟାଚରେ ପରାଜିତ ହେବାପରେ ପଞ୍ଜାବ ବିପକ୍ଷରେ ବିଜୟୀ ହୋଇ ନୂଆ ଜୀବନ ପାଇଥିଲା। ପରବର୍ତ୍ତୀ ମ୍ୟାଚରେ ମୁମ୍ବାଇଠାରୁ ୫ ଉଇକେଟରେ ହାରିଥିଲେ ହେଁ କ୍ରମାଗତ ୨ଟି ମ୍ୟାଚରେ କୋଲକାତାକୁ ୧୦ ରନରେ ଏବଂ ଚେନ୍ନାଇକୁ ୧ ରନରେ ହରାଇ ବିଜୟ ପଥରେ ରହିଛି।



ବିରାଟ କୋହଲି ଓ ରବିଚନ୍ଦ୍ରନ୍ ଅଶ୍ୱିନ।

## ମୁମ୍ବାଇ ଦଳରେ ନୂଆ ପେସର

**ମୁମ୍ବାଇ, ୨୩।୪ (ପି.ଟି.):** ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସ ବାମହାତୀ ପେସର ବେଉରାନ ହେଣ୍ଡ୍ରିକ୍ସଙ୍କ ସହ ଚୁକ୍ତି କରିଛି। ତାଙ୍କୁ ଆଲଜରି ଜୋଶେଫଙ୍କ ବଦଳ ଖେଳାଳି ଭାବେ ମୁମ୍ବାଇ ଦଳରେ ନିଆଯାଇଛି। ଜୋଶେଫ ଆହତ ସମସ୍ୟା ଯୋଗୁ ଚଳିତ ଆଇପିଏଲର ବଳକା ମ୍ୟାଚ୍‌ଗୁଡ଼ିକରୁ ବାଦ୍ ପଡ଼ିଛନ୍ତି। ହେଣ୍ଡ୍ରିକ୍ସ ୬୪ ଟି୨୦ ଖେଳି ୮୯ ଉଇକେଟ ନେଇଛନ୍ତି। ସେ ଅନ୍ତର୍ଜାତୀୟ ସ୍ତରରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ୨ ଦିନିକିଆ ଓ ୧୦ ଟି୨୦ ଖେଳିଛନ୍ତି।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଉମାକାନ୍ତ ଦାଶ**
ଆବିର୍ଭାବ: ୨୯।୦୭।୧୯୪୦
ତିରୋଧାନ: ୦୬।୦୪।୨୦୧୮
ଶାସ୍ତ୍ରୀ ନଗର, ଜନନା ହସପିଟାଲ ରୋଡ଼, ବ୍ରହ୍ମପୁର, ଗଞ୍ଜାମ
ଆମ ଆଧ୍ୟାତ୍ମିକ ଓଡ଼ିଆ ସାହିତ୍ୟର ଲେଖକ, Academy of Technocrats College (BAM). Hi-tech (Jaipure)ର ପ୍ରତିଷ୍ଠାତା
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଭଗବତ ପ୍ରେମ, ପରୋପକାରିତା, ଆଦର୍ଶ, ସ୍ୱାଭିମାନ, ସରଳ ଓ ନିଷ୍କପଟ ଜୀବନଶୈଳୀ, ହସ ହସ ମୁଖମଣ୍ଡଳ ଆମ ପାଇଁ ସର୍ବଦା ଉତ୍ସହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ: ପୁଅ-ଦୀପକ, ବୋହୂ- ଅମିତା, ଝିଅ- ଦୀପା, ରୂପା, ଜ୍ୱାଇଁ- ରାମ, ଦ୍ୱାରିକା, ନାତିନାତୁଣୀ ଓ ପରିବାରବର୍ଗ । ଧ-୪୯୨୯୩

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ସାବିତ୍ରୀ ସାହୁ**
ଆବିର୍ଭାବ: ୧୮।୦୮।୧୯୫୩
ତିରୋଧାନ: ୨୪।୦୪।୨୦୧୪
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା। କାଲିପରି ଲାଗୁଛି, ସବୁକିଛି ଅଛି ତୁମେ ନାହଁ। ବହୁତ ଶୂନ୍ୟତା ତଥାପି ତୁମର ସ୍ମୃତିକୁ ପାଥେୟ କରି ଆଗେଇ ଚାଲିଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗ ସଦ୍‌ଭାବନା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣାରବିନ୍ଦରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ବିନମ୍ର ପ୍ରାର୍ଥନା କରୁଛୁ।
ହତଭାଗ୍ୟ: ଝୁନ୍‌ମୁନ୍, ରାୟେନ୍, ଲିଜୁଲ, ସଙ୍ଗୀତା, ରିପୁଲ, ଲିଟୁନା ଓ ପରିବାରବର୍ଗ।
ଧ-୬୧୯୧୫

## ପୂର୍ବ ତଟ ରେଳପଥ
### ଇଞ୍ଜିନିୟରିଂ କାର୍ଯ୍ୟ

ଫାଇଲ ନଂ.DRM/Engg/KUR/19-20/E-tender/03, ତା.18.04.2019ରିଖ

**1. ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-06-2019, ତା.15.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ପର୍ଜନପୁର ଷ୍ଟେସନ ଠାରେ ଗୁଡ୍‌ସ ପ୍ଲାଟଫର୍ମ ଠାରୁ ପଳାସପଙ୍ଗ ରୋଡ୍ ପର୍ଯ୍ୟନ୍ତ ସଂଯୋଗ କରୁଥିବା ସିମେଣ୍ଟ କଂକ୍ରିଟ ପ୍ରବେଶ ପଥର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 88.30 ଲକ୍ଷ, EMD (ଟଙ୍କାରେ) : 1,76,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

**2. ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-07-2019, ତା.15.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ ଷ୍ଟେସନ ଠାରେ ପ୍ଲାଟଫର୍ମ ନଂ.1 ରେ 10 bay ପ୍ଲାଟଫର୍ମ ସେଲ୍ଟର ର ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ) : 123.79 ଲକ୍ଷ, EMD (ଟଙ୍କାରେ) : 2,11,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ ।

**3. ଟେଣ୍ଡର ବିଜ୍ଞପ୍ତି ସଂ.e-Tender CENT-KUR-08-2019, ତା.15.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ନିର୍ମାଣ) ପରିସୀମା ଅଧୀନରେ 2 ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀଙ୍କ ଅନୁଯାୟୀ ରେଳବାଇ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ 01 ଟନ୍ ଏବଂ 10 ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍‌ର ପ୍ରସ୍ତାବିତ ପ୍ଲେସ୍‌ମେଣ୍ଟ (Placement) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 71.93 ଲକ୍ଷ, EMD (ଟଙ୍କାରେ) : 1,43,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 (ଚବିଶି) ମାସ ।

**4. ଟେଣ୍ଡର ବିଜ୍ଞପ୍ତି ସଂ.e-Tender HQ-KUR-09-2019, ତା.15.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ୟାର୍ଡ୍ ଠାରେ ବାଲାଷ୍ଟ ସାଇଡ଼ିଂର ପ୍ରସ୍ତାବିତ ରୂପାନ୍ତରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 60.89 ଲକ୍ଷ, EMD (ଟଙ୍କାରେ) : 1,21,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

**5. ଟେଣ୍ଡର ବିଜ୍ଞପ୍ତି ସଂ.e-Tender ESTATE-KUR-11-2019, ତା.15.04.2019ରିଖ**
ବିବରଣୀ : ସହାୟକ ମଣ୍ଡଳ ଯନ୍ତ୍ରୀ / ସେଟେଲମେଣ୍ଟ / ମୁଖ୍ୟାଳୟ / ଭୁବନେଶ୍ୱର ଅଧୀନରେ ରେଳ କୁଞ୍ଜ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ ଡୁପ୍ଲେକ୍ସ-1 ଠାରୁ 12 ୟୁନିଟ୍ ପର୍ଯ୍ୟନ୍ତ ଏବଂ ରେଳ ହାଉସ୍ (Rail House)ର ଚଟାଣ, ଶୌଚାଳୟ, ସାନିଟାରୀ ଫିଟିଙ୍ଗ୍ ଏବଂ ଛାତ ଇତ୍ୟାଦିର ମରାମତି ଭଳି ବିବିଧ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 92.75 ଲକ୍ଷ, EMD (ଟଙ୍କାରେ) : 1,85,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

**6. ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-13-2019, ତା.16.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ ଷ୍ଟେସନ ଠାରେ 04 ଗୋଟି ଲିଫ୍ଟ ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 78.17 ଲକ୍ଷ, EMD (ଟଙ୍କାରେ) : 1,56,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ ।

**7. ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-15-2019, ତା.16.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ପାରାଦ୍ୱୀପ ସେକ୍ସନରେ ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ପାରାପେଟ୍ ୱାଲ, ଯାଞ୍ଚ ସିଡ଼ି (Inspection Steps), ବ୍ରିଜ୍ ଟାବଲେଟ୍, ପୋଲ ପ୍ରବେଶ ପଥ ସେସ୍ (Cess)ର ପ୍ରଶସ୍ତୀକରଣ, ରେନ୍‌ଫୋର୍ସମେଣ୍ଟ ଏକ୍ସପୋଜ୍ଡ (Reinforcement exposed) ସ୍ଥାନର ଦେଖାଶୁଣା, ଷ୍ଟୋନ୍ ପିଚିଙ୍ଗ୍, ସେଣ୍ଟ୍ରାଲ ଡ୍ରେନ୍ ଇତ୍ୟାଦିଗୁଡ଼ିକର ମରାମତି ତଥା ଛୋଟ ପୋଲ/ବଡ଼ ପୋଲ ଏବଂ ଏହାର ପ୍ରବେଶ ପଥଗୁଡ଼ିକର ବିବିଧ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 169.10 ଲକ୍ଷ, EMD (ଟଙ୍କାରେ) : 2,34,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 12 (ବାର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.05.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)
ଖୋର୍ଦ୍ଧା ରୋଡ୍
PR-47/K/19-20

### ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ: ପୋଲିସ ସୁରକ୍ଷା କଡ଼ାକଡ଼ି

# ଦାୟିତ୍ୱରେ ରହିବେ ୬ ପ୍ଲାଟୁନ୍ ଫୋର୍ସ

ରଘୁନାଥପୁର, ୨୩।୪ ଡି.ଏନ.ଏ.)

ଆସନ୍ତା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ୩ଟି ବ୍ଲକରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ରଘୁନାଥପୁର ଥାନାରେ ଏକ ସାକ୍ଷାତକାରରେ ଏସ୍‌ଡିପିଓ ଡି.ଆର. ଜେନା ଏ ସମ୍ପର୍କରେ କହିଛନ୍ତି। ଅବାଧ ଓ ନିରପେକ୍ଷ ମତଦାନ ପାଇଁ ରଘୁନାଥପୁର ଅଞ୍ଚଳର ରେଙ୍ଗୁଆ, ବିରିଡି ବ୍ଲକ ଅନ୍ତର୍ଗତ ପୁରଣ ବଜାର, ବାଲିଆ ଷ୍ଟୋର ଏବଂ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ଶଙ୍ଖେଶ୍ୱର, କନକପୁର ସହରହାଟ ଓ ଜଗନ୍ନାଥପୁରଠାରେ ମୋଟ ୬ ପ୍ଲାଟୁନ୍ ଫୋର୍ସ ନିୟୋଜିତ ରହିବେ। କୌଣସି ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ତତ୍‌କ୍ଷଣାତ ଏହି ଫୋର୍ସ ଖୁବ୍ କମ୍ ସମୟ ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚିବେ। ସେହିପରି ରଘୁନାଥପୁର ଥାନା ଅଞ୍ଚଳରେ ୪ଟି ପୋଲିସ ମୋବାଇଲ ଟିମ୍ ଏବଂ ଜଗତ୍‌ସିଂହପୁର ଥାନା ଅଧୀନରେ ଥିବା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କେତେଗୋଟି ବୁଥ୍ ପାଇଁ ଗୋଟିଏ ମୋବାଇଲ ଟିମ୍ ସମସ୍ତ ବୁଥ୍ ଉପରେ ତୀକ୍ଷ୍ଣ ନଜର ରଖିବେ। ରଘୁନାଥପୁର ଥାନା ଅଞ୍ଚଳର ୩୦୯ ଜଣଙ୍କୁ ୧୦୭ ଦଫା ଏବଂ ୭ ଜଣଙ୍କୁ ୧୧୦ ଦଫା ରୁଜୁ କରାଯାଇଛି। ସେହିପରି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ୧୨ ଗୋଟି ଅବକାରୀ କେସ୍ ଏବଂ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ପ୍ରାୟ ୭୦ ଲିଟର ମଦ ଜବତ କରାଯାଇଥିବା ଆଇଆଇସି ବବିତା ଦଳାଇ କହିଛନ୍ତି। ଏହାଛଡା ୨୮ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସ୍ୱତନ୍ତ୍ର ଭାବେ ଆଇଆଇସିଙ୍କ ମୋବାଇଲ ଟିମ୍ ଏବଂ ସ୍ପେଶାଲ ବାଇକ୍ ମୋବାଇଲର ବ୍ୟବସ୍ଥା ହୋଇଥିବା ସମ୍ପର୍କରେ ଏସ୍‌ଡିପିଓ ଜେନା ସୂଚନା ଦେଇଛନ୍ତି।















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ କାମ କରି ଚାଲିଥାଏ, ସୁଯୋଗ ତା' ପାଖକୁ ଶୀଘ୍ର ହେଉ ବା ବିଳମ୍ବରେ ହେଉ ନିଶ୍ଚୟ ଆସେ।
- ଚକ୍ରବର୍ତ୍ତୀ ରାଜଗୋପାଳଚାରୀ



କେବଳ କଥାରେ ହୁଏ ନାହିଁ ଦେଶ ନିର୍ମାଣ

୫ ବର୍ଷରେ ବିଜେପି ଲୋକଙ୍କ ବିଶ୍ୱାସ ହରେଇଛି । ବିମୁଦ୍ରାକରଣ କଲେ ।
ଗରିବ ଆହୁରି ଗରିବ ହେଲା । ଜିଏସ୍‌ଟି କଲେ । ଯୁବକ ରୋଜଗାର ହରାଇଲେ ।
ଚାଷୀ ପାଇଁ କିଛି କଲେ ନାହିଁ । ଗରିବ,ଚାଷୀ, ମହିଳା, ଯୁବକ, ଏସ୍ ଟି ଏସ୍ ସି ଓ
ସାଧାରଣ ଲୋକ ସମସ୍ତେ ହତାଶ । ସେଥିପାଇଁ ବିଜେପି ସବୁ ନିର୍ବାଚନରେ ହାରୁଛି ।

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ।
ବିଜୁ ଜନତା ଦଳ

## ■ କୋରେଇରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

# 'କେନ୍ଦ୍ର ସରକାର ପାଇଁ ଅଟକିଛି କାଳିଆ ଯୋଜନା'

**କୋରେଇ/ଯାଜପୁରରୋଡ, ୨୩।୪(ସ୍ୱ.ପ୍ର./ନି.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କୋରେଇ ଗସ୍ତରେ ଆସି ପାଣିକୋଇଲିସ୍ଥିତ କଲେଜ ପଡ଼ିଆଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେଇଛନ୍ତି। ଏହି ସଭାରେ ସ୍ଥାନୀୟ ବିଧାୟକ ଆକାଶ ଦାସ ନାୟକ ଅନୁପସ୍ଥିତ ଥିବାବେଳେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିବା ସହ କାଳିଆ ଯୋଜନାକୁ ଦୋହରାଇଥିଲେ। କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଉପକୃତ ହୋଇଥିବାବେଳେ ଭାଜପା ସରକାର ପାଇଁ ଏହି ଯୋଜନା ଅଟକିଛି। ସେ ଥିଲା ପର୍ଯ୍ୟନ୍ତ କାଳିଆକୁ କେହି ବନ୍ଦ କରିପାରିବେ ନାହିଁ ବୋଲି କହିଥିଲେ। ଏହି ଯୋଜନାରେ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିବାବେଳେ ବିରୋଧୀମାନେ ଦ୍ୱିତୀୟ କିସ୍ତି ବନ୍ଦ କରି ରଖିଛନ୍ତି। କେନ୍ଦ୍ରୀୟ ନେତା ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଫାଇଲିନ ବେଳେ କେନ୍ଦ୍ରୀୟ ନେତାଙ୍କ ଦେଖା ନ ଥିବାବେଳେ ନିର୍ବାଚନ ସମୟରେ ଆସି ସଭା କରୁଛନ୍ତି। ଓଡ଼ିଶାବାସୀ ବିଜେଡି ସହ ଥିଲେ ଓ ଅଛନ୍ତି। ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଅର୍ଥ ଦେଉନାହାନ୍ତି। ବିମୁଦ୍ରୀକରଣ, ଜିଏସଟି ପ୍ରସଙ୍ଗ ଉଠାଇ ମୋଦି ସରକାରଙ୍କ ଉପରେ ନବୀନ ବର୍ଷିଥିଲେ। ରାଜ୍ୟରେ ବିଜେଡି ସରକାର ୧୯ ବର୍ଷ ମଧ୍ୟରେ ବିଭିନ୍ନ ଜନକଲ୍ୟାଣ ଯୋଜନା କରିଥିବା କହି ନିଜର ସଫଳତା ବଖାଣିଥିଲେ। ବିରୋଧୀ ତାଙ୍କ ସରକାରଙ୍କ ବିରୋଧରେ ବିଭିନ୍ନ ମିଥ୍ୟା କଥା ପ୍ରଚାର କରୁଛନ୍ତି ଓ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ କେବଳ ଭୋଟ ହାତେଇବାକୁ ପ୍ରୟାସ କରୁଛନ୍ତି। ବିଧାୟକ ପ୍ରାର୍ଥୀ ଅଶୋକ ବଳ ଓ ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ବିଧାୟକ ପ୍ରାର୍ଥୀ ବଳ ଅଭିଭାଷଣ ଦେଇ କହିଲେ, ସେ ଜିତିଲେ କୋରେଇର ବିକାଶ ହେବ। ଲୋକ ସଭା ପ୍ରାର୍ଥିନୀ ସେଠୀ ଦିଲ୍ଲୀ ଦରବାରରେ ଯାଜପୁର ଓ ଓଡ଼ିଶାର ଦାବି ଉପସ୍ଥାପନ କରିବେ ବୋଲି ଅଭିଭାଷଣରେ କହିଥିଲେ। ଅପରପକ୍ଷରେ ସଭାରେ ବବିଙ୍କ ସମର୍ଥକ ଥିବାବେଳେ ଆକାଶଙ୍କ ସମର୍ଥକ ନିରାଶ ହୋଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ କଂଗ୍ରେସର ବାବୁଲାଲ ଗୁରୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ୱାଇଦ ଖାଁ, ଚନ୍ଦ୍ରମଣି ବେହେରା ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ୟାସନଗର ପୌରାଧ୍ୟକ୍ଷା ସବିତା ରାଉତ, ପୂର୍ବତନ ଉପନଗରପାଳ ସୁବାସ ବଳ, ପ୍ରତାପ ମହାନ୍ତ, ନରେଶ ମହାନ୍ତି, ଜିଲା ପରିଷଦ ସଭ୍ୟା ମାତାଜି ଆଏଚ, ଭକ୍ତ ସ୍ୱାଇଁ, ଧରଣୀ ଘଡାଇ, ପ୍ରତାପ ମହାନ୍ତି, ସୁରେଖା ସେଠୀ, ତାରକ ମାହାନ୍ତି, ମମତା ସାହୁ, ରୁନୁ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।



ନିର୍ବାଚନୀ ସଭାରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳୀୟ କର୍ମୀ ।

## ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଚିରକୁଟ ପ୍ରଦାନ

**ଧର୍ମଶାଳା,୨୩।୪(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ପାଇଁ ଭାରତ ନିର୍ବାଚନ ଆୟୋଗ ପକ୍ଷରୁ ପ୍ରଥମଥର ମତଦାନ ପାଇଁ ଚିରକୁଟ ପ୍ରଦାନ କରାଯାଇଛି। ବୁଥ୍ କେନ୍ଦ୍ରର ଶିକ୍ଷକ ଏବଂ ପୂର୍ବରୁ ଭୋଟର ତାଲିକା ସଂଶୋଧନ କରିଥିବା ଶିକ୍ଷକ ଘରଘର ବୁଲି ଚିରୁକୁଟି ପ୍ରଦାନ କରୁଛନ୍ତି। ଏହି ଚିରକୁଟରେ ଭୋଟ ଗ୍ରହଣ କେନ୍ଦ୍ରର ନାମ, ଭାଗସଂଖ୍ୟା, ଭୋଟ ଗ୍ରହଣ ତାରିଖ, ସମୟ, ଜିଲା ନିର୍ବାଚନ ଅଧିକାରୀଙ୍କ ଫୋନ୍ ନମ୍ବର, ସିଇଓଙ୍କ ୱେବସାଇଟ ଓ କଲ ସେଣ୍ଟର ନମ୍ବର ପ୍ରଭୃତି ଉଲ୍ଲେଖ ରହିଛି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ଭୋଟରଙ୍କୁ ଚିରକୁଟ ଦିଆଯାଉଥିବାରୁ ମତଦାତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

## ଭାଜପାର ମିଶ୍ରଣ ପର୍ବ

**ସିଂହପୁର,୨୩।୪(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତର କେତେଜଣ କର୍ମୀ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ବିଧାୟକ ପ୍ରାର୍ଥୀ ବବିତା ମଲିକଙ୍କ ଉପସ୍ଥିତିରେ ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ଥାଟୋଇ, ଗିରିଶଚନ୍ଦ୍ର ସାମଲ, ସୁବଳ ବିଶ୍ୱାଳ, ଅଭୟ ଆରୁଖ, ନିତ୍ୟାନନ୍ଦ ପାଗଳ, ଶଙ୍କର୍ଷଣ ଘଡାଇ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଜ୍ଞାନରଞ୍ଜନ ଜେନା, ରବୀନ୍ଦ୍ର ବେହେରା, କସ୍ତୁରି ଖଣ୍ଡୁଆଳ, ଲକ୍ଷ୍ମୀଧର ଦାସ ନେତୃତ୍ୱ ନେଇଥିଲେ।

# ପରୀକ୍ଷା ଘୁଞ୍ଚାଇବା ଦାବିରେ ରାସ୍ତାରୋକୋ



ଛାତ୍ରୀଛାତ୍ରମାନେ ରାସ୍ତା ଅବରୋଧ କରିଛନ୍ତି।

**ଧର୍ମଶାଳା,୨୩।୪(ଡି.ଏନ୍.ଏ.)**

ଚଳିତ ବର୍ଷ +୩ ୪ର୍ଥ ବାର୍ଷିକ ସେମିଷ୍ଟର ପରୀକ୍ଷା ତାରିଖ ଘୁଞ୍ଚାଇବାକୁ ନେଇ ମଙ୍ଗଳବାର ଧର୍ମଶାଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଦାବି କରିଛନ୍ତି। ଏ ନେଇ ଛାତ୍ରୀଛାତ୍ରମାନେ ଧର୍ମଶାଳା-କବାଟବନ୍ଧ ରାସ୍ତା ଅବରୋଧ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତ ସୃଷ୍ଟି ହୋଇଥିଲା। ଥାନା ଅଧିକାରୀ ସରୋଜ କୁମାର ସାହୁ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ରାସ୍ତା ଅବରୋଧ ହଟାଇଥିଲେ। ଗତ ଜାନୁୟାରୀରେ ତୃତୀୟ ସେମିଷ୍ଟାର ପରୀକ୍ଷା ହୋଇଥିବାବେଳେ ଅଧ୍ୟାପକମାନେ ଖାତା ଦେଖା ପାଇଁ ବ୍ୟସ୍ତ ଥିବାରୁ ପାଠପଢା ହୋଇପାରି ନାହିଁ। ଅପରପକ୍ଷେ ନିର୍ବାଚନ ଯୋଗୁ ଅଧ୍ୟାପକ ବ୍ୟସ୍ତ ରହୁଛନ୍ତି। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରମାନେ କିଭଳି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି। ପୂର୍ବରୁ ୬ମାସରେ ଥରେ ସେମିଷ୍ଟର ପରୀକ୍ଷା ହେଉଥିବା ବେଳେ ଏବେ ୨ମାସରେ ଥରେ ପରୀକ୍ଷା କରିବା ପାଇଁ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତିକୁ ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ତେଣୁ ପରୀକ୍ଷା ଘୁଞ୍ଚାଇବା ସହ ବାକିଥିବା ପାଠ୍ୟକ୍ରମ ପଢାଯାଇ ଗ୍ରୀଷ୍ମ ଛୁଟି ପରେ ପରୀକ୍ଷା କରାଯିବା ନେଇ ଛାତ୍ରନେତା ସୁଧାଂଶୁ ମଲିକ, ବ୍ରଜରାଜ ତରାଇ, ଅମର ଭଞ୍ଜ, ଜ୍ୟୋତିରଞ୍ଜନ ଦାସ, ମନୀଷା ଦାସ, ଜବାରାଣୀ ନାୟକ, ମୋନାଲିସା ରାୟ ପ୍ରମୁଖ ଦାବି କରିଥିଲେ। ଏ ନେଇ ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ଦାବି ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି ବୋଲି କହିଛନ୍ତି।

ମଳକଣ୍ଟକ
ରେ ପୀଡ଼ା, ଜ୍ୱାଳା, ରକ୍ତକ୍ଷରଣ, କୁଣ୍ଡିଆ, ଏନାଲ ଫିଶର୍ସ କିମ୍ବା ଭଗନ୍ଦର ହୋଇପାରେ।
ଶିରାର ଫୁଲାକୁ କମ୍ କରିବା, ରକ୍ତକ୍ଷରଣକୁ ବନ୍ଦ କରିବା, ପାଚନକ୍ରିୟାକୁ ସୁଧାରିବା, ଲିଭର୍‌କୁ ସ୍ୱାଭାବିକ ରଖିବା ଏବଂ ପେଟ ସଫା କରିବାରେ ଫଳପ୍ରଦ।
JOLLY Vaseir Anti Piles Capsules
ଅସ୍ତ୍ରୋପଚାରରୁ ବର୍ତ୍ତନ୍ତୁ, ଆପଣାନ୍ତୁ ଉପଯୁକ୍ତ ଓ ଆୟୁର୍ବେଦିକ ଚିକିତ୍ସା।
JOLLY
ବାସିର
ଜେଲ୍ ଓ କ୍ୟାପ୍‌ସୁଲ୍
ପ୍ରତ୍ୟେକ ମେଡିକାଲ୍ ଷ୍ଟୋର୍‌ରେ ଉପଲବ୍ଧ। ☎ 0161-520-1588

## ■ ଭାଜପାର ବିଜୟ ସଙ୍କଳ୍ପ ମହାସଭା

# 'ପରିବର୍ତ୍ତନ ସ୍ରୋତରେ ରାଜ୍ୟବାସୀ ସାମିଲ ହୋଇଛନ୍ତି'

**ଜେନାପୁର,୨୩।୪(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧଠାରେ ମଙ୍ଗଳବାର ଭାଜପା ପକ୍ଷରୁ ଏକ ବିଜୟ ସଙ୍କଳ୍ପ ମହାସଭା ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ଭାଜପା ପ୍ରାର୍ଥୀ ରମେଶ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ପରିବର୍ତ୍ତନ ସ୍ରୋତରେ ରାଜ୍ୟବାସୀ ସାମିଲ ହୋଇଛନ୍ତି। ୧୯ ବର୍ଷର ବିଜେଡି ସରକାର ଓଡ଼ିଶାବାସୀଙ୍କୁ ଅସହାୟ କରିଛନ୍ତି। ଏପରି କି ଜିଲାରେ ଡଙ୍କାରୀ ଖଣି ଖାଦାନ ଲୁଟ୍ ବଢିଥିବାବେଳେ ଚାଷ ଜମିକୁ ପାଣି, ବିଦ୍ୟାଳୟରେ ଶିକ୍ଷକ ଅଭାବ, ମେଡିକାଲରେ ଡାକ୍ତର ଅଭାବ ଦେଖାଦେଇଛି ବୋଲି ଧର୍ମେନ୍ଦ୍ର କହିଥିଲେ। ଏଥିସହ ବିଧାୟକ ପ୍ରାର୍ଥୀ ରମେଶ କୁମାର ପରିଡ଼ା ଓ ଏମ୍‌ପି ପ୍ରାର୍ଥୀ ଅମୀୟ କାନ୍ତ ମଲିକଙ୍କୁ ବିପୁଳ ଭାବେ ଭୋଟ ଦେଇ ଜିତାଇବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଯୁବମୋର୍ଚ୍ଚା ଆଲୋକ ଚନ୍ଦ୍ର ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସୁରେନ୍ଦ୍ର ପ୍ରଧାନ, ୩୪ ନମ୍ବର ଜୋନ୍ ପ୍ରଭାରୀ ରଘୁନାଥ ବେହେରା, ଧର୍ମଶାଳା ମହିଳା ମୋର୍ଚ୍ଚା ସଭାପତି ମୋନାଲିସା ଦାସ, ଜିଲା ଭାଜପ ସାଧାରଣ ସମ୍ପାଦକ ସର୍ବେଶ୍ୱର ବେଉରା, ଗଗନ ବିହାରି ଦାସ, ଆଶିଷ ବଳ, ନୃସିଂହ ଚରଣ ମିଶ୍ର, ଲିଙ୍ଗୁନ୍ ମହାନ୍ତି, ସରୋଜ ପରିଡା, ଚୈତନ୍ୟ ସାମଲ, ବିଜୟ ନାୟକ , ଧବଳେଶ୍ୱର ପ୍ରଧାନ, ରଞ୍ଜନ ବଳ, କରମହୋନ ପଣ୍ଡା, ସର୍ବେଶ୍ୱର ବେଉରା ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତି ଥିଲେ।



ଭାଜପା ବିଜୟ ସଂକଳ୍ପ ମହାସଭାରେ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ।

CAREER IN PACKAGING
भारतीय पैंकेजिंग संस्थान
Indian Institute of Packaging
An autonomous body under the Ministry of Commerce & Industry, Govt. of India
ANNOUNCES ADMISSION FOR TWO-YEAR FULL TIME POST GRADUATE DIPLOMA IN PACKAGING AT MUMBAI, DELHI, KOLKATA & HYDERABAD
**Eligibility :** B.Sc (12+3) with Physics, Chemistry, Mathematics, Microbiology or B.Tech. / B.E in Chemical, Mechanical, Electrical, Electronics, Civil, Bio Chemical / Bio Technology, Agriculture, Food Science, Polymer Science, B. Pharma, Plastics, Printing with minimum Second Class. **Students awaiting result may also apply.**
**Admission :** Through Entrance Examination at Mumbai, Kolkata, Chennai, Delhi and Hyderabad on **13th June 2019.**
**Last date for receiving filled applications : 7th June 2019**
**Hostel :** Separate Hostel accommodation for Boys and Girls at Mumbai only. **Age Limit:** 30 Years for General Category, 33 Years for OBC and 35 Year for SC/ST as on **31/05/2019.**
**Prospects :**
Excellent opportunity for placement in Food, Pharma, FMCG including MNCs and other Companies in India and Overseas. Over 3000 Alumni are working in Industries in India and Abroad. Application forms and Prospectus can be obtained on payment of **Rs.500/-**
100% Placement Assistance
For more information VISIT our Website : www.iip-in.com
For details, please contact:
INDIAN INSTITUTE OF PACKAGING, KOLKATA CENTRE
Block CP-10,Sector-V, Salt Lake City, Bidhan Nagar, Kolkata-700091
Phone: 033-2367 6016 / 0763, Phone/Fax: 033-2367 9561
Bidhan Das , Dy Director & Br. Head: 8017219939 (9am - 6pm)
Email- iipkolkata@iip-in.com ; iipcal@cal.vsnl.net.in

ବୈବାହିକ ସୁଖ ଓ ସୁଖଦ କ୍ଷଣଗୁଡ଼ିକର ଆନନ୍ଦ ନିଅନ୍ତୁ
ଜୋଶ୍, ଶକ୍ତି ଓ ସ୍ଫୂର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍® କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ ।
ଏକ୍ସଟ୍ରା ଟାଇମିଂ ପାଇଁ
TRADE ENQUIRY : 08657520093
ନୂଆ ବିଶ୍ୱାସ ଭରପୂର ଶକ୍ତି ଏବଂ ମଜାଦାର ବୈବାହିକ ଜୀବନ ପାଇଁ ଇନ୍ଦ୍ରିୟ ଖରାପ ହେବା, ଶୀଘ୍ରପତନ ଦୂର କରିବା, ମନ ଚାହୁଁଥିବା ସମୟ ପ୍ରାପ୍ତ କରିବା, ଉଦ୍ଦୀପନାକୁ ପୁନଃ ଜାଗ୍ରତ କରାଇବା, ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ସେବନ କରନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
www.playwincapsule.com
only Effect No Side Effect
Play Win Capsule
Play Win Oil
Only for Men
A Quality Product by Rajnish Wellness Limited A BSE Listed Company
ମୋତେ ଡାଇବେଟିସ୍ ଅଛି, ମୁଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ବ୍ୟବହାର କରିପାରିବି – ପ୍ଲେ-ୱିନ୍ କ୍ୟାପ୍‌ସୁଲ ୧୦୦% ଆୟୁର୍ବେଦିକ ଦୁର୍ଲଭ ଚେରମୂଳୀରୁ ପ୍ରସ୍ତୁତ, ଏଥିପାଇଁ ଏହାକୁ କେହି ବି ବ୍ୟବହାର କରିପାରିବେ। ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ ।
ତେଲ | କ୍ୟାପ୍‌ସୁଲ୍
SS : Mahendra Pharma / ODD
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ କୋର୍ଟ ଚାଲାଣ

**ବିଞ୍ଝାରପୁର,୨୩।୪(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ କଲ୍ୟାଣପୁର ଗ୍ରାମ ପଞ୍ଚାୟତର ମନୁଆ ମଲ୍ଲିକ (୧୮) ପ୍ରକାଶ ଯେ, ବିଞ୍ଝାରପୁର ଅଞ୍ଚଳର ଉକ୍ତ ନାବାଳିକା ଜଣଙ୍କ ରବିବାର ମଧ୍ୟାହ୍ନରେ ଗାଧୁଆଘରେ ଗାଧୋଉଥିଲେ। ଏହି ସମୟରେ ମନୁଆ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ନାବାଳିକା ଜଣଙ୍କ ପାଟି କରି ଘର ଲୋକଙ୍କୁ ଡାକିବାରୁ ମନୁଆ ଦୌଡି ପଳାଇଥିଲେ। ଏ ନେଇ ନାବାଳିକାଙ୍କ ମା' ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୮୪/୧୯) ରୁଜୁ କରି ମନୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶିବଚରଣ ବେହେରା ସୂଚନା ଦେଇଛନ୍ତି।

**Format C-2**

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Legislative Assembly Election 2019 PHASE-IV**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | SUDHAKAR MALIK | Aul | Aul Police Station FIR No. 271/2016 JMFC AUL GR 528/2016 (Pending) | Section 147 148 341 323 307 302 379 427 149 Of IPC (The accused person Sudhakar Malik along with others restrained one Radha Shyam Biswal and assaulted him by means of Lathi and deadly weapons and for which he died | N.A | N.A |



ଯେଉଁମାନେ ଭଗବାନ ବିଶ୍ୱାସୀ ସେମାନେ ପ୍ରକୃତ ଜ୍ଞାନ ହାସଲ ପାଇଁ ବ୍ୟାକୁଳ ହୋଇଉଠନ୍ତି। -ହ୍ୱାର୍ଲସ



## ସଂକ୍ଷେପରେ

### ଭାଜପା ପକ୍ଷରୁ ରୋଡ ଶୋ, କାର୍ଯ୍ୟାଳୟ ଉଦ୍‌ଘାଟିତ

ରସୁଲପୁର,୨୩।୪(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡ ପଞ୍ଚାୟତରେ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ମଙ୍ଗଳବାର ରୋଡ ଶୋ କରିଛନ୍ତି। ସେ ଏକ ବାଇକ୍ ଶୋଭାଯାତ୍ରାରେ ୧୬ନଂ ଜାତୀୟ ରାଜପଥଠାରୁ ପଞ୍ଚାୟତର ପ୍ରଥମାଖଣ୍ଡି, ଗୋପାଳପୁରର ତଳ ସାହି, ମଝି ସାହି, ହିଙ୍ଗୁଳା ସାହି, ପାଲମଣ୍ଡପ ସାହି ଆଦି ପରିକ୍ରମା କରି ଗୋପାଳପୁର ବଜାର ନିକଟରେ ପହଞ୍ଚି ନୂତନ ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କର୍ମୀମାନଙ୍କୁ ଭୋଟ ଗ୍ରହଣକୁ ୫ଦିନ ବାକି ରହିଥିବାରୁ ନିର୍ବାଚନ ପ୍ରସ୍ତୁତି ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଚଳିତ ମାସ ୨୫ ତାରିଖରେ ବରୀ ବ୍ଲକ ଅନ୍ତର୍ଗତ ଶଙ୍ଖାରିଗଡ଼ାଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହେବ। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ୨୬ତାରିଖରେ ବ୍ରହ୍ମବରଦାଠାରେ ଅନ୍ୟ ଏକ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ସଭାରେ ବହୁ ସଂଖ୍ୟାରେ କର୍ମୀ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିବାକୁ ଅନୁରୋଧ କରିଥିଲେ। ସରପଞ୍ଚ ଚିନ୍ତାମଣୀ ସୁର, ଭାଜପା ନେତା ମୁକୁନ୍ଦଦେବ ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ଏହିପରି ମଲ୍ଲିକ ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତରେ ଏକ ଶୋଭାଯାତ୍ରାରେ ଯୋଗଦେଇ ଥିଲେ।

### କଂଗ୍ରେସ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

ରତ୍ନଗିରି,୨୩।୪(ଡି.ଏନ.ଏ.): ବରୀ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଉମେଶ ଜେନା ମଙ୍ଗଳବାର ବାଇକ୍ ଶୋଭାଯାତ୍ରାରେ ବାହାରି ପ୍ରଚାର କରିଛନ୍ତି। ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ପହଞ୍ଚି ଶୋଭାଯାତ୍ରାରେ ସାମିଲ ହୋଇ ପ୍ରଚାରକୁ ଜୋରଦାର କରିଥିବା ଦେଖିବାକୁ ମିଳିଛି। ପୂର୍ବତନ ଏମ୍‌ପି ମାଝି ରତ୍ନଗିରିଠାରେ ପହଞ୍ଚିବା ପରେ କଂଗ୍ରେସ ପ୍ରାର୍ଥୀ ଜେନାଙ୍କ ସମେତ ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ଉମେଶଙ୍କ ନେତୃତ୍ୱରେ ରତ୍ନଗିରିଠାରୁ ବାଇକ ଶୋଭାଯାତ୍ରା ବାହାରି ଅମଠପୁର, ମହାକାଳପଡା, ଗମ୍ଭୁ, ଶେରପୁର, ମନ୍ଦାରୀ, ଚନ୍ଦନପୁର, ସାହୁପଡା ପଞ୍ଚାୟତ ଦେଇ ଶେଷରେ ମାଟିଆପଡା ଗ୍ରାମରେ ପହଞ୍ଚିଥିଲେ। କଂଗ୍ରେସ ପ୍ରାର୍ଥୀ ଜେନାଙ୍କୁ ନିର୍ବାଚନରେ ବିଜୟୀ କରାଇବା ପାଇଁ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା। ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ସମେତ ତିରୁପତି ପାଣିଗ୍ରାହୀ, କଂଗ୍ରେସ ପ୍ରାର୍ଥୀ ଉମେଶ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଶୈଳେନ୍ଦ୍ର ବେଉରିଆ, ଚନ୍ଦ୍ର ଶେଖର ମହାନ୍ତି, ଇନ୍ଦ୍ରମଣି ପରିଡା, ବାଦଲ ମହାପାତ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ବନ୍ଦ ଚିନି, ଝୋଟ କଳ ପ୍ରସଙ୍ଗକୁ ଭୁଲିଗଲେ ପ୍ରାର୍ଥୀ

ଯାଜପୁର ଜିଲ୍ଲା



■କୃଷିଭିତ୍ତିକ ସମବାୟ ଶିଳ୍ପ ଅଲୋଡ଼ା
■ପ୍ରଭାବିତ କରିପାରେ ଚାଷୀ ଭୋଟ

ଯାଜପୁର ଅଫିସ,୨୩।୪

ଖଣିଜ ସମ୍ପଦ ଭିତ୍ତିକ ଶିଳ୍ପାୟନରେ ଅଧିକ ଲାଭ ରହିଛି। ଏଥିରେ ରାଜ୍ୟ ସରକାର ଲାଭାନ୍ୱିତ ହେବା ସହିତ ସମ୍ପୃକ୍ତ ଲୋକପ୍ରତିନିଧି ମଧ୍ୟ କୋଟିପତି ହେଉଛନ୍ତି। ତେଣୁ ଖଣିଜ ଭିତ୍ତିକ ଶିଳ୍ପାୟନକୁ ବିକାଶର ଏକମାତ୍ର ଆଧାର ଭାବେ ଗ୍ରହଣ କରି ସରକାର କୃଷି ଭିତ୍ତିକ ସମବାୟ ଶିଳ୍ପକୁ ଅଲୋଡ଼ା କରିଚାଲିଛନ୍ତି। ଏକଦା ଯାଜପୁର ଜିଲାର ବରୀ ବ୍ଲକ କୃଷ୍ଣନଗରଠାରେ ପ୍ରତିଷ୍ଠା ହୋଇଥିବା ଚିନିକଳ ଓ ବଡ଼ଚଣା ବ୍ଲକର ଧାନମଣ୍ଡଳଠାରେ ପ୍ରତିଷ୍ଠା ହୋଇଥିବା ଝୋଟକଳ ବନ୍ଦ ହେବା ଏହାର ଜ୍ୱଳନ୍ତ ଉଦାହରଣ। ସ୍ଥାନୀୟ ରାଜନେତାଙ୍କ ମଧ୍ୟରେ ଆନ୍ତରିକତାର ଅଭାବ ଏବଂ ସରକାରଙ୍କ ଅଦୂରଦର୍ଶିତା ଯୋଗୁ ଏହି କୃଷି ଭିତ୍ତିକ ସମବାୟ ଶିଳ୍ପ ବନ୍ଦ ପଡି ରହିଥିବା କୁହାଯାଉଛି। ବିଶେଷକରି ବଡ଼ଚଳିତ ନିର୍ବାଚନରେ କୌଣସି ରାଜନୈତିକ ଦଳର ପ୍ରାର୍ଥୀ ବନ୍ଦ ପଡ଼ିଥିବା ଚିନିକଳ ଓ ଝୋଟକଳକୁ ଖୋଲିବାକୁ ପ୍ରତିଶ୍ରୁତି କିମ୍ବା ନିର୍ବାଚନୀ ପ୍ରସଙ୍ଗ ନ କରିବା ଚାଷୀଙ୍କ ଭାବନାକୁ କୁଠାରଘାତ କରିଛି। ଆସନ୍ତା ନିର୍ବାଚନରେ ଏହି ପ୍ରସଙ୍ଗ ଚାଷୀ ଭୋଟକୁ ପ୍ରଭାବିତ କରିପାରେ ବୋଲି ଆଲୋଚନା ହେଉଛି।

ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଆଳରେ ବିଭିନ୍ନ ଘରୋଇ କମ୍ପାନୀ ଓ ଶିଳ୍ପ ସଂସ୍ଥାକୁ କଳିଙ୍ଗନଗରରେ ବିପୁଳ ପରିମାଣର ଭୂଖଣ୍ଡ ସୁବିଧା ଦେଇ ସରକାର ସେମାନଙ୍କୁ ଅଧିଶ୍ୱର କରାଇଛନ୍ତି। ଅଥଚ ବରୀ ବିଧାନସଭା କ୍ଷେତ୍ର ଅର୍ନ୍ତଗତ କୃଷ୍ଣନଗର ଚିନିକଳ ଓ ବଡ଼ଚଣା ବିଧାନସଭା କ୍ଷେତ୍ର ଧାନମଣ୍ଡଳସ୍ଥିତ ଝୋଟକଳ ଦୀର୍ଘଦିନ ହେଲା ବନ୍ଦ ପଡିଥିବା ଘଟଣାରୁ କୃଷି ଭିତ୍ତିକ ସମବାୟ ଶିଳ୍ପକୁ ସରକାର କିଭଳି ଭାବରେ ଅନାଗ୍ରହ କରୁଛନ୍ତି ତାହା ଜଳଜଳ ହୋଇ ଦିଶୁଛି। ୧୯୭୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥିଙ୍କ ସମୟରେ ବଡ଼ଚଣା ବ୍ଲକ ଧାନମଣ୍ଡଳଠାରେ କୋଣାର୍କ ଝୋଟକଳର ଶୁଭ ଦିଆଯାଇଥିଲା। ସେତେବେଳେ ବଡ଼ଚଣା ବିଧାୟକ ଥିଲେ ଦୁଃଶାସନ ଜେନା। ୧୯୭୯ରେ ମାନଗୋବିନ୍ଦ ସାମଲ ବିଧାୟକ ଥିବା ସମୟରେ ରାଜ୍ୟ ସରକାର ୮ କୋଟି ଟଙ୍କା ବ୍ୟୟ କରି ଏହାକୁ କାର୍ଯ୍ୟକ୍ଷମ କରାଇଥିଲେ। ଦୈନିକ ୪୦ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି ଝୋଟକଳରେ ୨୨୫୦ ନିୟମିତ କର୍ମଚାରୀ ଓ ୮୫୦ ଜଣ ଠିକା ଶ୍ରମିକ ନିୟୋଜିତ ହୋଇଥିଲେ। ଯାଜପୁର, ଜଗତସିଂପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଭଦ୍ରକ ଆଦି ଜିଲାର ପ୍ରାୟ ୩ ଲକ୍ଷ କୃଷକ ଏଥିରେ ଉପକୃତ ହେଉଥିଲେ। ହେଲେ ସରକାରଙ୍କ ଆନ୍ତରିକତାର ଅଭାବ, ବ୍ୟାପକ ଅନିୟମିତତା, ଅଯଥା ରାଜନୈତିକ ହସ୍ତକ୍ଷେପ ଆଦି ଯୋଗୁ ଝୋଟକଳକୁ ୨୦୧୨ରେ ଘରୋଇକରଣ କରାଯାଇଥିଲା। ୩୪କୋଟି ଟଙ୍କାରେ ଏହା ବିକ୍ରି ହୋଇଥିଲା। ଏହାପରେ ନିୟମିତ କର୍ମଚାରୀଙ୍କୁ ଜୋର ଜବରଦସ୍ତ ସ୍ୱେଚ୍ଛାକୃତ ଅବସର ନେବାକୁ କୁହାଯାଇଥିଲା। କାର୍ଯ୍ୟରତ ଠିକା ଶ୍ରମିକଙ୍କୁ କାର୍ଯ୍ୟରୁ ଅନ୍ତର କରି ଦିଆଯାଇଥିଲା। ଏହାପରେ ୨୦୧୪ରେ ଝୋଟକଳରେ ତାଲା ପଡ଼ିଥିଲା। ସେତେବେଳେ ବିଧାୟକ ଅମରପ୍ରସାଦ ଶତପଥି ମଧ୍ୟ ଝୋଟକଳକୁ ବଞ୍ଚାଇବାକୁ କୌଣସି ଆଗ୍ରହ ପ୍ରକାଶ କରି ନ ଥିଲେ। ଏଥିଯୋଗୁ କାହାରି କିଛି କ୍ଷତି ହୋଇ ନ ଥିଲେ ହେଁ ଚାଷୀକୂଳ ଗଭୀର ଭାବରେ ପ୍ରଭାବିତ ହୋଇଛନ୍ତି। ଏଥିରୁ ରାଜ୍ୟ ସରକାରଙ୍କ କୃଷି ପ୍ରୀତି ବାସ୍ତବରେ କେତେ ତାହା ଜଳଜଳ ହୋଇ ଦିଶୁଛି। ସେହିପରି ୧୯୭୫ରେ ଓଡିଶାର ପୂର୍ବତନ ଶିଳ୍ପମନ୍ତ୍ରୀ କାହ୍ନୁଚରଣ ଲେଙ୍କା ବରି ବ୍ଲକ କୃଷ୍ଣନଗରଠାରେ ଏକ ଚିନିକଳ ଉଦ୍‌ଘାଟନ କରିଥିଲେ। ବରୀ ବ୍ଲକର ଗମ୍ଭୁ, କୃଷ୍ଣନଗର, ସେରପୁର, ପାଣିକଣା, ବେଞ୍ଚାରାପୁର, ମାଟିଆପଡା, ହଳଦୀବସନ୍ତ, ବାଲିଆ ଆଦି ଅଞ୍ଚଳର ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଆଖୁ ଚାଷୀ ଏହି ଚିନିକଳ ଉପରେ ନିର୍ଭର କରୁଥିଲେ। ଅଥଚ ଏହା ୨୧।୧୧।୧୯୮୮ ତାରିଖରୁ ବନ୍ଦ ରହିଛି। ଏହାର ପୁନଃରୁଦ୍ଧାର ପାଇଁ କାହାରି ଆନ୍ତରିକତା ଦେଖିବାକୁ ମିଳୁ ନାହିଁ। ବରୀ ବ୍ଲକ ଅଞ୍ଚଳରେ ପ୍ରାୟ ୫ହଜାର ହେକ୍ଟର ଜମିରେ ଆଖୁଚାଷ ହେଉଛି। ବିଡମ୍ବନା ଯେ, ଯାଜପୁର ସାଂସଦ ଆସନ ପାଇଁ ୮ ଜଣ ଏବଂ ବରୀ ଓ ବଡ଼ଚଣା ବିଧାନସଭା କ୍ଷେତ୍ରରେ ୭ଜଣ ଲେଖାଏ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ହେଲେ କୌଣସି ଦଳ ବା ପ୍ରାର୍ଥୀ ତାଙ୍କ ନିର୍ବାଚନୀ ଇସ୍ତାହାରରେ ବନ୍ଦ ପଡିଥିବା ଚିନି ଓ ଝୋଟକଳ ସମ୍ପର୍କରେ କୌଣସି ପ୍ରସ୍ତାବ ରଖିନାହାନ୍ତି। ଯାହାକି କୃଷିକୁ ପ୍ରାର୍ଥୀମାନେ ଉପେକ୍ଷା କରୁଥିବା ଏକ ପ୍ରକାର ସ୍ପଷ୍ଟ ଜଣାପଡୁଛି। ଫଳରେ କୃଷି ଓ କୃଷକଙ୍କ ପାଇଁ ଦିଆଯାଉଥିବା ଅନ୍ୟସବୁ ପ୍ରତିଶ୍ରୁତିଗୁଡିକର କାର୍ଯ୍ୟକାରିତା ଉପରେ ଚାଷୀ ବିଶ୍ୱାସ କରି ପାରୁନାହାନ୍ତି। ବରୀ ଅଞ୍ଚଳର ଆଖୁଚାଷୀ ଫକିରଚରଣ ସିଂ ଓ ବସନ୍ତ ପରିଡା କୁହନ୍ତି ଇତିମଧ୍ୟରେ ଆଖୁଚାଷ ବୃଦ୍ଧି ଘଟିଛି। କିନ୍ତୁ ଏଠାରେ ଚିନିକଳ ବନ୍ଦ ପଡ଼ିଥିବାରୁ ଚାଷୀ ଉପକୃତ ହୋଇ ପାରୁ ନାହାନ୍ତି। ପରିବହନ ଖର୍ଚ୍ଚ ଯୋଗୁ ଚାଷୀ କ୍ଷତି ସହୁଛନ୍ତି। କୌଣସି ରାଜନୈତିକ ଦଳ ଏଥିପ୍ରତି ଚିନ୍ତା ନ କରିବା ଦୁର୍ଭାଗ୍ୟଜନକ। ସରକାର ଏ ଦିଗରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି।

## ବିଞ୍ଝାରପୁର ଥାନାରୁ ଅଭିଯୁକ୍ତ ଚମ୍ପଟ

### ବଳାତ୍କାର ଉଦ୍ୟମ କରି ଗିରଫ ହୋଇଥିଲେ

ବିଞ୍ଝାରପୁର,୨୩।୪(ଡି.ଏନ.ଏ)

ବିଞ୍ଝାରପୁର ଥାନାରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ଫେରାର ଅଭିଯୁକ୍ତ ଜଣକ ହେଉଛନ୍ତି ଫତେପୁର ପଞ୍ଚାୟତ ବଂଶିପୁର ଗ୍ରାମର ଅକ୍ଷୟ ଜେନା(୨୨)। ରବିବାର ଅପରାହ୍ନରେ ସିଂହପୁର ଅଞ୍ଚଳର ଜନୈକା ଯୁବତୀଙ୍କୁ ଏକୁଟିଆ ପାଇ ଅକ୍ଷୟ ବଳାତ୍କାର ଉଦ୍ୟମ କରିଥିଲେ। ମାତ୍ର ଯୁବତୀ ଜଣକ ଚିତ୍କାର କରିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ପୀଡିତା ଯୁବତୀଙ୍କ ପିତା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଞ୍ଝାରପୁର ପୋଲିସ ଏକ ମାମଲା (ନଂ.୮୫/୨୦୧୯)ରୁଜୁ କରି ଅଭିଯୁକ୍ତ ଅକ୍ଷୟଙ୍କୁ ସୋମବାର ବିଳମ୍ବିତ ରାତିରେ ଗିରଫ କରିଥିଲା। ମଙ୍ଗଳବାର ତାଙ୍କୁ ପୋଲିସ ଥାନାରେ ପଚରାଉଚରା କରିଥିଲା। ତେବେ ସନ୍ଧ୍ୟାରେ ପୋଲିସ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ସୁଯୋଗ ଦେଖି ଅକ୍ଷୟ ହାଜତରୁ ଫେରାର ହୋଇଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇପାରି ନାହିଁ। ଏସମ୍ପର୍କରେ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରାଙ୍କୁ ପଚାରିବାରେ ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଛି ବୋଲି କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଅଭିଯୁକ୍ତ ଅକ୍ଷୟଙ୍କୁ ପୋଲିସ ସୋମବାର ରାତିରେ ଗିରଫ କରିଥିବାବେଳେ ମଙ୍ଗଳବାର କୋର୍ଟ ଚାଲାଣ କରିବା କଥା। ମାତ୍ର କ'ଣ ପାଇଁ କୋର୍ଟ ଚାଲାଣ କରି ନ ଥିଲା ତାହା ଏବେ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ଅଭିଯୁକ୍ତ ଥାନା ହାଜତରୁ ଚମ୍ପଟ ମାରିବା ପରେ ବିଞ୍ଝାରପୁର ପୋଲିସ ଏବେ ହରଡଘଣାରେ ପଡିଯାଇଛି। ଅପରପକ୍ଷରେ ଫେରାର୍ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ଲୋକ ଥାନା ଘେରାଉ କରିଥିବା ଜଣାପଡିଛି।

## ବିଜୟ ସଂକଳ୍ପ ସମାବେଶରେ ଗର୍ଜିଲେ ଧର୍ମେନ୍ଦ୍ର

ଯାଜପୁର ଟାଉନ,୨୩।୪(ଡି.ଏନ୍.ଏ.)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

ଟାର୍ଗେଟରେ ନବୀନ, ବବି

ଯାଜପୁର ନିର୍ବାଚନମଣ୍ଡଳୀ ବରୁହାଁ ଦଶହରା ପଡ଼ିଆରେ ମଙ୍ଗଳବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଯାଜପୁର ଭାଜପା ଜିଲା ସଭାପତି ତଥା ବିଧାନସଭା ପ୍ରାର୍ଥୀ ଗୌତମ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ନବୀନ ପଟ୍ଟନାୟକ ଓ ବିଜେଡି ପ୍ରାର୍ଥୀ ବବି ଦାସଙ୍କ ବିରୋଧରେ ବିଷୋଦଗାର କରିଥିଲେ। ଯାଜପୁର ନିର୍ବାଚନମଣ୍ଡଳୀ ପାଇଁ ଚଳିତ ନିର୍ବାଚନରେ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ଗୁମାସ୍ତାଙ୍କ ଗୁମାସ୍ତାକୁ ବିଜେଡି ପ୍ରାର୍ଥୀ କରିଛି। ଯେ କି ବିଜେଡି ପାଇଁ ଅର୍ଥ ଆଦାୟ କରିବା ସହ କେନ୍ଦ୍ର ପ୍ରଦାନ କରୁଥିବା ପ୍ରତି ଶୌଚାଳୟରୁ ୨ହଜାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ୨୦ରୁ ୩୦ହଜାର ଓ ଅନ୍ୟାନ୍ୟ ଯୋଜନାରୁ ପିସି ଆଦାୟକରି ଦଳୀୟ ପାଣ୍ଠିକୁ ସୁଦୃଢ କରୁଛନ୍ତି ବୋଲି ପ୍ରଧାନ ଭାଷଣରେ କହିଥିଲେ। ରାଜ୍ୟରେ ପରିବର୍ତ୍ତନ ଓ ମୋଦିଙ୍କ ନାମ ଶୁଣିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିହିଁକି ଉଠୁଛନ୍ତି। ଭୋଟରମାନେ ଆଗାମୀ ଦିନରେ ଭୋଟରେ ଏହାର ଜବାବ ଦେବେ ବୋଲି କହିଥିଲେ। ରାଜ୍ୟରେ ଭାଜପା ସରକାର ଆସିଲେ ଚିଟ୍‌ଫଣ୍ଡ, ବ୍ଲାକରୋଜ, ପିସିରୁ ଅର୍ଥ ଖାଇଥିବା ଦୁର୍ନୀତିଗ୍ରସ୍ତ ନେତାଙ୍କୁ ୩ମାସ ମଧ୍ୟରେ ଜେଲକୁ ପଠାଯିବ ବୋଲି କହିଥିଲେ। ମୋଦି ସରକାର ଯାଜପୁର ଜିଲା ପାଇଁ ୩ଟି ବୃହତ ପ୍ରକଳ୍ପ ହାତକୁ ନେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯାଜପୁରରରେ ମେଡିକାଲ କଲେଜର ପ୍ରତିଷ୍ଠା, ଚଣ୍ଡିଖୋଲରେ ୬ହଜାର କୋଟି ବ୍ୟୟରେ ତୈଳ ବିଶୋଧନାଗାର, ଯାଜପୁର ଜିଲାକୁ ପାଇପ ଯୋଗେ ଗ୍ୟାସ ଯୋଗାଇବା ଆଦି ପ୍ରକଳ୍ପ ଗୁଡିକୁ ତ୍ୱରାନିତ କରିଥିବାବେଳେ ଅପରପକ୍ଷରେ ବିଜେଡିର ନେତାମାନେ ଡଙ୍କାରୀ ପାହାଡ଼କୁ ଲୁଟ କରିବା ସହ ଖଣି, ଡାଲି, ବାଲିକୁ ଲୁଟ କରି କୋଟିପତି ହେଉଛନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ। ସମାବେଶରେ ବିଧାନସଭା ପ୍ରାର୍ଥୀ ରାୟ ନିଜ ଅଭିଭାଷଣରେ ଭାଜପା କର୍ମୀଙ୍କୁ ବେଶ୍ ଉତ୍ସାହ ପ୍ରଦାନ କରିବା ସହ ସମସ୍ତ କର୍ମୀଙ୍କୁ ସହଯୋଗର ହାତ ବଢ଼ାଇବାକୁ ନିବେଦନ କରିଥିଲେ। ଚଳିତ ନିର୍ବାଚନ ଏକ ସ୍ୱତନ୍ତ୍ର ନିର୍ବାଚନ ହେଉଛି। ଦେଶର ଏକତା , ଅଖଣ୍ଡତା, ସୁରକ୍ଷା ଓ ଏକ ବିକଶିତ ଭାରତବର୍ଷ ଗଠନ କରିବା ପାଇଁ ନରେନ୍ଦ୍ର ମୋଦି ସଂକଳ୍ପ ବଦ୍ଧ ବୋଲି ରାୟ କହିଥିଲେ। ଏହି ସଭାରେ ଭାଜପାର ଲୋକ ସଭା ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକ ରାଜ୍ୟ ସରକାରଙ୍କୁ ବଦଳାଇବା ସହିତ କେନ୍ଦ୍ରରେ ପୁଣିଥରେ ଭାଜପାକୁ କ୍ଷମତାସୀନ କରିବା ପାଇଁ ନିବେଦନ କରିଥିଲେ। ଏହି ସମାବେଶରେ ଜିଲା ଭାଜପା ପ୍ରଭାରୀ ପ୍ରତାପ କୁମାର ମିଶ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ସରୋଜ ସାହୁ, ବରିଷ୍ଠ ଭାଜପା ନେତା ଆଦିତ୍ୟ ନାରାୟଣ ସିଂ, ଭାସ୍କର ଜେନା, କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ଦିପ୍ତିରେଖା ମିଶ୍ର, ସୁଦିପ୍ତ ପଣ୍ଡା, ସତ୍ୟଜିତ ସ୍ୱାଇଁ, ଦଶରଥପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଜିତାମିତ୍ର ଦାସ, ସୁରଜଲାଲ ସାମଲ, ଆଞ୍ଜେନେୟ ରାୟ, ସରୋଜ ବିଶ୍ୱାଳ, ସୌମ୍ୟ ଧଳ ପ୍ରମୁଖ ବହୁ କର୍ମୀ ଯୋଗ ଦେଇଥିଲେ।

## କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ

# ନିର୍ବାଚନ ପରିଚାଳନା କମିଟିକୁ ନେଇ ଅସନ୍ତୋଷ

ଯାଜପୁରରୋଡ,୨୩।୪(ନି.ପ୍ର.)

ନିର୍ବାଚନ ପରିଚାଳନା କମିଟି ଉପରେ କୋରେଇ ବିଜେଡି ନିର୍ଭର କରିଛି। ଏଥିପାଇଁ ବ୍ୟାସନଗର ପୌରାଞ୍ଚଳ, କୋରେଇ ବ୍ଲକ ଓ ରସୁଲପୁର ବ୍ଲକ ପାଇଁ ୩ ଟି ନିର୍ବାଚନ ପରିଚାଳନା ଗଠିତ ହୋଇଛି। କମିଟିରେ ଥିବା ସଦସ୍ୟଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ଭୋଟ କିଣିବାକୁ ପରାମର୍ଶ ଦିଆଯାଇଛି। ବରିଷ୍ଠ ବିଜେଡି କର୍ମୀ ମହଲରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଜେଡି ପ୍ରାର୍ଥୀ ଅଶୋକ ବଳ କାଁଭାଁ ଲୋକଙ୍କ ପାଖକୁ ଯାଉଥିବାବେଳେ ନିର୍ଦ୍ଦିଷ୍ଟ କର୍ମୀଙ୍କୁ ନେଇ ବଡ଼ବଡ଼ ହୋଟେଲରେ ବୈଠକ କରୁଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ଗ୍ରାମାଞ୍ଚଳରେ ରହୁଥିବା ସାଧାରଣ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପାଇଁ ନିକଟରେ ବିଭିନ୍ନ ଗ୍ରାମରେ ହଟ୍ଟଗୋଳ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଯାହାକୁ ନେଇ କୋରେଇ ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରେମୀ ହତାଶ ହୋଇ ପଡିଥିବାବେଳେ ବିରୋଧୀ ଭାଜପା ଓ କଂଗ୍ରେସ ଫାଇଦା ଗୋଟାଇବାରେ ଲାଗିପଡିଛନ୍ତି। ନିର୍ବାଚନକୁ ଆଉ ମାତ୍ର ୬ ଦିନ ବାକି ଥିବାବେଳେ ଏହାକୁ ନେଇ ସମୀକରଣ ଓଲଟପାଲଟ ହୋଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ତେଣୁ କୋରେଇ ବିଜେଡିକୁ ନବୀନ ଭରସା ବୋଲି କେତେକ କହି ବୁଲୁଛନ୍ତି। ଏହିକ୍ରମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଣିକୋଇଲିରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ ହେଁ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ପୂର୍ବଭଳି ସେତେଟା ଆଗ୍ରହ ପରିଲକ୍ଷିତ ହୋଇ ନ ଥିବା ଦେଖିବାକୁ ମିଳିଥିଲା।

କୋରେଇ ବିଜେଡିରେ ପ୍ରାର୍ଥୀ ପରିବର୍ତ୍ତନ ହେବା ପରେ ସବୁଠି ବିଦ୍ରୋହ ଦେଖା ଦେଇଛି। ବିଧାୟକ ଆକାଶ ଦାସନାୟକ ଓ ତାଙ୍କର ଅଧିକାଂଶ ଆଗଧାଡିର କର୍ମୀ ଏକ ପ୍ରକାର ନିରବୀ ଯାଇଛନ୍ତି। ବିଜେଡିରେ ଅଶୋକ ବଳ ପ୍ରାର୍ଥୀ ହେବା ପରେ ବିଜେଡି ୩ ଫାଳ ହୋଇଯାଇଥିଲା। ଅସନ୍ତୁଷ୍ଟ କର୍ମୀଙ୍କୁ ମନାଇବାକୁ ଅଶୋକଙ୍କୁ ନାକେଦମ ହେବାକୁ ପଡିଥିଲା। ପ୍ରଚୁର ଅର୍ଥ ବିଭିନ୍ନ ଉପହାର ବଳରେ କେତେକ ଆଗଧାଡିର କର୍ମୀ ଅଶୋକଙ୍କ ସହିତ ମିଶି ଯାଇଥିଲେ। ପରବର୍ତ୍ତି ସମୟରେ ସେହି ଆଗଧାଡିର କେତେକ କର୍ମୀମାନଙ୍କୁ ନେଇ ୩ଟି ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ବ୍ୟାସନଗର, କୋରେଇ ଓ ରସୁଲପୁର ବ୍ଲକ ଅଞ୍ଚଳର ଆଗଧାଡିର କର୍ମୀ ରହିଛନ୍ତି। ଏହି ପରିଚାଳନା କମିଟି ଗଠନକୁ ଅଧିକାଂଶ ବିଜେଡ଼ି ବରିଷ୍ଠ କର୍ମୀ ବିରୋଧ କରୁଛନ୍ତି। ଯାହାକୁ ନେଇ ପ୍ରଚାର ସମୟରେ ହଟ୍ଟଗୋଳ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଏଯାଏ ବିଜେଡିର କୌଣସି ହେଭିୱେଟ ନେତା ଏହି ନିର୍ବାଚନ ମଣ୍ଡଳୀକୁ ପ୍ରଚାର ପାଇଁ ଆସିନାହାନ୍ତି। ବିଜେଡି ପ୍ରାର୍ଥୀ ଯେଉଁ ନେତାମାନଙ୍କୁ ଗୁରୁତ୍ୱ ଦେଉଛନ୍ତି ସେହିମାନେ ବିଜେଡ଼ିକୁ ଜିତାଇବେ ବୋଲି କର୍ମୀମାନେ ଖୋଲାଖୋଲି ଭାବରେ କହୁଛନ୍ତି। କିନ୍ତୁ ଫଳ ଓଲଟା ହେବାର ସମ୍ଭାବନା ରହିଛିବୋଲିମତପ୍ରକାଶ ପାଉଛି।

## ଭିନ୍ନକ୍ଷମ ଭୋଟରଙ୍କୁ ମତଦାନ ପାଇଁ ଅନୁରୋଧ କଲେ ଜିଲାପାଳ

ଯାଜପୁର ଟାଉନ,୨୩।୪(ଡି.ଏନ୍.ଏ.)

ରାଜ୍ୟରେ ଆସନ୍ତା ୨୯ ତାରିଖ ୪ର୍ଥ ପର୍ଯ୍ୟାୟ ଭୋଟ ଅନୁଷ୍ଠିତ ହେବ। ତେଣୁ ଯାଜପୁର ଜିଲାର ସମସ୍ତ ଭିନ୍ନକ୍ଷମ ଓ ସାଧାରଣ ମତଦାତା ନିଶ୍ଚିତ ଭୋଟଦାନ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି। ଭିନ୍ନକ୍ଷମମାନେ ପୂର୍ବରୁ ଭୋଟ ଦେବାପାଇଁ ବୁଥ୍‌କୁ ଗଲେ ସେମାନେ ଧାଡ଼ିରେ ଠିଆ ହୋଇ କଷ୍ଟ ଭୋଗୁଥିଲେ। ତେଣୁ ଭୋଟ ଦେବାକୁ ଅଧିକାଂଶ ଆଗ୍ରହ ପ୍ରକାଶ କରୁ ନ ଥିଲେ। ମାତ୍ର ଚଳିତ ବର୍ଷ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ଏକାଧିକ ବ୍ୟବସ୍ଥା ହୋଇଥିବାରୁ ସେମାନଙ୍କ ମତଦାନ ହାର ଏଥର ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଜିଲାରେ ୨୪,୧୯୫ ଦିବ୍ୟାଙ୍ଗ ଭୋଟର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୩,୨୦୫ ଜଣ ଦୃଷ୍ଟିହୀନ , ୩,୪୭୭ ଶ୍ରବଣ ବାଧିତ, ୮,୭୪୦ ଜଣ ଅସ୍ଥିଶଲ୍ୟ ଜନିତ ଭିନ୍ନକ୍ଷମ ରହିଥିବାବେଳେ ୮,୭୭୩ ଜଣ ଅନ୍ୟାନ୍ୟ ଭିନ୍ନକ୍ଷମ ଭୋଟର ଅଛନ୍ତି। ଚଳିତ ବର୍ଷ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ଗାଡ଼ିର ବ୍ୟବସ୍ଥା କରି ଭିନ୍ନକ୍ଷମ ଭୋଟରଙ୍କୁ ଘରୁ ନେବା ଆଣିବା କରିବା, ବୁଥଗୁଡ଼ିକରେ ହ୍ୱିଲ ଚେୟାର ରଖିବା, ର୍‍ୟାମ୍ପ ବ୍ୟବସ୍ଥା କରିବା, ଦୁଇ ଜଣ ଲେଖାଏ ସାହାଯ୍ୟକାରୀ ନିୟୋଜିତ ହେବା, ଭିନ୍ନକ୍ଷମ ଭୋଟରମାନେ ଯଥାଶୀଘ୍ର ମତଦାନ କରିବାର ବ୍ୟବସ୍ଥା କରାଯାଇଛି। ଭିନ୍ନକ୍ଷମଙ୍କ ପାଇଁ ଅଧିକ ବ୍ୟବସ୍ଥା କରାଯାଇଥିବାରୁ ଏଥର ମତଦାନ ବୃଦ୍ଧି ପାଇବ ବୋଲି ଜିଲା ଦିବ୍ୟାଙ୍ଗ କମିଟି ସଭାପତି ମଣ୍ଟୁ ଦାସ କହିଛନ୍ତି।

## ବଡ଼ଚଣା, ମାହାଙ୍ଗାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ

ଚଣ୍ଡିଖୋଲ,୨୩।୪(ଡି.ଏନ.ଏ.)

ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳୀପୁରଠାରେ ପହଞ୍ଚିବା ପରେ ନଳୀପୁର ସମେତ ପତରାଜପୁର ଓ ବାଲିଚନ୍ଦ୍ରପୁର ପଞ୍ଚାୟତରେ ରୋଡ ଶୋ କରି ମାହାଙ୍ଗା ଅଭିମୁଖେ ଯାଇଥିଲେ। ବଡ଼ଚଣା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅମର ପ୍ରସାଦ ଶତପଥୀ, ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନାଙ୍କ ସହ ଏମ୍‌ପି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ବିଧାୟକ ଅମର ଶତପଥୀ, ମାହାଙ୍ଗାର ପ୍ରତାପ ଜେନା ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଉଭୟ ବଡ଼ଚଣା ଓ ମାହାଙ୍ଗାର ହଜାର ହଜାର ବିଜେଡ଼ି କର୍ମୀ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କୁ ନଳୀପୁରଠାରୁ ବାଲିଚନ୍ଦ୍ରପୁର ବଜାର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ସମୟରେ ବଡ଼ଚଣା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଭାଜପା ଲୋକଙ୍କ ବିଶ୍ୱାସ ହରାଇଛି: ମୁଖ୍ୟମନ୍ତ୍ରୀ

ଡୁବୁରୀ/କଳିଙ୍ଗନଗର, ୨୩।୪(ଡି.ଏନ୍.ଏ.)




ଡୁବୁରୀ କପିଳେଶ୍ୱର ମନ୍ଦିର ପଡ଼ିଆରେ ଆୟୋଜିତ ଜନସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଛନ୍ତି।

ରାଜ୍ୟରେ ଜଣେ ହେଲେ ଚାଷୀଙ୍କୁ କାଳିଆ ଯୋଜନାରୁ ବଞ୍ଚିତ ହେବାକୁ ଦେବି ନାହିଁ। ସରକାର ଆସିବାର ପ୍ରଥମ ଦିନରେ ହିଁ ବାକିଥିବା ସମସ୍ତ ଚାଷୀଙ୍କୁ କାଳିଆ ଯୋଜନା ଅର୍ଥ ପ୍ରଦାନ କରାଯିବ। ମଙ୍ଗଳବାର ସୁକିନ୍ଦା ନିର୍ବାଚନମଣ୍ଡଳୀର ଡୁବୁରୀ କପିଳେଶ୍ୱର ମନ୍ଦିର ପଡ଼ିଆରେ ଆୟୋଜିତ ଏକ ଜନସଭାରେ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କହିଛନ୍ତି। ଏଥିସହ ଯାଜପୁର ଏମ୍‌ପି ପ୍ରାର୍ଥୀ ଶ୍ରମିଷ୍ଠା ସେଠୀ ଓ ସୁକିନ୍ଦା ବିଧାୟକ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡାଇଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଭାମଞ୍ଚରେ ପହଞ୍ଚିବା ପରେ କାଳିଆ ଯୋଜନାରୁ ତାଙ୍କ ଅଭିଭାଷଣ ଆରମ୍ଭ କରି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟର ୨୪ ଲକ୍ଷ ଚାଷୀ କାଳିଆ ଯୋଜନାରେ ଉପକୃତ ହୋଇଥିବାବେଳେ କେନ୍ଦ୍ର ସରକାର ଏହାକୁ ବନ୍ଦ କରିବା ପାଇଁ ହୀନ ଉଦ୍ୟମ କରୁଛନ୍ତି। ୨୦୧୪ ନିର୍ବାଚନରେ ଭାଜପା ସରକାର ବହୁ ପ୍ରତିଶ୍ରୁତି ଦେଇ କେନ୍ଦ୍ରରେ କ୍ଷମତାକୁ ଆସିଥିଲେ। ହେଲେ କୌଣସି ପ୍ରତିଶ୍ରୁତି ପାଳନ କଲେ ନାହିଁ। ଜିଏସ୍‌ଟି ଦ୍ୱାରା କ୍ଷୁଦ୍ର ବ୍ୟବସାୟୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଚାଷୀଙ୍କ ପାଇଁ କୌଣସି ଲାଭ ଦାୟକ ଯୋଜନା କରି ନାହାଁନ୍ତି। ଫଳ ସ୍ୱରୂପ ୫ ବର୍ଷ ଶାସନ କାଳରେ ଭାଜପା ଲୋକଙ୍କ ବିଶ୍ୱାସ ହରାଇଛି। ବାତ୍ୟା, ହୁଦହୁଦ୍ ଓ ଫାଇଲିନ ବେଳେ ଆସିଲେ ନାହିଁ ଏବେ ନିର୍ବାଚନଥିବାରୁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଏହାର ଉଚିତ୍ ଜବାବ ଓଡ଼ିଶାର ସାଢେ ୪ କୋଟି ଲୋକେ ଦେବେ ବୋଲି ସେ କହିଥିଲେ। ଏହା ଛଡା ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ପୁରୁଷଙ୍କୁ ୫ ଲକ୍ଷ ଓ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ବୀମା ସହାୟତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ଏବଂ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଓଡ଼ିଶା ବାସୀଙ୍କ ସେବା କରିବେ ବୋଲି କହିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଫୁଲ ଘଡ଼େଇ, ବିଧାୟକ ପ୍ରାର୍ଥୀ ପ୍ରୀତିରନ ଘଡ଼େଇ, ଏମ୍‌ପି ପ୍ରାର୍ଥୀନୀ ଶର୍ମିଷ୍ଠା ସେଠୀ ସୁକିନ୍ଦା ବିକାଶ ଦିଗରେ ଗତି କରୁଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ କଳିଙ୍ଗନଗରରେ ୧୨ଟି ରୁ ଊର୍ଦ୍ଧ୍ୱ ଶିଳ୍ପ କାରଖାନା ଗଢ଼ି ଉଠିଛି । ଫଳରେ ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିଛି ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ସୁକିନ୍ଦା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପାଇଛି। ଭାଜପା ଏକ ବ୍ୟବସାୟିକ ଦଳ। ବିଜେଡି ସରକାର ଯୋଗୁ ଓଡ଼ିଶା ବିକାଶଶୀଳ ରାଷ୍ଟ୍ର ହୋଇ ପାରିଛି ବୋଲି ସେମାନେ ବତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟ ମନ୍ତ୍ରୀଙ୍କ ସଭାସ୍ଥଳରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପ ସଭାପତି ପ୍ରଫୁଲ୍ଲଚନ୍ଦ୍ର ଘଡାଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନା, ଉପାଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତ, ସରୋଜିନୀ ରାଜ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ସଭ୍ୟ ସୁଶାନ୍ତ ସାମଲ, ସୁକିନ୍ଦା ଯୁବ ବିଜେଡି ସଭାପତି ପ୍ରଦୀପ ମହାନ୍ତି, ବିଶ୍ୱଜିତ ଦାସ, ଜୟନ୍ତ ରାଉତ, ପ୍ରଶାନ୍ତ ପାତ୍ର , ଜୟନ୍ତ ରାଉତ, ସ୍ୱର୍ଣ୍ଣ ପ୍ରଭା ମଲ୍ଲିକ, ଭରତ ଭୂଷଣ ଦେଓ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୪ ଏପ୍ରିଲ, ୨୦୧୯



ଯେଉଁ ଲୋକ ଦାନ କରିନାହିଁ, ସେ ଜୀବନରେ ପ୍ରକୃତ ସୌନ୍ଦର୍ଯ୍ୟ ଅନୁଭବ କରିନାହିଁ।
- ବାକନ



କେବଳ କଥାରେ ହୁଏ ନାହିଁ ଦେଶ ନିର୍ମାଣ
୫ ବର୍ଷରେ ବିଜେପି ଲୋକଙ୍କ ବିଶ୍ୱାସ ହରେଇଛି । ବିମୁଦ୍ରାକରଣ କଲେ । ଗରିବ ଆହୁରି ଗରିବ ହେଲା । ଜିଏସ୍‌ଟି କଲେ । ଯୁବକ ରୋଜଗାର ହରାଇଲେ । ଚାଷୀ ପାଇଁ କିଛି କଲେ ନାହିଁ । ଗରିବ,ଚାଷୀ, ମହିଳା, ଯୁବକ, ଏସ୍ ଟି ଏସ୍ ସି ଓ ସାଧାରଣ ଲୋକ ସମସ୍ତେ ହତାଶ । ସେଥିପାଇଁ ବିଜେପି ସବୁ ନିର୍ବାଚନରେ ହାରୁଛି ।
'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର । ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।
ବିଜୁ ଜନତା ଦଳ

## ୧୩ଟି ବୁଥ୍‌ରେ ଭିଡିଓଗ୍ରାଫି ଅବହେଳା
### ଜିଲାପାଳଙ୍କ ନିକଟରେ ଅଭିଯୋଗ କଲା ଭାଜପା

ନୟାଗଡ଼ ଅଫିସ,୨୩।୪

ମଙ୍ଗଳବାର ପୁରୀ ଲୋକ ସଭା ଓ ଏହା ଅନ୍ତର୍ଗତ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୨୪୫ଟି ବୁଥ୍ କରାଯାଇ ଭୋଟ ଗ୍ରହଣ କରାଯାଇଥିଲା । ଏଥିମଧ୍ୟରୁ ୧୩ଟି ବୁଥ୍‌ରେ ଭିଡ଼ିଓଗ୍ରାଫିରେ ଅବହେଳା କରାଯାଇଥିବା ଭାଜପା ଅଭିଯୋଗ କରିଛି । ବୁଥ୍‌ଗୁଡ଼ିକ ହେଲା ୧୦, ୧୧, ୧୨, ୧୯, ୫୫, ୫୮, ୬୦, ୧୩୯, ୧୪୦,୧୩୭, ୧୩୫, ୧୬୨ ଓ ୧୬୩ । ଭାଜପାର ଇଲେକ୍ସନ ଏଜେଣ୍ଟ ଲକ୍ଷ୍ମୀଧର ତ୍ରିପାଠୀ ଏ ନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ନିର୍ବାଚନକୁ ସ୍ୱଚ୍ଛ କରିବା ଲକ୍ଷ୍ୟରେ କେତେକ ବୁଥ୍ ଓ ସମ୍ବେଦନଶୀଳ ବୁଥ୍‌ରେ ସିସିଟିଭି କ୍ୟାମେରା ଏବଂ ଭିଡିଓଗ୍ରାଫି ବ୍ୟବସ୍ଥା କରାଯାଇଥିଲା । ହେଲେ ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉକ୍ତ ୧୩ଟି ବୁଥ୍‌ରେ ପୋଲିଂ ଅଧିକାରୀମାନେ ଭିଡ଼ିଓଗ୍ରାଫି କରିନାହାନ୍ତି । ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛି । ଏ ନେଇ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ କହନ୍ତି, ଉକ୍ତ ୧୩ଟି ବୁଥ୍‌ରେ ୱେବ୍‌କାଷ୍ଟିଂ, ସିସିଟିଭି, ମାଇକ୍ରୋ ଅବଜରଭର ଆଦି ବ୍ୟବସ୍ଥା କରାଯାଇଥିଲା । ଜିଲାର ବିଭିନ୍ନ ବୁଥ୍‌ରେ ଅଲଗା ଅଲଗା ବନ୍ଦୋବସ୍ତ କରାଯାଇଥିବା ଜିଲାପାଳ ନାୟକ ପ୍ରକାଶ କରିଥିଲେ ।

## ୨ ବୁଥ୍‌ରେ ସାନି ମତଦାନ ୨୫ରେ

ନୟାଗଡ଼ ଅଫିସ,୨୩।୪

**ଦଶପଲ୍ଲା ନିର୍ବାଚନମଣ୍ଡଳୀ**

ଆସନ୍ତା ୨୫ ତାରିଖରେ ନୟାଗଡ଼ ଜିଲା ଦଶପଲ୍ଲା ବିଧାନସଭା କ୍ଷେତ୍ରର ୨ଟି ବୁଥ୍‌ରେ ସାନି ମତଦାନ ହେବ । ଏ ନେଇ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଦୁଇଟି ବୁଥ୍ ହେଲା ନୂଆଗାଁ ବ୍ଲକ ୨୧୦ ବାହାଡ଼ାଖୋଲା (କ) ଓ ୨୨୨ ବେତନଟୀ । ଗତ ଗୁରୁବାର ଏହି ଦୁଇଟି ବୁଥ୍‌ରେ ଇଭିଏମ୍ ଓ ଭିଭିପିଏଟି ଅଚଳ ହୋଇପଡ଼ିବାରୁ ନିର୍ବାଚନ ସ୍ଥଗିତ ରଖାଯାଇଥିଲା । ପରେ ଯାନ୍ତ୍ରିକ ନୁହେଁ ଏହା ମନୁଷ୍ୟକୃତ ତ୍ରୁଟି ବୋଲି ଜଣାପଡ଼ିଥିଲା । ଫଳରେ ଉକ୍ତ ଦୁଇଟି ବୁଥ୍‌ର ପ୍ରିଜାଇଡିଂ ଅଫିସର ଓ ସେକ୍ଟର ଅଫିସରଙ୍କୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲପାଳ ଡା. ଏନ୍ ତିରୁମାଲା ନାୟକ ନିଲମ୍ବିତ କରିଥିଲେ । ଗୁରୁବାର ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ ।

### ଓଡ଼ଗାଁରେ ଶ୍ରୀରାମନବମୀ ଯାତ୍ରା ଶେଷ
## ଶ୍ରୀରଘୁନାଥଜୀଉଙ୍କ ରାଜ୍ୟାଭିଷେକ

ଓଡ଼ଗାଁ,୨୩।୪(ସ୍ୱ.ପ୍ର.)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ମଙ୍ଗଳବାର ରାଜାଭିଷେକ ସହିତ ଶ୍ରୀରାମନବମୀ ଯାତ୍ରା ଶେଷ ହୋଇଛି । ପ୍ରଭୁଙ୍କ ଦଶଦିନ ବ୍ୟାପୀ ସନ୍ଧ୍ୟା ବେଶ ଦର୍ଶନ ନିମନ୍ତେ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସନ୍ଧ୍ୟା ଆଳତି ସହିତ ମନ୍ଦିର ଖୋଲୁଖୋଲୁ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ରାଜ୍ୟାଭିଷେକ ବେଶରେ ଦର୍ଶନ କରିଥିଲେ । ଶ୍ରୀଜୀଉମାନେ ମୂଲ୍ୟବାନ ଅଙ୍ଗବସ୍ତ୍ର ସହିତ ସ୍ୱର୍ଣ୍ଣ ରୌପ୍ୟ ଆଦି ଖଚିତ ଅଳଙ୍କାରରେ ସୁସଜ୍ଜିତ । ପ୍ରଭୁ ରତ୍ନବେଦି ଉପରେ କନକ ସିଂହାସନରେ ଜାନକୀଙ୍କ ସହ ବସିଥିବା ଦୃଶ୍ୟ ମନୋରମ ଥିଲା । ପରମଭକ୍ତ ହନୁମାନ ପ୍ରଭୁଙ୍କ ପାଦଯୁଗଳରେ ନମନ ମୁଦ୍ରାରେ ଉପବେଷିତ । ଅନୁଜ ଲକ୍ଷ୍ମଣ ପୃଷ୍ଠ ଭାଗରେ ସୁବର୍ଣ୍ଣ ଛତ୍ର ଧରି ଦଣ୍ଡାୟମାନ । ଭରତ ଓ ଶତ୍ରୁଘ୍ନ ଉଭୟ ପାର୍ଶ୍ୱରେ ଆଲଟ ଚାମର ଚାଳନା କରୁଛନ୍ତି । ମହାରାଜା ସୁଗ୍ରୀବ, ଲଙ୍କାପତି ବିଭୀଷଣ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ବଶିଷ୍ଠ, ମହର୍ଷି ବିଶ୍ୱାମିତ୍ର, ନଳ, ନୀଳ,



ରାଜ୍ୟାଭିଷେକ ବେଶରେ ଶ୍ରୀରଘୁନାଥଜୀଉ ।

ଜାମ୍ବବାନ ଆଦି ଅଷ୍ଟସେନାଧ୍ୟକ୍ଷ ପ୍ରଭୁଙ୍କ ରାଜ ଦରବାର ଚତୁଃପାର୍ଶ୍ୱରେ ଉପସ୍ଥିତ ଅଛନ୍ତି । ପ୍ରତ୍ୟହ ଲୋକେ ସନ୍ଧ୍ୟା ବେଶ ଦର୍ଶନ ଓ ବିଳମ୍ବିତ ରାତିରୁ ଭୋର ପର୍ଯ୍ୟନ୍ତ ରାମଲୀଳ ଉପଭୋଗ କରିଥିଲେ । ବିଭିନ୍ନ ସମୟରେ ତହସିଲଦାର ପ୍ରମୋଦ କୁମାର ନାୟକ, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର, ଶାନ୍ତି କମିଟି ସଦସ୍ୟ, ପୂଜକ ସେବାୟତ ଓ ସୁଆର ପରିଷଦର ସଦସ୍ୟମାନେ ଉପସ୍ଥିତ ରହି ରାମନମବମୀ ଯାତ୍ରା ପରିଚାଳନା କରିଥିଲେ । ନିର୍ବାଚନ ପରିପ୍ରେକ୍ଷୀରେ ପୋଲିସ ଫୋର୍ସ ଅଭାବ ସତ୍ତ୍ୱେ ଏନ୍‌ସିସି କ୍ୟାଡେଟ୍ ଓ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଯାତ୍ରୀ ଦର୍ଶନ ଶୃଙ୍ଖଳିତ କରାଯାଇଥିଲା ।

## ଟଙ୍କା ବାଣ୍ଟିବା ଅଭିଯୋଗରେ ପିଇଓଙ୍କୁ ବାନ୍ଧିଲେ ଗ୍ରାମବାସୀ

ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.)୨୩।୪

ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀରେ ଟଙ୍କା ବାଣ୍ଟିବା ଅଭିଯୋଗରେ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଗ୍ରାମବାସୀ ବାନ୍ଧି ରଖିଥିଲେ । ସେ ହେଲେ ରଣପୁର ବ୍ଲକ କାଣ୍ଡପଡ଼ା ପିଇଓ ସୁଜିତ କୁମାର ସାହୁ । ପ୍ରକାଶ ଯେ, ସୁଜିତ ୨୩୫ ନମ୍ବର ବୁଥ୍ କରଡ଼ାପଲ୍ଲୀକୁ ସୋମବାର ରାତ୍ରି ୩ଟା ୩୦ରେ ସରକାରୀ ଗାଡ଼ିରେ ଯାଇଥିଲେ । ବିଳମ୍ବିତ ରାତ୍ରିରେ କ'ଣ ପାଇଁ ଆସିଛନ୍ତି ବୋଲି ଲୋକେ ସନ୍ଦେହ କରି ପହଞ୍ଚିଲା ବେଳକୁ ସେ ଟଙ୍କା ବାଣ୍ଟୁଥିବା ଜାଣିବାକୁ ପାଇଥିଲେ । ଏହା ପରେ ଗ୍ରାମବାସୀ ତାଙ୍କୁ ଗ୍ରାମରେ ଥିବା ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ । ୨ଘଣ୍ଟା ପରେ ରଣପୁର ପୋଲିସ ଗ୍ରାମରେ ପହଞ୍ଚି ସୁଜିତଙ୍କୁ ଉଦ୍ଧାର କରିଥିଲା । ସୁଜିତଙ୍କଠାରୁ ୧୩ ହଜାର ଟଙ୍କା ଓ ଗାଡ଼ିରୁ ୪ଟି ବିଜେଡି ପତାକାକୁ ପୋଲିସ ଜବତ କରିଛି । ଏ ସମ୍ପର୍କରେ ସୁଜିତଙ୍କୁ ପଚାରିବାରୁ ସେ କହିଥିଲେ, ବୁଥ୍ ପରିଚାଳନା ପାଇଁ ସରକାରଙ୍କ ତରଫରୁ ଆସିଥିବା ଟଙ୍କା ତାଙ୍କ ପାଖରେ ଥିଲା । କେହି ତାଙ୍କୁ ହଇରାଣ କରିବା ପାଇଁ ଗାଡ଼ିରେ ଦଳୀୟ ପତାକା ରଖିଥିବା ସେ ପ୍ରକାଶ କରିଛନ୍ତି । ଅନ୍ୟପଟେ ସୁଜିତ ଏ ନେଇ କାଣ୍ଡପଡ଼ା ସରପଞ୍ଚ ଓ ତାଙ୍କୁ ବାନ୍ଧିଥିବା ଗ୍ରାମର କେତେଜଣ ଲୋକଙ୍କ ନାମରେ ରଣପୁର ଥାନାରେ ଅଭିଯୋଗ କରିଛନ୍ତି ।



ସୁଜିତଙ୍କୁ ଖୁଣ୍ଟରେ ବନ୍ଧା ଯାଇଛି ।

### ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା
## ଯୁଦ୍ଧ ପଟୁଆରରେ ରାମ, ଲକ୍ଷ୍ମଣ

ଦଶପଲ୍ଲା,୨୩।୪ (ଡି.ଏନ୍.ଏ.)

ମହାବୀର କ୍ଷେତ୍ର ଦଶପଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ମଙ୍ଗଳବାର ମୁଖ୍ୟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ଣରେ ମନ୍ଦିର ପରିସରରେ ପୂଜାପାଠ ପାରମ୍ପରିକ ରୀତିରେ ହେବା ସହ ରାତିରେ ରଙ୍ଗମଞ୍ଚରେ ରାମ ନାଟକ ମଞ୍ଚସ୍ଥ ହୋଇଥିଲା । କାଠମୁଖା ଧାରଣ କରି କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ ବେଶ୍ ଆକର୍ଷଣୀୟ ହୋଇଥିଲା । ରାମ-ରାବଣ ଯୁଦ୍ଧର ଏକ ବିରାଟ ପଟୁଆର ମନ୍ଦିରଠାରୁ ବାହାରି ନଗର ପରିକ୍ରମା କରି ତଳବଜାର ପର୍ଯ୍ୟନ୍ତ ଆସିଥିଲା । ଏହା ସତେ ଯେମିତି ଏକ ଯୁଦ୍ଧକ୍ଷେତ୍ରର ଭ୍ରମ ସୃଷ୍ଟି କରିଥିଲା । ୩୫ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ମୂର୍ତ୍ତି ଆଗେ ଆଗେ ଯାଉଥିବାବେଳେ ନନ୍ଦିଘୋଷ ରଥରେ ରାମ, ଲକ୍ଷ୍ମଣ ଯୁଦ୍ଧ କରି ଯାଉଥିଲେ । ଉକ୍ତ ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ବାଦ୍ୟ ଓ କାହାଳୀ ବଜାଯିବା ସହ କଳାକାରମାନେ ଏଥିରେ ସାମିଲ ହୋଇଥିଲେ । ମଙ୍ଗଳ ରାତି ବୁଧ ପାହାନ୍ତିରେ ରାବଣ ବଧ ଓ ଲଙ୍କାପୋଡ଼ି ହେବା ସହ ଆତସବାଜି ମୁଖ୍ୟ ଆକର୍ଷଣ ହୋଇଥାଏ ।



ନନ୍ଦିଘୋଷ ରଥରେ ରାମ, ଲକ୍ଷ୍ମଣ ।



୩୫ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ମୂର୍ତ୍ତି ।

## ଭାପୁର ବ୍ଲକରେ ମତଦାନ ଶାନ୍ତିପୂର୍ଣ୍ଣ

ଭାପୁର,୨୩।୪ (ଡି.ଏନ.ଏ.)

ଭାପୁର ବ୍ଲକରେ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ ଶେଷ ହୋଇଛି । ଏଠାରେ ମୋଟ ୧୦୧ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯାଇଥିଲା । ପୂର୍ବାହ୍ଣରେ ବୁଥ୍‌ଗୁଡ଼ିକରେ ଗହଳି ନଥିବା ବେଳେ ମଧ୍ୟାହ୍ଣ ପରଠାରୁ ଭୋଟରଙ୍କ ଭିଡ଼ ଦେଖିବାକୁ ମିଳିଥିଲା । କଇଁଫୁଲିଆର କେତେକ ବୁଥ୍‌ରେ ସର୍ବାଧିକ ମତଦାନ ହୋଇଥିବାବେଳେ ଭାପୁର ଓ ମର୍ଦ୍ଦାବାଡ଼ି ବୁଥ୍‌ରେ କିଛି ସମୟ ପାଇଁ ଇଭିଏମ୍ ଅଚଳ ହୋଇପଡିଥିଲା । ପରବର୍ତ୍ତୀ ସମୟରେ ଯାନ୍ତ୍ରିକ ତ୍ରୁଟି ସୁଧାରିବା ପରେ ମତଦାନ ସ୍ୱାଭାବିକ ହୋଇଥିଲା ।

ମଳକଣ୍ଟକ
ରେ ପୀଡ଼ା, ଜ୍ୱାଳା, ରକ୍ତକ୍ଷରଣ, କୁଣ୍ଡିଆ, ଏନାଲ ଫିଶର୍ସ କିମ୍ବା ଭଗନ୍ଦର ହୋଇପାରେ।
ଶିରାର ଫୁଲାକୁ କମ୍ କରିବା, ରକ୍ତକ୍ଷରଣକୁ ବନ୍ଦ କରିବା, ପାଚନକ୍ରିୟାକୁ ସୁଧାରିବା, ଲିଭରକୁ ସ୍ୱାଭାବିକ ଏବଂ ପେଟ ସଫା କରିବାରେ ଫଳପ୍ରଦ।
ଅସ୍ତ୍ରୋପଚାରରୁ ବର୍ତ୍ତନ୍ତୁ, ଆପଣାନ୍ତୁ ଉପଯୁକ୍ତ ଓ ଆୟୁର୍ବେଦିକ ଚିକିତ୍ସା
JOLLY
ବାସିର
ଜେଲ୍ ଓ କ୍ୟାପସୁଲ୍
ପ୍ରତ୍ୟେକ ମେଡିକାଲ୍ ଷ୍ଟୋର୍‌ରେ ଉପଲବ୍ଧ । ☎ 0161-520-1588

ବୈବାହିକ ସୁଖ ଓ ସୁଖଦ କ୍ଷଣଗୁଡ଼ିକର ଆନନ୍ଦ ନିଅନ୍ତୁ
ଜୋଶ୍, ଶକ୍ତି ଓ ସ୍ଫୁର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍® କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ ।
ଏକ୍ସଟ୍ରା ଟାଇମିଂ ପାଇଁ
TRADE ENQUIRY : 08657520093
ନୂଆ ବିଶ୍ୱାସ ଭରପୂର ଶକ୍ତି ଏବଂ ମଜାଦାର ବୈବାହିକ ଜୀବନ ପାଇଁ ଇନ୍ଦ୍ରିୟ ଖରାପ ହେବା, ଶୀଘ୍ରପତନ ଦୂର କରିବା, ମନ ଚାହୁଁଥିବା ସମୟ ପ୍ରାପ୍ତ କରିବା, ଉଦ୍ଦୀପନାକୁ ପୁନଃ ଜାଗ୍ରତ କରାଇବା, ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ସେବନ କରନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ ।
www.playwincapsule.com
only Effect No Side Effect
Play Win Capsule
Play Win Oil
A Quality Product by Rajnish Wellness Limited A BSE Listed Company
ମୋତେ ଡାଇବେଟିସ୍ ଅଛି, ମୁଁ ପ୍ଲେ-ୱିନ୍ କ୍ୟାପସୁଲ ବ୍ୟବହାର କରିପାରିବି - ପ୍ଲେ ୱିନ୍ କ୍ୟାପ୍‌ସୁଲ ୧୦୦% ଆୟୁର୍ବେଦିକ ଦୁର୍ଲଭ ଚେରମୂଳୀରୁ ପ୍ରସ୍ତୁତ, ଏଥିପାଇଁ ଏହାକୁ କେହି ବି ବ୍ୟବହାର କରିପାରିବେ । ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ ।
ତେଲ | କ୍ୟାପ୍‌ସୁଲ
SS : Mahendra Pharma / ODD
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

CAREER IN PACKAGING
भारतीय पैंकेजिंग संस्थान
Indian Institute of Packaging
An autonomous body under the Ministry of Commerce & Industry, Govt. of India
ANNOUNCES ADMISSION FOR TWO-YEAR FULL TIME POST GRADUATE DIPLOMA IN PACKAGING AT MUMBAI, DELHI, KOLKATA & HYDERABAD
**Eligibility :** B.Sc (12+3) with Physics, Chemistry, Mathematics, Microbiology or B.Tech. / B.E in Chemical, Mechanical, Electrical, Electronics, Civil, Bio Chemical / Bio Technology, Agriculture, Food Science, Polymer Science, B. Pharma, Plastics, Printing with minimum Second Class. **Students awaiting result may also apply.**
**Admission :** Through Entrance Examination at Mumbai, Kolkata, Chennai, Delhi and Hyderabad on **13th June 2019.**
**Last date for receiving filled applications : 7th June 2019**
**Hostel** : Separate Hostel accommodation for Boys and Girls at Mumbai only. **Age Limit:** 30 Years for General Category, 33 Years for OBC and 35 Year for SC/ST as on **31/05/2019.**
**Prospects :**
Excellent opportunity for placement in Food, Pharma, FMCG including MNCs and other Companies in India and Overseas. Over 3000 Alumni are working in Industries in India and Abroad. Application forms and Prospectus can be obtained on payment of **Rs.500/-**
100% Placement Assistance
For more information VISIT our Website : www.iip-in.com
For details, please contact:
INDIAN INSTITUTE OF PACKAGING, KOLKATA CENTRE
Block CP-10,Sector-V, Salt Lake City, Bidhan Nagar, Kolkata-700091
Phone: 033-2367 6016 / 0763, Phone/Fax: 033-2367 9561
Bidhan Das , Dy Director & Br. Head: 8017219939 (9am - 6pm)
Email- iipkolkata@iip-in.com ; iipcal@cal.vsnl.net.in

Format C-2

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Legislative Assembly Election 2019 PHASE-IV**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | SUDHAKAR MALIK | Aul | Aul Police Station FIR No. 271/2016 JMFC AUL GR 528/2016 (Pending) | Section 147 148 341 323 307 302 379 427 149 Of IPC (The accused person Sudhakar Malik along with others restrained one Radha Shyam Biswal and assaulted him by means of Lathi and deadly weapons and for which he died | N.A | N.A |



ଯେଉଁ ଲୋକ କାମ କରି ଚାଲିଥାଏ, ସୁଯୋଗ ତା' ପାଖକୁ ଶୀଘ୍ର ହେଉ ବା ବିଳମ୍ବରେ ହେଉ ନିଶ୍ଚୟ ଆସେ।
- ଚକ୍ରବର୍ତ୍ତୀ ରାଜଗୋପାଳଚାରୀ



## ସଂକ୍ଷେପରେ

### ଦଳୀୟ ପ୍ରାର୍ଥୀଙ୍କ ଲାଗି ସରକାରୀ କର୍ମଚାରୀଙ୍କ ପ୍ରଚାର

**ନୟାଗଡ଼ ଅଫିସ, ୨୩।୪:** ନୟାଗଡ଼ ସହରର ପିଟିଏସ୍ ସ୍କୁଲଠାରେ ୭୮ ନମ୍ବର ବୁଥ୍‌ରେ ଲେଙ୍କୁଡ଼ିପଡ଼ା ସ୍କୁଲର ଜଣେ ଶିକ୍ଷୟିତ୍ରୀ ବୁଥ୍ ବାହାରେ ରହି ଲୋକମାନଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେବା ପାଇଁ କହୁଥିଲେ। ଏହାକୁ ଭିଡ଼ିଓ କରି ଜଣେ ବ୍ୟକ୍ତି ସି ଭିଜିଲ ଆପ୍‌ରେ ପକାଇ ଦେଇଥିଲେ। ପରେ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ଡା. ଏନ୍ ତିରୁମାଲା ନାୟକ ଘଟଣାସ୍ଥଳକୁ ଯାଇଥିଲେ। ଶିକ୍ଷୟିତ୍ରୀ ଜଣକ ଜିଲାପାଳଙ୍କୁ ଦେଖି ଦୌଡ଼ି ପଳାଇଯାଇଥିଲେ। ଏହା ପରେ ପୋଲିସ ତାଙ୍କୁ ଧରିଥିଲେ। ଜିଲାପାଳ ନାୟକ ଏହି ଘଟଣାର ଅନୁଧ୍ୟାନ କରାଯାଉଥିବା ପ୍ରକାଶ କରିଥିଲେ। ହେଲେ ଜଣେ ସରକାରୀ କର୍ମଚାରୀ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଆମ୍ବଗଛ ପଡ଼ି ଦୋକାନ ଘର ଭାଙ୍ଗିଲା



**ଗଣିଆ, ୨୩।୪(ଡି.ଏନ.ଏ.):** ଗଣିଆ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବହୁ ଗଛ ଭାଙ୍ଗିଯିବା ସହ କେତେକ ଘର ନଷ୍ଟ ହୋଇଯାଇଛି। କାଳବୈଶାଖୀ ପ୍ରଭାବରେ ବହୁ ଜୋରରେ ପବନ ବହିବାରୁ ଡଙ୍କାରିସାହି ଛକରେ ଥିବା ଆମ୍ବଗଛ ଭାଙ୍ଗି ନିକଟରେ ଥିବା ଏକ ଜଳଖିଆ ଓ ପାନ ଦୋକାନ ଉପରେ ପଡିବାରୁ ଦୋକାନ ୨ଟି ଭାଙ୍ଗି ନଷ୍ଟ ହୋଇଯାଇଛି। ଦୋକାନରେ ଥିବା ଆସବାବପତ୍ର, ଏକ ସାଇକେଲ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଥିବା ଦୋକାନୀ ସନ୍ତୋଷ ସାହୁ କହିଛନ୍ତି। ଏଥିସହ କାଳବୈଶାଖୀ ପ୍ରଭାବରେ ଗଣିଆ ବଜାରସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିବା ରାମଲୀଳା ରଙ୍ଗମଞ୍ଚର ଟେଣ୍ଟ ଛପର ଉଡିଯାଇ କ୍ଷତିଗ୍ରସ୍ତ ହୋଇଛି। ଗତ ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଛାଡମୂଳ ଗ୍ରାମର ସୁଶାନ୍ତ ଗୁରୁଙ୍କ ୨ବଖରା ଚାଳଛପର ଉଡିଯାଇ ନଷ୍ଟ ହୋଇଛି। ଗତ ୩ଦିନ ଧରି ଅପରାହ୍ନରେ ଘଡଘଡି ସହ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି।

### ସୀତାରାମ କଲ୍ୟାଣ ମହୋତ୍ସବ ସମାପନ

**ବ୍ରହ୍ମପୁର ଅଫିସ, ୨୩।୪:** ସ୍ଥାନୀୟ ଶ୍ରୀରାମ ମନ୍ଦିରମ୍ ଭକ୍ତ ସମିତି ଆନୁକୂଲ୍ୟରେ ଆକୁଲା ସାହିସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଗତ ମହାବିଷୁବ ସଂକ୍ରାନ୍ତିରୁ ଆରମ୍ଭ ହୋଇଥିବା ୧୦ ଦିନିଆ ସୀତାରାମ କଲ୍ୟାଣ ମହୋତ୍ସବ ମଙ୍ଗଳବାର ଶେଷ ହୋଇଛି। ଅନ୍ତିମ ଦିବସରେ ଅନୁଷ୍ଠିତ ହନୁମାନ ଚାଳିଶାରେ ଶହ ଶହ ତେଲୁଗୁ ମହିଳା ଓ ପୁରୁଷ ଏବଂ ଓଡ଼ିଆମାନେ ସାମିଲ ହୋଇଥିଲେ। ଏହି ୧୦ ଦିନିଆ ଆଧାତ୍ମିକ କାର୍ଯ୍ୟକ୍ରମରେ ପ୍ରତିଦିନ ମହାନଗରର ସୀତାରାମ ଭକ୍ତମାନେ ଧାଡ଼ି ଲଗାଇ ଦର୍ଶନ କରିଥିଲେ।

## ଶାନ୍ତିଶୃଙ୍ଖଳାରେ ସରିଲା ମତଦାନ

# ଇଭିଏମ୍‌ରେ ସିଲ୍ ୨୨ ପ୍ରାର୍ଥୀଙ୍କ ଭାଗ୍ୟ

**ନୟାଗଡ଼ ଅଫିସ, ୨୩।୪**

ନୟାଗଡ଼ ଜିଲାର ରଣପୁର, ନୟାଗଡ଼ ଓ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ମତଦାନ ହୋଇଥିଲା। ଏହି ୩ ବିଧାନସଭା ଆସନ ଲାଗି ୨୨ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବାରୁ ସେମାନଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ସିଲ୍ ହୋଇଯାଇଛି। କେତେକ ସ୍ଥାନରେ ମେଶିନ ଅଚଳ କାରଣରୁ ବିଳମ୍ବକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହିତ ମତଦାନ ହୋଇଥିଲା। ସନ୍ଧ୍ୟା ୮ଟା ୩୦ସୁଦ୍ଧା ୭୦ପ୍ରତିଶତ ମତଦାନ ହୋଇଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ପ୍ରକାଶ କରିଛନ୍ତି। ରଣପୁର ନିର୍ବାଚନମଣ୍ଡଳୀରେ ୬୭ପ୍ରତିଶତ, ଖଣ୍ଡପଡ଼ାରେ ୭୪.୫୦ ଓ ନୟାଗଡ଼ ନିର୍ବାଚନମଣ୍ଡଳୀରେ ୬୯.୦୪ ପ୍ରତିଶତ ମତଦାନ ହୋଇଛି।

ଜିଲାର ୩ ନିର୍ବାଚନମଣ୍ଡଳୀ ପାଇଁ ୭୦୨ ବୁଥ୍ କରାଯାଇଥିଲା। ସକାଳୁ ମକ୍ ପୋଲିଂ ପରେ ଭୋଟରମାନେ ଆସି ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ସକାଳ ୭ଟାରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପୂର୍ବାହ୍ନ ୧୦ଟା ବେଳକୁ ଏହା ଧୀରେ ଧୀରେ ବଢ଼ିଥିଲା। ମତଦାନ ପାଇଁ ବୁଥ୍‌ଗୁଡିକରେ ଭୋଟରଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ଅନେକ ମହିଳା, ବୃଦ୍ଧାବୃଦ୍ଧ ସ୍ୱତଃପ୍ରବୃତ୍ତ ଭାବେ ଆସି ଭୋଟ ଦାନ କରିଥିଲେ। ସେହିପରି ଭୋଟଦାନ ପାଇଁ ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ଅନେକ ବୁଥ୍‌ରେ ଇଭିଏମ୍ ଅଚଳ ହୋଇପଡ଼ିଥିବାରୁ ବିଳମ୍ବରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୧ଟା ସୁଦ୍ଧା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୩୭ ନମ୍ବର ବୁଥ୍‌ରେ ଇଭିଏମ୍ ଅଚଳ ହୋଇ ରହିଥିଲା। ୧୧ଟା ୩୦ରେ ଆଉ ଏକ ମେଶିନ୍ ଆସିବା ପରେ ସେଠାରେ ନିର୍ବାଚନ ହୋଇଥିଲା। ସେହିପରି ୩୨ ନମ୍ବର ବୁଥ୍‌ରେ ୪୬ ମିନିଟ୍ ଓ ୧୫୭ ନମ୍ବର ବୁଥ୍‌ରେ ୩୦ମିନିଟ୍ ବିଳମ୍ବରେ ମତଦାନ ହୋଇଥିଲା। ଓଡ଼ଗାଁ ବ୍ଲକ ବାହାଡ଼ାପିଠା ବୁଥ୍‌ରେ ଇଭିଏମ୍ ଅଚଳ ଯୋଗୁ ମତଦାନ ପ୍ରକ୍ରିୟା ୩ଘଣ୍ଟା ବିଳମ୍ବ ହୋଇଥିଲା। ନୟାଗଡ଼ ନ୍ୟୁଟାଉନ ସ୍କୁଲର ଏଜେଣ୍ଟଙ୍କ ଦ୍ୱାରା ହୋଇଥିବା ମକ୍ ପୋଲିଂ ଡାଟା ଡିଲିଟ କରା ନ ଯାଇ ଇଭିଏମ୍ ସିଲ୍ କରାଯାଇଥିଲା। ଜଣେ ସଚେତନ ନାଗରିକ ଭୋଟ ଦେବା ବେଳେ ଏ ବିଷୟରେ ଜାଣିବାକୁ ପାଇଥିଲେ। ପୋଲିଂ ଅଧିକାରୀଙ୍କୁ ସେ ଏହା ଜଣାଇବା ପରେ ପୁରୁଣା ଡାଟା ଡିଲିଟ କରାଯାଇଥିଲା। ଏହା ପରେ ମତଦାନ ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲା। ସେହିପରି ରଣପୁର ନିର୍ବାଚନମଣ୍ଡଳୀର ୨୬୦, ୧୨୪, ୧୨୫, ୨୩୦ ନମ୍ବର ବୁଥ୍‌ରେ ଇଭିଏମ୍ ଓ ଭିଭିପିଏଟି ଅଚଳ ହୋଇଥିବାରୁ ପ୍ରାୟ ୨ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ୨୧୫ନମ୍ବର ବୁଥ୍‌ରେ ଲାଇନ୍ ନ ଥିବାରୁ ପୋଲିଂ କର୍ମଚାରୀଙ୍କଠାରୁ ଆରମ୍ଭ କରି ଭୋଟରମାନେ ଖରାରେ ସିଝୁଥିବା ଦେଖିବାକୁ ମିଳିଥିଲା। ୩ଟି ନିର୍ବାଚନମଣ୍ଡଳୀରେ ପାଖାପାଖି ୧୫ରୁ ଊର୍ଦ୍ଧ୍ୱ ବୁଥ୍‌ରେ ବିଳମ୍ବରେ ମତଦାନ ହୋଇଥିବା ଜଣାପଡ଼ିଛି। ନୟାଗଡ଼ ସହର ଉପକଣ୍ଠ ଲେଙ୍କୁଡିପଡ଼ା ବୁଥ୍‌ରେ ରାତ୍ର ୮ଟା ପରେ ମତଦାନ ଜାରି ରହିଥିଲା। ରଣପୁର ନିର୍ବାଚନମଣ୍ଡଳୀର ୯୭ନଂ. ବୁଥ୍‌ରେ ବଜ୍ରକୋଟ ପଞ୍ଚାୟତ ଇରାମାରୁ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ଭୋଟର ମତଦାନ କରିନାହାନ୍ତି। ବୁଥ୍ ପରିବର୍ତ୍ତନ ଯୋଗୁ ସେମାନେ ଅସନ୍ତୋଷ ପ୍ରକାଶ କରି ଏଭଳି ନିଷ୍ପତ୍ତି ନେଇଥିଲେ।

**କେତେକ ବୁଥ୍‌ରେ ମେଶିନ ଅଚଳ ଯୋଗୁ ମତଦାନ ବିଳମ୍ବ**




ଭୋଟ ଦେବା ପାଇଁ ମହିଳାଙ୍କ ଲମ୍ବା ଧାଡି।

### କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

## କାନ୍ଥ ପଡ଼ି ୨ଗୋରୁ ମୃତ, ୩ ଗୁରୁତର

**ଖଣ୍ଡପଡା, ୨୩।୪(ସ୍ୱ.ପ୍ର)**

ଖଣ୍ଡପଡା ବ୍ଲକ ଅଞ୍ଚଳରେ –ମଙ୍ଗଳବାର ଅପରାହ୍ନ ସାଢେ ୪ଟାରେ କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। କାନ୍ଥ ପଡି ୨ଗୋରୁଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଗୁରୁତର ହୋଇଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଉପରେ ଗଛ ଡାଳ ଭାଙ୍ଗି ପଡିବାରୁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ପବନ ପ୍ରଭାବରେ ଖଣ୍ଡପଡାର ବିଭିନ୍ନ ସ୍ଥାନରେ ଝାଟିମାଟି ଘରର ଚାଳ ଛପର ଉଡି ଯାଇଥିବା ବେଳେ ଟିଣ ଓ ଆଜବେଷ୍ଟସ ଛପର ଘରଗୁଡିକ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଘରର କାନ୍ଥ ଭାଙ୍ଗି ପଡିବାରୁ ଖଣ୍ଡପଡା ସହର ୧୦ନଂ ୱାର୍ଡ ଦୋସନ୍ଧି ସାହିର ବାସିନ୍ଦା ପ୍ରିୟଜିତ ଦାଶଙ୍କ ୨ଟି ଗୋରୁର ମୃତ୍ୟୁ ହୋଇଥିବା ବେଳେ ୩ ବାଛୁରୀ ଗୁରୁତର ହୋଇଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱରେ ଗଛଡାଳ ଭାଙ୍ଗିପଡିଛି। ଫଳରେ ଖଳିସାହି–କୋସକା ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଅପରପକ୍ଷେ ବର୍ଷା ଯୋଗୁ ତାତିରୁ ଜନସାଧାରଣଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ।

## ଇଭିଏମ୍ ତ୍ରୁଟିରୁ ବହୁ କେନ୍ଦ୍ରରେ ମତଦାନ ବିଳମ୍ବ

**ଓଡ଼ଗାଁ, ୨୩।୪(ସ୍ୱ.ପ୍ର.)**

ନୟାଗଡ ନିର୍ବାଚନ ମଣ୍ଡଳୀର ଓଡ଼ଗାଁ ଅଞ୍ଚଳରେ ମୋଟ ୮୬ ବୁଥ୍‌ରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଥିଲା। ହେଲେ ଇଭିଏମ୍ ତ୍ରୁଟି ଯୋଗୁ ବହୁ କେନ୍ଦ୍ରରେ ମତଦାନ ବିଳମ୍ବ ହୋଇଥିଲା। ଏପରି କି କେତେକ ବୁଥ୍‌ରେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ରଙ୍ଗଣୀପାଟଣା ପଞ୍ଚାୟତ ବାହାଡ଼ାପିଠାସ୍ଥିତ ୧୯୮ ନମ୍ବର ବୁଥ୍‌ରେ ଏକାଧିକ ଇଭିଏମ୍ ଅଚଳ ହେବାରୁ ପୂର୍ବାହ୍ନ ୧୦ଟାରେ ମତଦାନ ହୋଇଥିଲା। ପନ୍ତିଖାରୀ ପଞ୍ଚାୟତର ମଶାବାରୀ ବୁଥ୍ ନମ୍ବର ୧୯୪, ୧୯୫ ଓ ପନ୍ତିଖାରୀ ବୁଥ୍ ନମ୍ବର ୨୦୦ରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ଭୋଟ ଗ୍ରହଣ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଥିଲା। ଅନ୍ୟପକ୍ଷେ ସ୍ଥାନୀୟ ରଘୁନାଥ ବିଦ୍ୟାପୀଠରେ ସ୍ଥାପନ କରାଯାଇଥିବା ଆଦର୍ଶ ମତଦାନ କେନ୍ଦ୍ରରେ ପର୍ଯ୍ୟାପ୍ତ ସ୍ଥାନ ନ ଥିବାରୁ ମନ୍ଦିର ରୋଡରେ ଥିବା ୟୁଜିଏମଇ ସ୍କୁଲରେ ୧୯୦, ୧୯୧, ୧୯୨ ନମ୍ବର ବଶିଷ୍ଟ ୩ଟି ବୁଥ୍ କରାଯାଇଥିଲା। ହେଲେ ପ୍ରବଳ ଖରା ସାଙ୍ଗକୁ କାଳ ବୈଶାଖୀ ପ୍ରଭାବରେ ଏଠାକୁ ମତଦାନ କରିବାକୁ ଆସିଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବର୍ଷା ସାଙ୍ଗକୁ ବଜ୍ରପାତର ଭୟ ଲୋକଙ୍କୁ ଘାରିଥିଲା। ସ୍କୁଲର ଅନ୍ୟ କିଛି ଶ୍ରେଣୀଗୃହ ଖୋଲା ଥିଲେ ଲୋକେ ଏଥିରୁ କେତେକାଂଶରେ ମୁକୁଳି ପାରିଥାନ୍ତେ ବୋଲି ଆଲୋଚନା ହୋଇଥିଲା। ଏପରିସ୍ଥଳେ ସନ୍ଧ୍ୟା ୬ଟା ସୁଦ୍ଧା ଏହି ତିନୋଟି ବୁଥ୍‌ରେ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଭୋଟର ଲମ୍ବା ଲାଇନରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା । ସେହିପରି ପନ୍ତିଖାରୀ ୨୦୦ ନମ୍ବର ବୁଥରେ ରାତି ୮ଟା ପର୍ଯ୍ୟନ୍ତ ମତଦାନ ଚାଲିଥିବା ଜଣାଯାଇଛି। ସ୍ଥାନୀୟ ଥାନାରେ ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ ସମସ୍ତ ବୁଥ୍ ନିୟନ୍ତ୍ରଣ କରିଥିଲେ।



ମଦତାନ ବିଳମ୍ବ ସତ୍ତ୍ୱେ ଭୋଟରମାନେ ଲାଇନ୍‌ରେ ଛିଡ଼ା ହୋଇଛନ୍ତି।

## ବେଗୁନିଆ ନିର୍ବାଚନମଣ୍ଡଳୀ: ୧୪ ବୁଥ୍‌ରେ ମତଦାନ ବିଳମ୍ବ

**ବୋଲଗଡ଼/ବେଗୁନିଆ, ୨୩।୪ (ଡି.ଏନ.ଏ.)**

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅବସରରେ ମଙ୍ଗଳବାର ବେଗୁନିଆ ବିଧାନସଭା ଭୋଟଗ୍ରହଣ ପ୍ରାୟ ଶାନ୍ତିପୂର୍ଣ୍ଣ ଭାବେ ସରିଛି । ତେବେ କେତେକ ସ୍ଥାନରେ ଇଭିଏମ୍ ଖରାପ, ଅପରାହ୍ନରେ ବିଦ୍ୟୁତ୍ କାଟ ଏବଂ ବର୍ଷା ଓ ପବନ କାରଣରୁ ମତଦାନ ବିଳମ୍ବ ଘଟିଛି। ସନ୍ଧ୍ୟା ସାଢ଼େ ୭ଟାରେ ମଧ ୧୪ଟି ବୁଥ୍‌ରେ ମତଗ୍ରହଣ ଚାଲିଥିଲା। ବୋଲଗଡ଼ ବ୍ଲକର ବୁଥ୍ ନଂ ୧୫୮, ୧୬୧, ୧୬୨, ୧୬୪, ୧୬୩, ୧୧, ୯୧, ୮୫ ଏବଂ ବୋଲଗଡ ପ୍ରାଇମେରୀ ସ୍କୁଲ ବୁଥ୍ ନଂ ୯୫ରେ ମତଦାନ ଶେଷ ହେବାରେ ବିଳମ୍ବ ଘଟିଥିବା ସୂଚନା ମିଳିଛି । ସେହିପରି ବେଗୁନିଆ ବ୍ଲକ ଅଞ୍ଚଳର ବାସୁଦେବପୁର ପ୍ରାଇମେରୀ ସ୍କୁଲ-ବୁଥ୍ ନଂ ୩୪, ବଡବେରଣା ନୋଡାଲ ସ୍କୁଲ-ବୁଥ୍ ନଂ ୫୪, କଣ୍ଟାବାଡ ପ୍ରାଇମେରୀ ସ୍କୁଲ-ବୁଥ୍ ନଂ ୩୦, ଧାନଘର ନୂଆଗାଁ ପ୍ରାଇମେରୀ ସ୍କୁଲ-ବୁଥ ନଂ ୧୪୭ ଏବଂ ଡିଙ୍ଗର ଉଚ୍ଚ ବିଦ୍ୟାଳୟ-ବୁଥ୍ ନଂ ୧୬୫ରେ ମତଦାନ ଗ୍ରହଣ ଶେଷ ହେବାରେ ବିଳମ୍ବ ହୋଇଥିବା ସୂଚନାରୁ ପ୍ରକାଶ।

### ଶର୍ଟସର୍କିଟ ଯୋଗୁ ବିଦ୍ୟୁତ୍ ତାର ଜଳିଗଲା

**ଖଣ୍ଡପଡା, ୨୩।୪(ସ୍ୱ.ପ୍ର.)**

ଶର୍ଟସର୍କିଟ ଯୋଗୁ ହାଟମୁଣ୍ଡପାଟଣା ମଧ୍ୟ ଭାଗରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ସଂଯୋଗ ହୋଇଥିବା ସର୍ଭିସ ତାରଗୁଡ଼ିକରେ ନିଆଁ ଲାଗି ମଙ୍ଗଳବାର ଜଳିଯାଇଛି। ଫଳରେ ୨୦ରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ପ୍ରକାଶ ଯେ, ମଙ୍ଗଳବାର ମଧ୍ୟାହ୍ନରେ ନିକଟସ୍ଥ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଭୋଟ ଗ୍ରହଣ କାର୍ଯ୍ୟ ଚାଲିଥିବା ବେଳେ ଅତ୍ୟଧିକ ଗ୍ରୀଷ୍ମ ତାପ ସାଙ୍ଗକୁ ଖୁଣ୍ଟ ଉପରେ ଥିବା ବିଦ୍ୟୁତ୍ ସଂଯୋଗ ଚାମ୍ବରରେ ହଠାତ୍ ନିଆଁ ଲାଗିଯିବାରୁ ବାକ୍ସ ଓ ସର୍ଭିସ ତାର ହୁତୁହୁତୁ ହୋଇ ଜଳିଥିଲା । ଖବରପାଇ ଲାଇନମ୍ୟାନ ପହଞ୍ଚି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରି ଦେଇଥିଲେ । ନିଆଁ ନ ଲିଭିବାରୁ ସ୍ଥାନୀୟ ଯୁବକମାନେ ଘର ଛାତରେ ଚଢି ବାଲି ଓ ପାଣି ପକାଇ ନିଆଁକୁ ଲିଭାଇଥିଲେ । ସୂଚନାଯୋଗ୍ୟ, ଦୀର୍ଘ ୬୦ ବର୍ଷ ହେଲା ଉପଭୋକ୍ତାମାନଙ୍କୁ ଗୋଟିଏ ବିଜୁଳି ଖୁଣ୍ଟରୁ ଆବଶ୍ୟକତାରୁ ଅଧିକ ସଂଯୋଗ ଦିଆଯାଇଥିବାରୁ ଏହି ଅଘଟଣ ଘଟିଛି ବୋଲି କୁହାଯାଉଛି ।



## ରଣପୁର ନିର୍ବାଚନମଣ୍ଡଳୀରେ ସର୍ବାଧିକ ମେଶିନ ଅଚଳ

**ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.)୨୩।୪**

ରଣପୁର ନିର୍ବାଚନମଣ୍ଡଳୀର ମଙ୍ଗଳବାର ଅଧିକାଂଶ ବୁଥ୍‌ରେ ଇଭିଏମ୍ ଓ ଭିଭିପିଏଟି ଅଚଳ ଯୋଗୁ ନିର୍ବାଚନ ପ୍ରକ୍ରିୟା ବିଳମ୍ବ ହୋଇଥିଲା। ୨୬୦ ନମ୍ବର ବୁଥ୍ ସୁନାଖଳା ୭ଟାରୁ ୯ଟା ମେଶିନ୍ ଅଚଳ ହୋଇ ରହିଥିଲା। ସେହିପରି ୧୨୪ ଓ ୧୨୫ ନମ୍ବର ବୁଥ୍ ସୁନାଖଳାର ମେଶିନ୍ ଖରାପ ଯୋଗୁ ନିର୍ବାଚନ କାର୍ଯ୍ୟ ୧ଘଣ୍ଟା ବିଳମ୍ବ ହୋଇଥିଲା। ୧୨୮ ଓ ୧୩୦ ରମ୍ଭାପଲ୍ଲୀ ବୁଥ୍‌ରେ ୧ ଘଣ୍ଟା ବିଳମ୍ବ ହୋଇଥିଲା। ମଝିଆଖଣ୍ଡର ୨୩୦ ନମ୍ବର ବୁଥ୍, ଶରଣକୁଳ ନାରାୟଣୀ ହାଇସ୍କୁଲର ୩୩ ନମ୍ବର ବୁଥ୍‌ରେ ମେଶିନ ଅଚଳ ଯୋଗୁ ୧ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ସେହିପରି ରଣପୁର ଶୁଆସିଆ ସାହି ବୁଥ୍ ଭିତରେ ବାହାର ଲୋକଙ୍କ ଅବାଧ ପ୍ରବେଶ ଯୋଗୁ କିଛି ସମୟ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଏହାର ସମାଧାନ କରିବା ପରେ ଭୋଟଦାନ ସ୍ୱାଭାବିକ ହୋଇଥିଲା।



ରଣପୁର ଏକ ବୁଥ୍‌ରେ ମେଶିନ ଅଚଳ ଯୋଗୁ ଲୋକମାନେ ଅପେକ୍ଷା କରି ରହିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଜଟଣୀ, ୨୩।୪(ଡି.ଏନ.ଏ.)**

ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟା ଗ୍ରାମ ନିକଟରେ ଥିବା ସିଦ୍ଧାର୍ଥ ଭିଲେଜ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର କ୍ୟାମ୍ପସ୍ ଭିତର ବିଲ୍ଡିଂରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। କ୍ୟାମ୍ପସ୍ ମଧ୍ୟରେ ଥିବା ବିଲ୍ଡିଂର ଦୁଇ ମହଲା ଝରକା ଗଳାରେ ପ୍ଲାଷ୍ଟିକ୍ ଦଉଡ଼ି ଫାଶ ପଡ଼ି ଯୁବକଙ୍କ ମୃତଦେହ ଝୁଲି ରହିଥିଲା। ତେବେ ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ତେବେ ଏହି ସ୍ୱେଚ୍ଛାସେବୀ ସଙ୍ଗଠନର କ୍ୟାମ୍ପସ୍ ମଧ୍ୟରେ ଜଣେ ଅପରିଚିତ ଯୁବକଙ୍କ ଏପରି ଅସ୍ୱାଭାବିକ ମୃତ୍ୟୁକୁ ନେଇ ସାଧାରଣରେ ନାନା କଳ୍ପନାଜଳ୍ପନା ସୃଷ୍ଟି କରିଛି। କିପରି ଏହି ଯୁବକ ଜଣକ କ୍ୟାମ୍ପସ୍ ମଧ୍ୟକୁ ଗଲେ ଓ ବିଲ୍ଡିଂ ଉପରେ ଚଢ଼ିଲେ ସେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ (୨୨/୧୯) ଅପମୃତ୍ୟୁ ମାମଲା ରୁଜୁକରିଛି।

## ଶାନ୍ତି ଶୃଙ୍ଖଳାର ସହ ଭୋଟ ଗ୍ରହଣ

**ଖଣ୍ଡପଡା, ୨୩।୪(ସ୍ୱ.ପ୍ର.)**

**ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ**

କଟକ ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଶାନ୍ତିଶୃଙ୍ଖଳାର ସହ ଚାଲିଥିବା ବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଖଣ୍ଡପଡା ସହରର ୧୨ନଂ ୱାର୍ଡରେ ଅବସ୍ଥିତ ନୋଡାଲ ବିଦ୍ୟାଳୟ ପରିସରରେ ମତଦାନ ଚାଲିଥିଲା । ସନ୍ଧ୍ୟା ସାଢେ ୮ଟା ସୁଦ୍ଧା ୪ଶହରୁ ଊର୍ଦ୍ଧ୍ୱ ମତଦାତା ମତଦାନ ନିମନ୍ତେ ଲମ୍ବା ଧାଡିରେ ଛିଡା ହୋଇଥିବା ଦେଖାଯାଇଥିଲା।

ବ୍ଲକ ପ୍ରଶାସନ ସୂତ୍ରରୁ ସନ୍ଧ୍ୟା ୭ଟା ସୁଦ୍ଧା ମିଳିଥିବା ସୂଚନା ମୁତାବକ ଖଣ୍ଡପଡା ବ୍ଲକସ୍ତରରେ ୬୭ ପ୍ରତିଶତ ମତଦାନ ହୋଇଛି । ଖଣ୍ଡପଡା ବ୍ଲକ ଅଧୀନ ୨୨ ପଞ୍ଚାୟତ ଓ ଖଣ୍ଡପଡା ସହରର ୧୩ଟି ୱାର୍ଡରେ ଭୋଟରଙ୍କ ସଂଖ୍ୟା ୯୭ହଜାର ୧୨୩ ଥିବାବେଳେ ସନ୍ଧ୍ୟା ୭ଟା ସୁଦ୍ଧା ସର୍ବମୋଟ ୬୫୦୭୪ ଜଣ ମତଦାତା ମତଦାନ ସାବ୍ୟସ୍ତ କରିଥିବା ଜଣାପଡିଛି। ମତଦାତାଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୩୩୦୭୪ ହୋଇଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୩୨ ହଜାର ବୋଲି ଜଣାପଡିଛି । ଖଣ୍ଡପଡା ବ୍ଲକ ଅଧୀନ ୧୧୬ଟି ବୁଥରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସକାଳ ୭ଟାଠାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଛି । କେତେକ ବୁଥରେ ଭିଭିପିଏଟି ଓ ଇଭିଏମରେ ତ୍ରୁଟି ଯୋଗୁ ୨ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ କରାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ସାଧାରଣ ନିର୍ବାଚନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସତ୍ତ୍ୱେ ଠିକଣା ସମୟରେ ମେଶିନରେ ତ୍ରୁଟି ଦେଖାଦେବାକୁ ନେଇ ମତଦାତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତର ନୀଳମାଧବ ବିଦ୍ୟାପୀଠ ୩୨ ନଂ ବୁଥ, କୋସକା ପଞ୍ଚାୟତର ୧୫ ନଂ ଓ ଖଳିସାହି ପଞ୍ଚାୟତ ଅଧୀନ ପୁଆଣିଆ ଗ୍ରାମ ବୁଥ ସମେତ ଅନ୍ୟ କେତେକ ବୁଥରେ ମଧ୍ୟ ମେଶିନରେ ତ୍ରୁଟି ଯୋଗୁ ଭୋଟ ଗ୍ରହଣ ପ୍ରକ୍ରିୟାରେ ବିଳମ୍ବ ହୋଇଛି। ସେହିପରି ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଯୋଗୁ ଭୋଟ ଗ୍ରହଣ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥିବା ବେଳେ ଅପରାହ୍ନ ୫ଟା ପରେ କେତେକ ବୁଥ୍‌ରେ ମତଦାତାଙ୍କ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡା ନୋଡାଲ ବିଦ୍ୟାଳୟ ବୁଥ୍ ଗ୍ରହଣ କେନ୍ଦ୍ରରେ ରାତି ୧୦ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିବ ବୋଲି ଖଣ୍ଡପଡା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଗୌରବମୟ ପ୍ରଧାନ ସୂଚନା ଦେଇଛନ୍ତି । ବିଦ୍ୟୁତ୍ କାଟ ଯୋଗୁ ବ୍ଲକ ପ୍ରଶାସନ ପକ୍ଷରୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇ ଉକ୍ତ ବୁଥ୍‌ରେ ଭୋଟଗ୍ରହଣ ଚାଲିଥିବା ବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।



ମତଦାନ ପାଇଁ ଏକ କେନ୍ଦ୍ରରେ ଭୋଟରଙ୍କ ଲମ୍ବାଧାଡ଼ି।

## ଅବ୍ୟବସ୍ଥାରେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ନୂଆଗାଁ, ୨୩।୪(ଡି.ଏନ.ଏ.)**

ନୟାଗଡ ଜିଲା ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ତା' ଅଧୀନରେ ଥିବା ୪ ଗୋଟି ସରକାରୀ ଚିକିତ୍ସାଳୟ ନାନା ଅବ୍ୟବସ୍ଥା ମଧ୍ୟରେ ରହିଛି। ଏଥିନେଇ ଅଞ୍ଚଳବାସୀ ଯେତେ ଆପତ୍ତି ଅଭିଯୋଗ କଲେ ମଧ୍ୟ ସମସ୍ୟା ସମାଧାନ ହେଉନାହିଁ।

ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଛି ବାହାଡାଝୋଲା ସରକାରୀ ଚିକିତ୍ସାଳୟ, ଡିମିରିପଲି ସରକାରୀ ଚିକିତ୍ସାଳୟ ,ଜଗନ୍ନାଥପ୍ରସାଦ ସରକାରୀ ଚିକିତ୍ସାଳୟ, ନୂଆଗାଁ ସରକାରୀ ଚିକିତ୍ସାଳୟ । ପ୍ରତି ଚିକିତ୍ସାଳୟରେ ଡାକ୍ତର ଅଭାବ ସହିତ ବିଭିନ୍ନ ସମସ୍ୟା ରହିଛି । ନୂଆଗାଁ ବ୍ଲକ ୨୨ ପଞ୍ଚାୟତର ଏକ ପ୍ରମୁଖ ଚିକିତ୍ସାଳୟ ଭାବେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚିତ। ଯେଉଁଠି ପ୍ରତିଦିନ ଦେଢଶହରୁ ଦୁଇଶହ ରୋଗୀ ଚିକିତ୍ସିତ ହେବା ପାଇଁ ଆସିଥାଆନ୍ତି । କିନ୍ତୁ ଡାକ୍ତର ଅଭାବ ଯୋଗୁ ଠିକ୍ ଭାବେ ଚିକିତ୍ସା ହୋଇ ନ ପାରି ନିରାଶରେ ଫେରିଯିବା ପାଇଁ ବାଧ୍ୟ ହେବା ସହ ପୁନର୍ବାର ଏଠାକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ମହୀପୁର ଚିକିତ୍ସାଳୟରେ ଜଣେ ମେଡିକାଲ ଅଫିସରଙ୍କ ବ୍ୟତୀତ ପ୍ରତି ବିଭାଗର ଜଣେ ଲେଖାଏଁ ଏପରି ମୋଟ ୬ ଜଣ ଏମବିବିଏସ୍ ଡାକ୍ତର ଓ ୨ ଜଣ ଆୟୁଷ ଡାକ୍ତର ରହିବା କଥା । କିନ୍ତୁ ଏଠାରେ ୩ ଜଣ ଡାକ୍ତର ଓ ଜଣେ ଆୟୁଷ ଡାକ୍ତରଙ୍କ ଅଭାବ ରହିଛି । ପ୍ରତି ଡାକ୍ତରଖାନାରେ ଜଣେ ଏମବିବିଏସ ଡାକ୍ତର ଓ ଜଣେ ଆୟୁଷ ଡାକ୍ତର ରହିବା ନିୟମ ଥିବା ବେଳେ ନୂଆଗାଁ ଡାକ୍ତରଖାନାରେ ଦୀର୍ଘ ୨ ବର୍ଷ ହେଲା କୌଣସି ଡାକ୍ତର ନାହାନ୍ତି । ଜଣେ ଫାର୍ମାସିଷ୍ଟଙ୍କୁ ନେଇ ଚାଲିଛି ଡାକ୍ତରଖାନା। ବାହାଡାଝୋଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଅଧିକ ଆଦିବାସୀ ଲୋକ ନିର୍ଭର କରୁଥିବା ଯୋଗୁ ତାହାକୁ ନବୀକରଣ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ନାମକରଣ କରାଯାଇ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଆୟୁଷ ଡାକ୍ତରଙ୍କ ଅଭାବ ପୂରଣ କରାଯାଇନାହିଁ । ସେହିପରି ଡିମିରିପଲିରେ ଜଣେ ଆୟୁଷ ଡାକ୍ତର, ଜଗନ୍ନାଥ ପ୍ରସାଦରେ ଏମବିବିଏସ ଡାକ୍ତରଙ୍କ ଅଭାବ ରହିଛି। ଜଗନ୍ନାଥପ୍ରସାଦ ଡାକ୍ତରଖାନାରେ ରୋଗୀ ଦେଖିବା ପାଇଁ କିମ୍ବା ଚିକିତ୍ସା କରିବା ପାଇଁ ଗୃହ ମଧ୍ୟ ନାହିଁ । ଡାକ୍ତର ରହିବା ପାଇଁ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟ ସରି ଗୃହ ପୁରୁଣା ହେବାକୁ ବସିଥିଲେ ମଧ୍ୟ ତାହା ଚିକିତ୍ସାଳୟକୁ ହସ୍ତାନ୍ତର କରାଯାଉ ନାହିଁ । ଫଳରେ ଡାକ୍ତର ବାହାରେ ଘରଭଡା ନେଇ ରହୁଥିବା ଯୋଗୁ ରୋଗୀ ଦେଖିବାରେ ବ୍ୟାଘାତ ସୃଷ୍ଟି ହେଉଛି । ସରକାରୀ ଡାକ୍ତରଖାନାଗୁଡିକର ଏପରି ଅବ୍ୟବସ୍ଥା ଯୋଗୁ ଲୋକମାନଙ୍କ ଭରସା ତୁଟିଯାଉଛି । ତେଣୁ ନୂଆଗାଁ ବ୍ଲକର ଗରିବ ଜନ ସାଧାରଣ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାରୁ ବଞ୍ଚିତ ହୋଇ ଜମିବାଡି ବିକ୍ରି କରି ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେବା ପାଇଁ ବାଧ୍ୟ ହେଉଛନ୍ତି। ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଯଜ୍ଞଦତ୍ତ ରଥ କୁହନ୍ତି, ଆମେ ପ୍ରତି ଡାକ୍ତରଖାନାରେ ଡାକ୍ତର ଦେବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ , ନିର୍ବାଚନ ପରେ ଜଣାପଡିବ। ସେହିପରି ଉକ୍ତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପାଣିର ଅଭାବ ରହିଥିବା ଚିକିତ୍ସାଧିକାରୀ ରଥ ମଧ୍ୟ କହିଛନ୍ତି।




ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର।

**ସମସ୍ୟାରେ ୪ ଡାକ୍ତରଖାନା**